

‘କିଙ୍ଗ୍’ ଲୁକ୍ ଲିକ୍

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-320 ♦TUESDAY ♦19 MAY 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୩୨୦ ♦ମଙ୍ଗଳବାର ♦୧୯ ମେ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ | ବନ୍ଧାହେଲେ କୋଚିଂ ସେଣ୍ଟର୍ ମାଲିକ

■ ନୂଆଦିଲ୍ଲୀ, ୧୮।୫ (ଏଜେନ୍ସି): ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ ମାମଲାରେ ସୋମାବାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ମହାରାଷ୍ଟ୍ରର ଲାତୁର ସ୍ଥିତ ଆରସିସି କୋଚିଂ ଇନଷ୍ଟିଚ୍ୟୁଟର ମାଲିକ ପ୍ରଫେସର ଶିବରାଜ ମୋଟେଗାଓଁକରଙ୍କୁ ଗିରଫ କରିଛି । ସେ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନଟିଏ) ସହ ଜଡ଼ିତ କେମିଷ୍ଟ୍ରି ଅଧ୍ୟାପକ ପିଭି. କୁଲକର୍ଣ୍ଣୀଙ୍କର ଜଣେ ଘନିଷ୍ଠ ସହଯୋଗୀ ବୋଲି ଜଣାପଡ଼ିଛି । ଚଢ଼ଉ ବେଳେ ଅଭିଯୁକ୍ତଙ୍କ ନିକଟରୁ ରସାୟନ ବିଜ୍ଞାନ ପ୍ରଶ୍ନପତ୍ର ଜବତ କରାଯାଇଛି । ଯାହାର ପ୍ରଶ୍ନଗୁଡ଼ିକ ମେ ୩ରେ ହୋଇଥିବା ପ୍ରକୃତ ପରୀକ୍ଷାର



ପ୍ରଶ୍ନ ସହ ମେଳ ଖାଉଛି । ସିବିଆଇର ଏହି ସ୍ପେଶାଲ ଟିମ୍ ମହାରାଷ୍ଟ୍ରର ଲାତୁର ସମେତ ଦେଶର ବିଭିନ୍ନ ସ୍ଥାନ ଯଥା ଦିଲ୍ଲୀ, ଜୟପୁର, ଗୁରୁଗ୍ରାମ, ନାସିକ, ପୁଣେ ଏବଂ ଅହିଲ୍ୟାନଗରରେ ଚଢ଼ଉ ଜାରି ରଖିଛି । କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ଅଭିଯୋଗ ପରେ ସିବିଆଇ ମାମଲା ରୁଜୁ କରିଥିଲା । ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଲିକ୍ କରିବା ଏବଂ ଛାତ୍ରଛାତ୍ରୀଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ନେଇ ସେମାନଙ୍କୁ ସ୍ୱତନ୍ତ୍ର କୋଚିଂ ମାଧ୍ୟମରେ ପ୍ରଶ୍ନପତ୍ର ଯୋଗାଇଦେବା ଅଭିଯୋଗରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ସିବିଆଇ ▶ପୃଷ୍ଠା-୭

## ୟୁକ୍ରେନ୍ ଡ୍ରୋନ୍ ମାଡ଼ରେ ଓଡ଼ିଆ ଯୁବକ ମୃତ

■ ବ୍ରହ୍ମପୁର/ଚିକିଟି, ୧୮।୫ (ସମିସ): ଗତ ଶନିବାର ରୁଷ ଉପରେ ୟୁକ୍ରେନର ଭୟଙ୍କର ଡ୍ରୋନ ଆକ୍ରମଣରେ ଜଣେ ଭାରତୀୟଙ୍କ ସମେତ ୪ ଜଣ ପ୍ରାଣ ହରାଇଥିଲେ । ସେହି ଭାରତୀୟ ଜଣକ ହେଉଛନ୍ତି ଗଞ୍ଜାମ ଜିଲ୍ଲା ଚିକିଟି ବ୍ଲକ ଅନ୍ତର୍ଗତ ମାଧବନ୍ଧ ଗ୍ରାମର ଏ. ରାମାୟା (୩୦) । ଆଜି ଏହି ଖବର ତାଙ୍କ ପରିବାରକୁ ମିଳିବା ପରେ ସମଗ୍ର ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି । ଏ. ଲିମାଙ୍କ ପୁଅ ଏ. ରାମାୟା ଏକ କଂପାନୀରେ କାମ କରିବା ଲାଗି ଗତମାସ ରୁଷ ଯାଇଥିଲେ ।

ମିଳିଥିବା ସୂଚନା ଅନୁଯାୟୀ ସୋରଳ ନିକଟସ୍ଥ ହରିପୁର



ଶବ ଫେରାଇ ଆଣିବାକୁ ନିବେଦନ

ଛକଠାରେ ଥିବା “ମାଇକେନ ଏଜେନ୍ସି’ ମାଧ୍ୟମରେ ଋଷିଆର ଏକ କମ୍ପାନୀରେ କାମ କରିବାକୁ ଗତମାସ ଯାଇଥିଲେ ରାମାୟା । ସେ ଯେଉଁ କଂପାନୀରେ କାମ କରୁଥିଲେ ଗତ ଶନିବାର ରାତିରେ ଉକ୍ତ କମ୍ପାନୀ ଉପରେ ୟୁକ୍ରେନ ପକ୍ଷରୁ ଭୟାବହ ଡ୍ରୋନ ଆକ୍ରମଣ ହୋଇଥିଲା । ଏଥିରେ ରାମାୟା ନିହତ ହୋଇଥିବା ବେଳେ ଅନ୍ୟ ସାତରୁ ଅଧିକ କର୍ମଚାରୀ ଗୁରୁତର ଭାବେ ଆହତ ହୋଇଥିଲେ । ରାମାୟାଙ୍କ ମୃତ୍ୟୁ ସମ୍ପର୍କରେ ତାଙ୍କର ବନ୍ଧୁମାନେ ▶ପୃଷ୍ଠା-୭

## ତଳମୁହାଁ ଆଇନଶୃଙ୍ଖଳା | ଡର ନାହିଁ, ଭୟ ନାହିଁ

### ବିଚ୍ ରାସ୍ତାରେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

■ ବ୍ରହ୍ମପୁର, ୧୮।୫ (ସମିସ): ରାସ୍ତା ଉପରେ ଗାଈଗୋରୁଙ୍କୁ ପିଟିବା ପରି କାଠ ଫାଳିଆରେ ଯୁବକଙ୍କୁ ନିସ୍ତୁକ ମାଡ଼ । ଜଣେ ଯୁବତୀ ସମ୍ପୃକ୍ତ ଯୁବକଙ୍କୁ ରକ୍ଷା କରିବା ପାଇଁ ଉଦ୍ୟମ କରି ବି ବିଫଳ ହେଉଛନ୍ତି । ସ୍ଥାନୀୟ ଗିରି ରୋଡ଼ ଅଞ୍ଚଳର ଏହି ଘଟଣାର ଭିଡ଼ିଓ ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି । ଆଉ ପାହାରେ ଦୁଇ ପାହାର ବସିଥିଲେ ବା ଅଜାଗାରେ ମାଡ଼ଟିଏ ହୋଇଥିଲେ ବାଲିଅନ୍ତା ପରି ଆଉ ଗୋଟିଏ ଘଟଣାର ପୁନରାବୃତ୍ତି ହେବା ଏକପ୍ରକାର ନିଶ୍ଚିତ ଥିଲା । ବାଲିଅନ୍ତା ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ପିଟିପିଟି ହତ୍ୟା କରିବା ପରି ବ୍ରହ୍ମପୁର ସହରରେ ଘଟିଥିବା ଏହି ଘଟଣା ରାଜ୍ୟର ତଳମୁହାଁ ଆଇନଶୃଙ୍ଖଳା ପରିସ୍ଥିତିକୁ ଦର୍ଶାଇଛି । ବିଡ଼ମ୍ବନା ହେଉଛି ପୁଲିସର ମଳିନ ଛବିକୁ ଚକମକ୍ କରିବା ପାଇଁ ‘ମିଶନ ଏନ୍‌କାଉଣ୍ଟର’କୁ ବି ଅପରାଧୀ ଖାତିର କରୁ ନ ଥିବା ପ୍ରମାଣିତ ହୋଇଛି ।



ଅଭିଯୁକ୍ତଙ୍କୁ ଗିରଫ ପାଇଁ ଟିମ୍ ଗଢ଼ିଲେ ଏସ୍‌ପି

ସ୍ଥାନୀୟ ଗିରିରୋଡ଼ ଅଞ୍ଚଳରେ ଶହଶହ ଲୋକଙ୍କ ଉପସ୍ଥିତିରେ ଉମେଶ ରଥ ନାମକ ଜଣେ ଯୁବକ ଓ ତାଙ୍କ ମହିଳା ବନ୍ଧୁଙ୍କୁ ଅତି ନିର୍ମମ ଭାବେ ସର୍ବସମ୍ମୁଖରେ ହୋଇଛି ଆକ୍ରମଣ । ଉମେଶ ଗତ କିଛିଦିନ ଧରି ଏକ ମାମଲାରେ ଫେରାର ରହିଥିଲା; ନିକଟରେ ସେ ଆଗୁଆ ଜାମିନ ପାଇଥିଲେ । ମାତ୍ର ସେ ସହରକୁ ଫେରିବା ପରେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ହିଲପାଟଣାର ମୁକେଶ କୁମାର ସାହୁ ଓରଫ ମୁକେଶ ଓ ତାଙ୍କର ସାନଭାଇ ଆଶିଷ କୁମାର ସାହୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଆକ୍ରମଣରେ ଆହତ ହୋଇ ଉମେଶ ବ୍ରହ୍ମପୁର ଏମକେସିଜି ମେଡ଼ିକାଲରେ ଭର୍ତ୍ତି ହୋଇଛନ୍ତି । ଖବରପାଇ ଘଟଣା ସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଓଭର ବ୍ରିଜ ଉପରୁ ତଳକୁ ଠେଲି ହତ୍ୟା ଉଦ୍ୟମ ଘଟଣାରେ ସମ୍ପୃକ୍ତ ଦୀପୁନାକୁ ▶ପୃଷ୍ଠା-୭

## ନିଆଁ ବର୍ଷା | ଅଥୟ କରୁଛି ଗୁଳୁଗୁଳି

### ୫୦ ଡିଗ୍ରୀ ତାପମାତ୍ରା ଭଳି ସ୍ଥିତି ■ ୪୦° ଉପରେ ୧୭ ସହର


■ ଭୁବନେଶ୍ୱର, ୧୮।୫ (ସମିସ): ରାଜ୍ୟରେ ଅସମ୍ଭାଳ ତାତି ଓ ଗୁଳୁଗୁଳି ଆରମ୍ଭ ହୋଇଛି । ୪୦ ଡିଗ୍ରୀର ତାପମାତ୍ରା ସାଙ୍ଗକୁ ୬୦-୮୦ ପ୍ରତିଶତ ଆର୍ଦ୍ରତା ମିଶିଯିବା ଦ୍ୱାରା ୫୦ ଡିଗ୍ରୀ ଭଳି ତାତି ଅନୁଭୂତ ହେଉଛି । ବିଶେଷକରି ଉପକୂଳବର୍ତ୍ତୀ ଜିଲ୍ଲାରେ ଏହି ସ୍ଥିତି ଅସମ୍ଭାଳ ହୋଇଛି । ସୋମବାର ରାଜଧାନୀ ଭୁବନେଶ୍ୱର ସମେତ ସମଗ୍ର ଉପକୂଳବର୍ତ୍ତୀ ଜିଲ୍ଲାରେ ଲୋକେ ପ୍ରବଳ ଗୁଳୁଗୁଳିରେ ଅସ୍ତବ୍ୟସ୍ତ ହୋଇଛନ୍ତି । ଦିନ ତମାମ ଗୁଳୁଗୁଳି ଯୋଗୁଁ ଦେହରୁ ଝାଳ ବାହାରିବା ସହ ଅନେକ ଲୋକ ଜଳୀୟ ଅଂଶ ଅଭାବର ଶିକାର ହୋଇଛନ୍ତି । ପୂର୍ବରୁ ତାତି ଓ ଗୁଳୁଗୁଳି ନେଇ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଥିଲେ ମଧ୍ୟ ରବିବାର ତୁଳନାରେ ସୋମବାର ହଠାତ ଗୁଳୁଗୁଳି ଦୃଷ୍ଟାନ୍ତମୂଳକ ଭାବେ ବଢ଼ିବା ଯୋଗୁଁ ଲୋକଙ୍କ ପାଇଁ ଅସହଯ ସ୍ଥିତି ସୃଷ୍ଟି କରିଛି ।

ପାଣିପାଗ କେନ୍ଦ୍ରର ସୂଚନା ସୋମବାର ରାଜ୍ୟର ୧୭ଟି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ ହୋଇଛି । ଏଥିରେ ୪୩.୪ ଡିଗ୍ରୀ ସହ ଝାରସୁଗୁଡ଼ା ରାଜ୍ୟର ସବୁଠୁ ଉତ୍ତପ୍ତ ସହରରେ ପରିଣତ ହୋଇଥିବା ବେଳେ ବୌଦ୍ଧରେ ୪୨.୮, ସମ୍ବଲପୁର ୪୨.୩, ହୀରାକୁଦ ୪୨ ଓ ବାକି ସବୁ ସ୍ଥାନରେ ତାମପାତ୍ରା ୪୦-୪୧ ଡିଗ୍ରୀ ରେକର୍ଡ ହୋଇଛି । ଭୁବନେଶ୍ୱରରେ ଆଜି ତାପମାତ୍ରା ୩୯ ଡିଗ୍ରୀ ରେକର୍ଡ ହୋଇଛି । ସାଧାରଣତଃ

▶ ୮୦ ପ୍ରତିଶତ ଉପରେ ରହୁଛି ଆର୍ଦ୍ରତା

▶ ୨୪ ପର୍ଯ୍ୟନ୍ତ ଗୁଳୁଗୁଳିରୁ ନିସ୍ତାର ନାହିଁ

ତାପମାତ୍ରା ଅଧିକ ରହିଲେ ବାହାରେ ତାତି ଅଧିକ ଅନୁଭୂତ ହୋଇଥାଏ । ହେଲେ ଏବେ ସକାଳ ୮ଟାରୁ ଆର୍ଦ୍ରତା ପ୍ରାୟ ୮୦ ପ୍ରତିଶତ ରହୁଛି । ଦିନ ବଢ଼ିଲେ ଆର୍ଦ୍ରତା କମୁଥିଲେ ମଧ୍ୟ ଏହା ପ୍ରାୟ ୬୦ ପ୍ରତିଶତ ପର୍ଯ୍ୟନ୍ତ



ରହୁଛି । ତାପମାତ୍ରା ସହ ଏହା ମିଶି ପ୍ରବଳ ଗୁଳୁଗୁଳି କରୁଛି । ଏହି କ୍ରମରେ ଆଜି ରାଜଧାନୀ ସମେତ ରାଜ୍ୟର ଅନେକ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ରହିଥିଲେ ମଧ୍ୟ ୫୦ ଡିଗ୍ରୀ ଭଳି ଲୋକଙ୍କୁ ଅନୁଭୂତ ହୋଇଛି । ଗୁଳୁଗୁଳି ଯୋଗୁଁ ଲୋକେ ଘରେ ରହିବାକୁ ମଧ୍ୟ କଷ୍ଟ ଅନୁଭବ କରିଛନ୍ତି ।

ଏଭଳି ସ୍ଥିତି ୨୪ ତାରିଖ ପର୍ଯ୍ୟନ୍ତ ଜାରି ରହିବାକୁ ଥିବା ବେଳେ ୨୦-୨୪ ସ୍ଥିତି ସବୁଠୁ ଉଦ୍‌ବେଗ ଜନିକ ରହିବ ବୋଲି ଆକଳନ କରାଯାଇଛି । ପାଣିପାଗ କେନ୍ଦ୍ର କହିଛି, ଏହି ସମୟ ମଧ୍ୟରେ ରାଜ୍ୟରେ ଆହୁରି ୨-୩ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇବ । ଏହାଦ୍ୱାରା ବର୍ତ୍ତମାନ ତୁଳନାରେ ତାତି ଓ ଗୁଳୁଗୁଳିର ପରିମାଣ ଆହୁରି ବୃଦ୍ଧି ହେବ । ଏହାକୁ ଦୃଷ୍ଟିରେ ରଖି ପାଣିପାଗେ କେନ୍ଦ୍ର ପକ୍ଷରୁ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ଅନେକ ସ୍ଥାନରେ ଉଷ୍ମ ଓ ଆର୍ଦ୍ର ପାଣିପାଗ ସ୍ଥିତି ସୃଷ୍ଟି ହେବା ନେଇ ପୂର୍ବାନୁମାନ ▶ପୃଷ୍ଠା-୭

## ରାଜ୍ୟ ବିଜେପି କୋର୍ କମିଟି ବୈଠକ

# ଦଳୀୟ ନେତାଙ୍କୁ ନିତିନଙ୍କ ୫ ମନ୍ତ୍ର

■ ଭୁବନେଶ୍ୱର, ୧୮।୫ (ସମିସ): ସଂଗଠନ ଓ ସରକାର ମଧ୍ୟରେ ଉତ୍ତମ ସମନ୍ୱୟ ରଖ । ଯାହାଫଳରେ ଲୋକଙ୍କ ସମସ୍ୟାର ସମାଧାନ ଓ ସେମାନଙ୍କ ସମର୍ଥନ ପ୍ରାପ୍ତ କରିବା ସହଜ ହୋଇପାରିବ । ରାଜ୍ୟ ସରକାର ଯେଉଁ ଉନ୍ନୟନମୂଳକ କାର୍ଯ୍ୟକ୍ରମ, କଲ୍ୟାଣକାରୀ ଯୋଜନା ପ୍ରଣୟନ କରିଛନ୍ତି, ତାହାକୁ ତୃଣମୂଳସ୍ତରରେ ପହଞ୍ଚାଇବାକୁ ନିଷ୍ଠାର ସହ କାର୍ଯ୍ୟ କର । ସୋମବାର ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଅନୁଷ୍ଠିତ ବିଜେପି କୋର କମିଟି ବୈଠକରେ ଏପରି ୫ ମନ୍ତ୍ର ଦେଇଛନ୍ତି ବିଜେପି ଜାତୀୟ ସଭାପତି ନିତିନ ନବୀନ ।

ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ ସରକାର ଏବଂ



### ପଞ୍ଚାୟତ ନିର୍ବାଚନ ପୂର୍ବରୁ ସଂଗଠନ ସୁଦୃଢ଼ ଲକ୍ଷ୍ୟ

ସଂଗଠନ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା ପାଇଁ ଜାତୀୟ ସଭାପତି ସ୍ୱତନ୍ତ୍ର ପରାମର୍ଶ ଦେଇଛନ୍ତି । ସଂଗଠନ କିପରି ଶକ୍ତିଶାଳୀ ହେବ, ସରକାର କିପରି ଆହୁରି ନିଖୁଣତାର ସହ ଲୋକଙ୍କ ପାଖେ ପହଞ୍ଚିବ ଓ ଯୋଜନା ଲୋକଙ୍କ ପାଖରେ କିପରି ପହଞ୍ଚିବ ତାକୁ ମନ୍ତ୍ର କରିବାକୁ ଅଧ୍ୟକ୍ଷ ପରାମର୍ଶ ଦେଇଛନ୍ତି । ପଞ୍ଚାୟତ ନିର୍ବାଚନ ଆହୁରି ବିଳମ୍ବ ଅଛି । କିନ୍ତୁ ଏହା ପୂର୍ବରୁ ଧାଡ଼ିର ଶେଷ ଲୋକଙ୍କ ପାଖେ କିଭଳି ଯୋଜନା ପହଞ୍ଚିବ ସେନେଇ ରୂପରେଖ ପ୍ରସ୍ତୁତ କରାଯିବ । ୨୦୩୬ ବିକଶିତ ଓଡ଼ିଶା ଗଠନରେ ରୋଡମ୍ୟାପ ନେଇ ମଧ୍ୟ ଶ୍ରୀ ନବୀନ ପରାମର୍ଶ ଦେଇଥିବା ରାଜସ୍ୱ ମନ୍ତ୍ରୀ ଗଣମାଧ୍ୟମକୁ ▶ପୃଷ୍ଠା-୭

## ଶଶୁର ଘରେ ନିର୍ମମ ହତ୍ୟା !

# ଜ୍ୱାଇଁର ଯୌନାଙ୍ଗ କାଟି ଫିଙ୍ଗିଦେଲେ

■ ତିଗିରିଆ, ୧୮।୫ (ସମିସ): କଟକ ଜିଲ୍ଲା ବଡ଼ମ୍ବା ଥାନା ଅଧୀନ କରଡିବନ୍ଧ ଗ୍ରାମରେ ଜଣେ ଯୁବକଙ୍କୁ ଶଶୁର ଘର ଲୋକେ ଅତି ନିର୍ଦ୍ଦୟ ଭାବେ ହତ୍ୟା କରିଥିବା ଭଳି ଏକ ସଂଘାତିକ ମାମଲା ସାମ୍ନାକୁ ଆସିଛି । ଶନିବାର ବିଳମ୍ବିତ ରାତିରେ ମୃତଦେହ ଉଦ୍ଧାର ହେବା ପରେ ଏହାକୁ ଏକ ସ୍ୱାଭାବିକ ମୃତ୍ୟୁ ବା ଆତ୍ମହତ୍ୟାର ରୂପ ଦେବାକୁ ଶଶୁର ଘର ପକ୍ଷରୁ ଚେଷ୍ଟା କରାଯାଉଥିବା ବେଳେ, ମୃତକଙ୍କ ବାପା ଥାନାରେ ପୁଅର ଯୌନାଙ୍ଗ (ଅଣ୍ଡକୋଷ) କାଟି ହତ୍ୟା କରାଯାଇଥିବା ନେଇ ସଙ୍ଗୀନ ଅଭିଯୋଗ ଆଣିଛନ୍ତି । ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି ।

ଆତ୍ମହତ୍ୟାର ରୂପ ଦେବାକୁ ଶଶୁର ଘର ଲୋକଙ୍କ ଅପଚେଷ୍ଟା

୫ ଫୁଟ୍‌ର ଡାଳରେ ୬ ଫୁଟ୍‌ର ମଣିଷ କେମିତି ଝୁଲିବ ବୋଲି ବାପାଙ୍କ ପ୍ରଶ୍ନ

ପୁଲିସର ନିଷ୍କ୍ରିୟତାକୁ ନେଇ ତେଜୁଛି ଅସନ୍ତୋଷ

ଅଭିଯୋଗ ମୁତାବକ, ନରସିଂହପୁର ଥାନା ଅଧୀନ ଅଲରା ଗ୍ରାମର ବସନ୍ତ ମଲ୍ଲିକଙ୍କ ପୁଅ ମନୋଜ ମଲ୍ଲିକ ଆଜକୁ ପ୍ରାୟ ୫ ବର୍ଷ ତଳେ କରଡିବନ୍ଧ ଗ୍ରାମର ଲକ୍ଷ୍ମୀପ୍ରିୟା ରାଉତଙ୍କୁ ବିବାହ କରିଥିଲେ । ସମ୍ପ୍ରତି ମନୋଜ ନିଜ ଶଶୁର ଘରକୁ ▶ପୃଷ୍ଠା-୭

## ସୁପ୍ରିମକୋର୍ଟଙ୍କ ଦୁଇ ବେଞ୍ଚ ମଧ୍ୟରେ ମତଭେଦ

# ଖାଲିଦ୍‌ଙ୍କୁ ଜାମିନ ନ ଦେଇ ଭୁଲ୍ କରାଯାଇଛି

■ ନୂଆଦିଲ୍ଲୀ, ୧୮।୫ (ଏଜେନ୍ସି): କଠୋର ବେଆଇନ କାର୍ଯ୍ୟକଳାପ (ନିଷେଧ) ଆଇନ (ୟୁଏପିଏ) ଅନ୍ତର୍ଗତ ମାମଲାଗୁଡ଼ିକରେ ମଧ୍ୟ ଅଭିଯୁକ୍ତଙ୍କୁ ଜାମିନ ମିଳିପାରିବ । ଏହି ମାମଲାରେ ‘ଜାମିନ ଏକ ନିୟମ ଏବଂ ଜେଲ ଏକ ବ୍ୟତିକ୍ରମ’ ବୋଲି ସୁପ୍ରିମ କୋର୍ଟ ପୂର୍ବରୁ ନିର୍ଦ୍ଧାରିତ କରିଥିବା ଆଇନଗତ ନୀତି ମଧ୍ୟ ପ୍ରଯୁଜ୍ୟ । ତ୍ୱରିତ ଶୁଣାଣି ଏବଂ ଜାମିନ ମାମଲାରେ ଭାରତୀୟ ସମ୍ବିଧାନ ଦ୍ୱାରା ପ୍ରଦତ୍ତ ଅଧିକାରରୁ କୌଣସି ନାଗରିକଙ୍କୁ ବଞ୍ଚିତ



ୟୁଏପିଏ ମାମଲାରେ ବି ଜାମିନ ମିଳିପାରିବ

କରାଯାଇପାରିବ ନାହିଁ । ୟୁଏପିଏ ଅଧୀନରେ ଗିରଫ ହୋଇ ୫ ବର୍ଷରୁ ଅଧିକ ଦିନ ଧରି ଜେଲରେ ରହିଥିବା ଜେଏନୟୁ ଛାତ୍ର ଉମର ଖାଲିଦ ଏବଂ ସର୍ଜିଲ ଇମାମଙ୍କୁ ଜାମିନ ପ୍ରଦାନ ନ କରି ଭୁଲ କରାଯାଇଛି । ସୁପ୍ରିମ କୋର୍ଟଙ୍କ ଏକ ବେଞ୍ଚ ଆଜି ଏଭଳି ମତାମତ ଦେବା ପରେ ଦେଶବ୍ୟାପୀ ଆଲୋଡ଼ନ ସୃଷ୍ଟି ହୋଇଛି । ଗୋଟିଏ ବେଞ୍ଚର ରାୟ ସଂପର୍କ ।।ରେ ଆଉ ଏକ ବେଞ୍ଚ ଏପରି ପ୍ରତିକୂଳ ମନ୍ତବ୍ୟ ଦେବା ସହିତ ତାହାକୁ ସମାଲୋଚନା କରିବା ▶ପୃଷ୍ଠା-୭

# ଦକ୍ଷିଣ-ପଶ୍ଚିମ ଓଡ଼ିଶାରେ ତେଲ ସଙ୍କଟ ଅବ୍ୟାହତ

## କମ୍ପାନୀଙ୍କ ମନମାନୀ: ୨୦୦ ପମ୍ପରେ ତେଲ ନାହିଁ

■ ଭୁବନେଶ୍ୱର, ୧୮।୫ (ସମିସ): ସାରା ରାଜ୍ୟରେ ଗତ କିଛି ଦିନ ହେବ ଜାରି ରହିଥିବା ତେଲ ସଙ୍କଟ ଉପକୂଳ ଓଡ଼ିଶାରେ ସୁଧୁରିଛି । ମାତ୍ର ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ ସ୍ଥିତି ଏବେ ବି ଜଟିଳ ରହିଛି । ଅବିଭକ୍ତ କୋରାପୁଟ ଓ କଳାହାଣ୍ଡି ଜିଲ୍ଲାର ପ୍ରାୟ ୨୦୦ ପେଟ୍ରୋଲ ପମ୍ପରେ ଏବେ ଟୋପାଏ ବି ତେଲ ନାହିଁ । ପେଟ୍ରୋଲ-ଡିଜେଲ ପାଇଁ ଏବେ ବି ଜିଲାଗୁଡିକରେ ଲୋକେ ଦିନ ତମାମ୍ ଲମ୍ବା ଲାଇନ୍‌ରେ ଛିଡା ହେଉଛନ୍ତି । ମାଲକାନଗିରି, କଳାହାଣ୍ଡି, କୋରାପୁଟ, ନବରଙ୍ଗପୁର, ରାୟଗଡା ଓ ଝାରସୁଗୁଡା ଆଦି ଜିଲାରେ ସମସ୍ୟା ବଢ଼ିବାରେ ଲାଗିଥିବା ବେଳେ ସ୍ୱାଭିମାନ ଅଞ୍ଚଳରେ ସ୍ଥିତି ଅଣାୟତ୍ତ ହୋଇଛି ।

ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡା, କଳାହାଣ୍ଡି ଓ ନୂଆପଡ଼ା ଆଦି ଜିଲାରେ ଦିନକୁ ଦିନ ତୈଳ ସଙ୍କଟ ତୀବ୍ର ହୋଇଛି । ମାଲକାନଗିରି ସ୍ୱାଭିମାନ ଅଞ୍ଚଳରେ ପରିସ୍ଥିତି ଅତି ଗୁରୁତର । ଚିତ୍ରକୋଣ୍ଡା ଅଞ୍ଚଳରେ ଗୋଟିଏ ତେଲ ଟାଙ୍କି

### ଅବିଭକ୍ତ କୋରାପୁଟ ଓ କଳାହାଣ୍ଡିରେ ସ୍ଥିତି ଖରାପ

ସମଗ୍ର ଅଞ୍ଚଳର ସାହାଭରସା । ମାତ୍ର ପେଟ୍ରୋଲ ଏବଂ ଡିଜେଲ ଅଭାବ ଯୋଗୁ ସ୍ୱାଭିମାନ ଅଞ୍ଚଳ ସହ ବଣ୍ଡାଘାଟିର ବିଭିନ୍ନ ଅଞ୍ଚଳକୁ ମାଲ ପରିବହନ ବାଧାପ୍ରାପ୍ତ ହୋଇଛି । କଳାହାଣ୍ଡିର ଅଧିକାଂଶ ସ୍ଥାନରେ ପେଟ୍ରୋଲ ଓ ଡିଜେଲ ମିଳୁନାହିଁ । ଯେଉଁଠି ତେଲ ଅଛି ▶ପୃଷ୍ଠା-୭

## ତେଲ ଅଭାବରୁ ଚାଲିଗଲା ଜୀବନ !

■ ମାଲକାନଗିରି, ୧୮।୫ (ସମିସ): ମାଲକାନଗିରି ଜିଲ୍ଲାରେ ତେଲ ସଙ୍କଟ କାରଣରୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି । ଖଇରପୁଟ ବ୍ଲକ କୁସୁମପୁଟ ଗ୍ରାମର ବସନ୍ତ ଖିଲ ଆମ୍ବ ତୋଳୁଥିବା ବେଳେ ଗଛରୁ ପଡ଼ି ଗୁରୁତର ଆହତ ହୋଇଥିଲେ । ପରିବାର ଲୋକେ ତାଙ୍କୁ ଏକ ମୋଟର ସାଇକଲରେ ଚିକିତ୍ସାଳୟକୁ ନେଉଥିବା ସମୟରେ ଅଧା ରାସ୍ତାରେ ପେଟ୍ରୋଲ ସରିଯାଇଥିଲା । ସ୍ଥାନୀୟ ଅଞ୍ଚଳରେ ତେଲ ମିଳୁନଥିବାରୁ ଆମ୍ବୁଲାନ୍ସକୁ ଡକାଯାଇଥିଲା । କିଛି ସମୟ ପରେ ଆମ୍ବୁଲାନ୍ସ ଆସିବାରୁ ବସନ୍ତଙ୍କୁ ମାଥିଲି ଚିକିତ୍ସାଳୟକୁ ନିଆଯାଇଥିଲା । କିନ୍ତୁ ଅବସ୍ଥା ଅଧିକ ଗୁରୁତର ଥିବାରୁ ସେଠାରୁ ତାଙ୍କୁ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଛି । ଠିକ୍ ସମୟରେ ଚିକିତ୍ସା ମିଳିଥିଲେ ହୁଏତ ଜୀବନ ବଞ୍ଚିପାରିଥାନ୍ତା ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି । ମୋଟର ସାଇକଲ୍‌ରେ ତେଲ ଥିଲେ ରୋଗୀ ଠିକ୍ ▶ପୃଷ୍ଠା-୭

ଗଛରୁ ପଡି ଗୁରୁତର ଥିଲେ, ହସ୍ପିଟାଲ ଯିବା ରାସ୍ତାରେ ଗାଡ଼ିରୁ ତେଲ ସରିଗଲା




## ଶପଥ ନେଲେ ମୁଖ୍ୟମନ୍ତ୍ରୀ ସତୀଶନ



ତିରୁଭନନ୍ତପୁରମ, ୧୮।୫: କେରଳରେ ଆଜି ନୂଆ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି କଂଗ୍ରେସ ନେତା ଭିଡି ସତୀଶନ। ତାଙ୍କ ସହିତ ଆଉ ୨୦ ଜଣ ମନ୍ତ୍ରୀ ମଧ୍ୟ ଶପଥ ଗ୍ରହଣ କରିଛନ୍ତି। ରାଜ୍ୟପାଳ ଆଜି ଏଠାରେ ଏକ ଷ୍ଟାଡିୟମରେ ଅନୁଷ୍ଠିତ ଉତ୍ସବରେ ସତୀଶନ ଏବଂ ଅନ୍ୟ ମନ୍ତ୍ରୀମାନଙ୍କୁ ଶପଥ ପାଠ କରାଇଛନ୍ତି। ସତୀଶନଙ୍କ ନେତୃତ୍ୱରେ ଗଠିତ ଏହି ୨୧ ଜଣିଆ ୟୁଡିଏଫ୍ ମନ୍ତ୍ରିମଣ୍ଡଳରେ କଂଗ୍ରେସର ୧୧ ଜଣ ମନ୍ତ୍ରୀ ଶପଥ ନେଇଥିବା ବେଳେ ଏହାର ମୁଖ୍ୟ ସହଯୋଗୀ ମୁସଲିମ ଲିଗର ୫ ଜଣ ଏବଂ ଅନ୍ୟ ଛୋଟଛୋଟ ଦଳର ୪ ଜଣ ମନ୍ତ୍ରୀ ଶପଥ ଗ୍ରହଣ କରିଛନ୍ତି। ଗତ ୪ ତାରିଖରେ ଭୋଟ ଫଳାଫଳ ଘୋଷଣା ହେବାର ୧୪ ଦିନ ପରେ ୟୁଡିଏଫ ସରକାର ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି। ଆଜିର ଏହି ଶପଥ ପାଠ ଉତ୍ସବରେ ଅନ୍ୟମାନଙ୍କ ସହିତ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ, ରାହୁଲ ଗାନ୍ଧୀ, ସୋନିଆ ଗାନ୍ଧୀ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟନ ଉପସ୍ଥିତ ଥିଲେ।

## ପ୍ରଶ୍ନପତ୍ର ଲିକ୍: ଏନ୍‌ଟିଏ ମୁଖ୍ୟଙ୍କୁ ସମନ୍

ନୂଆଦିଲ୍ଲୀ, ୧୮।୫(ଏଜେନ୍ସି): ନିଟ୍-ୟୁଜି ୨୦୨୬ ପରୀକ୍ଷାକୁ ନେଇ ଦେଖାଦେଇଥିବା ବିବାଦ ବର୍ତ୍ତମାନ ସଂସଦରେ ପହଞ୍ଚିଛି। ଏହି ବହୁଚର୍ଚ୍ଚିତ ପ୍ରଶ୍ନପତ୍ର ଲିକ ଅଭିଯୋଗ ଏବଂ ପରୀକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବା ପ୍ରସଙ୍ଗରେ ଆଲୋଚନା କରିବା ପାଇଁ ଏକ ପ୍ରମୁଖ ସଂସଦୀୟ କମିଟି ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନଟିଏ) ଏବଂ ଶିକ୍ଷା ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନଙ୍କୁ ସମନ କରିଛି। ଆସନ୍ତା ମେ ୨୧ରେ ନୂଆଦିଲ୍ଲୀରେ ଏହି ବୈଠକ ଅନୁଷ୍ଠିତ ହେବ। ଦିଗବିଜୟ ସିଂଙ୍କ ନେତୃତ୍ୱରେ ଗଠିତ ଶିକ୍ଷା, ମହିଳା, ଶିଶୁ, ଯୁବ ଏବଂ କ୍ରୀଡ଼ା ସଂକ୍ରାନ୍ତ ସଂସଦୀୟ ସ୍ଥାୟୀ କମିଟି ଏହି ବୈଠକରେ ଏନଟିଏର କାର୍ଯ୍ୟଧାରାର ସମୀକ୍ଷା କରିବେ। ଏଥିସହ ଏନଟିଏ ସଂସ୍କାର ପାଇଁ ଗଠିତ କେ. ରାଧାକ୍ରିଷ୍ଣନ କମିଟିର ସୁପାରିଶଗୁଡ଼ିକର କାର୍ଯ୍ୟକାରିତା ଓ ତଦନ୍ତ ସମ୍ପର୍କରେ କମିଟି ଅପଡେଟ୍ ମାଗିବ। ଏନଟିଏ ଅଧ୍ୟକ୍ଷ ପ୍ରଦୀପ କୁମାର ଯୋଶୀ ଏବଂ ଉଚ୍ଚଶିକ୍ଷା ସଚିବ ବିନୀତ ଯୋଶୀଙ୍କୁ କମିଟି ଆଗରେ ହାଜର ହୋଇ ସ୍ଥିତି ସ୍ପଷ୍ଟ କରିବାକୁ କୁହାଯାଇଛି। ସୂଚନାଯୋଗ୍ୟ, ଗତ ମେ ୩ରେ ଅନୁଷ୍ଠିତ ନିଟ୍ ମେଡିକାଲ ପ୍ରବେଶିକା ପରୀକ୍ଷା ପାଇଁ ଦେଶର ପ୍ରାୟ ୨୩ ଲକ୍ଷ ଛାତ୍ରଛାତ୍ରୀ ପଞ୍ଜୀକରଣ କରିଥିଲେ। ମାତ୍ର ମେ ୭ରେ ପରୀକ୍ଷାରେ ଅନିୟମିତତା ଅଭିଯୋଗ ହେବା ପରେ ଏନଟିଏ ପକ୍ଷରୁ ଏହାକୁ ବାତିଲ କରାଯାଇଥିଲା। ବର୍ତ୍ତମାନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଘୋଷଣା କରିଛନ୍ତି ଯେ, ବାତିଲ ହୋଇଥିବା ପରୀକ୍ଷା ଆସନ୍ତା ଜୁନ୍ ୨୧ରେ ପୁଣିଥରେ ଅନୁଷ୍ଠିତ ହେବ।

## ଧରାପଡ଼ିଲା ଲସ୍କର ଆତଙ୍କବାଦୀ

ଶ୍ରୀନଗର, ୧୮।୫(ଏଜେନ୍ସି): ଜମ୍ମୁ-କାଶ୍ମୀରରେ ଅନୁପ୍ରବେଶ କରିଥିବା ଜଣେ ପାକିସ୍ତାନୀ ଆତଙ୍କବାଦୀ ମହମ୍ମଦ ଉସମାନ ଜଟ୍ଟ ଓରଫ୍ 'ଚାଇନିଜ୍' ନାମକ ଲସ୍କର-ଇ-ତୋଇବା ଆତଙ୍କବାଦୀ ନିଜର ଆତଙ୍କବାଦୀ ମିଶନକୁ ପଛରେ ପକାଇ ଶ୍ରୀନଗରରେ କେଶ ରୋପଣ କରାଇବା ସମୟରେ ପୁଲିସ ହାତରେ ଧରାପଡ଼ିଛି। ଲାହୋରର ବାସିନ୍ଦା ଉସମାନ ଉତ୍ତର କାଶ୍ମୀର ଦେଇ ଭାରତରେ ପ୍ରବେଶ କରିଥିଲା। ଉପତ୍ୟକାରେ ସ୍ଲିପର ସେଲ୍ ଗଠନ କରିବା ଏବଂ ବିଭିନ୍ନ ଆତଙ୍କବାଦୀ ଆକ୍ରମଣ କରିବାର ଯୋଜନା ନେଇ ସେ ଆସିଥିଲା। ତେବେ କାଶ୍ମୀରରେ ଲୋକଙ୍କ ଜୀବନଶୈଳୀ ଦେଖି ତା'ର ଧାରଣା ସମ୍ପୂର୍ଣ୍ଣ ବଦଳିଯାଇଥିଲା। ପାକିସ୍ତାନୀ ତାଲିମ ଶିବିରରେ କାଶ୍ମୀର ବିଷୟରେ ଯାହା ପଢ଼ାଯାଇଥିଲା, ବାସ୍ତବରେ ସ୍ଥିତି ତା'ଠାରୁ ଅତି ଶାନ୍ତ ଓ ଭିନ୍ନ ଥିଲା। ଏପରି ସମୟରେ ଉସମାନ ଦୀର୍ଘ ଦିନ ଧରି କେଶ ଝଡ଼ିବା ସମସ୍ୟା ଦେଇ ଗତି କରୁଥିଲା। ଶ୍ରୀନଗରରେ ଏହି ଚିକିତ୍ସା ବେଶ୍ ସୁଲଭ ଜାଣି ସେ ଏକ କ୍ଲିନିକରେ ନିଜର କେଶ ପ୍ରତିରୋପଣ ଚିକିତ୍ସା କରାଇଥିଲା। ଚିକିତ୍ସା ପରେ ସେ ନିଜର ପରିଚୟ ଲୁଚାଇ ଆଧାର କାର୍ଡ, ପ୍ୟାନ୍ କାର୍ଡ ଓ ପାସପୋର୍ଟ ଭଳି ଭାରତୀୟ ଦଲିଲ ପ୍ରସ୍ତୁତ କରି ବିଦେଶ ଚାଲିଯିବାକୁ ଉସ୍‌ମାନ ଯୋଜନା କରିଥିବା ଜଣାପଡ଼ିଛି।

## ଆପ୍ ନେତାଙ୍କ ଘରେ ଇଡି ଚଢ଼ଉ

ନୂଆଦିଲ୍ଲୀ, ୧୮।୫(ଏଜେନ୍ସି): ବ୍ୟାଙ୍କ ଋଣ ଜାଲିଆତି ସହ ଜଡ଼ିତ ଅର୍ଥ ହେରଫେର ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସୋମବାର ଆମ ଆଦମୀ ପାର୍ଟି (ଆପ୍) ନେତା ଦୀପକ ସିଙ୍ଗଲାଙ୍କ ସମେତ ଅନ୍ୟ କେତେକ ବ୍ୟକ୍ତିଙ୍କ ପରିସରରେ ଚଢ଼ଉ କରିଛି। ସୂଚନା ଅନୁଯାୟୀ, ଦିଲ୍ଲୀ ଏବଂ ଗୋଆର ଏକାଧିକ ସ୍ଥାନରେ ତଲାସି ଅଭିଯାନ ଜାରି ରହିଛି। ଦୀପକ ପୂର୍ବରୁ ଆପ୍ ପ୍ରାର୍ଥୀ ଭାବେ ବିଶ୍ୱାସ ନଗର ବିଧାନସଭା ଆସନରୁ ନିର୍ବାଚନ ଲଢିଥିଲେ। ଏହା ପ୍ରଥମ ଘଟଣା ନୁହେଁ, ୨୦୨୪ରେ ମଧ୍ୟ ଅନ୍ୟ ଏକ ମାମଲାରେ ଇଡି ତାଙ୍କ ଘର ଉପରେ ଚଢ଼ଉ କରିଥିଲା। ଆଜିର ଚଢ଼ଉ ନେଇ ସିଙ୍ଗଲାଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ତେବେ ଏହି ଘଟଣାକୁ ନେଇ ଆପ୍ ନେତ୍ରୀ ଅତିଶୀ ଅଭିଯୋଗ କରିଛନ୍ତି ଯେ, ବିଜେପି ଗୋଆରେ ଆପକୁ ଟାର୍ଗେଟ କରିବା ପାଇଁ କେନ୍ଦ୍ରୀୟ ଏଜେନ୍ସିର ବ୍ୟବହାର କରୁଛି। ଏକ ପୃଥକ ମାମଲାରେ, ପ୍ରାୟ ୧୮୦ କୋଟି ଟଙ୍କାର ନିବେଶ ଠକେଇ ଅଭିଯୋଗରେ ମଧ୍ୟ ଇଡି ତଦନ୍ତ ଚଳାଇଛି। ଏହାର ଅଂଶସ୍ୱରୂପ ଦିଲ୍ଲୀର ସୁଭାଷ ନଗରରେ ଥିବା ବାବାଜୀ ଫାଇନାନ୍ସ ଗ୍ରୁପ୍‌ର ରାମ ସିଂଙ୍କ ପରିସରରେ ମଧ୍ୟ ଚଢ଼ଉ କରାଯାଇଛି।

## ଟିଭିରେ ଆଙ୍କର ଦେଉଛନ୍ତି ବନ୍ଧୁକ ତାଲିମ

ତେହେରାନ, ୧୮।୫(ଏଜେନ୍ସି): ପଶ୍ଚିମ ଏସିଆରେ ବଢ଼ୁଥିବା ଉତ୍ତେଜନା ମଧ୍ୟରେ ଇରାନର ସରକାରୀ ଖବର ସରବରାହ ସଂସ୍ଥା ସାଧାରଣ ନାଗରିକଙ୍କ ପାଇଁ ଟେଲିଭିଜନରେ ସିଧାସଳଖ ଅସ୍ତ୍ରଶସ୍ତ୍ର ଚାଳନା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରସାରଣ କରୁଥିବା ଦେଖା ଦେଇଛି। ଟିଭି ଚାନେଲରେ ପ୍ରସାରିତ କାର୍ଯ୍ୟକ୍ରମରେ ନ୍ୟୁଜ୍ ଆଙ୍କର ଏବଂ ପ୍ରଶିକ୍ଷକମାନେ ସିଧାପ୍ରସାରଣ ମାଧ୍ୟମରେ ରାଇଫଲ୍ ଧରିଥିବା ଏବଂ ଗୁଳି ଚାଳନା କରୁଥିବା ଦେଖିବାକୁ ମିଳିଛି। ବିଶେଷ କରି ଏକେ-୪୭ ର ଏକ ମଡେଲ କିପରି ବ୍ୟବହାର କରାଯାଏ, ସେ ନେଇ ଶିକ୍ଷା ଦିଆଯାଉଥିବା ଦେଖିବାକୁ ମିଳିଛି।

## ଏୟାର ଶୋ' ବେଳେ ଦୁଇ ଯୁଦ୍ଧ ବିମାନ ଧକ୍କା



ମାଉଣ୍ଟେନ୍ ହୋମ୍, ୧୮।୫(ଏଜେନ୍ସି): ଆମେରିକାର ଆଇଡାହୋ ସ୍ଥିତ ମାଉଣ୍ଟେନ୍ ହୋମ୍ ଏୟାର ଫୋର୍ସ ବେସରେ ଚାଲିଥିବା ଏକ ଏୟାର ଶୋ'ରେ ଆମେରିକା ନୌସେନାର ଦୁଇଟି ଇଏ-୧୮ ଜି ଗ୍ରୋଲର ଯୁଦ୍ଧ ବିମାନ ମଝି ଆକାଶରେ ପରସ୍ପର ସହ ଧକ୍କା ହୋଇଛନ୍ତି। ସୌଭାଗ୍ୟବଶତଃ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ପୂର୍ବରୁ ସେଥିରେ ଥିବା ସମସ୍ତ ୪ ଜଣ କ୍ରୁ ସଦସ୍ୟ ସୁରକ୍ଷିତ ଭାବେ ବାହାରକୁ ବାହାରି ଆସିଛନ୍ତି। ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଭିଡିଓରେ ଦୁଇଟି ଯୁଦ୍ଧ ବିମାନ ମଝି ଆକାଶରେ ପରସ୍ପର ସହ ପିଟି ହୋଇ ଖଣ୍ଡବିଖଣ୍ଡିତ ହେଉଥିବା ଏବଂ ପରେ ୪ଟି ପାରାଚ୍ୟୁଟ୍ ଆକାଶରୁ ତଳକୁ ଖସୁଥିବା ଦୃଶ୍ୟ ଦେଖିବାକୁ ମିଳିଛି। ପୂର୍ବରୁ ମଧ୍ୟ ଏହି ସ୍ଥାନରେ ୨୦୧୮ ରେ ଏକ ହ୍ୟାଙ୍ଗ୍ ଗ୍ଲାଇଡର୍ ଦୁର୍ଘଟଣା ଏବଂ ୨୦୦୩ରେ ଏକ ଥଣ୍ଡରବାର୍ଡ ଜେଟ୍ ଦୁର୍ଘଟଣା ଘଟିସାରିଛି।

## ମିନିଟ୍ରକ ଉପରେ ଚଢ଼ିଗଲା ଟ୍ରକ: ୧୩ ବରଯାତ୍ରୀ ମୃତ



ପାଲଘର,୧୮।୫(ଏଜେନ୍ସି): ମହାରାଷ୍ଟ୍ରର ପାଲଘର ଜିଲ୍ଲା ମୁମ୍ବାଇ-ଅହମ୍ମଦାବାଦ ଜାତୀୟ ରାଜପଥରେ ସଡ଼କ ଦୁର୍ଘଟଣାରେ ୧୩ ଜଣ ବରଯାତ୍ରୀ ପ୍ରାଣ ହରାଇଛନ୍ତି ଏବଂ ଅନ୍ୟ ୨୫ ଜଣ ଗୁରୁତର ଆହତ ହୋଇଛନ୍ତି। ବେପରୁଆ ଭାବେ ଆସୁଥିବା ଦ୍ରୁତଗାମୀ କଣ୍ଟେନର ଟ୍ରେଲର ଭାରସାମ୍ୟ ହରାଇ ଆଉ ଏକ ମିନିଟ୍ରକ ଉପରେ ଚଢ଼ିଯାଇଥିଲା। ଘଟଣାସ୍ଥଳରେ ହିଁ ୧୩ ଜଣ ଲୋକଙ୍କର ମୃତ୍ୟୁ ଘଟିଥିଲା। ମିନିଟ୍ରକ ।ରେ ୫୦ରୁ ଅଧିକ ବରଯାତ୍ରୀ ଯାତ୍ରା କରୁଥରେ। ମିନିଟ୍ରକ ମୁମ୍ବାଇ-ଅହମଦାବାଦ ଲେନର ଭୁଲ ପାର୍ଶ୍ୱରେ ଗତି କରୁଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ଦ୍ରୁତଗାମୀ କଣ୍ଟେନର ଟ୍ରକ୍ ପ୍ରଥମେ ଜଣେ ମୋଟରସାଇକେଲ ଆରୋହୀଙ୍କୁ ଧକ୍କା ଦେଇଥିଲା ଏବଂ ପରେ ଭାରସାମ୍ୟ ହରାଇ ମିନିଟ୍ରକ ଉପରେ ଓଲଟି ପଡ଼ିଥିଲା। ଦୁର୍ଘଟଣାରେ ଆହତ ହୋଇଥିବା ୨୫ ଜଣଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

## ପଶ୍ଚିମବଙ୍ଗରେ ବନ୍ଦ ହେବ ଧର୍ମଭିତ୍ତିକ ସହାୟତା ରାଶି



### ମହିଳାଙ୍କ ପାଇଁ ଅନ୍ନପୂର୍ଣ୍ଣା ଯୋଜନା ଘୋଷଣା

କୋଲକାତା, ୧୮।୫(ଏଜେନ୍ସି): ପଶ୍ଚିମବଙ୍ଗର ନୂତନ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦ୍ୱିତୀୟ କ୍ୟାବିନେଟ୍ ବୈଠକରେ ରାଜ୍ୟ ସରକାର ଏବେ ମାଦ୍ରାସା ବିଭାଗ ଏବଂ ସୂଚନା ଓ ସଂସ୍କୃତି ବିଭାଗ ଅଧୀନରେ ଚାଲୁଥିବା ଧର୍ମଭିତ୍ତିକ ଆର୍ଥିକ ସହାୟତା ଯୋଜନାଗୁଡ଼ିକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। କ୍ୟାବିନେଟ୍ ନିଷ୍ପତ୍ତି ଅନୁଯାୟୀ, ଇମାମ ଏବଂ ପୁରୋହିତମାନଙ୍କୁ ଦିଆଯାଉଥିବା ମାସିକ ଭତ୍ତା ଚଳିତ ମାସ ଶେଷ ପର୍ଯ୍ୟନ୍ତ ଜାରି ରହିବ। କିନ୍ତୁ ଏହା ପରେ ଏହାକୁ ପର୍ଯ୍ୟାୟକ୍ରମେ ବନ୍ଦ କରାଯିବ। ପୂର୍ବତନ ମମତା ବାନାର୍ଜୀ ସରକାର ୨୦୧୨ରୁ ଇମାମମାନଙ୍କ ପାଇଁ ୩, ୦୦୦ ଟଙ୍କା ଏବଂ ୨୦୨୦ରୁ ହିନ୍ଦୁ ପୁରୋହିତମାନଙ୍କ ପାଇଁ ୨, ୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରୁଥିଲେ। ଏହାସହ କ୍ୟାବିନେଟ୍ ମହିଳାଙ୍କ ପାଇଁ 'ଅନ୍ନପୂର୍ଣ୍ଣା ଯୋଜନା'କୁ ଅନୁମୋଦନ କରିଛି। ଏହି ଯୋଜନା ଅଧୀନରେ ଆସନ୍ତା ଜୁନ୍ ୧ରୁ ରାଜ୍ୟର ମହିଳାମାନଙ୍କୁ ମାସିକ ୩, ୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବ। ପୂର୍ବରୁ 'ଲକ୍ଷ୍ମୀ ଭଣ୍ଡାର' ଯୋଜନାରେ ଉପକୃତ ହେଉଥିବା ମହିଳାମାନେ ସ୍ୱତଃପ୍ରବୃତ୍ତ ଭାବେ ଏହି ନୂତନ ଯୋଜନାରେ ଅନ୍ତର୍ଭୁକ୍ତ ହେବେ। ବାକି ରହିଯାଇଥିବା ଯୋଗ୍ୟ ମହିଳାଙ୍କ ପାଇଁ ଏକ ନୂତନ ପୋର୍ଟାଲ୍ ଖୋଲାଯିବ। ଏହା ବ୍ୟତୀତ, ଜୁନ୍ ୧ରୁ ସାରା ରାଜ୍ୟରେ ମହିଳାମାନଙ୍କ ପାଇଁ ମାଗଣା ବସ୍ ଯାତ୍ରା ସୁବିଧାକୁ ମଧ୍ୟ ସରକାର ଅନୁମୋଦନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଶୁଭେନ୍ଦୁ ଅଧିକାରୀ ସଲ୍ଟଲେକ୍ ସ୍ଥିତ ବିଜେପି କାର୍ଯ୍ୟାଳୟରେ ନିଜର ପ୍ରଥମ ଜନତା ଦରବାର ଆୟୋଜନ କରି ସାଧାରଣ ଜନତାଙ୍କ ଅଭିଯୋଗ ଓ ସମସ୍ୟା ଶୁଣିଛନ୍ତି।

# ଇରାନ ଆକ୍ରମଣ ପାଇଁ ଟ୍ରମ୍ପଙ୍କ ସଜବାଜ

ୱାସିଂଟନ୍, ୧୮।୫(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚିରାଚରିତ ଢଙ୍ଗରେ ପୁଣି ଇରାନକୁ ଗୁରୁତର ଚେତାବନୀ ଦେଇଛନ୍ତି। ଇରାନ ତୁରନ୍ତ ଚୁକ୍ତିରେ ସହମତ ନ ହେଲେ ସେମାନଙ୍କର ଅସ୍ତିତ୍ୱ ରହିବ ନାହିଁ ବୋଲି କହି ସେ ଧମକ ଦେଇଛନ୍ତି। ନିଜର ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍ ସୋସିଆଲ୍‌ରେ ପୋଷ୍ଟ କରି ଟ୍ରମ୍ପ କହିଛନ୍ତି, 'ଇରାନ ପାଇଁ ସମୟ ସରି ସରି ଆସୁଛି ଏବଂ ସେମାନେ ଶୀଘ୍ର ପଦକ୍ଷେପ ନେବା ଉଚିତ୍, ନଚେତ୍ ସେମାନଙ୍କର କିଛି ବି ବାକି ରହିବ ନାହିଁ।

ଟ୍ରମ୍ପ ତାଙ୍କର ସୋସିଆଲ୍ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍ ସୋସିଆଲ୍‌ରେ ଏଆଇ ଦ୍ୱାରା ନିର୍ମିତ ପ୍ରାୟ ୨୦ରୁ ଅଧିକ ଚିତ୍ର ଓ ଭିଡିଓ ପୋଷ୍ଟ କରି ଇରାନକୁ ତୁରନ୍ତ ଶାନ୍ତି ଚୁକ୍ତି କରିବାକୁ କହିଛନ୍ତି। ଟ୍ରମ୍ପଙ୍କ ଦ୍ୱାରା ଶେୟାର କରାଯାଇଥିବା ଏହି ଚିତ୍ରଗୁଡ଼ିକରେ ଆମେରିକାର ସାମରିକ ଶକ୍ତିର ପ୍ରଦର୍ଶିତ ହୋଇଛି। ଏଥିରେ ଇରାନର ନୌକା ଉପରେ କ୍ଷେପଣାସ୍ତ୍ର ମାଡ଼, ମହାକାଶ ଯୁଦ୍ଧ ଏବଂ ଇରାନର ମାନଚିତ୍ର ଉପରେ ଆମେରିକାର ପତାକା ଥିବା ଦୃଶ୍ୟ ସ୍ଥାନ ପାଇଛି। ଗୋଟିଏ ଭିଡିଓରେ ଟ୍ରମ୍ପ ନିଜେ ଏକ ଟେବୁଲ୍ ଉପରେ ଟାଇପ୍ କରିବାର ଅଭିନୟ କରୁଥିବା ବେଳେ 'ଫାୟାର୍, ବୁମ୍' କହୁଥିବା ଦେଖାଯାଇଛି। ଯେଉଁଥିରେ ଏକ ଆମେରିକୀୟ ଯୁଦ୍ଧଜାହାଜ ଇରାନର ବିମାନକୁ ଟାର୍ଗେଟ୍ କରୁଛି। ଅନ୍ୟ ଏକ ଗ୍ରାଫିକାଲ୍ ଚିତ୍ରରେ ଟ୍ରମ୍ପଙ୍କୁ 'ସ୍ପେସ୍ ଫୋର୍ସ'ର ମୁଖ୍ୟ ଭାବେ ଦର୍ଶାଯାଇଛି। ଯେଉଁଠାରେ ସେ ମହାକାଶରୁ ଏକ 'କିଲ୍ ବଟନ୍' ଚିପି ପରମାଣୁ ବିସ୍ଫୋରଣ ଭଳି ଆକ୍ରମଣକୁ ନିୟନ୍ତ୍ରଣ କରୁଛନ୍ତି। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁଙ୍କ ସହ ରବିବାର ଫୋନ୍ ଯୋଗେ ଆଲୋଚନା କରିବାର କିଛି ଘଣ୍ଟା ପରେ ଟ୍ରମ୍ପ ଏହି କଠୋର ମନୋଭାବ ପୋଷଣ କରିଛନ୍ତି। ଏହି ଦୁଇ ନେତା ଇରାନ ସହ ପୁନର୍ବାର ଯୁଦ୍ଧ ହେବାର ସମ୍ଭାବନା ଏବଂ ଆଞ୍ଚଳିକ ସୁରକ୍ଷା ଉପରେ ବିସ୍ତୃତ ଆଲୋଚନା କରିଛନ୍ତି। ସୂଚନା ଅନୁଯାୟୀ, ଆମେରିକା ପକ୍ଷରୁ ଇରାନ ପାଇଁ ଏକ ୫ ଦଫା ସର୍ତ୍ତ ରଖାଯାଇଛି। ଇରାନ ୟୁରାନିୟମକୁ ୱାସିଂଟନକୁ ହସ୍ତାନ୍ତର କରିବା, ତେହେରାନର ପରମାଣୁ କାର୍ଯ୍ୟକ୍ରମ ଉପରେ କଡ଼ା ରୋକ ଲଗାଇବା ଆଦି ସର୍ତ୍ତ ରହିଛି। ତେବେ ଇରାନ ଏହି ପ୍ରସ୍ତାବ ଉପରେ ବିଶେଷ ଆଗ୍ରହ ଦେଖାଇ ନାହିଁ। ଇରାନର ମଧ୍ୟ ଦାବି କରିଛି ଯେ ଆମେରିକା ଇରାନର ବନ୍ଦରଗୁଡ଼ିକରୁ ନୌସେନା ଅବରୋଧ ହଟାଉ। ଲେବାନନ ସମେତ ସମସ୍ତ ସାମ୍ମୁଖ୍ୟରେ ଯୁଦ୍ଧ ବନ୍ଦ ହେଉ। ସେପଟେ ଆମେରିକା ଇରାନର ଦାବି ଅନୁଯାୟୀ ଇରାନର ଜବତ ହୋଇଥିବା ସମ୍ପତ୍ତି ଫେରସ୍ତ କରିବାକୁ କିମ୍ବା ଯୁଦ୍ଧ ଜନିତ କ୍ଷତିପୂରଣ ଦେବାକୁ ମନା କରିଦେଇଛି।




## ସାଉଦି ଆରବରେ ୮ ହଜାର ସେନା; ଯୁଦ୍ଧ ବିମାନ ମୁତୟନ କଲା ପାକିସ୍ତାନ

ଇସଲାମାବାଦ/ରିୟାଦ, ୧୮।୫(ଏଜେନ୍ସି): ଇରାନ-ଆମେରିକା ଯୁଦ୍ଧ ପୁଣି ଉଗ୍ର ହେବାରେ ଲାଗିଛି। ଆଞ୍ଚଳିକ ଯୁଦ୍ଧର ନିଆଁ ବର୍ତ୍ତିକା ରବିବାର ୟୁଏଇର ଆଣବିକ କେନ୍ଦ୍ରରେ ପଡ଼ିବା ପରେ ସାଉଦିରେ ମଧ୍ୟ ଆତଙ୍କ ଖେଳିଛି। ଏହାରି ମଧ୍ୟରେ ପାକିସ୍ତାନ ନିଜର ପ୍ରତିରକ୍ଷା ସହଯୋଗୀ ସାଉଦି ଆରବକୁ ଏକ ଶକ୍ତିଶାଳୀ ସାମରିକ ବାହିନୀ ପଠାଇଛି। ଦୁଇ ଦେଶ ମଧ୍ୟରେ ହୋଇଥିବା ପାରସ୍ପରିକ ପ୍ରତିରକ୍ଷା ଚୁକ୍ତି ଆଧାରରେ ପାକିସ୍ତାନ ପ୍ରାୟ ୮, ୦୦୦ ସୈନ୍ୟ, ଯୁଦ୍ଧ ବିମାନର ଏକ ସ୍କ୍ୱାଡ୍ରନ ଏବଂ ଆଧୁନିକ ବାୟୁ ପ୍ରତିରକ୍ଷା ପ୍ରଣାଳୀ ସାଉଦି ଆରବରେ ମୁତୟନ କରିଛି। ଏହି ବାହିନୀରେ ଚୀନ୍ ସହାୟତାରେ ନିର୍ମିତ ପ୍ରାୟ ୧୬ଟି ଜେଏଫ୍-୧୭ ଯୁଦ୍ଧ ବିମାନ ସାମିଲ ରହିଛି। ଏହାକୁ ଏପ୍ରିଲରେ ସାଉଦି ଆରବକୁ ପଠାଯାଇଥିଲା। ଏହା ସହିତ ଦୁଇଟି ଡ୍ରୋନ୍ ସ୍କ୍ୱାଡ୍ରନ ଏବଂ ଏକ ଚାଇନିଜ୍ ଏଚ୍ କ୍ୟୁ-୯ ବାୟୁ ପ୍ରତିରକ୍ଷା ପ୍ରଣାଳୀ ମଧ୍ୟ ସେଠାରେ ନିୟୋଜିତ କରାଯାଇଛି। ସୁରକ୍ଷା ଅଧିକାରୀଙ୍କ ଅନୁଯାୟୀ, ଏହି ବାହିନୀ କେବଳ ପରାମର୍ଶଦାତା ଭାବେ ନୁହେଁ ବରଂ ସାଉଦି ଆରବ ଉପରେ କୌଣସି ସମ୍ଭାବ୍ୟ ଆକ୍ରମଣର ମୁକାବିଲା କରିବା ପାଇଁ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ରହିଛି। ୮, ୦୦୦ ସୈନ୍ୟଙ୍କ ବ୍ୟତୀତ ଆବଶ୍ୟକ ପଡ଼ିଲେ ୮୦, ୦୦୦ ପର୍ଯ୍ୟନ୍ତ ସୈନ୍ୟ ପଠାଇବା ପାଇଁ ଗୋପନୀୟ ପ୍ରତିରକ୍ଷା ଚୁକ୍ତିରେ ବ୍ୟବସ୍ଥା ରହିଛି। ଏହି ସମସ୍ତ ସାମରିକ ଉପକରଣ ଓ ପରିଚାଳନା ପାଇଁ ସାଉଦି ଆରବ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। କିନ୍ତୁ ଏହି ସୈନ୍ୟ ମାନଙ୍କୁ ପାକିସ୍ତାନ ପକ୍ଷରୁ ପରିଚାଳନା କରାଯାଉଛି। ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ସୂଚନା ଦେଇଛନ୍ତି ଯେ, ଏହି ଚୁକ୍ତି ସାଉଦି ଆରବକୁ ପାକିସ୍ତାନର ପାରମାଣବିକ ସୁରକ୍ଷା କବଚ ଅଧୀନକୁ ଆଣିଛି। ପାକିସ୍ତାନ ଗୋଟେ ପଟେ ସାଉଦି ଆରବକୁ ସାମରିକ ସହାୟତା ଦେଉଥିବା ବେଳେ ଅନ୍ୟପଟେ ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧରେ ମୁଖ୍ୟ ମଧ୍ୟସ୍ଥ ଭାବେ କାର୍ଯ୍ୟ କରୁଛି। ଦୀର୍ଘ ଦଶନ୍ଧି ଧରି ସାଉଦି ଆରବ ପାକିସ୍ତାନର ଆର୍ଥିକ ସଙ୍କଟ ସମୟରେ ସହଯୋଗ କରିଆସିଥିବା ବେଳେ ପାକିସ୍ତାନ ସାଉଦି ସେନାକୁ ତାଲିମ ଏବଂ ସାମରିକ ସୁରକ୍ଷା ଯୋଗାଇ ଦେଉଛି।

# ଆମେରିକାକୁ ଧୋକା ଦେଉଛି ପାକିସ୍ତାନ!

## ପରମାଣୁ ବୁଡ଼ାଜାହାଜ ପାଇଁ ଚୀନ୍ ସହ ଗୁପ୍ତ ବୁଝାମଣା

ନୂଆଦିଲ୍ଲୀ, ୧୮।୫(ଏଜେନ୍ସି): ପାକିସ୍ତାନ ନିଜର ପରମାଣୁ କ୍ଷମତାକୁ ଜଳପଥରେ ବିସ୍ତାର କରିବା ପାଇଁ ଚୀନ୍ ସହିତ ଏକ ଗୁପ୍ତ ରଣନୈତିକ ବୁଝାମଣା କରିବାକୁ ଚେଷ୍ଟା କରିଥିବା ତଥ୍ୟ ସାମ୍ନାକୁ ଆସିଛି। ଆମେରିକା ଭିତ୍ତିକ ଏକ ନ୍ୟୁଜ୍ ଆଉଟଲେଟ୍‌ର ରିପୋର୍ଟ ଅନୁସାରେ, ପାକିସ୍ତାନ ନିଜର ଗ୍ୱାଦର ନୌସେନା ବନ୍ଦରକୁ ଚୀନ୍‌ର ଏକ ସ୍ଥାୟୀ ସାମରିକ ଘାଟିରେ ପରିଣତ କରିବା ବଦଳରେ ଚୀନ୍‌ଠାରୁ ପରମାଣୁ ଶକ୍ତି ସମ୍ପନ୍ନ ବୁଡ଼ାଜାହାଜ ମାଗିଥିଲା। ୨୦୨୪ରେ ପାକିସ୍ତାନୀ ସେନା ମୁଖ୍ୟ ଆସିମ ମୁନିର ଏବଂ ଚୀନ୍ ସେନା ମଧ୍ୟରେ ହୋଇଥିବା ଦ୍ୱିପାକ୍ଷିକ ଆଲୋଚନାରେ ଏହି ଦାବି ରଖାଯାଇଥିଲା। ପାକିସ୍ତାନ ଚାହୁଁଥିଲା ଯେ ଚୀନ୍ ତାକୁ ସାମୁଦ୍ରିକ ନ୍ୟୁକ୍ଲିୟର ସେକେଣ୍ଡ-ଷ୍ଟ୍ରାଇକ୍ କ୍ଷମତା ବିଶିଷ୍ଟ ବୁଡ଼ାଜାହାଜ ପ୍ରଦାନ କରୁ। ଏହାଦ୍ୱାରା ପାକିସ୍ତାନ ନିଜର ପରମାଣୁ କ୍ଷମତାକୁ ସ୍ଥଳ ଏବଂ ଆକାଶ ପରେ ଏବେ ଜଳପଥରରେ ମଧ୍ୟ ପରିବ୍ୟାପ୍ତ କରିପାରିବ। ତେବେ ଚୀନ୍ ପକ୍ଷରୁ ଏହି ଦାବିକୁ ପ୍ରତ୍ୟାଖ୍ୟାନ କରାଯିବା ପରେ ଏହି ଆଲୋଚନା ସ୍ଥଗିତ ହୋଇଯାଇଥିଲା। ତେବେ ଏହା ମଧ୍ୟରେ ଆସିମ ମୁନିରର ଆମେରିକାର ବେଶ୍ ନିକଟତର ହୋଇଛନ୍ତି ଏବଂ ଚୀନ୍‌ଠାରୁ କିଛି ମାତ୍ରାରେ ଦୂରେଇ ରହିଛନ୍ତି। ଡୋନାଲ୍ଡ



ଟ୍ରମ୍ପ ମଧ୍ୟ ମୁନିରଙ୍କୁ ନିଜର 'ପ୍ରିୟ ଫିଲ୍ଡ ମାର୍ଶଲ' ଭାବେ ସମ୍ବୋଧନ କରିଥାନ୍ତି। ଆମେରିକା ସହ ସମ୍ପର୍କ ସୁଧାରୁଥିଲେ ମଧ୍ୟ ପାକିସ୍ତାନ ଗୁପ୍ତରେ ଚୀନ୍ ସହ ବଡ଼ ରଣନୈତିକ ବୁଝାମଣା କରିବାକୁ ଚେଷ୍ଟା ଜାରି ରଖିଛି। ପୂର୍ବରୁ ୧୯୭୦ ଏବଂ ୮୦ ଦଶକରେ ଚୀନ୍ ପାକିସ୍ତାନକୁ ପରମାଣୁ ବୋମା ତିଆରି କରିବାରେ ବ୍ଲୁପ୍ରିଣ୍ଟ ଏବଂ ୟୁରାନିୟମ ଯୋଗାଇ ସାହାଯ୍ୟ କରିଥିଲା। ୯୦ ଦଶକରେ ଚୀନ୍ ପାକିସ୍ତାନକୁ କ୍ଷେପଣାସ୍ତ୍ର ମଧ୍ୟ ବିକ୍ରି କରିଥିଲା। ମାତ୍ର ସମୁଦ୍ର ଭିତରୁ ପରମାଣୁ ଆକ୍ରମଣ କରିବାର କ୍ଷମତା ହାସଲ କରିବା ପାକିସ୍ତାନ ପାଇଁ ଏବେ ମଧ୍ୟ ଆର୍ଥିକ ଏବଂ ବୈଷୟିକ ଦୃଷ୍ଟିକୋଣରୁ ଏକ ବଡ଼ ଆହ୍ୱାନ ହୋଇ ରହିଛି। ସୂଚନାଯୋଗ୍ୟ, ବର୍ତ୍ତମାନ ବିଶ୍ୱର ମାତ୍ର ୬ଟି ଦେଶ ଆମେରିକା, ରୁଷ, ଚୀନ୍, ଫ୍ରାନ୍ସ, ବ୍ରିଟେନ ଏବଂ ଭାରତ ପାଖରେ ପରମାଣୁ ଶକ୍ତି ସମ୍ପନ୍ନ ବୁଡ଼ାଜାହାଜ ମାଧ୍ୟମରେ ସମୁଦ୍ର ଭିତରୁ ଆକ୍ରମଣ କରିବାର ସମ୍ପୂର୍ଣ୍ଣ କ୍ଷମତା ରହିଛି।

## ତୁର୍କୀରେ ଗୁଳିମାଡ଼: ୪ ମୃତ, ୮ ଆହତ

ମେରସିନ, ୧୮।୫ (ଏଜେନ୍ସି): ଦକ୍ଷିଣ ତୁର୍କୀର ମେରସିନ୍ ସହରରେ ଜଣେ ବନ୍ଧୁକଧାରୀର ଅତର୍କିତ ଗୁଳିଚାଳନା ଫଳରେ ୪ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୮ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଆତତାୟୀ ଜଣକ ଏକ ରେଷ୍ଟୁରାଣ୍ଟ ଭିତରକୁ ପଶି ହଠାତ୍ ଗୁଳି ଚଳାଇବା ଆରମ୍ଭ କରିଥିଲା। ଏଥିରେ ରେଷ୍ଟୁରାଣ୍ଟ ମଧ୍ୟରେ ୨ ଜଣଙ୍କର ପ୍ରାଣହାନି ଘଟିଥିଲା। ଏହା ପରେ ଅନ୍ୟ ଏକ ସ୍ଥାନରେ ଆଉ ଦୁଇ ଜଣଙ୍କୁ ମଧ୍ୟ ଆତତାୟୀ ଜଣକ ଗୁଳି କରି ହତ୍ୟା କରିଥିବା ଜଣାପଡ଼ିଛି। ଘଟଣା ପରେ ଅଭିଯୁକ୍ତ ଜଣକ ଏକ କାର୍ ଯୋଗେ ଫେରାର ହୋଇଯାଇଥିବା ସୂଚନା ମିଳିଛି।

**ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା**

# ଶେଷ ପର୍ଯ୍ୟନ୍ତ ପାଇଲଟ୍‌ଙ୍କ ହାତରେ ଥିଲା ବିମାନ ଷ୍ଟିୟରିଂ

### ଶବଗୃହରୁ ପ୍ରତ୍ୟକ୍ଷଦର୍ଶୀ ରିପୋର୍ଟ

ଅହମଦାବାଦ, ୧୮।୫(ଏଜେନ୍ସି): ଗତବର୍ଷ ଅହମ୍ମଦାବାଦରେ ଘଟିଥିବା ଭୟଙ୍କର ଏୟାର ଇଣ୍ଡିଆ-୧୭୧ ବିମାନ ଦୁର୍ଘଟଣା ମାମଲାରେ ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ସାମ୍ନାକୁ ଆସିଛି। ଦୁର୍ଘଟଣା ପରେ ଶବଗୃହରେ ରଖାଯାଇଥିବା ବିମାନର କ୍ୟାପଟେନ ସୁମିତ ସବରୱାଲଙ୍କ ମୃତଦେହ ବିମାନର ଷ୍ଟିଅରିଂକୁ ଶକ୍ତ ଭାବେ ଧରିଥିବା ଅବସ୍ଥାରେ ରହିଥିବା ସେ କହିଛନ୍ତି। ପାଇଲଟ୍ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ବିମାନଟିକୁ ରକ୍ଷା କରିବାକୁ ପ୍ରାଣପଣେ ଚେଷ୍ଟା କରୁଥିଲେ ବୋଲି ସ୍ପଷ୍ଟ ହୋଇଛି। ରୋମିନ ଭୋହରା ନାମକ ବ୍ୟକ୍ତି ଜଣକ ଉକ୍ତ ଦୁର୍ଘଟଣାରେ ନିଜ ପରିବାରର ୩ ସଦସ୍ୟଙ୍କୁ ହରାଇଛନ୍ତି। ଶବଗୃହରେ ଦେଖିଥିବା ଦୃଶ୍ୟକୁ ବର୍ଣ୍ଣନା କରି ସେ ଏହି ତଥ୍ୟ ଦେଇଛନ୍ତି। କ୍ୟାପଟେନ ସଭରୱାଲଙ୍କ ମୃତଦେହ ଏକ କୋଣରେ ସ୍ୱତନ୍ତ୍ର ଭାବେ ଥିଲା। ତାଙ୍କ ମୃତଦେହ ବସିବା ଭଙ୍ଗୀରେ ଥିବା ବେଳେ ହାତରେ ବିମାନର ଡବଲ-ହ୍ୟାଣ୍ଡେଲ ୟୋକ୍ ରହିଥିଲା, ତାହା ବୋଧହୁଏ ଦୁର୍ଘଟଣା ସମୟରେ ବିମାନରୁ ଅଲଗା ହୋଇଯାଇଥିଲା। ତାଙ୍କ ଶରୀରର ପଛ ଭାଗ ପୋଡ଼ି ଯାଇଥିଲେ ହେଁ ସମ୍ମୁଖ ଭାଗ ଏବଂ ୟୁନିଫର୍ମ ଠିକ୍ ଥିଲା। ଗତବର୍ଷ ଏହି ଭୟଙ୍କର ଦୁର୍ଘଟଣାରେ ୨୬୦ ଜଣ ପ୍ରାଣ ହରାଇଥିଲେ। ଯେଉଁଥିରେ ବିମାନରେ ଥିବା ୨୪୧ ଜଣ ଏବଂ ଜମି ଉପରେ ଥିବା ୧୯ ଜଣ ବ୍ୟକ୍ତି ସାମିଲ ଥିଲେ। ମାତ୍ର ଜଣେ ଯାତ୍ରୀ ଏହି ଦୁର୍ଘଟଣାରୁ ଆଶ୍ଚର୍ଯ୍ୟଜନକ ଭାବେ ବଞ୍ଚିଯାଇଥିଲେ। ପରେ ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋ ପକ୍ଷରୁ ପ୍ରକାଶିତ ପ୍ରାଥମିକ ରିପୋର୍ଟରେ ପାଇଲଟଙ୍କ ଭୁଲ୍ ଥାଇପାରେ ବୋଲି କୁହାଯାଇଥିଲା। ଯାହାକୁ କ୍ୟାପଟେନଙ୍କ ପରିବାର ଏବଂ ଫେଡେରେସନ ଅଫ୍ ଇଣ୍ଡିଆନ ପାଇଲଟ୍ସ ଦୃଢ଼ ବିରୋଧ କରିଛନ୍ତି। କ୍ୟାପଟେନଙ୍କ ୮୮ ବର୍ଷୀୟ ପିତା ପୁଷ୍କରାଜ ସଭରୱାଲ ଏହି ରିପୋର୍ଟକୁ ତ୍ରୁଟିପୂର୍ଣ୍ଣ କହି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।



## ରଥଖଳାରୁ...

# ବନ୍ଦ ହେଲା ଯନ୍ତା ଗାଡ଼



ପୁରୀ,୧୮।୫(ସମିସ): ଆସୁଛି ରଥଯାତ୍ରା। ଆସନ୍ତା ଜୁଲାଇ ୧୬ ତାରିଖରେ ବଡ଼ଦାଣ୍ଡରେ ଗଡ଼ିବ ତିନିରଥ। ଏହାକୁ ନଜରରେ ରଖି ରଥଖଳାରେ କାମ ଦ୍ରୁତଗତିରେ ଆଗେଇ ଚାଲିଛି। ସୋମବାର ତିନିରଥର ବଳକା ଗୋଟିଏ ଲେଖାଏଁ ଚକ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଅନ୍ୟପକ୍ଷରେ ଯେହେତୁ ତୁମ୍ବରେ ସିଙ୍ଗଡ଼ା ବାଡ଼ିଆ ଶେଷ ହୋଇଛି ସେଥିପାଇଁ ଶ୍ରୀମନ୍ଦିର ସମ୍ମୁଖରେ ଖୋଲାଯାଇଥିବା ଯନ୍ତା ଗାଡ଼କୁ ବନ୍ଦ କରିଛନ୍ତି ଭୋଇ ସେବକ। ସେହିପରି ତାଳଧ୍ୱଜ ରଥ ପୋଲ ଗୟଳର ଚିରଟ ପୂର୍ବରୁ ଚିତା କାର୍ଯ୍ୟ ଆରମ୍ଭ ହୋଇଛି। ଅନ୍ୟାନ୍ୟ କାମ ମଧ୍ୟରେ ତିନିରଥର ଜଗତପୃଷ୍ଠ ଶେଣୀର ଚଉପଟ କାର୍ଯ୍ୟ ଶେଷ ହେବା ସହ ପ୍ରତ୍ୟେକ ରଥର ୨ଟି ଲେଖାଏଁ ଧୂଳି ଦଣ୍ଡାର ଚଉପଟ କାର୍ଯ୍ୟ ସରିଛି। ସେହିପରି ତିନି ରଥର ୨୦ ଫୁଟିଆ ଚାର ପରିଛାର ଚଉପଟ କାମ ଆରମ୍ଭ ହୋଇଛି। ତାଳଧ୍ୱଜ ରଥର ପୋଲ ଗୟଳ ଚିରଟ ପାଇଁ ରଥ ଅମିନ ଭୋଇ ସେବକଙ୍କ ସହାୟତାରେ ୪୦ ଫୁଟିଆ ଧଉରା କାଠ ଯୋଗାଇ ଦେଇଥିଲେ। କରତି ସେବକ ଏହାକୁ ଚିରଟ ପୂର୍ବରୁ ଉଭୟ ପଟ ବାରିସିରେ ହାଣି ସମତଳ କାର୍ଯ୍ୟ ବା ଚିତା କାର୍ଯ୍ୟ ଆରମ୍ଭ କରିଛନ୍ତି। ରୂପକାର ସେବକମାନେ ସାଲ ଗୁଜ ଏବଂ ତୀଖ ଗୁଜରେ ନୃସିଂହ ରୂପ ଖୋଦେଇ ଜାରି ରଖିଛନ୍ତି। ଦୋଳବେଦୀଠାରେ ପାହି ମହାରଣାମାନେ ଅଣସର ତଥା ରଥଯାତ୍ରା ପାଇଁ କାଠ ନିର୍ମିତ ସରଞ୍ଜାମ ତିଆରି କରୁଥିବା ବେଳେ କମାର ସେବକମାନେ ଦଣ୍ଡା କଣ୍ଟା, ଗୟଳ କଣ୍ଟା ଓ ଯୋଖା କଣ୍ଟା ନିର୍ମାଣ ଜାରି ରଖିଛନ୍ତି।

## ଟାଙ୍ଗୀ ବ୍ଲକରେ ହାଇଡ୍ରାମା

# ବିଜେପି ନେତାଙ୍କ ବିରୋଧରେ ଗର୍ଜିଲା ବିଜେଡି

ଟାଙ୍ଗୀ, ୧୮।୫ (ସମିସ): କଟକ ଜିଲ୍ଲା ଟାଙ୍ଗୀ ବ୍ଲକ ଅଫିସ ପରିସରରେ ଗତ ଶୁକ୍ରବାର ଦିନ ବିଜେପି ନେତା ଅରିନ୍ଦମ ରାୟ ଏବଂ ଅଭୟ ବାରିକଙ୍କ ନେତୃତ୍ୱରେ ଘଟିଥିବା ଗଣ୍ଡଗୋଳ ଓ ଦୁର୍ବ୍ୟବହାର ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଏକ ବଡ଼ ରାଜନୈତିକ ବିବାଦର ରୂପ ନେଇଛି। ବିଜେପି ନେତାଙ୍କ ଏଭଳି "ଗୁଣ୍ଡାଗର୍ଦ୍ଦି' ଓ ଅରାଜକତା ବିରୋଧରେ ସୋମବାର ଦିନ ବ୍ଲକ କାର୍ଯ୍ୟାଳୟ ଭିତରେ କର୍ମଚାରୀମାନଙ୍କ ପକ୍ଷରୁ କଲମଛାଡ଼ ଆନ୍ଦୋଳନ ଚାଲିଥିବା ବେଳେ ବାହାରେ ବିଜେଡି ପକ୍ଷରୁ ଏକ ବିଶାଳ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି।

ବିଶେଷ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଗତ ଶୁକ୍ରବାର ବିଜେପି ନେତା ଅରିନ୍ଦମ ଓ ଅଭୟ ବ୍ଲକରେ ଦବଙ୍ଗଗିରି ଦେଖାଇବା ପୂର୍ବରୁ ଏକ ଯୋଜନାବଦ୍ଧ ଭାବେ ପ୍ରଥମେ ବିଡ଼ିଓଙ୍କ କକ୍ଷରେ ଲାଗିଥିବା ସିସିଟିଭି କ୍ୟାମେରାକୁ ବନ୍ଦ କରିଦେଇଥିଲେ। ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ଏଭଳି କରାଯିବା ପରେ ଏବିଡିଓ ଓ ସେଠାରେ କାର୍ଯ୍ୟରତ ମହିଳା କର୍ମଚାରୀଙ୍କୁ ଅତ୍ୟନ୍ତ କଦର୍ଯ୍ୟ ଭାବେ ଦୁର୍ବ୍ୟବହାର କରାଯିବା ସହ ବ୍ଲକର ଆସବାବପତ୍ର ଭଙ୍ଗାରୁଜା କରାଯାଇଥିଲା। ଏହି ଘଟଣାକୁ ନେଇ ଟାଙ୍ଗୀ ଥାନାରେ ବ୍ଲକ ପ୍ରଶାସନ ତରଫରୁ ଏତଲା ଦିଆଯିବା ପରେ ପୁଲିସ ପ୍ରାୟ ୧୦୦ ଜଣଙ୍କ ବିରୋଧରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବ୍ଲକ କର୍ମଚାରୀ ଏବଂ ମହିଳା



- ନ୍ୟାୟ ଦାବିରେ ସରକାରୀ କର୍ମଚାରୀଙ୍କ କଲମଛାଡ଼ ଆନ୍ଦୋଳନ
- ବ୍ଲକ କାର୍ଯ୍ୟାଳୟରେ ଗୋବର ପାଣି ପକାଇ ଝାଡୁ କଲେ ମହିଳା
- ସିସିଟିଭି ବନ୍ଦ କରି ଗଣ୍ଡଗୋଳ କରିଥିବା ଅଭିଯୋଗ
- ୧୦୦ ଜଣଙ୍କ ବିରୋଧରେ ମାମଲା ରୁଜୁ

ଅଧିକାରୀଙ୍କୁ ଅସଦାଚରଣ ପ୍ରତିବାଦରେ ସୋମବାର ବ୍ଲକ ପରିସରରେ ଏବିଡିଓ ଶାଶ୍ୱତ କୁମାର ଜେନାଙ୍କ ନେତୃତ୍ୱରେ ସମସ୍ତ କର୍ମଚାରୀ କଲମଛାଡ଼ ଆନ୍ଦୋଳନ କରି ଧାରଣାରେ ବସିଛନ୍ତି। ବ୍ଲକ ବିଡିଓ ଏନ୍.ଏନ୍. ରାଜଲକ୍ଷ୍ମୀ ଓଝା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଯେ, ଉପରିସ୍ଥ ଅଧିକାରୀ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ କୌଣସି ଦୃଢ଼ ନିଷ୍ପତ୍ତି କିମ୍ବା ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ପର୍ଯ୍ୟନ୍ତ ଏହି କଲମଛାଡ଼ ଆନ୍ଦୋଳନ ଜାରି ରହିବ। ବିଜେପି ନେତାଙ୍କ ଏହି ଆଚରଣକୁ ତୀବ୍ର ନିନ୍ଦା କରି ବ୍ଲକ ଗେଟ୍ ବାହାରେ ଶତାଧିକ ବିଜେଡି ମହିଳା କର୍ମୀ ଏକତ୍ରିତ ହୋଇଥିଲେ। ବିଜେପି ନେତାମାନେ ବ୍ଲକ ଭିତରେ ଅରାଜକତା ସୃଷ୍ଟି କରି ପବିତ୍ର ସରକାରୀ କାର୍ଯ୍ୟାଳୟକୁ ଅପବିତ୍ର କରିଥିବା ଅଭିଯୋଗ କରି ମହିଳା କର୍ମୀମାନେ ଗେଟ୍ ସମ୍ମୁଖରେ ଗୋବର ପାଣି ପକାଇ ଓ ଝାଡୁ ମାରି ପ୍ରତିବାଦ କରିବା ସହ ଅରିନ୍ଦମ-ଅଭୟଙ୍କ ବିରୋଧରେ ନାରାବାଜି କରିଥିଲେ। ବ୍ଲକ ସମ୍ମୁଖରେ ବ୍ଲକ ବିଜେଡି ସଭାପତି ଧିରେନ୍ଦ୍ର କୁମାର ଜେଠୀଙ୍କ ସଭାପତିତ୍ୱରେ ଏକ ବିଶାଳ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ଯୋଗଦେଇ କହିଥିଲେ, "ବିଜେପି ନେତାଙ୍କ ଏଭଳି ଗୁଣ୍ଡାଗର୍ଦ୍ଦି ଏବଂ ମହିଳାଙ୍କ ଉପରେ ଅତ୍ୟାଚାର ଓଡ଼ିଶାକୁ ସାରା ଦେଶରେ ନିନ୍ଦିତ କରିଛି। ପିସି କାରବାର ଓ ସରକାରୀ ଯୋଜନାକୁ ବାଟମାରଣା କରିବା ପାଇଁ ଏହି ନେତାମାନେ ଜୁଲମ କରୁଛନ୍ତି।" ସେ ଏହି ଆନ୍ଦୋଳନରତ କର୍ମଚାରୀଙ୍କୁ ଭେଟି ଆଶ୍ୱାସନା ଦେବା ସହ ସରକାର ତୁରନ୍ତ ଦୋଷୀଙ୍କୁ ଗିରଫ କରି ନ୍ୟାୟ ପ୍ରଦାନ କରନ୍ତୁ ବୋଲି ଦାବି କରିଛନ୍ତି। ଏହି ପ୍ରତିବାଦ ସଭାରେ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପ୍ରତିନିଧି ସେକ ସାହାଜାନ, ଜିଲ୍ଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ସାମଲ, ଜୟଶ୍ରୀ ପ୍ରଧାନ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନାକ୍ଷୀ ଦାସ, ଉପାଧ୍ୟକ୍ଷା ସୁପ୍ରିୟା ଜେଠୀ, ଜିଲ୍ଲା ବିଜେଡି ସମ୍ପାଦକ ପ୍ରଦୀପ୍ତ ଦାସ, ମହିଳା ନେତ୍ରୀ ମିତା ରାଉତଙ୍କ ସମେତ ବହୁ ସରପଞ୍ଚ, ସମିତିସଭ୍ୟ ଓ ଆଗଧାଡ଼ିର କର୍ମୀ ଯୋଗଦେଇ ଅଭିଯୁକ୍ତଙ୍କ ତୁରନ୍ତ ଗିରଫଦାରୀ ଦାବି କରିଥିଲେ। ବ୍ଲକ ପରିସରରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଏସଡିପିଓ ଉମାକାନ୍ତ ନାୟକ ଏବଂ ଟାଙ୍ଗୀ ଥାନା ଆଇଆଇସି ବିକାଶ ସେଠୀଙ୍କ ନେତୃତ୍ୱରେ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା।

## ସୁରେଶଙ୍କ ସୂଚନା: ବିଜେପି ଆଶାୟୀଙ୍କ ଆଶା ବଢ଼ିଲା

# ମାସ ଶେଷ ସୁଦ୍ଧା ନିଗମ ନିଯୁକ୍ତି

ଭୁବନେଶ୍ୱର,୧୮।୫(ସମିସ): ରାଜ୍ୟରେ ନିଗମ ଏବଂ ବିଭିନ୍ନ ବୋର୍ଡରେ ନିଯୁକ୍ତି ନେଇ ରାଜ୍ୟରେ ଘଡ଼ିକେ ଘୋଡ଼ା ଛୁଟୁଛି। ରାଜ୍ୟ ସରକାରଙ୍କୁ ଆସନ୍ତା ଜୁନରେ ୨ ବର୍ଷ ପୂରିବାକୁ ଯାଉଥିବା ବେଳେ ଏଯାଏଁ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀରେ ନିଯୁକ୍ତି ମିଳିପାରିଲା ନାହିଁ। ୨ ବର୍ଷ ମଧ୍ୟରେ ଉଭୟ ସରକାର ଏବଂ ସଂଗଠନ ସ୍ତରରେ ଏନେଇ ଏକାଧିକବାର ଉଦ୍ୟମ ହୋଇଥିଲେ ହେଁ ତାହା ଫଳୀଭୂତ ହୋଇପାରି ନାହିଁ। ଦୁଇ ବର୍ଷ ପୂର୍ତ୍ତି ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବା ଆପାତତଃ ଚୂଡ଼ାନ୍ତ ହୋଇ ଥିଲେ ହେଁ ନିଗମ ଓ ବୋର୍ଡରେ ନିଯୁକ୍ତି ନେଇ ନିଷ୍ପତ୍ତି ହୋଇନାହିଁ। ସଠିକ୍ ସମୟରେ ସଠିକ୍ ନିଷ୍ପତ୍ତି ନିଆଯିବ ବୋଲି ରାଜ୍ୟ ବିଜେପି ସଭାପତି ସବୁବେଳେ ସାନ୍ତ୍ୱନା ଦେଇ ଆସୁଥିବା ବେଳେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ବୟାନ ରଖିଛନ୍ତି। ସରକାରୀ ନିଯୁକ୍ତି ପ୍ରସଙ୍ଗ ଶେଷ ସୋପାନରେ ଅଛି। ସମ୍ଭବତଃ ଚଳିତ ମାସ ଶେଷ ସୁଦ୍ଧା ସେସବୁ ଘୋଷଣା ହୋଇଯିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ ଯେ ନିକଟରେ ଗତ ୮ ତାରିଖରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସାଧାରଣ ଉଦ୍ୟୋଗ ସଚିବଙ୍କୁ ଚିଠି ଲେଖି ରାଜ୍ୟର ସମସ୍ତ ପିଏସୟୁରେ ନୂଆ ସରକାର ଆସିବା ପରେ ହୋଇଥିବା ନିଯୁକ୍ତି ଓ ଖାଲିଥିବା ପଦବୀର ସଦ୍ୟତମ ବିବରଣୀ ନିର୍ଦ୍ଦିଷ୍ଟ ଫର୍ମାଟରେ ତୁରନ୍ତ ଇ-ମେଲ୍ ମାଧ୍ୟମରେ ପଠାଇବାକୁ କହିଥିଲେ। ଏହି ବିବରଣୀ ଗୁରବାର ସୁଦ୍ଧା ସାଧାରଣ ପ୍ରଶାସନ ବିଭାଗ ନିକଟରେ ଦାଖଲ ହୋଇ ସାରିଛି। ତେଣୁ ସବୁ ଯଦି ଠିକ୍ ରୁହେ, ସରକାରଙ୍କ ବର୍ଷପୂର୍ତ୍ତି ପୂର୍ବରୁ ବିଜେପି ନେତା ନିଗମ, ବୋର୍ଡରେ ନିଯୁକ୍ତି ପାଇବା ଏକ ପ୍ରକାର ନିଶ୍ଚିତ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଗତ ୨ ବର୍ଷ ଧରି ଏକାଧିକ ଥର ବୋର୍ଡ ଏବଂ ନିଗମରେ ନିଯୁକ୍ତି ନେଇ ସମ୍ଭାବନା ସୃଷ୍ଟି ହୋଇଥିଲେ ହେଁ ଏହା ସମ୍ଭବ ହୋଇପାରୁ ନଥିଲା। ଦଳ ମଧ୍ୟରେ ବିଭିନ୍ନ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା କାରଣରୁ ଶେଷ ମୁହୂର୍ତ୍ତରେ ଚୂଡ଼ାନ୍ତ ତାଲିକା ପ୍ରକାଶ ହୋଇପାରୁନଥିଲା। ଯାହାକୁ ନେଇ ରାଜ୍ୟ ସରକାରଙ୍କୁ ବିଭିନ୍ନ ସମୟରେ ସମାଲୋଚନାର ଶରବ୍ୟ ହେବାକୁ ପଡ଼ିଛି। ବିଶେଷକରି ବୋର୍ଡ, ନିଗମରେ ଥଇଥାନ ନିଷ୍ପତ୍ତି ନହେବା କାରଣରୁ ଏହା ଉଭୟ ସରକାର ଏବଂ ସଂଗଠନର ନିଷ୍ପତ୍ତି ନେବା କ୍ଷମତା ଏବଂ ପାରସ୍ପରିକ ସମନ୍ୱୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରି ଆସୁଛି। ଆଜି ବିଜେପି ସଭାପତି ନୀତିନ ନବୀନ ମଧ୍ୟ ସଂଗଠନ ଏବଂ ସରକାରଙ୍କ ସମନ୍ୱୟ ଉପରେ ସର୍ବାଧିକ ଗୁରୁତ୍ୱାରୋପ କରିଛନ୍ତି। ତେଣୁ ଅଧିକ କାଳ ବିଳମ୍ବ ନକରି ସରକାର ଏନେଇ ତୁରନ୍ତ ନିଯୁକ୍ତି ପ୍ରଦାନ କରିବାକୁ ସାଧାରଣରେ ମତପ୍ରକାଶ ପାଇଛି। ନହଲେ ସାଧାରଣରେ ସରକାରଙ୍କ ଛବି ଆହୁରି ଖରାପ ହେବ ବୋଲି ତଥ୍ୟଭିତ୍ତିକ ମହଲ ଚେତାଇ ଦେଇଛନ୍ତି।

# ୨୦ରେ +୨ ପରୀକ୍ଷା ଫଳ

ଭୁବନେଶ୍ୱର, ୧୮।୫ (ସମିସ): ଆସନ୍ତା ୨୦ ତାରିଖ ବୁଧବାର ଦିନ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ଦ୍ୱାରା ପରିଚାଳିତ ଯୁକ୍ତ ୨ ପରୀକ୍ଷା ଫଳ ପ୍ରକାଶ ପାଇବ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାର ରେଜଲ୍ଟ ଏକାବେଳେ ପ୍ରକାଶ ପାଇବ। ମଧ୍ୟାହ୍ନ ସାଢ଼େ ୧୨ ଟାରେ ସିଏଚ୍ଏସ୍ଇ କାର୍ଯ୍ୟାଳୟରେ ପରୀକ୍ଷା ଫଳ ପୁସ୍ତିକା ଉନ୍ମୋଚନ ହେବ। ଅପରାହ୍ଣ ୩ ଟା ରେ ୱେବସାଇଟ୍‌ରେ ରେଜଲ୍ଟ ଉପଲବ୍ଧ ହେବ। ଛାତ୍ରଛାତ୍ରୀମାନେ https://results.odisha.gov.in ଓ https://results.digilocker.gov.in ୱେବ୍‌ସାଇଟ୍‌ରେ ନିଜ ରୋଲ୍ ନମ୍ବର ଓ ଜନ୍ମ ତାରିଖ ଦେଇ ପରୀକ୍ଷା ଫଳ ଦେଖି ପାରିବେ। ଏହାସହ ସାମ୍ସ ଇ-କଲେଜ ସ୍ପେସ୍‌ରେ ମଧ୍ୟ ପରୀକ୍ଷା ଫଳ ଉପଲବ୍ଧ ହେବ।

> ମଧ୍ୟାହ୍ନ ସାଢ଼େ ୧୨ରେ ଫଳ ପୁସ୍ତିକା ଉନ୍ମୋଚନ
>
> ଅପରାହ୍ଣ ୩ରେ ୱେବସାଇଟ୍‌ରେ ଉପଲବ୍ଧ

ଚଳିତ ବର୍ଷ ସମୁଦାୟ ୩ ଲକ୍ଷ ୯୬ ହଜାର ୫୯୨ ଜଣ ପରୀକ୍ଷା ଦେଇଛନ୍ତି। କଳାରେ ସର୍ବାଧିକ ୨ଲକ୍ଷ ୫୩ ହଜାର ୫୫୦ ଜଣ ପରୀକ୍ଷା ଦେଇଥିବା ବେଳେ ବିଜ୍ଞାନରେ ୧,୧୩,୪୩୯, ବାଣିଜ୍ୟରେ ୨୪,୦୭୨ ଓ ଧନ୍ଦାମୂଳକ ଶିକ୍ଷାରେ ୫,୫୩୧ ଜଣ ପରୀକ୍ଷା ଦେଇଛନ୍ତି। ଅପରପକ୍ଷରେ ମୋଟ୍ ୫୦୩୧ ଜଣ ପିଲା ପରୀକ୍ଷାରେ ଅନୁପସ୍ଥିତ ରହିଛନ୍ତି। ଚଳିତ ବର୍ଷ ପ୍ରଥମ ଥର ପାଇଁ ଗୋଟିଏ ବିଷୟରେ ମାର୍କ ବଢ଼ାଇବାକୁ ଇମ୍ପ୍ରୁଭମେଣ୍ଟ ପରୀକ୍ଷା ବ୍ୟବସ୍ଥା କରାଯାଇଛି। ସମସ୍ତ ପରୀକ୍ଷାରେ ପାସ୍ କରିଥିବା ପିଲାମାନେ କେବଳ ଗୋଟିଏ ବିଷୟରେ ଅଧିକ ମାର୍କ ରଖିବା ପାଇଁ ଏହି ଇମ୍ପ୍ରୁଭମେଣ୍ଟ (ଉନ୍ନତି) ପରୀକ୍ଷା ଦେଇପାରିବେ। ନିଜ ଇଚ୍ଛା ମୁତାବକ କେବଳ ଗୋଟିଏ ବିଷୟରେ ହିଁ ଏହି ପରୀକ୍ଷା ଦେବାକୁ ଛାତ୍ରଛାତ୍ରୀଙ୍କୁ ସୁଯୋଗ ମିଳିବ। ଏକାଧିକ ବିଷୟରେ ଇମ୍ପ୍ରୁଭମେଣ୍ଟ ପରୀକ୍ଷା ଦେଇପାରିବେ ନାହିଁ। ସେହିପରି ଗୋଟିଏ ପରୀକ୍ଷାରେ ଫେଲ୍ ହୋଇଥିବା ପିଲାମାନେ ପୂର୍ବପରି ଇନଷ୍ଟାଣ୍ଟ ପରୀକ୍ଷା ଦେବେ। ଇନଷ୍ଟାଣ୍ଟ ପରୀକ୍ଷା ସହ ଇମ୍ପ୍ରୁଭମେଣ୍ଟ ପରୀକ୍ଷା ଏକା ସମୟରେ ଅନୁଷ୍ଠିତ ହେବା ସହ ସମାନ ଦିନ ପରୀକ୍ଷା ଫଳ ପ୍ରକାଶ ପାଇବ। ନିୟମିତ ପରୀକ୍ଷାର ଫଳ ପ୍ରକାଶ ପାଇବାର ୬୦ ଦିନ ବା ୨ ମାସ ମଧ୍ୟରେ ଏସବୁ ପରୀକ୍ଷା ସରି ରେଜଲ୍ଟ ପ୍ରକାଶ ପାଇବ।

## ■ ଆୟ ବହିର୍ଭୂତ ସମ୍ପତି ଠୁଳ ଅଭିଯୋଗ

# ପୂର୍ବତନ ତହସିଲଦାରଙ୍କୁ ୩ ବର୍ଷ ଜେଲ୍ ଦଣ୍ଡ

ରାୟଗଡ,୧୮।୫(ସମିସ): ଆୟ ବହିର୍ଭୂତ ସମ୍ପତି ଠୁଳ ଅଭିଯୋଗରେ ରାୟଗଡ ଜିଲ୍ଲାର ପଦ୍ମପୁର ତହସିଲର ପୂର୍ବତନ ଅବସରପ୍ରାପ୍ତ ତହସିଲଦାର କ୍ଷୀରାବ୍ଧି ବେହେରା, ଓଏଏସଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି ଭୁବନେଶ୍ୱର ଭିଜିଲାନ୍ସ ସ୍ୱତନ୍ତ୍ର ଅଦାଲତର ସ୍ୱତନ୍ତ୍ର ବିଚାରପତି। ଓଡିଶା ଭିଜିଲାନ୍ସ ଦ୍ୱାରା ଅବସରପ୍ରାପ୍ତ ତହସିଲଦାର ଶ୍ରୀ ବେହେରାଙ୍କ ବିରୁଦ୍ଧରେ ପିସି ଆଇନ,୧୯୮୮ର ଧାରା ୧୩(୨) ଆର/ ଡବ୍ଲ୍ୟୁ ୧୩(୧)(ଇ) ଅନ୍ତର୍ଗତ ଏକ ମାମଲାରେ ତାଙ୍କ ଜ୍ଞାତ ଆୟ ଉତ୍ସ ଠାରୁ ଅଧିକ ଆୟ ବର୍ହିଭୂତ ସମ୍ପତି ଠୁଳ ରଖିବା ଅଭିଯୋଗରେ ଚାର୍ଜସିଟ୍ ଦାଖଲ କରାଯାଇଥିଲ। ଏହି ମାମଲାର ଶୁଣାଣି କରି ଆଜି ସ୍ୱତନ୍ତ୍ର ବିଚାରପତି ପୂର୍ବତନ ଅବସରପ୍ରାପ୍ତ ତହସିଲଦାର ଶ୍ରୀ ବେହେରାଙ୍କୁ ୩ ବର୍ଷ ପାଇଁ ସଶ୍ରମ କାରାଦଣ୍ଡାଦେଶ ଦେଇଥିବା ବେଳେ ୧ଲକ୍ଷ ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଦଣ୍ଡ ପାଇବା ପରେ ଅବସରପ୍ରାପ୍ତ ପୂର୍ବତନ ତହସିଲଦାର ଶ୍ରୀ ବେହେରାଙ୍କ ପେନସନ୍ ବନ୍ଦ କରିବା ପାଇଁ ଓଡିଶା ଭିଜିଲାନ୍ସ ଏବେ ସକ୍ଷମ ପ୍ରାଧିକରଣଙ୍କ ନିକଟରେ ଆବେଦନ କରିବେ ବୋଲି ରାୟରେ ପ୍ରକାଶ ପାଇଛି।

> ୧ ଲକ୍ଷ ଟଙ୍କା ଜରିମାନା

# କାନ୍ଥ ଭୁଶୁଡି ୩ ବର୍ଷର ଶିଶୁ ମୃତ, ବାପା ଓ ଭାଇ ଗୁରୁତର

ରାଇଘର,୧୮।୫ (ସମିସ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ କସକଙ୍ଗା ପଞ୍ଚାୟତର ଜଡ଼ାପାରାରେ ଘଟିଥିବା ଏକ ଦୁର୍ଘଟଣା ସମଗ୍ର ଅଞ୍ଚଳକୁ ଶୋକାକୁଳ କରିଦେଇଛି। ପଡୋଶୀ ଘରର ମାଟି କାନ୍ଥ ହଠାତ୍ ଭୁଶୁଡି ପଡିବାରୁ ଏକ ପରିବାରର ବାପା ଓ ତାଙ୍କ ଦୁଇ ନାବାଳକ ପୁଅ ମାଟି ତଳେ ଚାପି ହୋଇଯାଇଥିଲେ। ଏହି ଅଘଟଣାରେ ତିନି ବର୍ଷର ଶିଶୁ ବିଜୟ ରାଉତଙ୍କ ମୃତ୍ୟୁ ଘଟିଥିବା ବେଳେ ବାପା କୁଡି ରାଉତ ଓ ପାଞ୍ଚ ବର୍ଷର ପୁଅ ଅଜୟ ରାଉତ ଗୁରୁତର ଆହତ ହୋଇଛନ୍ତି। ଗରମରୁ ରକ୍ଷା ପାଇବା ପାଇଁ କୁଡି ରାଉତ ତାଙ୍କ ଦୁଇ ପୁଅଙ୍କ ସହ ପଡୋଶୀ ଘର ପାଖରେ ଥିବା ଗଛ ତଳେ ବସିଥିବା ସମୟରେ କାନ୍ଥଟି ଭୁଶୁଡି ପଡିଥିଲା। ଘଟଣା ପରେ ଗ୍ରାମବାସୀ ତୁରନ୍ତ ଉଦ୍ଧାର କରି ବାହାର କରିଥିଲେ। ଆହତମାନଙ୍କୁ ପ୍ରଥମେ ହାଟଭାରଣ୍ଡି ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତରମାନେ ପୁଅ ବିଜୟ ରାଉତଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପଟେ ପାଞ୍ଚ ବର୍ଷର ଅଜୟ ରାଉତ ଓ ତାଙ୍କ ବାପା କୁଡି ରାଉତ (୪୫)ଙ୍କୁ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଡାହାଣ ଗୋଡ଼ ଭାଙ୍ଗିଥିବା ଜଣାପଡିଥିଲା ଓ ଅବସ୍ଥା ଜଟିଳ ହେବାରୁ ଜିଲ୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ପରେ ଡାକ୍ତରମାନେ ଉନ୍ନତ ଚିକିତ୍ସା ପାଇଁ କୋରାପୁଟ ମେଡିକାଲକୁ ଯିବାକୁ ପରାମର୍ଶ ଦେଇଥିଲେ। ଦିନ ମଜୁରିଆ ଶ୍ରମିକ ହୋଇଥିବାରୁ ତାଙ୍କ ପାଖରେ ଚିକିତ୍ସା ପାଇଁ ଟଙ୍କା ନଥିଲା। ଫଳରେ କୋରାପୁଟ ଯାଇ ଉନ୍ନତ ଚିକିତ୍ସା କରାଇବା ପରିବର୍ତ୍ତେ ସେମାନେ ଘରକୁ ଫେରିଆସି, ବର୍ତ୍ତମାନ ଗୁରୁତର ଆହତ ଅଜୟ ରାଉତ ଘରେ ଦେଶୀ ଔଷଧ ଚିକିତ୍ସାରେ ନିର୍ଭର କରୁଛନ୍ତି। ପରିବାର ଲୋକଙ୍କ କହିବା ଅନୁଯାୟୀ ଟଙ୍କା ଆମ ପାଖରେ ହେଲେ ଆମ ପୁଅର ଭଲ ଚିକିତ୍ସା ହୋଇପାରନ୍ତା। ଘାଟଣ ପରେ ସମଗ୍ର ଜଡ଼ାପାରା ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

# ଛାତ୍ରଛାତ୍ରୀଙ୍କୁ ବିଷ ପିଆଇ ବିଜେପି ପାଳୁଛି ଅମୃତକାଳ: କଂଗ୍ରେସ

ଭୁବନେଶ୍ୱର,୧୮।୫(ସମିସ): ନିଟ ପରୀକ୍ଷାରେ ଘଟିଥିବା ପ୍ରଶ୍ନ ପତ୍ର ଲିକ ଘଟଣାକୁ ନେଇ ପୁଣି କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଟାର୍ଗେଟ୍ କରିଛି କଂଗ୍ରେସ। ଦେଶର ଛାତ୍ରଙ୍କ ଭବିଷ୍ୟତ ସହିତ ଖେଳିବା ଅତ୍ୟନ୍ତ ଘୃଣିତ କାର୍ଯ୍ୟ ଓ ଏହାକୁ କେବେ କ୍ଷମା କରାଯାଇ ପାରିବ ନାହିଁ ବୋଲି କଂଗ୍ରେସ କହିଛି।

କଂଗ୍ରେସ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଅଶୋକ ଦାସ କହିଛନ୍ତି ଯେ ଦେଶରେ ପ୍ରଶ୍ନପତ୍ର ପ୍ରଘଟ ଏକ ନିତିଦିନିଆ ଘଟଣା ହୋଇ ଯାଇଛି। ସରକାରଙ୍କ ସମସ୍ତ ପରୀକ୍ଷାରେ ପ୍ରଶ୍ନ ପତ୍ର ଲିକ ଓ ବିକ୍ରି ସିଣ୍ଡିକେଟ ଚାଲିଛି। ନୀତି ଓ ନୈତିକତାର ପାଠ ପଢ଼ାଉଥିବା ଦଳ ନିଜ ଉପରକୁ ଆସିଲାବେଳେ ସବୁ ନୀତି ନୈତିକତାକୁ ଜଳାଞ୍ଜଳି ଦେଇ ଦେଉଛି। ଛାତ୍ରଛାତ୍ରୀଙ୍କୁ ବିଷ ପିଆଇ ବିଜେପି ଅମୃତକାଳ ପାଳୁଛି । ତେଣୁ ଓଡ଼ିଆ ପୁଅ ଭାବରେ ଶିକ୍ଷାମନ୍ତ୍ରୀ ଇସ୍ତଫା ଦେଇ ନୀତି ନୈତିକତାର ଦୃଷ୍ଟାନ୍ତ ସୃଷ୍ଟି କରନ୍ତୁ ବୋଲି ବିଧାୟକ ଶ୍ରୀ ଦାସ କହିଛନ୍ତି। ପିସିସି ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ କହିଛନ୍ତି ଯେ, ଜାତୀୟ




କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼୍‌ଗେ କହିଛନ୍ତି ଯେ, ମୋଦୀ ସରକାରରେ "ଅମୃତ କାଳ" ନିଯୁକ୍ତି-ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀଙ୍କ ପାଇଁ 'ମୃତ କାଳ' ସାବ୍ୟସ୍ତ ହେଉଛି। ଦେଶର ଅନେକ ସ୍ଥାନରେ ଏବେ ଛାତ୍ରଛାତ୍ରୀ ଆତ୍ମହତ୍ୟା କରୁଛନ୍ତି। ପ୍ରଧାନମନ୍ତ୍ରୀ "ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଉପରେ ଚର୍ଚ୍ଚା' କରନ୍ତୁ, ଚୁପ୍ ରହିଲେ କିଛି ହେବ ନାହିଁ ବୋଲି ସେ କହିଛନ୍ତି।

ସେହିପରି କେନ୍ଦ୍ର ଶିକ୍ଷାମନ୍ତ୍ରୀ ୧୧ ବର୍ଷଧରି ମନ୍ତ୍ରୀ ରହିଛନ୍ତି। ଆଜି ସାରା ଦେଶର ଛାତ୍ର ଓ ଯୁବବର୍ଗ ତାଙ୍କୁ ଶିକ୍ଷାମନ୍ତ୍ରୀ ନକହି ନିକମ୍ମା ମନ୍ତ୍ରୀ କହିବା ଆରମ୍ଭ କଲେଣି। ବାହାନଗାରେ ରେଳ ଦୁର୍ଘଟଣା ଘଟି ଶହ ଶହ ଲୋକଙ୍କ କରୁଣ ମୃତ୍ୟୁ ଘଟିଲା, ଏପ୍‌ଷ୍ଟିନ ଫାଇଲରେ ପେଟ୍ରୋଲିୟମ ମନ୍ତ୍ରୀଙ୍କ ନାମ ଆସିଲା, ନିଟ ପ୍ରଶ୍ନ ପତ୍ର ଦ୍ୱିତୀୟ ଥର ଲିକ ହୋଇ ଛାତ୍ର ପୁଣିଥରେ ପ୍ରସ୍ତୁତ ହୋଇ ପରୀକ୍ଷା ଦେବାକୁ ବାଧ୍ୟ କରାଗଲା। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ କୌଣସି ମନ୍ତ୍ରୀ ଇସ୍ତଫା ଦେଲେ ନାହିଁ। ଏହା ହେଉଛି ବିଜେପି ଦଳର ଅସଲ ସ୍ୱରୂପ। ଦେଶବାସୀ ବିଜେପି ସରକାରଙ୍କ ଏହି ବିଷ କାଳକୁ ଜାଣି ରଖିବା ଉଚିତ ବୋଲି କହିବା ସହ ଶିକ୍ଷାମନ୍ତ୍ରୀ ତୁରନ୍ତ ମନ୍ତ୍ରୀପଦରୁ ହଟି ଅନ୍ୟ ରାଜ୍ୟରେ ନିର୍ବାଚନ ପ୍ରଚାର କାର୍ଯ୍ୟରେ ଲାଗନ୍ତୁ ବୋଲି ଦଳ କହିଛି।

# ଆଜି ପୂର୍ବାଞ୍ଚଳ କୃଷି ସମ୍ମିଳନୀ

ଭୁବନେଶ୍ୱର, ୧୮।୫(ସମିସ): ଆସନ୍ତାକାଲି ଅର୍ଥାତ୍ ମଙ୍ଗଳବାର ଦିନ ଭୁବନେଶ୍ୱରରେ ପୂର୍ବାଞ୍ଚଳ କୃଷି ସମ୍ମିଳନୀ ଅନୁଷ୍ଠିତ ହେବ। କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବେ। ଏହାସହ ବିଭିନ୍ନ ରାଜ୍ୟର କୃଷି ମନ୍ତ୍ରୀ, ବରିଷ୍ଠ ଅଧିକାରୀ, ବୈଜ୍ଞାନିକ, କୃଷକ ପ୍ରତିନିଧି, କୃଷି ବିଶେଷଜ୍ଞ, କୃଷକ ଉତ୍ପାଦକ ସଂଗଠନ (ଏଫପିଓ), ଷ୍ଟାର୍ଟଅପ୍, ବ୍ୟାଙ୍କ ଏବଂ ଅନ୍ୟାନ୍ୟ ଅଂଶୀଦାରମାନେ ମଧ୍ୟ ଅଂଶଗ୍ରହଣ କରିବେ। କୃଷି କ୍ଷେତ୍ରର ସାମଗ୍ରିକ ବିକାଶକୁ ପ୍ରୋତ୍ସାହିତ କରି କୃଷକଙ୍କ ଆୟ ବୃଦ୍ଧି କରିବା ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ସମନ୍ୱୟକୁ ଅଧିକ ସୁଦୃଢ଼ କରିବା କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ରହିଛି। ସମ୍ମିଳନୀ ସମୟରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯିବ।

> ଯୋଗଦେବେ ମୁଖ୍ୟମନ୍ତ୍ରୀ, କେନ୍ଦ୍ର କୃଷି ମନ୍ତ୍ରୀ ଓ ବିଭିନ୍ନ ରାଜ୍ୟର ମନ୍ତ୍ରୀ

କୃଷକ ପଞ୍ଜୀକରଣରେ ପ୍ରଗତି, ଉଦ୍ୟାନ କୃଷିର ସମ୍ଭାବନା, ଡାଲି କ୍ଷେତ୍ରରେ ଆତ୍ମନିର୍ଭରଶୀଳ ମିଶନ, ଜାତୀୟ ଖାଇବା ତେଲ-ତୈଳବୀଜ ମିଶନ, ପିଏମ-ଆଶା, ଜାତୀୟ ପ୍ରାକୃତିକ କୃଷି ମିଶନ, କୃଷି ଋଣ ଏବଂ କିଷାନ କ୍ରେଡିଟ୍ କାର୍ଡ ସମ୍ପର୍କିତ ପ୍ରସଙ୍ଗ ଉପରେ ବିଶେଷ ଭାବେ ଆଲୋଚନା କରାଯିବ। ସେହିପରି କୃଷି କ୍ଷେତ୍ରରେ ବିଭିନ୍ନ ଆହ୍ୱାନକୁ ମୁକାବିଲା କରି ନବସୃଜନ ବାଣ୍ଟିବା ଏବଂ କୃଷକଙ୍କ ହିତକୁ ଦୃଷ୍ଟିରେ ରଖି ସ୍ଥାୟୀ ବିକାଶ ପାଇଁ ରଣନୀତି ବିକଶିତ କରିବା ପାଇଁ ମଧ୍ୟ ବ୍ୟାପକ ଆଲୋଚନା ହେବ।

## ବିଲ ହିଡ଼ ଏଠି ରାସ୍ତା

# ପୁଣି ଖଟରେ ବୁହାହେଲେ ରୋଗୀ

ଶରତ, ୧୮।୫(ସମିସ): ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ଅନ୍ତର୍ଗତ ପଦ୍ମପୋଖରୀ ଗ୍ରାମପଞ୍ଚାୟତର ଧପଡ଼ା ରାଜସ୍ୱ ଗ୍ରାମ ଅଧୀନ ୫ନଂ ୱାର୍ଡ ଧନାସାହି ଗ୍ରାମର ବିରାଙ୍ଗ ମହାକୁଡ଼ (୩୦)ଙ୍କୁ ଆଜି ଡାକ୍ତରଖାନା ନିଆଯିବା ସମୟରେ ଗ୍ରାମକୁ ଆମ୍ବୁଲାନ୍ସ ପଶିବା ସମସ୍ୟା ହେବାରୁ ତାଙ୍କୁ ଖଟିଆ ଯୋଗେ ୪ କିଲୋମିଟର ଦୂରରେ ଥିବା ଆମ୍ବୁଲାନ୍ସ ନିକଟକୁ ନିଆଯାଇଥିବା ଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଗ୍ରାମକୁ ରାସ୍ତା ନ ଥିବାରୁ ଜରୁରିକାଳୀନ ଗାଡ଼ି ପଶିପାରୁନାହିଁ। ଫଳରେ ରୋଗୀଙ୍କୁ ଖଟ ଓ ଭାରରେ ବୋହି ଆମ୍ବୁଲାନ୍ସ ନିକଟକୁ ନିଆଯାଉଥିବା ଅଭିଯୋଗ ହେଉଛି।

ସୂଚନା ମୁତାବକ, ଧନାସାହି ଗ୍ରାମର ରାମ ମହାକୁଡ଼ଙ୍କ ସ୍ତ୍ରୀ ବିରାଙ୍ଗ ମହାକୁଡ଼ ଘର ପାଖରେ କାମ କରୁଥିବା ସମୟରେ ହଠାତ ଅସୁସ୍ଥ ହୋଇପଡ଼ିଥିଲେ। ସେ ଅତ୍ୟନ୍ତ ଗୁରୁତର ହେବା କାରଣରୁ ୧୦୮ ଆମ୍ବୁଲାନ୍ସ ଡକାଯାଇଥିଲା। ଆମ୍ବୁଲାନ୍ସ ଆସିଥିଲା ସତ, କିନ୍ତୁ ଗ୍ରାମକୁ ଭଲ ରାସ୍ତା ନ ଥିବା ଯୋଗୁଁ ଗାଁ ପର୍ଯ୍ୟନ୍ତ ପହଞ୍ଚି ପାରି ନ ଥିଲା। ଫଳରେ ଗାଁ ଲୋକ ତାଙ୍କୁ ୪ କିଲୋମିଟର ପର୍ଯ୍ୟନ୍ତ ଆମ୍ବୁଲାନ୍ସ ଧରିବା ପାଇଁ ଖଟିଆରେ ବୋହି ଆଣିଥିଲେ। ଧନାସାହି ବାସିନ୍ଦାଙ୍କୁ ରାସ୍ତା ଓ ପାନୀୟଜଳ ଯୋଗାଣ ଭଳି ମୌଳିକ ସୁବିଧା ପ୍ରଦାନ କରାଯିବା ଦାବିରେ ଗ୍ରାମବାସୀ ୨୦୨୫ ଅକ୍ଟୋବର ୨୪ ତାରିଖ ଦିନ କପ୍ତିପଦା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଗ୍ରାମର ସମସ୍ୟା ସମାଧାନ କରିବାକୁ କପ୍ତିପଦା ବିଡିଓ ଓ ପଦ୍ମପୋଖରୀ



ପଞ୍ଚାୟତ ଦାୟିତ୍ୱରେ ଥିବା ଯନ୍ତ୍ରୀ ଭାରତ ସିଂହ ଧନାସାହି ଗ୍ରାମ ଗସ୍ତ କରି ଉକ୍ତ ଗ୍ରାମର ଦୂରବସ୍ଥା ଦେଖିବା ସହିତ ରାସ୍ତାର ଉନ୍ନତିକରଣ କରାଯିବା ନିମନ୍ତେ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଧନାସାହି ଗ୍ରାମକୁ କପ୍ତିପଦା ବିଡିଓଙ୍କ ଗସ୍ତକୁ ୮ ମାସ ବିତିଯାଇଥିଲେ ସୁଦ୍ଧା ଗ୍ରାମର ଗୋଟିଏ ହେଲେ ମଧ୍ୟ ରାସ୍ତା ନିର୍ମାଣ ହୋଇପାରିଲାନାହିଁ।

୨୦୨୫ ନଭେମ୍ବର ୨୨ ତାରିଖ ଦିନ ଧନାସାହି ଗ୍ରାମର ନାଦୀ ମହାକୁଡ଼ ନାମକ ଜଣେ ଗର୍ଭବତୀ ମହିଳା ପ୍ରସବ ଚିକିତ୍ସା ନିମନ୍ତେ ଡାକ୍ତରଖାନାକୁ ଖଟିଆରେ ବୁହା ହୋଇଯିବା ସମୟରେ ବାଟରେ ହିଁ ପ୍ରସବ କରିବା ଘଟଣା ମୟୂରଭଞ୍ଜ ଜିଲ୍ଲାକୁ ସମଗ୍ର ରାଜ୍ୟରେ ଲଜ୍ଜିତ କରିଥିଲା। ଗ୍ରାମରେ ରାସ୍ତା ନିର୍ମାଣ ହେବାର ଆବଶ୍ୟକତା ରହିଛି। ବିଲ ହିଡ ଏଠି ରାସ୍ତା। ମୁଖ୍ୟମନ୍ତ୍ରୀଙ୍କ ଗ୍ରାମ୍ୟ ସଡ଼କ ଯୋଜନା ଏଠି ସାତସପନ। ଧନାସାହି ଗ୍ରାମବାସୀଙ୍କ ନିମନ୍ତେ ପ୍ରଧାନମନ୍ତ୍ରୀଙ୍କ ଗ୍ରାମ୍ୟ ସଡ଼କ ଯୋଜନା ଏମାନଙ୍କ ପାଇଁ ସାତସପନ। ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ଗ୍ରାମକୁ ମିଳୁନି ଆର୍ଥିକ ଅନୁଦାନ। ଧନାସାହି ବାସିନ୍ଦା ଆଜି ବି ବିକାଶର ସୂର୍ଯ୍ୟାଲୋକକୁ ଅପେକ୍ଷା କରି ରହିଛନ୍ତି। ଗ୍ରାମରେ ମୋବାଇଲ ନେଟୱାର୍କ ଆସୁନି। ରାସ୍ତା ନିର୍ମାଣ ସମ୍ପର୍କରେ ପଦ୍ମପୋଖରୀ ପଞ୍ଚାୟତ ଦାୟିତ୍ୱରେ ଥିବା ରାସ୍ତା ନିର୍ମାଣ

- ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଗ୍ରାମ୍ୟ ସଡ଼କ ଯୋଜନା ଏଠି ସାତସପନ
- ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ଗ୍ରାମକୁ ମିଳୁନି ଆର୍ଥିକ ଅନୁଦାନ

ବିଭାଗ ଯନ୍ତ୍ରୀ ଭାରତ ସିଂହଙ୍କ ପ୍ରତିକ୍ରିୟା ନେବା ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାଙ୍କ ମୋବାଇଲ ସ୍ୱିଚଅଫ ଥିବା ଜଣାପଡ଼ିଛି। ଆଗାମୀ ୪ ସପ୍ତାହ ମଧ୍ୟରେ ମଧ୍ୟରେ ଧନାସାହି ଗ୍ରାମରେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବା ନିମନ୍ତେ ପଦକ୍ଷେପ ଗ୍ରହଣ କରା ନ ଗଲେ ଗ୍ରାମବାସୀ କପ୍ତିପଦା ବ୍ଲକ ପ୍ରଶାସନ ଓ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ବିରୋଧରେ ଓଡ଼ିଶା ଉଚ୍ଚନ୍ୟାୟାଳୟରେ ଜନସ୍ୱାର୍ଥ ମାମଲା ଦାଏର କରିବେ ବୋଲି ଗ୍ରାମର ନବୀନ ମୁଣ୍ଡରୀ, ଟିପୁ ମୁଣ୍ଡରୀ, ଜାମାଦାର ବାଲମୁଚୁ, ମାନି ମୁଣ୍ଡରୀ, ଗାମାଏ ରୀମିଲ ଗୋଇପାଇ ପ୍ରମୁଖ ଗଣମାଧ୍ୟମ ଜରିଆରେ ପ୍ରଶାସନକୁ ଚେତାବନୀ ଦେଇଛନ୍ତି।

ସକାଳ THE SAKALA



## ଜିଲ୍ଲାରେ ଏସ୍ଆଇଆର୍ ପାଇଁ ପ୍ରସ୍ତୁତି

# ନିର୍ଭୁଲ୍ ଭୋଟର ତାଲିକା ପ୍ରସ୍ତୁତ ସମସ୍ତଙ୍କ ଦାୟିତ୍ୱ

ପୁରୀ,୧୮।୫(ସମିସ)



ପୁରୀ ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସ୍ଆଇଆର୍ ପ୍ରକ୍ରିୟା ଆରମ୍ଭ ହୋଇଛି। ଭାରତର ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ଚଳିତ ବର୍ଷ ଜୁଲାଇ ୧ ତାରିଖକୁ ଯୋଗ୍ୟତା ତାରିଖ ଭାବେ ଧରାଯାଇ କାର୍ଯ୍ୟସୂଚୀ ଚୂଡ଼ାନ୍ତ ହୋଇଛି ବୋଲି ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଦିବ୍ୟଜ୍ୟୋତି ପରିଡ଼ା ସୂଚନା ଦେଇଛନ୍ତି। ସୋମବାର ସର୍କିଟ୍ ହାଉସ୍ଠାରେ ଏସ୍ଆଇଆର୍ ସମ୍ପର୍କରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଶ୍ରୀ ପରିଡ଼ା ଏକ ସୁସ୍ଥ, ସଠିକ୍ ଓ ନିର୍ଭୁଲ୍ ଭୋଟର ତାଲିକା ପ୍ରସ୍ତୁତ କରିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ। ପ୍ରତ୍ୟେକ ବୁଥ୍ ପାଇଁ ବିଏଲ୍ଓ ବା ବୁଥ୍ ଲେବଲ ଅଫିସରଙ୍କ ସହ ତାହାକୁ ତଦାରଖ ପାଇଁ ସୁପରଭାଇଜରମାନଙ୍କୁ ଦାୟିତ୍ୱ ଦିଆଯାଇଛି। ତେବେ ରାଜନୈତିକ ଦଳମାନେ ପ୍ରତ୍ୟେକ ବୁଥ୍ରେ ବିଏଲ୍ଏ ବା ବୁଥ୍ ଲେବଲ ଏଜେଣ୍ଟଙ୍କୁ ଦାୟିତ୍ୱ ଦେଲେ ଏହା ଅଧିକ ସ୍ୱଚ୍ଛ ଓ ଶୃଙ୍ଖଳିତ ଭାବେ ପରିଚାଳିତ ହୋଇପାରିବ ବୋଲି ଜିଲ୍ଲାପାଳ କହିଥିଲେ। କାର୍ଯ୍ୟସୂଚୀ ଅନୁସାରେ, ଜୁଲାଇ ୧ ତାରିଖକୁ ଯୋଗ୍ୟତା ତାରିଖ ଧରାଯାଇଛି। ମେ' ୨୦ରୁ ୨୯ ତାରିଖ ପର୍ଯ୍ୟନ୍ତ ପ୍ରସ୍ତୁତି, ପ୍ରଶିକ୍ଷଣ ଓ ପ୍ରିଣ୍ଟିଂ କାର୍ଯ୍ୟ କରାଯିବ। ବିଏଲ୍ଓମାନେ ମେ' ୩୦ରୁ ଜୁନ୍ ୨୮ ତାରିଖ ପର୍ଯ୍ୟନ୍ତ ଘରକୁ ଘର ବୁଲି ସର୍ଭେ କରିବେ। ଜୁନ୍ ୨୮ ତାରିଖରେ ରାସନାଇଜେସନ କରାଯିବ। ଜୁଲାଇ ୫ରେ ଡ୍ରାଫ୍ଟ ଭୋଟର ତାଲିକା ପ୍ରଦର୍ଶିତ ହେବ। ଜୁଲାଇ ୫ରୁ ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ଆପତ୍ତି ଅଭିଯୋଗ କରାଯାଇପାରିବ। ଜୁଲାଇ ୫ରୁ ସେପ୍ଟେମ୍ବର ୨ ତାରିଖ ସୁଦ୍ଧା ଆପତ୍ତି ଅଭିଯୋଗଗୁଡ଼ିକର ଶୁଣାଣି ସହ ଫଇସଲା କରାଯାଇ ଚୂଡ଼ାନ୍ତ ଭୋଟର ତାଲିକା ସେପ୍ଟେମ୍ବର ୬ ତାରିଖରେ ପ୍ରକାଶିତ ହେବ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ।

ଜିଲ୍ଲାରେ ମୋଟ୍ ୧୬୦୯ ବୁଥ୍ ଥିବାବେଳେ ୧୬୦୯ ବିଏଲ୍ଓ ଏବଂ ୧୬୧ ସୁପରଭାଇଜରଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ୬ଜଣ ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଧିକାରୀ ବା ଇଆର୍ଓ ଏବଂ ୩୧ ଜଣ ଏଇଆର୍ଓ ଦାୟିତ୍ୱରେ ରହିବେ। ଜିଲ୍ଲାରେ ମେ' ୧୭ ତାରିଖ ସୁଦ୍ଧା ମୋଟ ଭୋଟରଙ୍କ ସଂଖ୍ୟା ୧୩ ଲକ୍ଷ ୮୭ ହଜାର ୯୩୦ ରହିଛି। ଏଥିରେ ପୁରୁଷ ଭୋଟରଙ୍କ ସଂଖ୍ୟା ୭ ଲକ୍ଷ ୧୩ ହଜାର ୩୦, ମହିଳା ଭୋଟର ୬ ଲକ୍ଷ ୭୪ ହଜାର ୮୨୦ ଓ ୮୦ ଜଣ ଅନ୍ୟାନ୍ୟ ଭୋଟର ରହିଛନ୍ତି। ଏଥିରେ ୧୮ରୁ ୧୯ ବର୍ଷ ବୟସ୍କ ଯୁବ ଭୋଟରଙ୍କ ସଂଖ୍ୟା ୨୪ ହଜାର ୫୨୦ ରହିଛି, ଯାହା ମୋଟ୍ ଭୋଟରଙ୍କ ଅନୁପାତର ୧.୭୭ ପ୍ରତିଶତ। ସେହିପରି ୮୫ ବର୍ଷରୁ ଊର୍ଦ୍ଧ୍ୱ ଭୋଟରଙ୍କ ସଂଖ୍ୟା ୧୬ ହଜାର ୭୩୬ ଅର୍ଥାତ୍ ୧.୨୧ ପ୍ରତିଶତ ରହିଥିବାବେଳେ ଦିବ୍ୟାଙ୍ଗ ଭୋଟରଙ୍କ ସଂଖ୍ୟା ୧୭ ହଜାର ୬୭୭ ଅର୍ଥାତ ୧.୨୭ ପ୍ରତିଶତ ରହିଛି। ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଜିଲ୍ଲାର ଭୋଟର ତଥ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସ୍ନେହା ଅରୁଗୁଳା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଉପଜିଲ୍ଲାପାଳ ରାଜକିଶୋର ଜେନା, ଅତିରିକ୍ତ ଉପଜିଲ୍ଲାପାଳ ନୀଳମାଧବ ମାଝୀ, ଡେପୁଟି କଲେକ୍ଟର ରୁନୀତା ପ୍ରଧାନ, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଓ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ପୁଲିସ ପୁଅର ବୃଦ୍ଧ ବାପା-ମାଆଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା

ବଳଙ୍ଗା,୧୮।୫(ସମିସ): ବଳଙ୍ଗା ଥାନା ଅନ୍ତର୍ଗତ ଘୁଷୁରୀଖାଲ ଗ୍ରାମରେ ପୁଲିସ ବିଭାଗରେ ଚାକିରି କରିଥିବା ଜଣେ ଯୁବକ ବୃଦ୍ଧା ବାପା-ମାଆଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ମାଡ଼ ମାରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ବଳଙ୍ଗା ପୁଲିସ ପକ୍ଷରୁ ଘଟଣାର ତଦନ୍ତ ଆରମ୍ଭ କରାଯାଇଛି। ସୂଚନା ମୁତାବକ, ଘୁଷୁରୀଖାଲ ଗ୍ରାମର ଶାନ୍ତିଲତା ମହାରଣା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ତାଙ୍କର ୩ ଝିଅ ଓ ଗୋଟିଏ ପୁଅ ହରିଚନ୍ଦନ ମହାରଣା। ହରିଚନ୍ଦନ କଳାହାଣ୍ଡି ଜିଲ୍ଲାରେ ପୁଲିସ ବିଭାଗରେ ଚାକିରି କରିଛନ୍ତି। ହରିଚନ୍ଦନ ଶାନ୍ତିଲତାଙ୍କ ଭାଇଙ୍କ ପୁଅ ହୋଇଥିଲା ବେଳେ ଜନ୍ମ ସମୟରେ ଭାଉଜଙ୍କ ମୃତ୍ୟୁ ହେବାରୁ ଶାନ୍ତିଲତା ତାଙ୍କୁ ପୁଅକରି ନିଜ ପାଖରେ ରଖି ବିବାହ କାର୍ଯ୍ୟ ସମ୍ପନ୍ନ କରାଇଛନ୍ତି। ପୁଅ ଅନେକ ସମୟରେ ଡ୍ୟୁଟିକୁ ନ ଯାଇ ମଦ୍ୟପାନ କରି ଶାନ୍ତିଲତା ଓ ତାଙ୍କ ବାପା ସର୍ବେଶ୍ୱରଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ମାଡ଼ମାରି ଆସୁଛନ୍ତି। ଗତ କିଛିଦିନ ତଳେ ଶାନ୍ତିଲତାଙ୍କ ଦିଅରଙ୍କ ମୃତ୍ୟୁ ହୋଇଥିଲାବେଳେ ପରିବାର ପକ୍ଷରୁ ଦଶାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏହି



ଦଶାହ କାର୍ଯ୍ୟରେ ହରିଚନ୍ଦନ ୫୦ ହଜାର ଟଙ୍କା ଖର୍ଚ୍ଚ କରିଥିବା ଓ ସେ ବାବଦରେ ସର୍ବେଶ୍ୱରଙ୍କ ନାମରେ ଥିବା ସମ୍ପତ୍ତିକୁ ନିଜ ନାମରେ କରିବା ପାଇଁ କହିଥିଲେ। ଫଳରେ ସର୍ବେଶ୍ୱର ଓ ପତ୍ନୀ ଶାନ୍ତିଲତା ମନା କରିବାରୁ ହରିଚନ୍ଦନ ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଶାନ୍ତିଲତାଙ୍କୁ ମାଡ଼ ମାରିଥିଲେ। ଥାନାକୁ ଗଲେ ଉଭୟଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିବା ନେଇ ଅଭିଯୋଗରେ ଦର୍ଶାଯାଇଛି।

## ଅନ୍ଲାଇନ୍ ଆଡ୍ମିଶନ ପ୍ରକ୍ରିୟା

# ମାର୍ଗଦର୍ଶନ କରିବେ ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀ

ପୁରୀ,୧୮।୫(ସମିସ): ଜିଲ୍ଲା ଶିକ୍ଷା ବିଭାଗ, ଶିଶୁ ସୁରକ୍ଷା ବିଭାଗ ଓ ସରକାରୀ ଶିକ୍ଷ ତାଲିମ୍ କେନ୍ଦ୍ର ପୁରୀଙ୍କ ମିଳିତ ପ୍ରୟାସରେ ଜିଲ୍ଲାର ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ନେଇ ସମନ୍ୱିତ ଅନ୍ଲାଇନ୍ ଆବେଦନ ପୋର୍ଟାଲ ସାମ୍ସ ସମ୍ବନ୍ଧୀୟ ଆଭାସୀ ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ବିଭାଗର ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଦ୍ୱିତୀକାନ୍ତ ପ୍ରଧାନ ଅଧ୍ୟକ୍ଷତା କରି ଅଂଶଗ୍ରହଣ କରିଥିବା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ କହିଥିଲେ ଯେ, ମାଟ୍ରିକ ପରୀକ୍ଷା ପରେ ଛାତ୍ରଛାତ୍ରୀମାନେ ଯେପରି ସାମ୍ସ ପୋର୍ଟାଲ ସମ୍ପର୍କିତ ଜ୍ଞାନ ଆହରଣ କରିବେ ଏବଂ ସହଜରେ ନିଜର ପସନ୍ଦ ମୁତାବକ ବିଷୟ ଓ କଲେଜରେ ପାଠ ପଢ଼ିପାରିବେ ସେ ସମ୍ବନ୍ଧରେ ପିଲାମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବେ। ଶିଶୁ ସୁରକ୍ଷା ଅଧିକାରୀ ଶୁଭନାରାୟଣ ଶତପଥୀ ମାଟ୍ରିକ୍ ପରୀକ୍ଷା ପରେ ଛାତ୍ରଛାତ୍ରୀମାନେ ସାମ୍ସ ପୋର୍ଟାଲରେ ଅନ୍ଲାଇନ୍ ଆବେଦନରେ ସାମ୍ନା କରୁଥିବା ସମସ୍ୟାକୁ ଦୂର କରିବା ବ୍ୟାପକ ସଚେତନତା ସୃଷ୍ଟି ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ନିଆଯାଇଥିବା ଏହି ପଦକ୍ଷେପ ଦ୍ୱାରା ଜିଲ୍ଲାର ସବୁ ବର୍ଗର ପିଲା, ଅଭିଭାବକ ଉପକୃତ ହୋଇପାରିବେ ବୋଲି କହିଥିଲେ। ଅନେକ ସମୟରେ ଦୁର୍ବଳ ଶ୍ରେଣୀର ଛାତ୍ରଛାତ୍ରୀ ଅଭିଭାବକମାନେ ଏହି ପୋର୍ଟାଲ୍ ସମ୍ବନ୍ଧରେ ବିସ୍ତୃତ ଭାବରେ ଜାଣିପାରୁ ନ ଥିବା କାରଣରୁ ପଞ୍ଜୀକରଣ, ଆବେଦନ ପ୍ରକ୍ରିୟାରେ ଅସୁବିଧାର ସାମ୍ନା କରୁଥିବାର ଜଣାପଡ଼ିଥିଲା। ବର୍ତ୍ତମାନ ଏସବୁ ଦୂର କରିବା ପାଇଁ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ପ୍ରଧାନଶିକ୍ଷୟିତ୍ରୀଙ୍କ ସହଯୋଗରେ ଆଧାରକାର୍ଡ ସହିତ ମୋବାଇଲ୍ ସଂଯୋଗ, ଚଏସ୍ ଫିଲିଙ୍ଗ୍, ସ୍ଲାଇଡ୍ ଅପ୍ ଆଦି ବିଷୟରେ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ଏହି ଅଭିନବ ପଦକ୍ଷେପ ନିଆଯାଇଛି। ଫଳରେ ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ସମ୍ପୃକ୍ତ ବିଦ୍ୟାଳୟରୁ ପାସ୍ କରୁଥିବା ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ସାମ୍ସ ପୋର୍ଟାଲରେ ପଞ୍ଜୀକରଣ ଓ ଆବେଦନର ସମ୍ପୂର୍ଣ୍ଣ ପ୍ରକ୍ରିୟା ଉପରେ ମାର୍ଗଦର୍ଶନ କରିପାରିବେ। ଏହି କାର୍ଯ୍ୟକ୍ରମରେ ସରକାରୀ ଶିକ୍ଷ କେନ୍ଦ୍ରର ସହକାରୀ ତାଲିମ୍ ଅଧିକାରୀ ସନାତନ ସାହୁ, କୃଷ୍ଣପ୍ରସାଦ ଆଇଟିଆଇ ଅଧ୍ୟକ୍ଷ ଚନ୍ଦ୍ରଶେଖର ସୁନ୍ଦରାୟ ପୋର୍ଟାଲ ସମ୍ବନ୍ଧରେ ପ୍ରାଞ୍ଜଳ ଭାବେ ବୁଝାଇବା ସହିତ ନିଯୁକ୍ତି ଓ ଆତ୍ମନିର୍ଭରଶୀଳ ହେବା ପାଇଁ ବୈଷୟିକ ଶିକ୍ଷାରେ ଛାତ୍ରଛାତ୍ରୀମାନଙ୍କୁ ସାମିଲ୍ କରିବାକୁ ପରାମର୍ଶ ଦେଇଥିଲେ।

## ଚାଷୀଙ୍କଠାରୁ ଲକ୍ଷେ ଟଙ୍କା ଝାମ୍ପିନେଲେ ଦୁର୍ବୃତ୍ତ

କଣାସ,୧୮।୫(ସମିସ): ବ୍ୟାଙ୍କରୁ ଟଙ୍କା ଉଠାଣ କରି କଣାସ ବ୍ଲକ୍ କଣାସ ଗ୍ରାମପଞ୍ଚାୟତ ଡିମିରି ଗ୍ରାମର ଚାଷୀ କାର୍ତ୍ତିକ ସାହୁ ଘରକୁ ଫେରୁଥିବାବେଳେ ଦୁଇ ଜଣ ଦୁର୍ବୃତ୍ତ ତାଙ୍କଠାରୁ ୧ ଲକ୍ଷ ଟଙ୍କା ନେଇଯାଇଥିବା ସେ କଣାସ ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି। କାର୍ତ୍ତିକ ଧାନ ବିକ୍ରୟ କରି ଭାରତୀୟ ଷ୍ଟେଟ୍ ବ୍ୟାଙ୍କରେ ଟଙ୍କା ଜମା ରଖିଥିଲେ। ସୋମବାର ଦିନ ୧୧ଟା ସମୟରେ ବ୍ୟାଙ୍କରୁ ଟଙ୍କା ଉଠାଣ କରି ବ୍ୟାଗ୍କୁ ସାଇକଲ ହ୍ୟାଣ୍ଡେଲ୍ରେ ଟାଙ୍ଗି ଗ୍ରାମକୁ ଯାଉଥିବା ସମୟରେ ଜଳିଆପଡ଼ା ନିକଟରେ ପରିଶ୍ରା ଲାଗିବାରୁ ସାଇକଲ ଷ୍ଟାଣ୍ଡ ମାରି ପରିଶ୍ରା କରୁଥିଲେ। ଏହି ସମୟରେ ପଛରୁ ଦୁଇ ଜଣ ଦୁର୍ବୃତ୍ତ ବାଇକ୍ରେ ଆସି ଟଙ୍କା ରଖିଥିବା ବ୍ୟାଗ୍କୁ ନେଇ ପଳାଇ ଯାଇଥିଲେ। ପୁଲିସ ୧୧୧/୨୬ରେ ମାମଲା କରାଯାଇ ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଯାଞ୍ଚ କରାଯାଇଛି।

## ବ୍ରହ୍ମଗିରି ବ୍ଲକ୍ରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି



ବ୍ରହ୍ମଗିରି,୧୮।୫(ସମିସ): ସୋମବାର ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ରହ୍ମଗିରି ବ୍ଲକ୍ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଶରତ କୁମାର ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୋଟ୍ ୫୩ଟି ଅଭିଯୋଗ ମିଳିଥିଲା। ଆବାସ ଯୋଜନା, ଭତ୍ତା, ପାନୀୟ ଜଳ ଯୋଗାଣ, ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ୍, ଅନ୍ତ୍ୟୋଦୟ ଗୃହ, ସ୍ୱାସ୍ଥ୍ୟ ସେବା ଏବଂ ଜମିଜମା ସମସ୍ୟା ଉପରେ ଅଧିକ ଅଭିଯୋଗକାରୀ ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। କିଛି ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବାବେଳେ ଆଉ କିଛି ସମସ୍ୟା ୭ ଦିନ ଭିତରେ ସମାଧାନ ହୋଇଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟ ଅଭିଯୋଗଗୁଡ଼ିକର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗମାନଙ୍କୁ ପ୍ରେରଣ କରାଯାଇଥିଲା। ଏହି ଶୁଣାଣିରେ ଉପଜିଲ୍ଲାପାଳ ରାଜକିଶୋର ଜେନା, ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସ୍ନେହା ଅରଗୁଳା, ସିଡିଏମ୍ଓ ଡା. ଅକ୍ଷୟ କୁମାର ଶତପଥୀ, ବ୍ରହ୍ମଗିରି ବିଡିଓ ମନୀଷା ଷଡ଼ଙ୍ଗୀ, ତହସିଲ୍ଦାର ଦେବାଶିଷ ସେଠୀ, ବ୍ରହ୍ମଗିରି ବ୍ଲକ୍ ଅଧ୍ୟକ୍ଷା ରତ୍ନମାଳା ବେହେରା ଏବଂ ଅନ୍ୟ ଅଧିକାରୀମାନେ ଯୋଗଦେଇଥିଲେ। ଅନ୍ୟପକ୍ଷରେ ବିଭିନ୍ନ ସମସ୍ୟାକୁ ନେଇ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ଏବେ ବି କୌଣସି ସମାଧାନ ହୋଇ ନ ଥିବା ହିତାଧିକାରୀମାନେ ଅଭିଯୋଗ କରିଛନ୍ତି। ଏହି ଜନଶୁଣାଣିର ସଠିକ୍ ଭାବେ ପ୍ରଚାରପ୍ରସାର ହେଉ ନ ଥିବାରୁ ଅଧିକାରୀମାନଙ୍କ ତୁଳନାରେ ଅଭିଯୋଗକାରୀଙ୍କ ସଂଖ୍ୟା କମ୍ ଥିବା ଦେଖିବାକୁ ମିଳିଥିଲା।

### ● ନିଆରା ଢଙ୍ଗରେ ଜନ୍ମଦିନ ପାଳିଲେ ଡାକ୍ତର ଶିବ ପ୍ରସାଦ

## ରୋଗୀଙ୍କୁ ଫଳ ବାଣ୍ଟିଲେ, ନୀଳାଦ୍ରି ନିଳୟକୁ ଅର୍ଥ ଦାନ କଲେ

ଗୋପ,୧୮।୫(ସମିସ): ଆଜିର ଦୁନିଆରେ ସମସ୍ତେ ନିଜର ଜନ୍ମଦିନକୁ ବହୁ ଆଡ଼ମ୍ବରରେ ପାଳନ କରୁଥିବାବେଳେ ଗୋପ ସ୍ୱାସ୍ଥ୍ୟ କେନ୍ଦ୍ରର ମହିଳା ଓ ପ୍ରସୂତି ବିଭାଗର ଡାକ୍ତର ଶିବ ପ୍ରସାଦ ମଙ୍ଗରାଜ ସମ୍ପୂର୍ଣ୍ଣ ଭିନ୍ନ। ନିଜ ପାଖରେ ସବୁ କିଛି ଥାଇ ବି ସେ ନିଜର ଜନ୍ମଦିନକୁ ଏକ ନିଆରା ଢଙ୍ଗରେ ପାଳନ କରିଛନ୍ତି। ଦେଖାଇଛନ୍ତି ପଣିଷପଣିଆ। ତାଙ୍କର ଆଜି ୬୩ତମ ଜନ୍ମ ବାର୍ଷିକ ଉତ୍ସବ ଥିଲା। ଡା. ମଙ୍ଗରାଜ ଜନ୍ମଦିନରେ ନିଜର କାର୍ଯ୍ୟରତ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ସମସ୍ତ ରୋଗୀଙ୍କୁ ଫଳ ବଣ୍ଟନ କରିବା ସହ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଥିଲେ। ସେଠାରୁ କୁହୁରାଠାରେ ଥିବା ନୀଳାଦ୍ରି ନିଳୟକୁ ଯାଇ ସେଠାରେ ଥିବା ମାନସିକ ଦିବ୍ୟାଙ୍ଗ ରୋଗୀଙ୍କ ସହିତ କିଛି ସମୟ ବିତାଇଥିଲେ। ରୋଗୀମାନଙ୍କୁ ସେମାନଙ୍କ ଭଲ ମନ୍ଦ ବୁଝିବା ସହିତ ସେମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ବୁଝିଥିଲେ। ନୀଳାଦ୍ରି ନିଳୟରେ ଥିବା ସମସ୍ତଙ୍କ ଆର୍ଥିକ ଖର୍ଚ୍ଚ ପାଇଁ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ।



### ● ମିଲିପ୍ରିୟା ହତ୍ୟାକାଣ୍ଡ ଘଟଣା

## ହତ୍ୟା ପରେ କୀଟନାଶକ ପିଇଦେଇଥିଲା ସ୍ମୃତିରଞ୍ଜନ

କାକଟପୁର,୧୮।୫(ସମିସ): ଗତ ୧୫ ତାରିଖ ବିଳମ୍ବିତ ରାତିରେ କାକଟପୁର ଥାନା ଅଧୀନସ୍ଥ ଶଙ୍କରେଶ୍ୱରଠାରେ ଘଟିଥିବା ଲୋମଟାଙ୍କୁରା ହତ୍ୟାକାଣ୍ଡର ଆଉ ଏକ ଟ୍ୱିଷ୍ଟ ସାମ୍ନାକୁ ଆସିଛି। ହତ୍ୟାକାରୀ ଭଣଜା ସ୍ମୃତିରଞ୍ଜନ ମାଇଁ ଲିଲିପ୍ରିୟାଙ୍କ ସାନଭଉଣୀ ମିଲିପ୍ରିୟାଙ୍କୁ ହତ୍ୟା କରିବା ପରେ ନିଜେ କୀଟନାଶକ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ ବୋଲି ପୁଲିସ ସୂତ୍ରରୁ ଜାଣିବାକୁ ମିଳିଛି। ଅଭିଯୁକ୍ତ ସ୍ମୃତିରଞ୍ଜନ ମିଲିପ୍ରିୟାଙ୍କ ସହିତ ବଚସା ହେବା ପରେ ତାଙ୍କୁ ହତ୍ୟାକରି ଘାଷମରା ଔଷଧ ପିଇ ଆତ୍ମହତ୍ୟା ଉଦ୍ୟମ କରିବା ପରେ ନିକଟସ୍ଥ ଏକ ପରିତ୍ୟକ୍ତ କୂଅରେ ପଡ଼ିଥିଲେ। ପୁଲିସ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ବାଙ୍ଗୁରିଗାଁ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ପରେ ଅବସ୍ଥା ଗୁରୁତର ହେବାରୁ ଅଭିଯୁକ୍ତ ସ୍ମୃତିରଞ୍ଜନକୁ ଭୁବନେଶ୍ୱରସ୍ଥିତ ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି ବୋଲି କାକଟପୁର ପୁଲିସ ପକ୍ଷରୁ ସୂଚନା ମିଳିଛି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ନୟାହାଟ,୧୮।୫(ସମିସ): କୁଣ୍ଢେଇ କେନାଲ ବନ୍ଧରେ ଏକ ଲିମ୍ବ ଗଛରୁ ସୋମବାର ଜନୈକ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ମୃତକ ଜଣକ ହେଲେ ହେମନ୍ତ ମହାରଣା(୪୫)। ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଚରିଛକ ପଠାଇଥିଲେ। ଏନେଇ ଗୋପ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ ୧୧/୨୬) ରୁଜୁ ହୋଇଛି। ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅନ୍ତର୍ଗତ ବରଗୋରଡ଼ା ଗ୍ରାମର ହେମନ୍ତ ମହାରଣା (୪୫)ଙ୍କର ସିଙ୍ଘପାନିଆଁ ଗ୍ରାମ ପଛପଟେ ଥିବା କୁଣ୍ଢେଇ କେନାଲ ବନ୍ଧର ଲିମ୍ବ ଗଛ ଡାଳରେ ବେକରେ ଗାମୁଛା ବାନ୍ଧି ଝୁଲି ପଡ଼ିଥିଲେ। ମୃତ ହେମନ୍ତଙ୍କ ପତ୍ନୀ, ପୁଅ ଭୁବନେଶ୍ୱରରେ ରହୁଥିଲେ। ନୟାହାଟରେ ହେମନ୍ତ ଛୋଟ ଟିଫିନ୍ ଷ୍ଟଲ୍ କରି ପରିବାର ପ୍ରତିପୋଷଣ କରୁଥିବାବେଳେ ରବିବାର ନୟାହାଟ ବଜାରରେ ରାତି ୧୦ଟା ପର୍ଯ୍ୟନ୍ତ ଦୋକାନ ଖୋଲିଥିଲେ। ସୋମବାର ସକାଳୁ ତାଙ୍କର ମୃତଦେହ ଗଛରେ ଝୁଲୁଥିବା ଅବସ୍ଥାରେ ଦେଖିବାକୁ ମିଳିଥିଲା। ତେବେ କ'ଣ ପାଇଁ ସେ ଆତ୍ମହତ୍ୟା କଲେ ତାହା ସମ୍ପୂର୍ଣ୍ଣ ଜଣାପଡ଼ିନାହିଁ।

## ଅଇଁଗୋଳ ଗ୍ରାମରେ ଗୋଷ୍ଠୀ ସଂଘର୍ଷ; ୩ ଅଟକ

ନୟାହାଟ,୧୮।୫(ସମିସ): ବାତ୍ୟା ଆଶ୍ରୟସ୍ଥଳୀ କାର୍ଯ୍ୟକୁ ନେଇ ଦୁଇଗୋଷ୍ଠୀ ମଧ୍ୟରେ ରବିବାର ରାତିରେ ସଂଘର୍ଷ ଘଟି ସୋରଭା ପଞ୍ଚାୟତର ସମିତିସଭ୍ୟ ପ୍ରଫୁଲ୍ଲ ସ୍ୱାଇଁଙ୍କ ମୁଣ୍ଡ ଫାଟି ଆହତ ହୋଇ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସା ହେଉଛନ୍ତି। ପୁଲିସ ରାତିରେ ଘଟଣାସ୍ଥଳରେ ପହଞ୍ଚି ତିନିଜଣଙ୍କୁ ଗୋପ ଥାନାରେ ଅଟକ ରଖି ପଚରାଉଚରା କରୁଛନ୍ତି। ଏ ସଂକ୍ରାନ୍ତରେ ଗୋପ ଥାନାରେ ଦୁଇଟି ମୋକଦ୍ଦମା ରୁଜୁ ହୋଇଛି କେସ୍ ନମ୍ବର ୧୨୫/୨୬ ଓ ୧୨୬/୨୬ରେ ଦୁଇଟି ମାମଲା ରୁଜୁ ହୋଇଛି। ପ୍ରକାଶ ଯ, ନୟାହାଟ ଫାଣ୍ଡି ଅନ୍ତର୍ଗତ ସୋରଭା ପଞ୍ଚାୟତର ଅଇଁଗୋଳ ଗ୍ରାମରେ ଥିବା ବାତ୍ୟା ଆଶ୍ରୟସ୍ଥଳୀ ରଙ୍ଗ ଦେବା କାର୍ଯ୍ୟକୁ ନେଇ ପ୍ରଫୁଲ୍ଲ ସ୍ୱାଇଁ ଓ ବିଜୟ ପରିଡ଼ା ମଧ୍ୟରେ ବଚସାକୁ କେନ୍ଦ୍ରକରି ଗୋଷ୍ଠୀ ସଂଘର୍ଷ ଘଟିଥିଲା। ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକଙ୍କୁ ପଚାରିବାରେ ସେ କୁହନ୍ତି, ମାମଲା ରୁଜୁ ହୋଇଛି ଓ ତଦନ୍ତ ଚାଲିଛି।

## ପୁଣି ଲଜ୍ଜା: ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ

ପୁରୀ,୧୮।୫(ସମିସ): ବ୍ରହ୍ମଗିରି ନିର୍ବାଚନମଣ୍ଡଳୀରେ ପୁଣି ଲଜ୍ଜା। କୃଷ୍ଣପ୍ରସାଦ ଥାନା ଅଧୀନ ଚିଲିକା ନୂଆପଡ଼ା ଫାଣ୍ଡି ଅଞ୍ଚଳରେ ଘଟିଛି ଏହି ଲଜ୍ଜାକର ଘଟଣା। ଜଣେ ୬ ବର୍ଷର ନାବାଳିକାକୁ ତାଙ୍କ ଗ୍ରାମର ଜଣେ ବ୍ୟକ୍ତି ଦୁଷ୍କର୍ମ କରିଥିବା ଫାଣ୍ଡିରେ ଅଭିଯୋଗ କରାଯାଇଛି। ଏ ନେଇ ଫାଣ୍ଡି ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ନ ଉଠାଇବାରୁ ଅଭିଯୋଗ ସଂକ୍ରାନ୍ତରେ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ଗତମାସରେ ବ୍ରହ୍ମଗିରି ଥାନା ସାତପଡ଼ା ଫାଣ୍ଡି ଅଞ୍ଚଳରେ ଜଣେ ୬ ବର୍ଷୀୟା ଶିଶୁକନ୍ୟାକୁ ଦୁଷ୍କର୍ମ କରାଯାଇଥିଲା। ପଡ଼ିଶା ଘରର ଜଣେ ୨୧ ବର୍ଷୀୟ ଯୁବକ ଶିଶୁ କନ୍ୟାକୁ ଘରକୁ ଡାକିନେଇ ହାତ ବାନ୍ଧି ଦୁଷ୍କର୍ମ କରିଥିବା ପରିବାରଲୋକେ ସାତପଡ଼ା ଫାଣ୍ଡିରେ ଅଭିଯୋଗ କରିଥିଲେ। ଏହି ଘଟଣା ଥମି ନ ଥିବାବେଳେ ଗତ ୧୧ ତାରିଖରେ ପୁଣି ଏକ ଲଜ୍ଜାଜନକ ଘଟଣା ଘଟିଥିଲା ବ୍ରହ୍ମଗିରି ଅଞ୍ଚଳରେ। ଜଣେ ୫ ବର୍ଷୀୟା ଶିଶୁକନ୍ୟାକୁ ବାତ୍ୟା ଆଶ୍ରୟସ୍ଥଳ ଶୌଚାଳୟ ଭିତରେ ଦୁଷ୍କର୍ମ କରାଯାଇଥିଲା। ଏ ନେଇ ବ୍ରହ୍ମଗିରି ଥାନାରେ ପରିବାର ଲୋକେ ଅଭିଯୋଗ କରିଥିବାବେଳେ ବାରମ୍ବାର ବ୍ରହ୍ମଗିରି ଅଞ୍ଚଳରେ ଏଭଳି ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

## ଚୋରି ସାମଗ୍ରୀ ଜବତ; ତିନି ଗିରଫ

କଣାସ,୧୮।୫(ସମିସ): କଣାସ ବ୍ଲକ୍ ସାହୁପଡ଼ା ଗ୍ରାମପଞ୍ଚାୟତ ଗୋଦାମ ଗୃହରେ ନଳକୂଅ ପାଇଁ ରଖାଯାଇଥିବା ନଟ୍, ବୋଲ୍ଟ, ପାଇପ୍, ମୋଟର ଓ ରଡ୍ ଆଦି ୨ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ନେଇଯାଇଥିବା ସାହୁପଡ଼ା ସରପଞ୍ଚ ସୋମବାର ଗଡ଼ିଶାଗୋଦା ଥାନାରେ ଏତଲା ଦେଇଥିଲେ। ଥାନା ଅଧିକାରୀ ଶାନ୍ତନୁ କୁମାର ପ୍ରଧାନ ଏତଲା ପାଇବା ପରେ ଗଡ଼ିଶାଗୋଦା ଥାନା କେସ୍ ନମ୍ବର ୧୦୭/୨୬ରେ ମାମଲା ରୁଜୁ କରି ତଦନ୍ତ ଚଳାଇ ସାହୁପଡ଼ା ଗ୍ରାମର ସୁଶାନ୍ତ ଉଦଣ୍ଡରାୟ, ସୁମନ୍ତ ଉଦଣ୍ଡରାୟ, ଚିରଞ୍ଜୀବ ରାଉତରାୟଙ୍କୁ ଗିରଫ କରି ଚୋରି ହୋଇଥିବା ସମସ୍ତ ଜିନିଷ ଜବତ କରି ସେମାନଙ୍କୁ କୋର୍ଟ ଚାଲାଣ କରିଛନ୍ତି। ଏହି ଆସାମୀମାନେ ପୂର୍ବରୁ ମଧ୍ୟ ନିକଟ ଟାଇଁଲୋ ଗ୍ରାମରୁ ଜନୈକ ଘରୁ ଚୋରି ଘଟଣାରେ ସମ୍ପୃକ୍ତ ଥିବା ଜଣାପଡ଼ିଛି। ତାଙ୍କ ନାମରେ ପୂର୍ବରୁ ଗଡ଼ିଶାଗୋଦା ଥାନାରେ ମାମଲା ରହିଥିବା ସୂଚନା ଦେଇଛନ୍ତି ଥାନା ଅଧିକାରୀ ଶାନ୍ତନୁ ପ୍ରଧାନ।

## ସାକ୍ଷୀଗୋପାଳଙ୍କ ହୁଣ୍ଡିରୁ ୫,୧୫,୩୧୫ ଟଙ୍କା ଆୟ

ସାକ୍ଷୀଗୋପାଳ,୧୮।୫(ସମିସ): ସୋମବାର ପୂର୍ବାହ୍ଣ ୧୦ଟାରେ ସାକ୍ଷୀଗୋପାଳ ମନ୍ଦିର ହୁଣ୍ଡି ଖୋଲାଯାଇଥିଲା। ଏଥିରୁ ୫ ଲକ୍ଷ ୧୫ ହଜାର ୩୧୫ ଟଙ୍କା ମିଳିଥିବା ଜଣାପଡ଼ିଛି। ଏହି ଅର୍ଥରାଶିକୁ ସାକ୍ଷୀଗୋପାଳ ୟୁନିଅନ ବ୍ୟାଙ୍କ ଶାଖା ସାକ୍ଷୀଗୋପାଳରେ ଜମା କରାଯାଇଛି ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଗଣତିମଣତି ସମୟରେ ସାକ୍ଷୀଗୋପାଳ ମନ୍ଦିର ପ୍ରଶାସକ ତଥା ସତ୍ୟବାଦୀ ତହସିଲ୍ଦାର ସନ୍ତୋଷ ପାଣିଗ୍ରାହୀ, ଅତିରିକ୍ତ ମନ୍ଦିର ପ୍ରଶାସକ ଲଳିତେନ୍ଦୁ ମହାନ୍ତି, ଦେବୋତ୍ତର ନିରୀକ୍ଷକ ନିବେଦିତା ପଣ୍ଡା, ପରିଚାଳନା ସଦସ୍ୟ ତଥା ସତ୍ୟବାଦୀ ପ୍ରାଣୀ ଚିକିତ୍ସା ଅଧିକାରୀ ବନଜାକାନ୍ତ ପତି, ଉମେଶ ନନ୍ଦ ପ୍ରମୁଖଙ୍କ ସହ ୟୁନିଅନ ବ୍ୟାଙ୍କ ପକ୍ଷରୁ ଶାଖା ପରିଚାଳକ ସନ୍ଦୀପ କୁମାର ରଥ, ରମାନାରାୟଣ ଚୌଧୁରୀ, ଶିବ କୁମାର ଶୁକ୍ଳା, ସାଇ ପୂଜା ମହାନ୍ତି, ସୁଶାନ୍ତ କୁମାର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ଜିତେନ୍ ବରାଳ ସ୍ମାରକୀ ଏକ ଦିବସୀୟ ଦିବାରାତ୍ର ଭଲିବଲ ପ୍ରତିଯୋଗିତା

# ୨-୦ ଗୋଲ୍ରେ ଗୋପକୁ ହରାଇ ନିମାପଡ଼ା ଚାମ୍ପିଅନ

ନିମାପଡ଼ା,୧୮।୫(ସମିସ)



ସ୍ଥାନୀୟ ବାରବାଟୀ ଖେଳ ପଡ଼ିଆରେ ନିମାପଡ଼ା ଆଥ୍ଲେଟିକ୍ ଆସୋସିଏସନ ଦ୍ୱାରା ଆୟୋଜିତ ଭଲିବଲ୍ ମ୍ୟାଚ୍ରେ ୨-୦ ଗୋଲ୍ରେ ଗୋପକୁ ପରାସ୍ତ କରି ନିମାପଡ଼ା ଚାମ୍ପିଅନ ହୋଇଛି। ୨ୟ ଜିତେନ ବରାଳ ସ୍ମାରକୀ ଏକ ଦିବସୀୟ ଦିବାରାତ୍ର ରାଜ୍ୟସ୍ତରୀୟ ଭଲିବଲ ପ୍ରତିଯୋଗିତା ରବିବାର ନିମାପଡ଼ା ଆଥ୍ଲେଟିକ୍ ଆସୋସିଏସନ ଆନୁକୂଲ୍ୟରେ ବାରବାଟୀ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ପ୍ରତିଯୋଗିତାକୁ ବରିଷ୍ଠ ଦଇତାପତି ରାମଚନ୍ଦ୍ର ଦାଶ, ପୂର୍ବତନ ମନ୍ତ୍ରୀ ତଥା ଆଥ୍ଲେଟିକ୍ ଆସୋସିଏସନର ସଭାପତି ସମୀର ରଞ୍ଜନ ଦାଶ, ଶିକ୍ଷାବିତ୍ ଜଗତ ପ୍ରସାଦ ସାବୁତ୍, ସିନିୟର ଭଲିବଲ୍ କୋଚ୍ ଅଜୟ କୁମାର ତ୍ରିପାଠୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ସ୍ୱର୍ଗତ ଜିତେନ ବରାଳଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ମ୍ୟାଚ୍କୁ ଉଦ୍ଘାଟନ କରିଥିଲେ। ଏହି ପ୍ରତିଯୋଗିତାରେ ବିଭିନ୍ନ ଅଞ୍ଚଳର ୬ଟି ଦଳ ଯଥା- ନାଗପୁର ଭଲିବଲ୍ କ୍ଲବ୍, ମା' ଭବାନୀ ଭଲିବଲ୍ କ୍ଲବ ଗୋପ, ମହାବୀର ଭଲିବଲ୍ କ୍ଲବ୍ ଅଲଣ୍ଡା, ନିମାପଡ଼ା ଆଥ୍ଲେଟିକ୍ ଆସୋସିଏସନ, ପୁରୀ ଭଲିବଲ୍ କ୍ଲବ୍, ଭଲିବଲ୍ କ୍ଲବ୍ ସରକଣା ପ୍ରମୁଖ ଭାଗନେଇଥିଲେ। ଫାଇନାଲ ମ୍ୟାଚ୍ରେ ନିମାପଡ଼ା ଆଥ୍ଲେଟିକ୍ ଆସୋସିଏସନ୍ ଗୋପକୁ ୨-୦ ଗୋଲ୍ରେ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ମ୍ୟାଚ୍କୁ ରେଫରୀଭାବେ ପରିଚାଳନା କରିଥିଲେ ସୁକାନ୍ତ ନାୟକ, ରୋସନ କୁମାର ସାହୁ, ପ୍ରଦୀପ୍ତ କୁମାର ପଣ୍ଡା ଓ ସୁକାନ୍ତ କିଶୋର ମିଶ୍ର। ମ୍ୟାନ୍ ଅଫଦ୍ ମ୍ୟାଚ୍ ଭାବେ ବିଜୟୀ ଦଳର ପପୁ, ବେଷ୍ଟ ସେଟର ସିପୁ, ବେଷ୍ଟ ଆଟାକର ଗୋପର ମୋହନ, ବେଷ୍ଟ ଲିବ୍ରୋ ନିମାପଡ଼ା ଟିମ୍ର ଆଲୋକ ଏବଂ ବେଷ୍ଟ ବ୍ଲକର୍ ଗୋପ ଟିମ୍ର ମହମ୍ମଦ ରାଜା ବିବେଚିତ ହୋଇଥିଲେ। ଏହି ଅବସରରେ ପୂର୍ବତନ ଭଲିବଲ ଖେଳାଳି ଲକ୍ଷ୍ମୀଧର ବେହେରା, ଲକ୍ଷ୍ମୀକାନ୍ତ ସାମନ୍ତରାୟ, ନିଜାମ ଅଲ୍ଲି ଖାନ୍ ଏବଂ କିଶନ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚାମ୍ପିଅନ ଦଳକୁ ନଗଦ ୭ ହଜାର ଟଙ୍କା, ଟ୍ରଫି ଏବଂ ରନର୍ସଅପ୍ ଦଳକୁ ନଗଦ ୫ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। ନିମାପଡ଼ା ଆଥ୍ଲେଟିକ୍ ଆସୋସିଏସନ ପକ୍ଷରୁ ଧିରେନ କୁମାର ବରାଳ, କାର୍ଯ୍ୟକାରୀ ସଭାପତି ବିଚିତ୍ରାନନ୍ଦ ପାତ୍ର ଏବଂ ସମ୍ପାଦକ ଜୀବନାନନ୍ଦ ମହାପାତ୍ରଙ୍କ ସମେତ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିଲେ।

୧୮/୫/୨୦୨୬ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୩୭,୨୦୫/- ସୁନା:୦୦.୧୫୦ ଗ୍ରାମ୍ ରୁପା: ୨୨.୮୦୦ ଗ୍ରାମ୍



# ଆଚାର୍ଯ୍ୟ ହରିହର ଛକରୁ ଆଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତି ଗାଏବ !

## ସୌନ୍ଦର୍ଯ୍ୟକରଣ, ରାସ୍ତା ପ୍ରଶସ୍ତୀକରଣ ପାଇଁ ପୂଜ୍ୟପୂଜାଙ୍କୁ ଉଠାପକା

ପୁରୀ,୧୮।୫(ସମିସ): ପୁରୀ ସହରର ପ୍ରମୁଖ ଛକ ଆଚାର୍ଯ୍ୟ ହରିହର ଛକରେ ସ୍ଥାପିତ ଥିବା ଆଚାର୍ଯ୍ୟ ହରିହରଙ୍କ ପ୍ରତିମୂର୍ତ୍ତି ହଠାତ୍ ଗାଏବ ହୋଇଯିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ରାସ୍ତା ପ୍ରଶସ୍ତୀକରଣ ଓ ସୌନ୍ଦର୍ଯ୍ୟକରଣ ନାଁରେ ପୂଜ୍ୟପୂଜାଙ୍କ ପ୍ରତିମୂର୍ତ୍ତିକୁ ଉଠାପକା କରାଯାଉଥିବା ଅଭିଯୋଗ କରି ବୁଦ୍ଧିଜୀବୀ ଓ ସାଧାରଣ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।



ସମୁଦ୍ର ନିକଟ ଆଚାର୍ଯ୍ୟ ହରିହର ଛକ। ଆଚାର୍ଯ୍ୟ ହରିହରଙ୍କ ନାଁରେ ଏହି ଛକର ନାମକରଣ ହୋଇଥିବାବେଳେ ଏଠାରେ ଆଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା। ହେଲେ ରାତାରାତି ଆଚାର୍ଯ୍ୟ ହରିହର ଛକରୁ ପ୍ରତିମୂର୍ତ୍ତି ହଟାଇ ଦିଆଯିବା ପରେ ବୁଦ୍ଧିଜୀବୀମାନେ ପ୍ରଶାସନ ନିକଟରୁ ଜାଣିବାକୁ ଚାହିଁଥିଲେ। ପ୍ରତିମୂର୍ତ୍ତି କୁଆଡ଼େ ଗଲା ବୋଲି ସେମାନେ ପ୍ରଶ୍ନ ଉଠାଇଥିଲେ। ଏ ନେଇ ପୁରୀ ମହାନଗର ନିଗମ ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା କହିଛନ୍ତି, ଦିଗବାରେଣୀ ବହୁତଳ ପାର୍କିଂକୁ ଯିବା ପାଇଁ ଏହି ରାସ୍ତା ଚଉଡ଼ା କରାଯିବ। ସେଥିପାଇଁ ରାସ୍ତା ପାଖରେ ଥିବା ଆଚାର୍ଯ୍ୟ ହରିହରଙ୍କ ପ୍ରତିମୂର୍ତ୍ତି ସେଠାରୁ କଢ଼ାଯାଇଛି। ତାଙ୍କ କହିବା ଅନୁସାରେ, ରାସ୍ତା କାମ ସରିବା ପରେ ସମୁଦ୍ରକୂଳ ଥାନା ସମ୍ମୁଖରେ ଯେଉଁଠି ପୂର୍ବରୁ ଜଳଫୁଆରା ଥିଲା ସେହି ସ୍ଥାନରେ ଆଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତି ପୁନଃ ସ୍ଥାପନ କରାଯିବ। ଏଥିପାଇଁ ଜଳ ଫୁଆରାକୁ ମଧ୍ୟ ହଟାଇ ଦିଆଯାଇଛି। ଅନ୍ୟପକ୍ଷରେ ବୁଦ୍ଧିଜୀବୀମାନେ କହିଛନ୍ତି, କିଛିବର୍ଷ ତଳେ ବର୍ତ୍ତମାନ ଯେଉଁଠି ଜଳ ଫୁଆରା ଥିଲା, ସେହି ଜାଗାରେ ଆଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତି ରହିଥିଲା। ସୌନ୍ଦର୍ଯ୍ୟକରଣ ପାଇଁ ସେତେବେଳେ ପ୍ରତିମୂର୍ତ୍ତି ହଟାଇ ନିକଟ ରାସ୍ତା ପାଖରେ ସ୍ଥାପନ କରାଯାଇଥିଲା। ଆଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତି ଥିବା ଜାଗାରେ ଜଳ ଫୁଆରା କରାଯାଇଥିଲା। ଏବେ ପୁଣି ରାସ୍ତା ପ୍ରଶସ୍ତୀକରଣ ନାଁରେ ସେହି ପ୍ରତିମୂର୍ତ୍ତିକୁ ହଟାଇ ଦିଆଯାଇଛି। ପ୍ରଶାସନ ପକ୍ଷରୁ କୁହାଯାଉଛି, କାମ ସରିଲେ ପୁଣି ପୂର୍ବ ଜାଗାରେ ଅର୍ଥାତ୍ ଜଳଫୁଆରା ଥିବା ସ୍ଥାନରେ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ। ତେବେ ବୁଦ୍ଧିଜୀବୀମାନେ ପ୍ରଶ୍ନ ଉଠାଇଛନ୍ତି, ସୌନ୍ଦର୍ଯ୍ୟକରଣ ଓ ରାସ୍ତା ପ୍ରଶସ୍ତୀକରଣ ପାଇଁ ପୂଜ୍ୟପୂଜାଙ୍କ ପ୍ରତିମୂର୍ତ୍ତିକୁ ବାରମ୍ବାର ଉଠାପକା କରାଯିବା କେତେ ଯୁକ୍ତିଯୁକ୍ତ? ସେମାନଙ୍କ କହିବା କଥା, ବିକାଶ ନାଁରେ ସଂସ୍କୃତି ଓ ପରମ୍ପରାକୁ ଭୁଲିଯିବା ଉଚିତ୍ ନୁହେଁ। ପ୍ରତିମୂର୍ତ୍ତି ହଟାଇବା ଆଗରୁ ପ୍ରଶାସନ ବୁଦ୍ଧିଜୀବୀ ଓ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲା କି ନାହିଁ ତାହା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଯୁଗ୍ମ କମିଶନର ଶ୍ରୀ ବେହେରା କହିଛନ୍ତି, ଦିଗବାରେଣୀ ବହୁତଳ ପାର୍କିଂ ଲାଗି ରାସ୍ତା ଚଉଡ଼ା କରିବା ଜରୁରୀ। ସେଥିପାଇଁ ପ୍ରତିମୂର୍ତ୍ତି କଢ଼ାଯାଇ ରଖାଯାଇଛି। କାମ ସରିବା ପରେ ଏହାକୁ ଜଳ ଫୁଆରା ସ୍ଥାନରେ ପୁନଃ ସ୍ଥାପନ କରାଯିବ। କିନ୍ତୁ ପ୍ରଶାସନର ଏହି ପ୍ରତିଶ୍ରୁତି ବାସ୍ତବରେ କାର୍ଯ୍ୟକାରୀ ହେଉଛି ନା ନାହିଁ, ତାହା ସମୟ ହିଁ କହିବ। ପୂର୍ବରୁ ମଧ୍ୟ ସୌନ୍ଦର୍ଯ୍ୟକରଣ ନାଁରେ ପ୍ରତିମୂର୍ତ୍ତି ହଟାଇ ସେଠାରେ ଜଳ ଫୁଆରା କରାଯାଇଥିଲା। ଏବେ ପୁଣି ସେହି ଘଟଣାର ପୁନରାବୃତ୍ତି ହୋଇଛି। ଲୋକଙ୍କ ମନରେ ପ୍ରଶ୍ନ ଆଚାର୍ଯ୍ୟ ହରିହର ଛକ ପୁରୀର ଏକ ପରିଚୟ। ଏଠାରେ ଥିବା ପ୍ରତିମୂର୍ତ୍ତି କେବଳ ଏକ ପଥର ମୂର୍ତ୍ତି ନୁହେଁ ବରଂ ଲୋକଙ୍କ ଭାବାବେଗ ସହ ଜଡ଼ିତ। ବାରମ୍ବାର ଏହାକୁ ହଟାଇବା ଦ୍ୱାରା ଅସନ୍ତୋଷ ବଢ଼ୁଛି। ବୁଦ୍ଧିଜୀବୀମାନେ ଦାବି କରିଛନ୍ତି, ବିକାଶ କାମ କରିବା ଆଗରୁ ସାଂସ୍କୃତିକ ପ୍ରତୀକଙ୍କ ସମ୍ମାନ ରକ୍ଷା କରାଯାଉ। ନଚେତ୍ ବିକାଶ ନାଁରେ ପରମ୍ପରା ହରାଇବା ଅର୍ଥ ହେବ ନିଜ ପରିଚୟକୁ ହରାଇବା।

■ ନିର୍ମାଣ ଦୁର୍ଘଟଣାରେ ଶ୍ରମିକ ମୃତ୍ୟୁ ଘଟଣା

# ଓଏଚ୍ଆର୍ସିଙ୍କ ଦ୍ୱାରସ୍ଥ ହେଲା ସଚେତନ ନାଗରିକ ମଞ୍ଚ

ପୁରୀ,୧୮।୫(ସମିସ): ଚକ୍ର ତୀର୍ଥ ରୋଡ୍‌ସ୍ଥିତ ଏକ ଲଜ୍‌ର ନିର୍ମାଣ କାର୍ଯ୍ୟ ଚାଲୁଥିବା ସମୟରେ କାନ୍ଥ ପଡ଼ି ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ନେଇ ସଚେତନ ନାଗରିକ ମଞ୍ଚ ଓଡ଼ିଶା ମାନବାଧିକାର ଆୟୋଗ(ଓଏଚ୍ଆର୍‌ସି)ଙ୍କ ଦ୍ୱାରସ୍ଥ ହୋଇଛି। ମଞ୍ଚ ସଭାପତି ଆଇନଜୀବୀ ପ୍ରସନ୍ନ ଦାଶ କହିଛନ୍ତି, ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଅଞ୍ଚଳର ଶିଶିର ଦଳାଇ (୩୮) ଦୁର୍ଗା ଲଜ୍‌ର ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିଲେ। କାମ ସମୟରେ କାନ୍ଥ ପଡ଼ି ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଏହା ପୂର୍ବରୁ ମଧ୍ୟ ବାସେଳିସାହି ଥାନା ଅଞ୍ଚଳରେ ୫ ମହଲା ବିଶିଷ୍ଟ ନିର୍ମାଣାଧୀନ କୋଠା ଛାତରୁ ପଡ଼ି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ପୁରୀ ଏକ ପର୍ଯ୍ୟଟନ ସହର ଓ ତୀର୍ଥକ୍ଷେତ୍ର ହୋଇଥିବାରୁ ଏଠାକୁ ଦୈନିକ ହଜାର ହଜାର ଭକ୍ତ ଓ ପର୍ଯ୍ୟଟକ ଆସିଥା'ନ୍ତି। ଏହାର ସୁଯୋଗ ନେଇ କିଛି ଅସାଧୁ ବ୍ୟକ୍ତି ମନଇଚ୍ଛା ବେଆଇନ ଘର, ଲଜ୍ ନିର୍ମାଣ କରୁଥିବା ଅଭିଯୋଗ ହୋଇଛି। ନିର୍ମାଣ କାର୍ଯ୍ୟ ପୂର୍ବରୁ ଅନେକ ଅନୁମତି ନେଉନାହାନ୍ତି। ଏଥିସହ ନିର୍ମାଣରେ ନିୟୋଜିତ ଶ୍ରମିକଙ୍କ ସୁରକ୍ଷା ପାଇଁ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ। ତେଣୁ ଆଇନଜୀବୀ ଶ୍ରୀ ଦାଶ ଆୟୋଗଙ୍କ ନିକଟରେ ୪ ଦଫା ଦାବି ରଖିଛନ୍ତି। ସେଥିମଧ୍ୟରେ ଦୁର୍ଗା ଲଜ୍‌ର ପିକେଡିଏ, ବିଦ୍ୟୁତ୍ ବିଭାଗ, ପ୍ରଦୂଷଣ ବିଭାଗ, ଅଗ୍ନିଶମ ବିଭାଗର ଅନୁମତି ଥିଲା କି ନାହିଁ ତାହାର ତଦନ୍ତ, ଶ୍ରମ କମିଶନରଙ୍କ ଅନୁମତି ଥିଲା କି ନାହିଁ ତାହାର ଯାଞ୍ଚ, ଲଜ୍ ନିର୍ମାଣ କାର୍ଯ୍ୟ ନେଇଥିବା ଠିକାଦାରଙ୍କ ଲାଇସେନ୍ସ ଓ ଶ୍ରମିକ ନିୟୋଜନର ବୈଧତା ପ୍ରମାଣପତ୍ର ତଦନ୍ତ ଏବଂ ମୃତ ଶିଶିରଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରାଯାଉ। ଏଥିସହ ଏହି ମାମଲାରେ ଆୟୋଗ ହସ୍ତକ୍ଷେପ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ସେ ଦାବି କରିଛନ୍ତି।

# ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ; ୨ ଯୁବକ ଗିରଫ

ପୁରୀ,୧୮।୫(ସମିସ): ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ଅଭିଯୋଗରେ ସମୁଦ୍ର କୂଳ ଥାନା ପୁଲିସ ଓ ଚନ୍ଦନପୁର ଥାନା ପୁଲିସ ଜଣେ ଲେଖାଏଁ ଯୁବକଙ୍କୁ ଗିରଫ କରିଛନ୍ତି। ସମୁଦ୍ର କୂଳ ଥାନା ପୁଲିସ ଗିରଫ କରିଥିବା ଯୁବକ ହେଉଛନ୍ତି ବ୍ରହ୍ମଗିରି ହାତିଆର ସନ୍ତୋଷ ଦଳେଇ (୩୩)। ପୀଡ଼ିତାଙ୍କ ଅଭିଯୋଗ ଅନୁଯାୟୀ, ୨୦୨୦ ଏପ୍ରିଲ୍ ମାସରେ ଫୋନ୍ ମାଧ୍ୟମରେ ସନ୍ତୋଷଙ୍କ ସହ ପ୍ରେମ ସମ୍ପର୍କ ଗଢ଼ିଥିଲେ। ପରେ ବିବାହ କରିବେ ବୋଲି ପ୍ରତିଶ୍ରୁତି ଦେଇ ସିଟି ରୋଡ୍‌ର ପ୍ରଶାନ୍ତ ଗେଷ୍ଟ ହାଉସ୍‌ରେ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ। ୨୦୨୫ ନଭେମ୍ବର ମାସରେ ପୀଡ଼ିତା ଜାଣିବାକୁ ପାଇଥିଲେ ଯେ, ସନ୍ତୋଷଙ୍କ ଅନ୍ୟ ଜଣେ ଯୁବତୀଙ୍କ ସହ ବିବାହ ସ୍ଥିର ହୋଇଛି। ଏହା ପରେ ଉଭୟ ପରିବାର ବ୍ରହ୍ମଗିରିର ପାଦୁକାଇ ଠାକୁରାଣୀ ପୀଠରେ ବସି ଆଲୋଚନା କରିଥିଲେ। ଆଲୋଚନାରେ ସନ୍ତୋଷ ଫୋନ୍ କରି ଜଣାଇବେ ଏବଂ କିଛି ଟଙ୍କା ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଦୁଇଦିନ ପରେ ଅର୍ଥାତ୍ ୩ ତାରିଖ ଅପରାହ୍ଣରେ ପୀଡ଼ିତା ସନ୍ତୋଷଙ୍କ ଘର ଆଗରେ ବିଷପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସନ୍ତୋଷ ତାଙ୍କୁ ଉଦ୍ଧାର କରି ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନେଇ ଚିକିତ୍ସା କରାଇଥିଲେ। ଚିକିତ୍ସା ସମୟରେ ସନ୍ତୋଷ ତାଙ୍କୁ ଧମକ ଦେଇଥିଲେ ଯେ ଯଦି ଏ କଥା କାହାକୁ କହିବ ତେବେ ତାଙ୍କୁ ଓ ତାଙ୍କ ପରିବାରକୁ ମାରି ଦେବେ। ଏ ନେଇ ରବିବାର ପୀଡ଼ିତା ଥାନାରେ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ କରି ସୋମବାର ଅଭିଯୁକ୍ତ ସନ୍ତୋଷଙ୍କୁ ଗିରଫ କରିଛି। ତାଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯିବ ବୋଲି ପୁଲିସ ସୂଚନା ଦେଇଛି।

ସେହିପରି ଚନ୍ଦନପୁର ଥାନା ପୁଲିସ ଗିରଫ କରିଥିବା ଯୁବକ ହେଉଛନ୍ତି କଟକ ବୈଦେଶ୍ୱର ଥାନା କଳାପଥରର ନିଲୁ ସ୍ୱାଇଁ। ତଳଜଙ୍ଗ ଅଞ୍ଚଳର ପୀଡ଼ିତାଙ୍କ ଅଭିଯୋଗ ଅନୁଯାୟୀ, ନିଲୁ ବିବାହ କରିବାର ମିଥ୍ୟା ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ପୀଡ଼ିତା ଯେତେବେଳେ ନିଲୁ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ, ସେ ସବୁ ସମ୍ପର୍କ ଛିନ୍ନ କରି ମୋବାଇଲ୍ ନମ୍ବର ବ୍ଲକ୍ କରି ଦେଇଥିଲେ। ତଦନ୍ତ ବେଳେ ଅଭିଯୁକ୍ତ ପୂର୍ବରୁ ବିବାହିତ ଏବଂ ତାଙ୍କର ସନ୍ତାନ ମଧ୍ୟ ଅଛନ୍ତି। ମିଥ୍ୟା ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ପାଇଁ ସେ ଏପରି କରିଥିଲେ। ବର୍ତ୍ତମାନ ଅଭିଯୁକ୍ତ ପୀଡ଼ିତାଙ୍କୁ ବିବାହ କରିବାକୁ ମଧ୍ୟ ମନା କରି ଦେଇଛନ୍ତି। ଅଭିଯୋଗ ପାଇ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ପୀଡ଼ିତା ଓ ଅଭିଯୁକ୍ତ ଉଭୟଙ୍କ ଡାକ୍ତରୀ ମାଇନା କରାଯାଇଛି। ପରେ ଅଭିଯୁକ୍ତ ନିଲୁଙ୍କୁ ଗିରଫ କରି କୋର୍ଟରେ ହାଜର କରିଛି ପୁଲିସ।

କନେଷ୍ଟବଳ, ହାବିଲ୍‌ଦାରଙ୍କୁ ମିଳୁନି ଟିଏ

# କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଦୁର୍ନୀତିର ଗନ୍ଧ ବାରିଲା ଆପ୍

ପୁରୀ,୧୮।୫(ସମିସ): ପୁରୀ ଜିଲ୍ଲା ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ସୋମବାର ଦଳୀୟ କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁଲିସ ବିଭାଗରେ ହୋଇଥିବା ଟିଏ ବିଲ୍ ଦୁର୍ନୀତି ସମ୍ପର୍କରେ ଅଭିଯୋଗ ଆଣିଛନ୍ତି ଆପ୍ ପୁରୀ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି। ସେ କହିଛନ୍ତି, ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ କାହାକୁ ଅଛପା ନାହିଁ। ଗୁଣ୍ଡାଙ୍କ ସଂଖ୍ୟା ବଢ଼ିବା, ପୁଲିସ ପ୍ରତି ଭୟ ନ ରହିବା ଏହାର କାରଣ ବ୍ୟତୀତ ଅନ୍ୟ ଏକ କାରଣ ହେଉଛି ଖୋଦ୍ ପୁଲିସ ମାନସିକସ୍ତରରେ ଦୁର୍ବଳ ହୋଇପଡ଼ିଛି। ସେ ଅଭିଯୋଗ କରିଛନ୍ତି ଯେ, ପୂର୍ବରୁ ପ୍ରାୟ ୨ ମାସକୁ ଥରେ ଟିଏ ବିଲ୍ ପେମେଣ୍ଟ କରାଯାଉଥିଲା। ହେଲେ ୨ ବର୍ଷରୁ ଊର୍ଦ୍ଧ୍ୱ ହେବ କନେଷ୍ଟବଳ ଓ ହାବିଲ୍‌ଦାର୍‌ମାନେ ଟିଏ ବିଲ୍ ପାଉନାହାନ୍ତି। ପୁରୀ ଜିଲ୍ଲାରେ ଏଭଳି ବ୍ୟତିକ୍ରମ ନିଶ୍ଚିତ ଆଶ୍ଚର୍ଯ୍ୟଜନକ ଓ ଦୁଃଖଦ। ସରକାରୀ କର୍ମଚାରୀଙ୍କ ଟଙ୍କା ଟ୍ରେଜେରୀରୁ ଯାଇ ବ୍ୟାଙ୍କ ଆକାଉଣ୍ଟରେ ପଡ଼ିବା କଥା। କିନ୍ତୁ ହାତଗଣତି କେତେଜଣଙ୍କୁ କ୍ୟାସ୍ ଏବଂ ଫୋନ୍ ପେ' ମାଧ୍ୟମରେ ଏ ବାବଦ ଟଙ୍କା ଦିଆଯାଇଛି। ଯେଉଁମାନେ ଅଫିସରଙ୍କ ପାଖରେ ଅଛନ୍ତି ଏବଂ ଅଭିଯୋଗ କରୁଛନ୍ତି ସେମାନଙ୍କୁ ଟଙ୍କା ଦିଆଯାଇଛି। ହେଲେ ଅନ୍ୟମାନଙ୍କୁ ଦିଆଯାଇ ନ ଥିବାରୁ ସେମାନଙ୍କ ଭିତରେ ବିଭେଦ ସୃଷ୍ଟି କରୁଛି।

ଶ୍ରୀ ମହାନ୍ତିଙ୍କ କହିବା ଅନୁସାରେ, ଏହି ଦୁର୍ନୀତିର ପରିମାଣ ପ୍ରାୟ ୧ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ। ସବୁଠାରୁ ବଡ଼ କଥା ହେଉଛି ଅଧିକାରୀମାନେ ଜାଣି ମଧ୍ୟ ଏହି ଘଟଣାକୁ ଚାପି ଦେଇଛନ୍ତି। ନୂଆ ସରକାରରେ ଖୋଦ୍ ମୁଖ୍ୟମନ୍ତ୍ରୀ ନିଜେ ଗୃହ ବିଭାଗ ଦାୟିତ୍ୱରେ ଅଛନ୍ତି। ହେଲେ ପୁରୀ ଜିଲ୍ଲାରେ ପୁଲିସ ବିଭାଗରେ ଏଭଳି ବ୍ୟତିକ୍ରମ ତାଙ୍କ ପାଖରେ ସୂଚନା ନ ରହିବା ସବୁଠୁ ଆଶ୍ଚର୍ଯ୍ୟର ବିଷୟ। ଏ ଅବସରରେ ସଞ୍ଜୀବ ଦଳ ପକ୍ଷରୁ ଏହି ଘଟଣାର ଦୃଢ଼ ନିନ୍ଦା କରିବା ସହ କେତେକ ଦାବି ଉପସ୍ଥାପନ କରିଥିଲେ। ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇ ଏହାର ସମଗ୍ର ଘଟଣାର ନିରପେକ୍ଷ ତଦନ୍ତ ହେଉ। ଦୁର୍ନୀତିରେ ଯିଏ ବି ସାମିଲ୍ ଅଛନ୍ତି, ସେମାନଙ୍କୁ ତୁରନ୍ତ ବରଖାସ୍ତ କରାଯାଉ। ଗୃହମନ୍ତ୍ରୀଙ୍କୁ ମଧ୍ୟ ଏଥିରେ ସାମିଲ୍ କରିବାକୁ ଦାବି କରାଯାଇଛି। ସେହିପରି ଟିଏ ପାଇ ନ ଥିବା ପୁଲିସ କର୍ମଚାରୀଙ୍କୁ ତୁରନ୍ତ ଟଙ୍କା ଦେବା ସହ ଏଥିରେ ଯେଉଁ ମନ୍ତ୍ରୀ ସାମିଲ୍ ଅଛନ୍ତି, ତାଙ୍କୁ ଖୋଜି ବାହାର କରାଯାଉ। ଯଦି ଏହି ତଦନ୍ତକୁ ଗଡ଼ାଇ ଦିଆଯାଏ, ତେବେ ଆମେ ରାଜରାସ୍ତାରେ ଆନ୍ଦୋଳନ କରିବା ପାଇଁ ବାଧ୍ୟ ହେବୁ ବୋଲି ସେ ଚେତାବନୀ ଦେଇଛନ୍ତି। ପୁରୀରେ ଆଇନଶୃଙ୍ଖଳା ପୂର୍ବପରି ରହିବା ପାଇଁ ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ନିଅନ୍ତୁ ବୋଲି ସେ ଦାବି କରିଛନ୍ତି।

## ଅଧିକାରୀମାନେ ଜାଣି ଚୁପ୍ କାହିଁକି?

## ଉଚ୍ଚସ୍ତରୀୟ ତଦନ୍ତ ଦାବି

# ଶ୍ରୀମନ୍ଦିର ଉପରେ ଉଡୁଥିବା ଡ୍ରୋନ୍ ଜବତ




ପୁରୀ, ୧୮।୫(ସମିସ): ପୁଣି ଶ୍ରୀମନ୍ଦିର ଉପରେ ଉଡ଼ିଛି ଡ୍ରୋନ୍। ଏହି ଡ୍ରୋନ୍ ଉଡ଼ାଉଥିବା ଯୁବକଙ୍କୁ ପୁଲିସ କାବୁ କରିବା ସହ ଡ୍ରୋନ୍‌କୁ ମଧ୍ୟ ଜବତ କରିଛି। ଅପରାହ୍ଣ ପ୍ରାୟ ୫ଟା ୫୫ରେ ଗୋଟିଏ ଡ୍ରୋନ୍ ଶ୍ରୀମନ୍ଦିର ଉପରେ ଉଡୁଥିବା ଦେଖିବାକୁ ମିଳିଥିଲା। ଖବର ପାଇବା ପରେ ପୁଲିସ ତ୍ୱରିତ ଭାବେ ପଦକ୍ଷେପ ଗ୍ରହଣ କରିଥିଲା। ସିଂହଦ୍ୱାର ଥାନା ପୁଲିସ ଏବଂ ଏକ ସ୍ୱତନ୍ତ୍ର ଟିମ୍ ଡ୍ରୋନ୍‌ଟିକୁ କାବୁ କରିବା ପାଇଁ ଅନୁସରଣ କରିଥିଲା। ଏହି ଅଭିଯାନ ମଧ୍ୟରେ ଧାନକୁଟି ସାହି ଗଳି ଅଞ୍ଚଳରୁ ଜଣେ ଯୁବକ ଡ୍ରୋନ୍‌ଟିକୁ ଅପରେଟ୍ କରୁଥିବାବେଳେ ଚିହ୍ନଟ ହୋଇଥିଲେ। ସମ୍ପୃକ୍ତ ଯୁବକଙ୍କୁ ପୁଲିସ କାବୁ କରିଥିଲା। ତାଙ୍କ ଡ୍ରୋନ୍ ମଧ୍ୟ ଜବତ କରାଯାଇଛି। ସେ ହେଉଛନ୍ତି ଝାଡ଼ଖଣ୍ଡର ଦିପୁ କୁମାର ଯାଦବ (୨୫) ବୋଲି ଜଣାପଡ଼ିଛି। ତାଙ୍କୁ ସିଂହଦ୍ୱାର ଥାନାରେ ଅଟକ ରଖାଯାଇ ପଚରାଉଚରା କରାଯାଉଛି। ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି।



ରୂପକାର ସେବକମାନେ ସାଲ ଗୁଜ ଏବଂ ତୀଖ ଗୁଜରେ ନୃସିଂହ ରୂପ ଖୋଦେଇ ଜାରି ରଖିଛନ୍ତି।

# 'ସ୍ୱଚ୍ଛ ପରିବେଶ ସୁସ୍ଥ ଶରୀର' ଅଭିଯାନ

ପୁରୀ,୧୮।୫(ସମିସ): ମାଟିତୋଟା ନୂଆସାହି ଅଞ୍ଚଳରେ ଭାରତୀୟ ଯୋଗ ସଂସ୍ଥାନ ମାଟିତୋଟା ଯୋଗ କେନ୍ଦ୍ରର ସମସ୍ତ ସାଧକ ସାଧିକା ସଚେତନତା ରାଲି ସହ ସଫେଇ କାର୍ଯ୍ୟକ୍ରମ କରିଥିଲେ। ପରିବେଶକୁ ସଫା ରଖିଲେ ଆମେ ସୁସ୍ଥ ରହିବା ଅଳିଆ ଆବର୍ଜନାକୁ ଏଣେତେଣେ ନ ପକାଇ ସ୍ୱଚ୍ଛ ସବାରୀ ଗାଡ଼ିରେ ଦେବା ପାଇଁ ସ୍ଥାନୀୟ ବାସିନ୍ଦାଙ୍କୁ ସଚେତନ କରାଇବା ସହ ସାଧକ ସାଧିକାମାନେ ସାହିର ଗଳିକନ୍ଦି ସଫା କରିଥିଲେ। ପରିବେଶକୁ ସଫା ରଖିବା, ପରିମଳ ବ୍ୟବସ୍ଥାରେ ସୁଧାର, ଆବର୍ଜନା ମୁକ୍ତ ସହର ଗଢ଼ିବାର ନାରା ଦେଇଥିଲେ। ସ୍ୱଚ୍ଛତା ଏକ ଅଭିଯାନ ଏହାକୁ ପ୍ରତ୍ୟେକ ବ୍ୟକ୍ତି ପ୍ରତିଦିନ, ପ୍ରତ୍ୟେକ ପକ୍ଷ ଓ ପ୍ରତ୍ୟେକ ବର୍ଷ ପିଢ଼ି ପରେ ପିଢ଼ି ଆଗେଇନେବା ଆବଶ୍ୟକ। ପରିବେଶ ଆମେ ସଫା କରିବା ଘରେ ଘରେ ଆମେ ସୁସ୍ଥ ରହିବାର ବାର୍ତ୍ତା ବାଣ୍ଟିଥିଲେ। ଏହି କାର୍ଯ୍ୟକ୍ରମରେ ମାଟିତୋଟା ଯୋଗକେନ୍ଦ୍ରର ବରିଷ୍ଠ ସାଧକ ବାବୁଲା ବେହେରା, ଦୁର୍ଯ୍ୟୋଧନ ବିଶ୍ୱାଳ, ମାନସ ମହାପାତ୍ର, ସନ୍ତୋଷ ମହାପାତ୍ର, ସୁକାନ୍ତ ସ୍ୱାଇଁ, ତ୍ରିଲୋଚନ ସାହୁ ଓ ବରିଷ୍ଠ ସାଧିକା ଚିନ୍ମୟୀ ଗଜେନ୍ଦ୍ର, ସସ୍ମିତା ରାଉତରାୟ, ମମତା ପରିଡ଼ା, ମାମୁନି ମହାରଣା, ସଂଯୁକ୍ତା ଦାସ, ବାସନ୍ତୀ ମଲ୍ଲିକଙ୍କ ସମେତ ସମସ୍ତ ସାଧକ ସାଧିକା ଭାଗନେଇଥିଲେ।




ଆର୍ଟ ଅଫ୍ ଗିଭିଂର ତ୍ରୟୋଦଶ ବାର୍ଷିକ ଉତ୍ସବ

# 'ଦେବାର କଳା ରହିଲେ ଦାନ ସରେ ନାହିଁ'

ପୁରୀ,୧୮।୫(ସମିସ): ଆର୍ଟ ଅଫ୍ ଗିଭିଂର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରବିବାର ପୁରୀରେ ଆର୍ଟ ଅଫ୍ ଗିଭିଂର ତ୍ରୟୋଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦେବାର କଳା ରହିଲେ ଦାନ ସରେ ନାହିଁ ବରଂ ଚରମ ଆତ୍ମତୃପ୍ତି ମିଳିଥାଏ ବୋଲି କହିଛନ୍ତି ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଭାତ ମହାପାତ୍ର। ସ୍ଥାନୀୟ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଉତ୍ସବରେ ପ୍ରାଧ୍ୟାପକ ସୁକାନ୍ତ ମହାନ୍ତି, ସମାଜସେବୀ ତଥା କଥାକାର ବଦ୍ରି ମିଶ୍ର, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, କିଟ୍ ଓ କିସ୍ ମାନବ ସମ୍ବଳ ବିଭାଗ ମହାନିର୍ଦ୍ଦେଶକ ଶିବାନନ୍ଦ ମିଶ୍ର, ପ୍ରଧାନଶିକ୍ଷକ ସୁବାସ ସାହୁ ପ୍ରମୁଖ ଯୋଗଦେଇ ଡ. ଅଚ୍ୟୁତ ସାମନ୍ତଙ୍କ ଏଭଳି ପ୍ରଚେଷ୍ଟାକୁ ଭୂୟସୀ ପ୍ରଶଂସା କରିଥିଲେ। ଯୁଗେ ଯୁଗେ ଦାନର ମହତ୍ତ୍ୱ ରହିଆସିଛି। ସମାଜରେ ଦୁଃଖୀ, ଦରିଦ୍ର, ଅସହାୟଙ୍କ ସେବା ଓ ଦାନଠାରୁ ଆଉ ବଡ଼ କିଛି ନାହିଁ। ଆଜି ଆର୍ଟ ଅଫ୍ ଗିଭିଂ ତ୍ରୟୋଦଶ ସଂସ୍କରଣରେ ଯୁବପିଢ଼ିଙ୍କ ମଧ୍ୟରେ ପରିବର୍ତ୍ତନର ସମୟ ଆସିଛି ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଭଲିବଲ୍ ପ୍ରତିଯୋଗିତାରେ ବିଜେତା ଓ ରନର୍ସ ଅପ୍ ଟିମ୍‌କୁ ପୁରସ୍କୃତ କରାଯାଇଥିଲା। କିଟ୍ ମିଡିଆ ବିଭାଗ ସହକାରୀ ପ୍ରଫେସର ପ୍ରଦ୍ୟୁମ୍ନ ସାଥୁଆ କାର୍ଯ୍ୟକ୍ରମ ସଂଯୋଜନ କରିଥିବାବେଳେ କଳିଙ୍ଗ ଟିଭି ପୁରୀ ସିନିୟର ରିପୋର୍ଟର ଶୈଳେନ୍ଦ୍ର ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କିଟ୍ ଓ କିସ୍‌ର ବିଜୟ ରଥ, ବିଜୟ ଶତପଥୀ, ଦିବ୍ୟରଞ୍ଜନ ସାହୁ, ବିଦ୍ୟୁତ୍ ମହାରଣା, ରାଜକିଶୋର ଦାସ ପ୍ରମୁଖ ସହଯୋଗ କରିଥିଲେ।

# 'ଆଜିର ରେବତୀ' କାହାଣୀକାର ବଦ୍ରି ମିଶ୍ରଙ୍କୁ ବାଣୀଚିତ୍ର ସମ୍ମାନ




ପୁରୀ,୧୮।୫(ସମିସ): ନାରୀ ଶିକ୍ଷା ଓ ମହିଳା ସଶକ୍ତୀକରଣ ଉପରେ ଆଧାରିତ ଓଡ଼ିଆ ଚଳଚ୍ଚିତ୍ର 'ଆଜିର ରେବତୀ'ର କାହାଣୀକାର ଡ. ବଦ୍ରି ମିଶ୍ରଙ୍କୁ ମିଳିଛି ବାଣୀଚିତ୍ର ସମ୍ମାନ। ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି ବିଶେଷକରି ଦୀର୍ଘ ୫୭ ବର୍ଷ ଧରି ଓଡ଼ିଆ ଚଳଚ୍ଚିତ୍ର ସମ୍ମାନ ପ୍ରଦାନ କରୁଥିବା ବାଣୀଚିତ୍ର ଚଳଚ୍ଚିତ୍ର ପୁରସ୍କାର ଉତ୍ସବ ଚଳିତବର୍ଷ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରେଷ୍ଠ ଅଭିନେତା ଭାବେ 'ଅନନ୍ତା'ର ସବ୍ୟସାଚୀ, ଶ୍ରେଷ୍ଠ ଅଭିନେତ୍ରୀ ଭାବେ 'ପାଦେ ଆକାଶ'ର ଅର୍ଚ୍ଚିତା ସାହୁଙ୍କୁ ଚଳଚ୍ଚିତ୍ର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର ଓ ସଞ୍ଜୟ ନାୟକ, ପ୍ରାକ୍ତନ ପ୍ରଶାସକ ରବି ନାରାୟଣ ସେନାପତି ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ସମ୍ପାଦକ ଭାସ୍କର ଜେନା। ଏହି ଅବସରରେ ଉମେଶ ଖିଲାରଙ୍କ ଗୀତିକବିତା ପୁସ୍ତକ 'ଜହ୍ନ ହଜିଗଲା ବଉଦ ତଳେ' ଉନ୍ମୋଚନ ହୋଇଥିଲା।

## ଉନ୍ନତ ଭେଣ୍ଟିଲେଟର, ଇକୋ ମେସିନ୍ ନାହିଁ

# 'ଗୋଲ୍‌ଡେନ ଆୱାର'ରେ ବିପଦରେ ଜୀବନ

ପୁରୀ,୧୮।୫(ସମିସ): ଭାରତର ଏକ ପ୍ରମୁଖ ଆଧ୍ୟାତ୍ମିକ କ୍ଷେତ୍ର ଓ ପର୍ଯ୍ୟଟନ ସହର ପୁରୀ। ପ୍ରତିଦିନ ହଜାର ହଜାର ଭକ୍ତ, ପର୍ଯ୍ୟଟକ ଏଠାକୁ ଆସନ୍ତି। ଏଭଳି ଏକ ସମ୍ବେଦନଶୀଳ ସହର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଜି ବି ଗୁରୁତର ରୋଗୀଙ୍କ ଜୀବନ ବଞ୍ଚାଇବା ପାଇଁ ଆବଶ୍ୟକ ଉନ୍ନତ ଭେଣ୍ଟିଲେଟର ଓ ଇକୋ ମେସିନ୍ ଭଳି ଉପକରଣ ନାହିଁ। ଫଳରେ 'ଗୋଲ୍‌ଡେନ ଆୱାର' ମଧ୍ୟରେ ଚିକିତ୍ସା ନ ମିଳି ଅନେକ ଜୀବନ ରାସ୍ତାରେ ହିଁ ଚାଲିଯାଉଛି।

ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଗୁରୁତର ହୃଦ୍‌ଘାତ, ଶ୍ୱାସକଷ୍ଟ, ସଡ଼କ ଦୁର୍ଘଟଣା ଓ ଅନ୍ୟ ଜଟିଳ ରୋଗୀଙ୍କ ପାଇଁ ପର୍ଯ୍ୟାପ୍ତ ଆଇସିୟୁ ଶଯ୍ୟା ଓ ଉନ୍ନତ ଭେଣ୍ଟିଲେଟର ସୁବିଧା ନାହିଁ। ଏଠାରେ ଇକୋ କିମ୍ବା ଏକ୍‌ମୋ ମେସିନ ଭଳି ଉନ୍ନତ ଜୀବନରକ୍ଷକ ଯନ୍ତ୍ର ମଧ୍ୟ ଉପଲବ୍ଧ ନୁହେଁ। ଫଳରେ ସଂକଟାପନ୍ନ ରୋଗୀଙ୍କୁ ଭୁବନେଶ୍ୱର ଏମ୍‌ସ, କ୍ୟାପିଟାଲ ହସ୍ପିଟାଲ କିମ୍ବା କଟକ ଏସ୍‌ସିବି ମେଡିକାଲ ସ୍ଥାନାନ୍ତର କରିବାକୁ ପଡୁଛି। ଆମ୍ବୁଲାନ୍ସରେ ଯିବାଆସିବା ସମୟ ମଧ୍ୟରେ ରୋଗୀଙ୍କ ଅବସ୍ଥା ଗୁରୁତର ହୋଇଯାଉଛି। 'ଗୋଲ୍‌ଡେନ ଆୱାର'ରେ ଠିକ୍ ଚିକିତ୍ସା ନ ମିଳିବାରୁ ରାସ୍ତାରେ ହିଁ ଅନେକ ମୂଲ୍ୟବାନ ଜୀବନ ଚାଲିଯାଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପୁରୀ ଏକ ପର୍ଯ୍ୟଟନ ଓ ତୀର୍ଥ ସହର। ବଡ଼ଦାଣ୍ଡ, ସମୁଦ୍ର କୂଳ ସମେତ ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ପ୍ରତିଦିନ ଭିଡ଼ ଲାଗିଥାଏ। ଏଭଳି ସ୍ଥିତିରେ ହଠାତ୍ ହୃଦ୍‌ଘାତ, ହିଟ୍ ଷ୍ଟ୍ରୋକ୍, ଦୁର୍ଘଟଣା କିଛି ନୂଆ ନୁହେଁ। ହେଲେ ଗୁରୁତର ରୋଗୀଙ୍କୁ ତୁରନ୍ତ ଚିକିତ୍ସା ଦେବାର ବ୍ୟବସ୍ଥା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସମ୍ଭବ ହେଉନାହିଁ। ଏଠାରେ ଉନ୍ନତ ଆଇସିୟୁ ଓ କ୍ରିଟିକାଲ କେୟାର ସୁବିଧା ପାଇଁ ଦୀର୍ଘଦିନ ଧରି ଦାବି ହୋଇଆସୁଛି। ସହରବାସୀ, ସାମାଜିକ ସଂଗଠନ ଓ ରୋଗୀ କଲ୍ୟାଣ ସମିତି ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। କିନ୍ତୁ ଏ ପର୍ଯ୍ୟନ୍ତ କୌଣସି ସ୍ଥାୟୀ ସମାଧାନ ହୋଇନାହିଁ। ଅଖିଳ ଭାରତ ହିନ୍ଦୁ ମହାସଭା ଏବେ ପୁଣି ଏହି ପ୍ରସଙ୍ଗ ଉଠାଇଛି। ସଂଗଠନ ପକ୍ଷରୁ ରାଜ୍ୟ ସରକାର ଓ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟକୁ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରାଯାଇଛି।

## ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସୁଧାର ଆସିବ କେବେ?




ସଂଗଠନ ପକ୍ଷରୁ ଦାବି କରାଯାଇଛି ଯେ, ତୁରନ୍ତ ଏକ୍‌ମୋ ଓ ଇକୋ ମେସିନ ସହ ଆଡ୍‌ଭାନ୍ସ ଭେଣ୍ଟିଲେଟର ସହିତ ଆଇସିୟୁ ୟୁନିଟ୍ ସ୍ଥାପନ କରାଯାଉ। ଏହା ହେଲେ ଗୁରୁତର ହୃଦ୍‌ଘାତ, ଶ୍ୱାସକଷ୍ଟ ରୋଗୀଙ୍କୁ ଏଠାରେ ଚିକିତ୍ସା ମିଳିପାରିବ। ୨୪ ଘଣ୍ଟିଆ କ୍ରିଟିକାଲ କେୟାର ସ୍ପେଶାଲିଷ୍ଟ ଓ ପଲ୍‌ମୋଲୋଜିଷ୍ଟ ନିଯୁକ୍ତି କରାଯାଉ। ବର୍ତ୍ତମାନ ବିଶେଷଜ୍ଞ ଡାକ୍ତରଙ୍କ ଅଭାବ ଯୋଗୁଁ ରୋଗୀଙ୍କୁ ବାହାରକୁ ପଠାଇବାକୁ ପଡୁଛି। ରଥଯାତ୍ରା ପୂର୍ବରୁ ସ୍ୱତନ୍ତ୍ର ଟ୍ରମା କେୟାର ଓ କାର୍ଡିଓ କେୟାର ୟୁନିଟ୍ କାର୍ଯ୍ୟକ୍ଷମ ହେଉ। ରଥଯାତ୍ରା ସମୟରେ ଦୁର୍ଘଟଣା ଓ ହୃଦ୍‌ଘାତ ଘଟଣା ବଢ଼ିଥାଏ। ଏହି ସମୟରେ ସ୍ୱତନ୍ତ୍ର ୟୁନିଟ୍ ଜୀବନ ବଞ୍ଚାଇପାରିବ।

ସଂଗଠନ କହିଛି, ଜଗନ୍ନାଥ ଧାମକୁ ଆସୁଥିବା ପ୍ରତ୍ୟେକ ଭକ୍ତ ଓ ସ୍ଥାନୀୟ ଜନତାଙ୍କ ଜୀବନ ସୁରକ୍ଷା ସରକାରଙ୍କ ପ୍ରାଥମିକ ଦାୟିତ୍ୱ। ଯଦି ତୁରନ୍ତ ପଦକ୍ଷେପ ନିଆ ନ ଯାଏ ତେବେ ଅଖିଳ ଭାରତ ହିନ୍ଦୁ ମହାସଭା ଆନ୍ଦୋଳନ କରିବାକୁ ବାଧ୍ୟ ହେବ। ପୁରୀ ଏକ ଅନ୍ତର୍ଜାତୀୟ ପର୍ଯ୍ୟଟନସ୍ଥଳୀ। ବିଦେଶୀ ପର୍ଯ୍ୟଟକ ମଧ୍ୟ ଏଠାକୁ ବହୁ ସଂଖ୍ୟାରେ ଆସନ୍ତି। ଏଭଳି ସ୍ଥିତିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଉନ୍ନତ କ୍ରିଟିକାଲ କେୟାର ସୁବିଧା ନ ଥିବା ଗୁରୁତର ପ୍ରଶ୍ନ ସୃଷ୍ଟି କରୁଛି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ହୃଦ୍‌ଘାତ, ଗୁରୁତର ଶ୍ୱାସକଷ୍ଟ ଓ ଦୁର୍ଘଟଣା କ୍ଷେତ୍ରରେ ପ୍ରଥମ ଏକ ଘଣ୍ଟା ଅତି ଗୁରୁତ୍ୱପୂର୍ଣ୍ଣ। ଏହି 'ଗୋଲ୍‌ଡେନ ଆୱାର' ମଧ୍ୟରେ ଉନ୍ନତ ଭେଣ୍ଟିଲେଟର ଓ ଏକ୍‌ମୋ ସୁବିଧା ମିଳିଲେ ମୃତ୍ୟୁହାର ଯଥେଷ୍ଟ କମାଇ ହେବ। ପୁରୀ ଭଳି ସହରରେ ଯଦି ମୌଳିକ ଜୀବନ ରକ୍ଷକ ସୁବିଧା ନ ଥାଏ ତେବେ ଏହା କେବଳ ସ୍ଥାନୀୟ ଲୋକଙ୍କ ପାଇଁ ନୁହେଁ ସମଗ୍ର ଦେଶରୁ ଆସୁଥିବା ଭକ୍ତଙ୍କ ପାଇଁ ମଧ୍ୟ ବିପଦ। ଆଗକୁ ରଥଯାତ୍ରା। ଏହି ସମୟରେ ଲକ୍ଷ ଲକ୍ଷ ଲୋକଙ୍କ ସମାଗମ ହେବ। ତେଣୁ ସରକାର ଯଦି ଏବେ ପଦକ୍ଷେପ ନ ନିଅନ୍ତି ତେବେ କୌଣସି ବଡ଼ ଅଘଟଣ ଘଟିବାର ଆଶଙ୍କା ରହିଛି। ପୁରୀ ଭଳି ପବିତ୍ର ସ୍ଥାନରେ ଚିକିତ୍ସା ଅଭାବରୁ ଜୀବନ ହାରିବା ଘଟଣା ଲଜ୍ଜାଜନକ ହେବ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି। ଏ ସମ୍ପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ଡା. ଅକ୍ଷୟ କୁମାର ଶତପଥୀ କହିଛନ୍ତି, ଆମର ୬ ଶଯ୍ୟା ବିଶିଷ୍ଟ ଆଇସିୟୁରେ ଭେଣ୍ଟିଲେଟର ରହିଛି। କିନ୍ତୁ ଇକୋ ସୁବିଧା ନାହିଁ। ସରକାର ଜଣେ କାର୍ଡିଓଲୋଜିଷ୍ଟଙ୍କୁ ନିଯୁକ୍ତି ଦେଇଥିଲେ। ହେଲେ ସେ ଯୋଗଦେଇନାହାନ୍ତି ବୋଲି କହିଛନ୍ତି।

# ସମ୍ପାଦକୀୟ



ପତି-ପତ୍ନୀ ଉଭୟେ ଉଭୟଙ୍କର ସମର୍ଥକ ଓ ଉତ୍ତମ ବନ୍ଧୁ ହେବା ଉଚିତ।

-ସୁଧା ମୂର୍ତ୍ତି

ସକାଳ THE SAKALA

## ଅସ୍ପଷ୍ଟ ଶ୍ରମ ସଂହିତା

ପାଞ୍ଚଟି ରାଜ୍ୟର ବିଧାନସଭା ନିର୍ବାଚନ ଫଳାଫଳ ଏବଂ ତତ୍‌ପରବର୍ତ୍ତୀ ନିଟ୍ ପ୍ରଶ୍ନପତ୍ର ପ୍ରଘଟ କୋଳାହଳ ମଧ୍ୟରେ କେନ୍ଦ୍ର ସରକାର ବହୁଚର୍ଚ୍ଚିତ ନୂଆ ଶ୍ରମ ସଂହିତା ନିୟମାବଳୀ ଜାରି କରିଛନ୍ତି। ଏଥିସହିତ ଗତ ନଭେମ୍ବରରେ ପ୍ରଣୀତ ଏହି ଆଇନ କାର୍ଯ୍ୟକାରୀ କରିବାର ବାଟ ଫିଟିଛି। ନୂଆ ଶ୍ରମ ସଂହିତା ଓ ଜାରି ନିୟମାବଳୀ ଅନୁଯାୟୀ ଏଣିକି ଦୈନିକ ୮ ଘଣ୍ଟା ବା ସାପ୍ତାହିକ ୪୮ ଘଣ୍ଟା କାର୍ଯ୍ୟ/ଶ୍ରମ, ବାଧ୍ୟତାମୂଳକ ମଜୁରୀ ଦଲିଲ୍ ପ୍ରଦାନ, ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଓ ଗିଗ୍ କର୍ମୀଙ୍କ ପାଇଁ ସାମାଜିକ ସୁରକ୍ଷା ପାଣ୍ଠି ଆଦି ଆଇନତଃ ବୈଧ ହୋଇଛି। କିନ୍ତୁ ଜାନୁଆରୀ ମାସରେ ପ୍ରକାଶିତ ସଂଶୋଧିତ ଚିଠା ଆଇନରେ ବହୁ ଈପ୍‌ସିତ ସର୍ବନିମ୍ନ ମଜୁରୀ ନିର୍ଦ୍ଧାରଣ ସମ୍ପର୍କରେ ଉଲ୍ଲେଖ କରାଯାଇଥିଲେ ମଧ୍ୟ ଚୂଡ଼ାନ୍ତ ବିଜ୍ଞପ୍ତିରୁ ତାହା ବାଦ୍ ପଡ଼ିବା ପରେ ସରକାରଙ୍କ ଆଭିମୁଖ୍ୟ ସନ୍ଦେହ ଘେରକୁ ଆସିଯାଇଛି। ଏ ସମ୍ପର୍କିତ ବିଜ୍ଞପ୍ତି ପରବର୍ତ୍ତୀ ସମୟରେ ସ୍ୱତନ୍ତ୍ର ଭାବେ ପ୍ରକାଶ ପାଇବ ବୋଲି ସରକାରୀ ଭାବେ କୁହାଯାଇଛି।

ସର୍ବନିମ୍ନ ମଜୁରୀ ପ୍ରସଙ୍ଗ ବାଦ୍ ପଡ଼ିବା ସମ୍ପର୍କରେ ସରକାରୀ ସ୍ପଷ୍ଟୀକରଣ ହେଉଛି ଶ୍ରମିକ/କର୍ମଚାରୀମାନଙ୍କର ଖାଦ୍ୟ, ବାସସ୍ଥାନ ଓ ବସ୍ତ୍ର ସମ୍ପର୍କିତ ସର୍ବନିମ୍ନ ମାନ ନିର୍ଦ୍ଧାରଣ କରିବା ପରେ ଯାଇ ଫ୍ଲୋର ୱେଜ୍(ମଜୁରୀ ରେଖା) ନିର୍ଦ୍ଧାରଣ କରାଯିବ। ଏହାଠାରୁ କୌଣସି ରାଜ୍ୟ କିମ୍ବା ସଂସ୍ଥା କମ୍ ମଜୁରୀ ଦେଇପାରିବେ ନାହିଁ। ଅଞ୍ଚଳ ଭିତ୍ତିରେ ଜୀବନଧାରଣ ମାନ ସମାନ ନୁହେଁ। ତେଣୁ ଏକ ସାର୍ବଜନୀନ ଫ୍ଲୋର ୱେଜ୍ ନିର୍ଦ୍ଧାରଣ ସମୟସାପେକ୍ଷ। ନିଯୁକ୍ତିଦାତା ବା ମାଲିକମାନେ ସବୁବେଳେ କର୍ମଚାରୀଙ୍କ ଅଧିକ ଖଟଣି କିନ୍ତୁ କମ୍ ଦରମା/ମଜୁରୀ/ପାରିଶ୍ରମିକକୁ ଅଗ୍ରାଧିକାର ଦେବା ସ୍ୱାଭାବିକ। ସର୍ବନିମ୍ନ ମଜୁରୀ ସମ୍ପର୍କିତ ବିଜ୍ଞପ୍ତି କେବେ ଆସିବ ତାହା ମଧ୍ୟ ଜଣାନାହିଁ। ଏହି ପୃଷ୍ଠଭୂମିରେ ଏଭଳି ଅସ୍ପଷ୍ଟ ବା ଏକପାଖିଆ ବିଜ୍ଞପ୍ତି ନିଯୁକ୍ତିଦାତାଙ୍କୁ ସୁହାଇବ ଏବଂ କର୍ମଚାରୀଙ୍କ ମନରେ ଅସୁରକ୍ଷିତ ଭାବନା ସୃଷ୍ଟି କରିବ। ଏହାଦ୍ୱାରା କାର୍ଯ୍ୟାଳୟ ପରିବେଶ ଭରସାଯୋଗ୍ୟ ଓ ବିଶ୍ୱସନୀୟ ହୋଇ ରହିବ ନାହିଁ, ଯାହାର ପ୍ରଭାବରେ ଉତ୍ପାଦକତା ହ୍ରାସ ପାଇବ।

ଶ୍ରମ ଓ ଶ୍ରମିକ ସମ୍ପର୍କିତ ପ୍ରଚଳିତ ୨୯ଟି ଆଇନକୁ ଏକତ୍ରୀକରଣ କରି ଚାରିଟି ସଂହିତା(ଶ୍ରମ ସଂହିତା ୨୦୧୯, ସାମାଜିକ ସୁରକ୍ଷା ସଂହିତା ୨୦୨୦, ଶିଳ୍ପ ସମ୍ବନ୍ଧ ସଂହିତା ୨୦୨୦, ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଓ କାର୍ଯ୍ୟ ଅବସ୍ଥା ସଂହିତା ୨୦୨୦)ରେ କର୍ମଚାରୀ, ପାରିଶ୍ରମିକ, ଶ୍ରମିକ ଆଦିର ସଂଜ୍ଞା, ବାଧ୍ୟତାମୂଳକ ଶାରୀରିକ ଉପସ୍ଥିତି ରେକର୍ଡ, ବହୁବିଧ ଲାଇସେନ୍ସ ବ୍ୟବସ୍ଥା, ବିଜ୍ଞପ୍ତି ବିନା କାର୍ଯ୍ୟାନୁଷ୍ଠାନ, ଇନ୍‌ସ୍ପେକ୍ଟର୍ ରାଜ ଆଦି ପାରମ୍ପରିକ ବ୍ୟବସ୍ଥାର ଉଚ୍ଛେଦ କରାଯାଇଥିବା ବେଳେ ଇପିଏଫ୍ ଜମା ନିୟମକୁ ମଧ୍ୟ କୋହଳ କରାଯାଇଛି। କିନ୍ତୁ ଏବେ ଅନେକ ସଂସ୍ଥା ଉଚ୍ଚ କୁଶଳୀ କର୍ମଚାରୀଙ୍କୁ ଇପିଏଫ୍ ସୁବିଧା ଦେଉନାହାନ୍ତି। ଏ ସମ୍ପର୍କରେ ନୂଆ ଶ୍ରମ ସଂହିତା ନିରବ ଥିବା ମନେ ହୁଏ। ସେହିପରି ନୂଆ ଶ୍ରମ ସଂହିତାରେ ସବୁ କର୍ମଚାରୀଙ୍କୁ ନିଯୁକ୍ତିପତ୍ର ଦେବା ବାଧ୍ୟତାମୂଳକ କରାଯାଇଥିବା ବେଳେ ଠିକ୍ ସମୟରେ ବେତନ ପ୍ରଦାନ, ବର୍ଷେ କାମ କରିବା ପରେ ଗ୍ରାଚ୍ୟୁଇଟି, ସର୍ବନିମ୍ନ ବେତନ ସୁନିଶ୍ଚିତ କରିବା, ମହିଳାମାନଙ୍କୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ କାମ କରିବାର ସୁଯୋଗ ଓ ସୁବିଧା ପ୍ରଦାନ, ନିଯୁକ୍ତିଦାତାଙ୍କ ତରଫରୁ କର୍ମଚାରୀମାନଙ୍କର ନିୟମିତ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀଙ୍କୁ ସାମାଜିକ ସୁରକ୍ଷା ବ୍ୟବସ୍ଥା ଆଦି ନୂଆ ଶ୍ରମ ସଂହିତାମାନଙ୍କରେ ରହିଛି। ବିହାର, ରାଜସ୍ଥାନ, ଝାଡ଼ଖଣ୍ଡ ଆଦି ରାଜ୍ୟରେ ଗିଗ୍ କର୍ମଚାରୀଙ୍କ ପାଇଁ ଆଇନ ପ୍ରଣୟନ ସତ୍ତ୍ୱେ ତାହା ବାସ୍ତବତାଠାରୁ ବହୁ ଦୂରରେ। ତେଣୁ ଶ୍ରମ ସଂହିତାର ସର୍ତ୍ତାବଳୀ କେତେ ବାସ୍ତବବାଦୀ ହେବ ସେ ସମ୍ପର୍କିତ ନିଶ୍ଚିତତା ବିଜ୍ଞପ୍ତିରେ ଉଲ୍ଲେଖଥିଲେ ଶ୍ରମିକ ହିତରେ ହୋଇଥା'ନ୍ତା।

ବିଡ଼ମ୍ବନା ହେଉଛି ଏହି ଆଇନ ୨୦୨୦ ମସିହାରେ ପ୍ରଣୀତ ହୋଇଥିବା ବେଳେ କାର୍ଯ୍ୟକାରୀ ବିଜ୍ଞପ୍ତି ଜାରି କରିବା ପାଇଁ ପ୍ରାୟ ୬ ବର୍ଷ ଲାଗିଗଲା। ତେଣୁ ବାସ୍ତବ କ୍ଷେତ୍ରରେ ରୂପାୟନ କେତେ ପ୍ରଭାବଶାଳୀ ଓ ବାସ୍ତବବାଦୀ ହେବ ଏବଂ ଭାରତୀୟ ଅର୍ଥନୀତିକୁ କେତେ ବେଗଗାମୀ କରିବ ତାହା ଘରୋଇ ସଂସ୍ଥା ଓ ଶିଳ୍ପପତିଙ୍କ ମାନସିକତା ଉପରେ ନିର୍ଭର କରୁଛି। ବିଶେଷକରି ତୀବ୍ର ପ୍ରତିଯୋଗିତାପୂର୍ଣ୍ଣ ବଜାରରେ ତିଷ୍ଠି ରହିବା ପାଇଁ କ୍ଷୁଦ୍ର ଓ ମଧ୍ୟମ ସଂସ୍ଥାମାନେ ସଂଘର୍ଷ କରୁଥିବା ବେଳେ କର୍ମଚାରୀଙ୍କୁ ପ୍ରତିଶ୍ରୁତି ମୁତାବକ ଦରମା ବା ପାରିଶ୍ରମିକ ଦେବା କାଠିକର ପାଠ ହୋଇଯାଉଛି। ବିଶେଷକରି ମଧ୍ୟପ୍ରାଚ୍ୟ ଯୁଦ୍ଧରେ ପରୋକ୍ଷ ପ୍ରଭାବିତ ଭାରତୀୟ ଅର୍ଥନୀତିରେ ଠିକ୍ ସମୟରେ ବେତନ, ସର୍ବନିମ୍ନ ବେତନ ଓ ଗ୍ରାଚ୍ୟୁଇଟି ପ୍ରଦାନ ଆଦି ଅବାସ୍ତବ ଲାଗୁଛି। ଯେଉଁଠି ନିଜେ ତିଷ୍ଠି ରହିବା ପାଇଁ ନିଯୁକ୍ତିଦାତା ସଂଘର୍ଷ କରୁଛି ସେଠାରେ ନିଯୁକ୍ତିପତ୍ରର ନିଶ୍ଚିତତା ଯେ ଏକ ପ୍ରହସନ ତାହା କେବଳ ଭୁକ୍ତଭୋଗୀ ହିଁ ଅନୁଭବ କରିପାରିବ।

ପ୍ରତିଯୋଗିତାପୂର୍ଣ୍ଣ ବିଶ୍ୱରେ ଶିଳ୍ପପତିମାନେ ଶ୍ରମିକ ଅନୁକୂଳ ପରିବର୍ତ୍ତେ ଅଧିକରୁ ଅଧିକ ଶ୍ରମଅନୁକୂଳ ହେବାର ଦେଖାଯାଉଛି। କମ୍ ପାରିଶ୍ରମିକରେ ଅଧିକ ସମୟ ଖଟାଇ ଅଧିକ କାମ ଆଦାୟ କରିବାର ମାନସିକତା ଯେ ପର୍ଯ୍ୟନ୍ତ ହଟିନାହିଁ ନୂଆ ଶ୍ରମ ଆଇନର ଉପକାରିତା ଓ ଉପଯୋଗିତା ଫଳପ୍ରସୂ ହେବ ନାହିଁ। ସେହିପରି ଯାନ୍ତ୍ରିକ ଯୁଗରେ ବିଶେଷକରି ଏଆଇର ଆତ୍ମପ୍ରକାଶ ପରେ ଶାରୀରିକ ଶ୍ରମ ଓ ମାନବ ସମ୍ବଳର ଆବଶ୍ୟକତା ଓ ଗୁରୁତ୍ୱ ହ୍ରାସ ପାଇବାରେ ଲାଗିଛି। ଏପରି କ୍ଷେତ୍ରରେ ନୂଆ ଶ୍ରମ ସଂହିତା ମାନବ ସମ୍ବଳ ଓ ନିଯୁକ୍ତି କ୍ଷେତ୍ରକୁ କେତେ ସୁରକ୍ଷା ଦେଇପାରିବ ତାହା ସ୍ପଷ୍ଟ ହୋଇନାହିଁ। ସାମଗ୍ରିକ ଭାବେ ବିଚାର କଲେ ନୂଆ ଶ୍ରମ ସଂହିତା ବଡ଼ ବଡ଼ ଶିଳ୍ପ ସଂସ୍ଥାଙ୍କୁ ସୁହାଇବ ଏବଂ କ୍ଷୁଦ୍ର ଶିଳ୍ପ ସଂସ୍ଥାଙ୍କ ପାଇଁ ଅନେକ ଆହ୍ୱାନ ଓ ସମସ୍ୟା ସୃଷ୍ଟି କରିବ। ଏପରିକି ଭାରତର ଶ୍ରମ ବଜାରରେ ଟୀନ୍ ଶ୍ରମିକଙ୍କ ଆଧିପତ୍ୟ ବଢ଼ିବ ଏବଂ ରାଜ୍ୟ-ରାଜ୍ୟ ମଧ୍ୟରେ ଅର୍ଥନୈତିକ ଅଭିବୃଦ୍ଧିର ବୈଷମ୍ୟ ଆହୁରି ଉତ୍କଟ ହେବ ବୋଲି ବିଶେଷଜ୍ଞମାନେ ଆଶଙ୍କା କରିଛନ୍ତି। ଏହି ଆଶଙ୍କା ଯେତେଶୀଘ୍ର ଦୂର ହେବ ଭାରତୀୟ ଶ୍ରମ ବଜାର, ଶ୍ରମିକ ଓ ସର୍ବୋପରି ଭାରତୀୟ ଅର୍ଥନୀତିର ପ୍ରତି ସେତେ ମଙ୍ଗଳପ୍ରଦ।

## ରୁଦ୍ଧଦ୍ୱାର ରାଷ୍ଟ୍ର ଓ ରାଷ୍ଟ୍ରବିହୀନ ଦେଶ

ପ୍ରଦୀପ କୁମାର ନାଥ

ପ୍ରାୟ ସମସ୍ତଙ୍କ ପାଇଁ ସରକାରୀ ଚାକିରି ଏକାନ୍ତ ଅପରିହାର୍ଯ୍ୟ। କାରଣ ଏହା ଅବସର ପର୍ଯ୍ୟନ୍ତ ନିଶ୍ଚିତ ଓ ଅଖଣ୍ଡ ନିଯୁକ୍ତି ଏବଂ ମୃତ୍ୟୁ ପର୍ଯ୍ୟନ୍ତ ପେନସନ୍‌ର ନିଶ୍ଚିତତା ଉପରେ ପର୍ଯ୍ୟବସିତ। ୨୦୦୪ରେ ପେନସନ ପଦ୍ଧତିର ପରିବର୍ତ୍ତନ ପରେ ମଧ୍ୟ ଏହି ଧାରଣା ବଳବତ୍ତର ରହିଛି ଯେ ସରକାରୀ ତନ୍ତ୍ର କେବଳ ଭଲ ଦରମା ଦିଏ ନାହିଁ, ଏହା ସମଗ୍ର ପରିବାର ପାଇଁ ନିଶ୍ଚିତ ଗୃହ, ସ୍ୱାସ୍ଥ୍ୟସେବା ଓ ଶିକ୍ଷା ସହିତ ପରିପୂର୍ଣ୍ଣ ଓ ଉଚ୍ଚତର ଜୀବନଶୈଳୀ ପ୍ରଦାନ କରେ। ଜୀବନଚର୍ଯ୍ୟା ମାନରେ କ୍ରମାଗତ ବୃଦ୍ଧିରେ ସହାୟକ ହୋଇଥାଏ। ଏଣୁ ଦୂରରୁ ଏହା ଏକ ରୁଦ୍ଧଦ୍ୱାର ରାଷ୍ଟ୍ର (ଗେଟେଡ୍ ନେସନ) ପରି ପ୍ରତୀତ ହୁଏ।

ସରକାରଙ୍କ ତିନୋଟିଯାକ ସ୍ତରରେ ସମ୍ମିଳିତ ଭାବେ ପ୍ରାୟ ୧୮୫ ଲକ୍ଷ କର୍ମଚାରୀ ନିଯୁକ୍ତ। କେନ୍ଦ୍ର ସରକାରଙ୍କ ଅଧୀନରେ ୩୪ ଲକ୍ଷ, ସମସ୍ତ ରାଜ୍ୟ ସରକାରଙ୍କ ଅଧୀନରେ ୭୨.୧୮ ଲକ୍ଷ, ଅର୍ଦ୍ଧ-ସରକାରୀ ସଂସ୍ଥାଗୁଡ଼ିକରେ ୫୮.୧୪ ଲକ୍ଷ, ଏବଂ ସ୍ଥାନୀୟ ସରକାରୀସ୍ତରରେ, ସାଧାରଣ ନାଗରିକଙ୍କ ସହିତ ସବୁଠୁ ବେଶୀ ସମ୍ପର୍କ ଓ ଯୋଗାଯୋଗ ରଖୁଥିବା ଆଉ ଏକ ସ୍ତରରେ ୨୦.୫୩ ଲକ୍ଷ କର୍ମଚାରୀ ନିୟୋଜିତ। ଏହିପ୍ରକାରର ପ୍ରଶାସନିକ ବ୍ୟବସ୍ଥା ବର୍ତ୍ତମାନ ଜିଡିପିର ଶତକଡ଼ା ୧୨.୭୪ ଅଂଶ। ଭାରତରେ ପ୍ରତି ଲକ୍ଷେ ନାଗରିକଙ୍କ ପାଇଁ ୧୬୨୨.୮ ଜଣ ସରକାରୀ କର୍ମଚାରୀ ଥିବା ବେଳେ ଆମେରିକାରେ ଏମାନଙ୍କ ସଂଖ୍ୟା ୭, ୬୮୧। ପ୍ରତି ଲକ୍ଷେ ଲୋକଙ୍କ ପାଇଁ ବିହାରରେ ୪୫୭.୬୦ଜଣ, ମଧ୍ୟପ୍ରଦେଶରେ ୮୨୬.୪୭, ଉତ୍ତର ପ୍ରଦେଶରେ ୮୦୧.୬୭, ଓଡ଼ିଶାରେ ୧, ୧୯୧.୯୭ ଓ ଛତିଶଗଡ଼ରେ ୧, ୧୭୪.୬୨, ଗୁଜରାଟରେ ୮୨୬.୪୭, ପଞ୍ଜାବରେ ୧, ୨୬୩.୩୪ ଜଣ ସରକାରୀ କର୍ମଚାରୀ ନିୟୋଜିତ। ଏ କ୍ଷେତ୍ରରେ ସମସ୍ୟା ବହୁଳ ରାଜ୍ୟଗୁଡ଼ିକର ସ୍ଥିତି ପ୍ରକୃତରେ ବେଶ ସନ୍ତୋଷଜନକ। ତେଣୁ ମିଜୋରାମରେ ପ୍ରତି ଏକ ଲକ୍ଷ ଜନସଂଖ୍ୟାରେ ୩, ୯୫୦.୨୭ ସରକାରୀ କର୍ମଚାରୀ ଥିବା ବେଳେ ନାଗାଲାଣ୍ଡରେ ୩, ୯୨୦.୬୨, ଜମ୍ମୁକାଶ୍ମୀରରେ ୩୫୮୫.୯୬, ସିକ୍କିମରେ ୬, ୩୯୪.୮୯ ଜଣ ସରକାରୀ କର୍ମଚାରୀ ନିଯୁକ୍ତ।

ଭାରତର କୌଣସି ରାଜ୍ୟର ଜନସଂଖ୍ୟା ଅନୁସାରେ ସେବା ପ୍ରଦାନକାରୀ କର୍ମଚାରୀଙ୍କ ସଂଖ୍ୟା ଅନ୍ତର୍ଜାତୀୟ ସ୍ତରର ନିକଟ ନିକଟବର୍ତ୍ତୀ ହୁଅନ୍ତି ନାହିଁ। ଏଥିରୁ ପ୍ରତୀତ ହୁଏ ଯେ ଭାରତର ଅପେକ୍ଷାକୃତ ପଛୁଆ ରାଜ୍ୟଗୁଡ଼ିକରେ ସରକାରୀ କର୍ମଚାରୀଙ୍କ ଅନୁପାତ ଯଥେଷ୍ଟ କମ। ଦାରିଦ୍ର୍ୟ ଦୂର କରିବା ପାଇଁ ଅତ୍ୟାବଶ୍ୟକ ଶିକ୍ଷା, ସ୍ୱାସ୍ଥ୍ୟ ଓ ସାମାଜିକ ସେବା ଯୋଗାଇବା ପାଇଁ ପର୍ଯ୍ୟାପ୍ତ ସରକାରୀ କର୍ମଚାରୀ ଉପଲବ୍ଧ ନାହାନ୍ତି। ମୁଖ୍ୟ ରାସ୍ତା ଛାଡ଼ି ତଳକୁ ଓହ୍ଲାଇଲେ ସରକାରଙ୍କ ଅନୁପସ୍ଥିତି ଜଳଜଳ ହେଇ ଦିଶିଯାଏ। ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଯଦି ତାଲା ପଡ଼ି ନି ତେବେ ତାହା ମଧ୍ୟାହ୍ନ ଭୋଜନ ଯୋଗାଇବା ପାଇଁ ହିଁ ଖୋଲା ବୋଲି ବୁଝିବାକୁ ହେବ। କୌଣସି ପ୍ରକାରର ଜ୍ଞାନରେ କୁଶଳୀ କରିବାର ସାମାନ୍ୟତମ ଆଭାସ ମଧ୍ୟ ଆଭ୍ୟନ୍ତରୀଣ ଅଞ୍ଚଳର ବିଦ୍ୟାଳୟଗୁଡ଼ିକରେ ଦୃଷ୍ଟିଗୋଚର ହୁଏ ନାହିଁ।

ଗବେଷଣା ପାଇଁ ତଥ୍ୟସଂଗ୍ରହ ବା ସର୍ବେକ୍ଷଣ ବେଳେ ଏ ଲେଖକର କିଛିଟା ଅନୁଭୂତି ରହିଛି। ବହୁଚର୍ଚ୍ଚିତ ଦାନ ମାଝି ରହୁଥବା ଗାଁ ନାକରୁଣ୍ଡି ପଞ୍ଚାୟତ ମେଲାଘର ଗାଁ ଆଉ ତା' ଆଖପାଖ ସେହି ପଞ୍ଚାୟତର ବସ୍ତିମାନଙ୍କ ପାଞ୍ଚଟି ସ୍କୁଲରେ ମାଷ୍ଟ୍ରେ ବା ମାଷ୍ଟ୍ରାଣୀ ଯେଉଁ ଏଗାର ପ୍ରକାରେ ବର୍ଣ୍ଣମାଳାର ପ୍ରଥମ ଅକ୍ଷରକୁ ଶିଖଉଥିଲେ ତାହା ଏକ ଗବେଷଣାର ବିଷୟ। ଉପରେ ଦୁଇଟା ଛୋଟ ଆଳୁ, ତଳେ ଗୁଟେ ବଡ଼ ଆଳୁ, ଭୁଜନି ଫାଲେ ଛତାର ବାଁକୁଲିବାଡ଼ି। ପୁଲିସ, ଜଳସେଚନ, ବିଦ୍ୟୁତ୍, ପିଡବ୍ଲୁଡି ବିଭାଗର ଉପସ୍ଥିତି ଏଠି ପ୍ରାୟତଃ ଦେଖିବାକୁ ମିଳେ ନାହିଁ। ଅଧିକାଂଶ ଆଦିବାସୀ ଜନଜାତିର ମୂଳ ବାସସ୍ଥାନରେ ଆଧୁନିକ ଭାରତର ଏକମାତ୍ର ଉପସ୍ଥିତି ପ୍ରାୟତଃ ଦେଶୀ ମଦ (ମହୁଲି) ଠିକାଦାର କିମ୍ବା ବନରକ୍ଷୀ। ସେଗୁଡ଼ିକ ସତେଯେମିତି ଏକ ବିରାଟ 'ଷ୍ଟେଟଲେସ ନେସନ'(ରାଷ୍ଟ୍ର ବିହୀନ ଦେଶ)। ଜିଲ୍ଲା ସଦର ମହକୁମାରୁ ଚାଳିଶ ପଚାଶ କିଲୋମିଟର ଦୂରକୁ ଗଲେ ଏମିତି ଅସଂଖ୍ୟ 'ରାଷ୍ଟ୍ର ବିହୀନ ଦେଶ' ଅତି ସହଜରେ ଦିଶିବ। ଏ ସବୁର କାରଣ ହେଉଛି ଜନସଂଖ୍ୟା ତୁଳନାରେ ସରକାରୀ କର୍ମଚାରୀଙ୍କ ଅଭାବ। ଏହି ନିମ୍ନ ଅନୁପାତର ପ୍ରଭାବର ଆଉ କେତେକ ଉଦାହରଣ ଦେଖିବା।

ସହରାଞ୍ଚଳରେ ମଧ୍ୟ ସ୍ୱଚ୍ଛ ଭାରତ ଅଭିଯାନ କେବଳ ଚହଟ ଚିକ୍କଣ ନେତାଙ୍କ ଝାଡୁ ଧରା ହ୍ୱାଟ୍ସଆପ ଫଟୋ ଉପଲୋଡରେ ସୀମିତ ହୋଇ ବାକିସବୁ ମୂଳକଥା ଅଣଦେଖା ଓ କଣଠେସା ହୋଇ ରହିଯାଇଛି। ଦଶବର୍ଷ ବିତି ଯାଇଥିଲେ ବି ଏସ. ଡବ୍ଲ୍ୟୁ. ଏମ ୨୦୧୬ (ସଲିଡ୍ ୱେଷ୍ଟ ମେନେଜମେଣ୍ଟ, ରୁଲ ୨୦୧୬ ) ଠୁ ଚଳେ ବି ଆଗକୁ ଆମେ ଯାଇ ପାରିନୁ। ମୂଳ କଥାଟା ଅଳିଆ ସୃଷ୍ଟି କରୁଥିବା ବ୍ୟକ୍ତି (ସଲିଡ୍ ୱେଷ୍ଟ ଜେନେରେଟର) ର ସଚେତନତା ବିଷୟରେ ଆମେ ଟିକେ ବି ନଜର ଦେଇନୁ ଏ ଯାଏଁ। ଏମିତିକି ନୂତନ ୨୦୨୬ ନିୟମ ଅନୁସାରେ ୧୦୦ କିଲୋଗ୍ରାମରୁ ବେଶୀ ଅଳିଆ ସୃଷ୍ଟି କରୁଥିବା ୟୁନିଟରେ ସ୍ୱକୀୟ ବ୍ୟବସ୍ଥା (ବା ଇନସିଟୁ ପ୍ରୋସେସିଂ ୟୁନିଟ) ରହିବା ଦରକାର, ଯେଉଁଠି ମାଟିରେ ମିଶି ସାର ହେଇ ପାରୁଥିବା ଅଳିଆ ପାଇଁ ନିଜସ୍ୱ ପ୍ରୋସେସିଂ ୟୁନିଟ ରହିବ। ଅନିବାର୍ଯ୍ୟ ଓ ସାତ ଲୋକକଲ୍ୟାଣ ମାର୍ଗରେ ବାର ଏକର ପରିମିତ ପ୍ରଧାନମନ୍ତ୍ରୀଙ୍କ ବାସଗୃହ ପରିସରରେ ନିୟମାନୁଯାୟୀ ଏପ୍ରକାରର କୌଣସି ବି ନିଜସ୍ୱ ୟୁନିଟ ଥିବା କଥା ଆମେ ଜାଣୁ ନାହିଁ।

ସାମଗ୍ରିକ ଭାବେ ଅଳିଆ ସୃଷ୍ଟି, ପରିବହନ ଓ ପରିଶେଷରେ ତା'ର ସଫଳ ବିନିଯୋଗକୁ ଏକ ପ୍ୟାକେଜ ଭବେ ଗ୍ରହଣ କରି ଏକାଥରକେ ସବୁଠି ସେ କାମ ହେବା ଦରକାର। ନଚେତ କୌଣସି ଗୋଟେ କାମ ନେଇ ବାହାବା ନେଲେ ସହର କି ଗାଁ ପରିମଳ ତ ଦୂରର କଥା, ସାରା ଭାରତ ଏକ ଖୋଲା ପାଇଖାନା ବା ଓପନ ଲ୍ୟାଣ୍ଡଫିଲ ଭାବେ ହିଁ ପ୍ରତୀତ ହେବ, ଯାହା ବର୍ତ୍ତମାନର ନିଷ୍ଠୁର ବାସ୍ତବତା। ଅଳିଆ, ସ୍ୱେରେଜ୍ ଓ ଆବର୍ଜନା ସଂଗ୍ରହ ଓ ନିଷ୍କାସନ ପାଇଁ ଆମ ଦେଶରେ କୌଣସି ସୁଚାରୁ ବ୍ୟବସ୍ଥା ହିଁ ନାହିଁ। ଯେକୌଣସି ଯୋଜନାକୁ ସଫଳ କରିବାକୁ ହେଲେ ତାହା ମୂଳଭିତ୍ତି ଜନଭାଗିଦାରୀ ହେବା ଏକାନ୍ତ ଜରୁରୀ। ଏହି କାରଣରୁ ସ୍ଥାନୀୟ ସରକାର (ଲୋକାଲ ଗଭର୍ଣ୍ଣାନ୍ସ)ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ଫ୍ରେଡ୍ରିକ୍ ଏଙ୍ଗେଲ୍ସ ଭବିଷ୍ୟବାଣୀ କରିଥିଲେ ଯେ ସମାଜ ଯେତେବେଳେ ବିକଶିତ ହୁଏ, ତା' ସହିତ ସାମାଜିକ ବ୍ୟବସ୍ଥାରେ ଥିବା ପାରସ୍ପରିକ ସମ୍ପର୍କକୁ ରାଷ୍ଟ୍ର ଶକ୍ତି ଯେଉଁ ପ୍ରକାର ହସ୍ତକ୍ଷେପ କରିଆସୁଥିଲା, ତାହା ଧୀରେ ଧୀରେ ଢିଲା ହେଇଯାଏ। ପରିଶେଷରେ ଗୋଟେ ପରେ ଗୋଟେ କ୍ଷେତ୍ରରୁ ରାଷ୍ଟ୍ର ଅପସୃତ ହେଇଯାଏ। ଗୋଟିଏ ପରେ ଗୋଟିଏ କ୍ଷେତ୍ର ସ୍ୱତଃ ଅନାବଶ୍ୟକ ହୋଇଯାଏ। ତା'ପରେ ଆପେଆପେ ବନ୍ଦ ହୋଇଯାଏ। ରାଷ୍ଟ୍ର ନିଜ ସାର୍ବଭୌମ କ୍ଷମତା ନିଜ ନାଗରିକଙ୍କ ଉପରେ ଆଗପରି ଜାହିର କରିପାରେ ନାହିଁ; ରାଷ୍ଟ୍ର 'ଉଚ୍ଛେଦ' କି 'ବିଲୋପ' ହେଇ ଯାଏନା, ତୁଳସୀ ଗଛ ପରି ପାହିଯାଏ, ଅର୍ଥାତ ଶୁଖି କଳାକାଠ ପଡ଼ିଯାଏ।। କିନ୍ତୁ ଭାରତରେ ଯାହା ପରିଦୃଶ୍ୟ ହୁଏ ତା' ହେଲା ଯେ ଭାରତରେ କୌଣସି ଆଖିଦୃଶିଆ ସାମାଜିକ ଓ ଆର୍ଥିକ ରୂପାନ୍ତରଣ ବିନା ହିଁ ରାଷ୍ଟ୍ର ଧୀରେଧୀରେ ଶୁଖିଶୁଖି କଳାକାଠ ପଡ଼ିଯାଉଛି।

ଗରୁଗାଁଓ(ହରିଆଣା), ମୋ: ୯୬୮୧୮ ୭୧୯୦୦୪

## ସମାଜରେ ମେଳିହିଂସା

ଲଳିତକୁମାର ପାତ୍ର

ଇତିହାସରେ ଫରାସୀ ବିପ୍ଳବ ଏକ ଯୁଗାନ୍ତକାରୀ ଘଟଣା। ଏହା ଦର୍ଶାଇଦେଲା ଯେ, ରାଜତନ୍ତ୍ର, ଗଣତନ୍ତ୍ର ବା ଯେକୌଣସି ପ୍ରକାର ଶାସନ ହେଉ ତାହାର ମୂଳ ହେଉଛନ୍ତି ଲୋକ। ଶାସନ ସଂସ୍ଥା ପାଇଁ ଲୋକେ ନଥା'ନ୍ତି; ଲୋକଙ୍କର ଜୀବନଯାପନ ପାଇଁ ଯୁକ୍ତିଯୁକ୍ତ ସୁବିଧା ସୁଯୋଗ କରିବା ଶାସନର କର୍ତ୍ତବ୍ୟ। ଆଶା ରହେ ଯେ ଶାସନ ଲୋକଙ୍କର ଅଧିକାର ସୁରକ୍ଷିତ ରଖିବ। କିନ୍ତୁ ଶାସନ କାର୍ଯ୍ୟରେ ତ୍ରୁଟି ରହିଲେ ଲୋକେ ଅସୁବିଧା ଭୋଗନ୍ତି, ଅତ୍ୟାଚାରିତ ହୁଅନ୍ତି। ଏହା ଜନଆକ୍ରୋଶ ସୃଷ୍ଟି କରି ମେଳିର ରୂପ ନିଏ। ୧୭୮୯ ମସିହାରେ ଫ୍ରାନ୍ସର ରାଜତନ୍ତ୍ର ବିରୁଦ୍ଧରେ ଏପରି ମେଳି ହେଇଥିଲା। ଲୋକେ ନିଜ ଜୀବନକୁ ବାଜି ଲଗାଇ ବାସ୍ତାଇଲି ଦୁର୍ଗକୁ ଆକ୍ରମଣ କରି ଧ୍ୱଂସ କରିଥିଲେ।

ସମ୍ପ୍ରତି ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତାରେ ଯେଉଁ ଘଟଣା ଘଟିଛି, ତାହା ତୁଳନାତ୍ମକ ଭାବେ ବହୁ ସ୍ୱଳ୍ପ ହେଲେ ମଧ୍ୟ ଫ୍ରାନ୍ସ ଗଣବିପ୍ଳବ ସହିତ କେଉଁଠି ନା କେଉଁଠି ମେଳ ଖାଉଛି। ଏ ଘଟଣାରୁ ମେଳି ହିଂସାର କ'ଣ କ'ଣ ତାତ୍ତ୍ୱିକ ଦର୍ଶନ ରହୁଛି ଦେଖାଯାଉ। ଗତ ମେ ୭ତାରିଖ ଦିନ ସ୍କୁଟିରେ ଯାଉଥିବା ଦୁଇ ଜଣ ଝିଅଙ୍କୁ ଅତିକ୍ରମ କରିଯାଇଥିବା ଦୁଇ ଯୁବକ ଫେରିଆସି ଧକ୍କା ଦେଇ ତଳେ ପକାଇ ଆକ୍ରମଣ କରିଥିଲେ। ଝିଅମାନେ ଚିତ୍କାର କରିବାରୁ ଲୋକେ ରୁଣ୍ଡ ହୋଇ ପ୍ରତିରୋଧ ଓ ଆକ୍ରମଣ କରିବାରୁ ଜଣେ ଯୁବକଙ୍କ ମୃତ୍ୟୁ ହେଲା। ଏ ଖବର ପାଇ ଆସିଥିବା ଆରକ୍ଷୀମାନେ ତୀବ୍ର ମେଳି ହିଂସାକୁ ରୋକିପାରି ନ ଥିଲେ। ବ୍ୟବସ୍ଥାଗତ ତ୍ରୁଟି ଯୋଗୁଁ ଆଇନର ଶାସନ ଭୁଶୁଡ଼ି ପଡ଼ିଲା ଏବଂ ଲୋକଙ୍କ ଅଧିକାର ସୁରକ୍ଷା କରିବାରେ ପ୍ରଶାସନର କୁଖ୍ୟାତି ବ୍ୟାପିଲା। ନାନା ଗୁଜବ ଚାଲିଲା। ଯଥା ଝିଅ ଲୋକଙ୍କୁ ଡକାଇ ଏ ହତ୍ୟା କରିଛି, ପ୍ରେମ ସମ୍ପର୍କ ରହିଛି, ପୁଅର ବାତ ରୋଗ ଥିଲା, ମୁଣ୍ଡ ବୁଲାଇ ଝିଅ ଉପରେ ପଡ଼ିଗଲା, ଅନ୍ୟ ଝିଅର ପ୍ରତାରଣାରେ ବ୍ୟଥିତ ହୋଇ ସେ ଏପରି କରିଦେଲା; ନିଶା ଖାଇଥିଲା ଇତ୍ୟାଦି ଇତ୍ୟାଦି।

ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡ଼ିବ। କିନ୍ତୁ ଏହା ପଛର ଥିବା ବାର୍ତ୍ତା ହେଉଛି ରାଜ୍ୟରେ ଦିନକୁ ଦିନ ଅପରାଧ ବଢ଼ିଚାଲିଛି। ବିବେକୀ ସରଳ ଦୁର୍ବଳ ଲୋକେ ନିଜକୁ ଅସୁରକ୍ଷିତ ମଣିଲେଣି। ଜବରଦଖଲ, ଚୋରି ଦୁର୍ନୀତିର କାୟା ବିସ୍ତାରିତ ହୋଇଚାଲିଛି। ଏ ସବୁର ପ୍ରତିରୋଧ ନାମକୁମାତ୍ର ହେଉଛି। ଅପରାଧୀମାନଙ୍କର ଆଇନକୁ ଭୟ ରହୁନାହିଁ। ଲୋକଙ୍କର ସରକାରୀ ନିରାପତ୍ତା ଉପରେ ଭରସା ରହୁନାହିଁ। ଅନେକ ସମୟରେ ମେଳି ହୋଇ ଆଇନକୁ ହାତକୁ ନେଉଛନ୍ତି। ଏହା ହେଉଛି ମେଳି ହିଂସା। ମେଳି ହିଂସା ସ୍ଥାନୀୟ ଜନମତର ପ୍ରତୀକ। ଯେଉଁଠି ଜନମତ ଯେତେ ସଚେତନ ଓ ସକ୍ରିୟ, ସେଠି ମେଳି ସେତେ ବଳିଷ୍ଠ। ସେଥିରେ ସାମୂହିକତାର ପ୍ରବୃତ୍ତିର ବ୍ୟକ୍ତିମାନେ ନିଆଁକୁ ଡେଇଁଲା ପରି କାର୍ଯ୍ୟ କରନ୍ତି। ତେଣୁ ଅପରାଧୀ ଆଇନ ଓ ଆରକ୍ଷୀଙ୍କୁ ଭୟ କରୁ ନ ଥିଲା ବେଳେ ମେଳି ହିଂସାକୁ ଭୟ କରିଥାଏ।

ଆରକ୍ଷୀ ପହଞ୍ଚିବା ପୂର୍ବରୁ ପ୍ରାଥମିକ ଭାବେ ମେଳି ହିଂସା ଅପରାଧିକୁ ପ୍ରତିରୋଧ କରିଥାଏ। ଏହା ରାଷ୍ଟ୍ରରେ ଅପରାଧ ହ୍ରାସରେ ସାହାଯ୍ୟ କରିଥାଏ। କିନ୍ତୁ ଏହାର ବଡ଼ ଦୁର୍ଗୁଣ ହେଉଛି ଯେ ଏହାର ବାପା ମା' ନଥାନ୍ତି। ଯିଏ ଯାହା ପାରିଲା କଲା। କିଏ ବିଧାଏ ମାରିଲା ତ କିଏ ଗୋଇଠାଏ ମାରିଲା। ମରିବ କି ବଞ୍ଚିବ ବୁଝିବାକୁ ତା' ପାଖରେ ସମୟ ନାହିଁ। ଅନେକ ସମୟରେ ପ୍ରକୃତ ଘଟଣା କ'ଣ ଠିକ ଭାବରେ ସେ ଜାଣିନଥାଏ। ଗୋଟେ ଉଚ୍ଚାଟରେ କାମ କରିଥାଏ। ଅନେକ ସମୟରେ ପ୍ରଚାର ଭୁଲ ହୋଇଥାଏ। ପରେ ବାସ୍ତବରେ ଭୁଲ ଥିବା ଜାଣିଲେ ଦୁଃଖ କରେ।

ନିୟନ୍ତ୍ରିତ ମେଳି ହିଂସା ବ୍ୟବସ୍ଥା ପାଇଁ ନୂତନ ଆଇନ କରିବା ଉଚିତ। ଯେଉଁଥିରେ ସ୍ଥାନୀୟ ମୁଖିଆଙ୍କର ଏ ନିୟନ୍ତ୍ରଣର ଦାୟିତ୍ୱ ରହିବ। ପ୍ରାଥମିକଭାବେ ମେଳି ହିଂସା ଦ୍ୱାରା ଅପରାଧୀ ପ୍ରତିରୋଧର ସମ୍ମୁଖୀନ ହେବା ଦ୍ୱାରା ଅପରାଧ ପଣ୍ଡ ହେବା ସହିତ ମୁଖିଆଙ୍କ ଦ୍ୱାରା ଅପରାଧୀଙ୍କ ବିରୁଦ୍ଧରେ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ବନ୍ଦ ହେଇପାରିବ ଏବଂ ଅପରାଧିଙ୍କ ଜୀବନ ଜନଆକ୍ରୋଶରୁ ରକ୍ଷା କରାଯାଇପାରିବ। କାରଣ ସମସ୍ତଙ୍କର ବଞ୍ଚି ରହିବାର ଅଧିକାର ରହିଛି। ରୁଷ ସମ୍ରାଟ ଜାର ମହାମାନ୍ୟ ପିଟରଙ୍କୁ ତାଙ୍କର ଜଣେ ମନ୍ତ୍ରୀ କହିଥିଲେ ସବୁ ଅପରାଧରେ ମୃତ୍ୟୁଦଣ୍ଡ ଦେଲେ ସମୟ ଆସିବ କୌଣସି ମନୁଷ୍ୟ ଆଉ ସଂସାରରେ ନଥିବେ। କାରଣ ଅପରାଧ କରିବା ମଣିଷର ସହଜାତ ପ୍ରକୃତି। ଏ ଆଇନରେ ମଧ୍ୟ ମେଳି ହିଂସା ବିଷୟରେ ଉପଯୁକ୍ତ ତଦନ୍ତ କରି ମୁଖିଆଙ୍କୁ ଦାୟୀ କରାଯିବାର ବ୍ୟବସ୍ଥା ରହିବ ଏବଂ ମେଳିରେ ଅଂଶଗ୍ରହଣକାରୀଙ୍କୁ ଠିକ କାମରେ ପୁରସ୍କାର ନିରାପତ୍ତା ସହିତ ପ୍ରୋତ୍ସାହନ ଦିଆଯିବାର ବ୍ୟବସ୍ଥା ରହିବ। ପ୍ରତ୍ୟେକ ଆରକ୍ଷୀ କେନ୍ଦ୍ରକୁ ମେଳି ହିଂସା ବଢ଼ିନଯିବା ପାଇଁ ଦୈନିକ ସତର୍କ ରହିଲା ଭଳି ଦକ୍ଷ ଦୂରଦର୍ଶୀ ଅଧିକାରୀଙ୍କୁ ନିଯୁକ୍ତି କରାଯିବ। ଅପରାଧ ଘଟାଇବାରେ ପ୍ରମୁଖ କାରକ ମଧ୍ୟରୁ ନିଶା ଅନ୍ୟତମ ଥିବାରୁ ଦେଶୀ ଓ ବିଦେଶୀ ସମସ୍ତ ନିଶାକୁ ବନ୍ଦ କରାଯିବ। ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା ହେଉଛି ଅପରାଧୀ ପ୍ରକୃତିର ଲୋକଙ୍କୁ ଶିବିରାର୍ଥୀ ଜୀବନ ଯାପନ କରାଇବା ଓ ଅନୁପ୍ରବେଶକାରୀ ସ୍ତ୍ରୀ ଓ ପୁରୁଷଙ୍କୁ ମଧ୍ୟ ଅଲଗା ଅଲଗା ଶିବିରାର୍ଥୀ ଜୀବନ ଯାପନ କରାଇବାର ବ୍ୟବସ୍ଥା କରିବା। ଏହାଦ୍ୱାରା ଅପରାଧ ବହୁ ମାତ୍ରାରେ କମିପାରେ।

ଏପରି ଆଇନ ନଥିବାରୁ ସବୁ ଦଳର ସରକାର ସମୟରେ ଅପରାଧ ଘଟି ଚାଲୁଛି। ତେଣୁ ବାଲିଅନ୍ତା ଘଟଣା ଉପରେ ରାଜନୀତି ହେବା ଉଚିତ ନୁହେଁ; ବରଂ ସବୁ ଦଳ ବିଚାର କରିବା ଦରକାର ଯେ ଲୋକେ ହେଉଛନ୍ତି ମୂଳ। ଲୋକଙ୍କ ପାଇଁ ଯେଉଁମାନେ ମେଳି ହିଂସାରେ ସାମିଲ ହେଇଛନ୍ତି ସେମାନଙ୍କ ସହିତ ରହିବା ହେଉଛି ଲୋକଙ୍କ ସହିତ ରହିବା। ବାଲିଅନ୍ତା ମେଳି ହିଂସାରେ ବିଭିନ୍ନ ଗ୍ରାମର ଲୋକେ ଭାଗ ନେଇଥିଲେ। ଏଥିରୁ ଜଣାପଡୁଛି ଏହା ଉଦ୍ଦେଶ୍ୟପ୍ରଣୋଦିତ କାର୍ଯ୍ୟ ନଥିଲା; କେହି ନିଜ ସ୍ୱାର୍ଥ ପାଇଁ ଏ କାର୍ଯ୍ୟ କରିନଥିଲେ। ଏପରି ମେଳି ପ୍ରତିରୋଧ ହେଇ ନଥିଲେ ଅପରାଧ ବିଫଳ ହେଇ ନ ଥା'ନ୍ତା। ଦେଖାଯାଏ ଅପରାଧ ଘଟିଲା ପରେ ଆରକ୍ଷୀ ପହଞ୍ଚିଥା'ନ୍ତି। ତ୍ୱରିତ ସ୍ଥାନୀୟ ଦାୟିତ୍ୱ ନଥିବାରୁ ଜନଆକ୍ରୋଶରେ ସାବଧାନତା ରହିଲା ନାହିଁ। ଏହା ଏକ ବ୍ୟବସ୍ଥାଗତ ତ୍ରୁଟି। ସାହସୀ ପିଲା ନିଃସ୍ୱାର୍ଥଭାବେ ଅପରାଧୀ ସହିତ ଲଢ଼ିଲେ। ଏ ପିଲାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଶ୍ଚିତଭାବେ ପ୍ରଗତିବିରୋଧୀ କାର୍ଯ୍ୟ। ସାହସୀ ଗୁଣୀ ଲୋକଙ୍କୁ ପ୍ରୋତ୍ସାହନ ନକଲେ ଦେଶ ଦୁର୍ବଳ ହେବ। ମହାରାଜା ରଣଜିତ ସିଂ ପରିସ୍ଥିତିକୁ ବିଚାର କରି ଟେକା ମାରିଥିବା ମହିଳାଙ୍କୁ ଛାଡ଼ିଦେଲା ପରି ସରକାର ମେଳି ହିଂସାରେ ମୃତକଙ୍କ ପରିବାରର ସୁରକ୍ଷା ଓ ଭରଣପୋଷଣ କରିବା ସହିତ ମେଳିରେ ଭାଗ ନେଇଥିବା ଲୋକଙ୍କୁ ମୁକ୍ତ କରି ସାମୂହିକତାକୁ ପ୍ରୋତ୍ସାହନ କରିବା ଉଚିତ।

ଗଙ୍ଗେଶ୍ୱରଗଡ଼(କଟକ)
ମୋ: ୯୯୩୭୪୪୮୫୩୧

## ନିମ୍ନଗାମୀ ହେଉଛି ସମୁଦ୍ର ଉପକୂଳ

### ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ଭାରତର ରହିଛି ସୁଦୀର୍ଘ ୭୫୦୦ କିଲୋମିଟର ବ୍ୟାପୀ ବିଶାଳ ସମୁଦ୍ର ଉପକୂଳ। ଏହାର ଏକ ପ୍ରମୁଖ ଅଂଶ ଏବେ ନିମ୍ନଗାମୀ ହେବାରେ ଲାଗିଛି। ଅନେକସ୍ଥଳେ ଏହା ଘଟୁଛି ବେଶ ଦ୍ରୁତଗତିରେ ଏବଂ ଅଧିକ ମାତ୍ରାରେ। ଆମେରିକାର 'ୟୁନିଭରସିଟି ଅଫ୍ ରୋଡ ଆଇଲ୍ୟାଣ୍ଡ'ର ଅଧ୍ୟୟନ ଅନୁସାରେ ହାରାହାରି ଜାଗତିକ ସମୁଦ୍ର ନିମ୍ନଗାମୀ ହେବା ତୁଳନାରେ ବର୍ତ୍ତମାନର ଘଟଣା ଯଥେଷ୍ଟ ଅଧିକ।

ଏହି ଅଧ୍ୟୟନଟି ଥିଲା ଭାରତୀୟ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳର ଭୂମି ନିମ୍ନଗାମୀ ହେବା ଉପରେ ପ୍ରଥମ କୃତ୍ରିମ ଉପଗ୍ରହଭିତ୍ତିକ ପୁଙ୍ଖାନୁପୁଙ୍ଖ ଆକଳନ। ଏଥିରୁ ଜଣାପଡ଼ିଲା ଯେ କେତେକ ଅତିପ୍ରଭାବିତ ଅଞ୍ଚଳରେ ଏହି ନିମ୍ନଗାମୀ ଧାରା ବାର୍ଷିକ ୨୦ ରୁ ୪୪ ମିଲିମିଟର। 'ଭର୍ଟିକାଲ୍ ଲ୍ୟାଣ୍ଡ ମୋସନ୍ ଆଣ୍ଡ ହ୍ୟୁମ୍ୟାନ ଏକସ୍ପୋଜର ଆକ୍ରସ ଇଣ୍ଡିଆଜ୍ କୋଷ୍ଟାଲ୍ ରେଜିଅନ୍ସ' ଶୀର୍ଷକ ଏହି ଅଧ୍ୟୟନଟି ୨୦୧୮ ରୁ ୨୦୨୪ ମସିହା ପର୍ଯ୍ୟନ୍ତ ଦୀର୍ଘ ୮ ବର୍ଷ ଧରି ଚାଲିଥିଲା। ଏଥିରେ ବ୍ୟବହୃତ ସେଣ୍ଟିନେଲ୍-୧ ଉପଗ୍ରହ ରାଡାରାରୁ ସଂଗୃହୀତ ଭାରତର ଉପକୂଳବର୍ତ୍ତୀ ଅଞ୍ଚଳରେ ଲମ୍ବ ଭାବେ ଭୂଚଳନ ଏବଂ ଏହାର ୧୦୦ କିଲୋମିଟର ପ୍ରଶସ୍ତ 'ବଫର ଜୋନ' ସଂପର୍କରେ ତଥ୍ୟାବଳୀ ବିଶ୍ଳେଷଣ କରାଯାଇଥିଲା। ଏହି ଅଧ୍ୟୟନର ମୁଖ୍ୟ ଥିଲେ 'ୟୁନିଭରସିଟ ଅଫ୍ ରୋଡ ଆଇଲ୍ୟାଣ୍ଡ'ର 'ଗ୍ରାଜୁଏଟ୍ ସ୍କୁଲ ଅଫ ଓସେନୋଗ୍ରାଫି' ଠାରେ କାର୍ଯ୍ୟରତ କ୍ୟୁଆଣ୍ଟଓ ଝୁ।

ଭାରତର ସମୁଦ୍ର ଉପକୂଳର ୧୦୦ କିଲୋମିଟର ମଧ୍ୟରେ ବାସ କରନ୍ତି ପ୍ରାୟ ୨୦୦ ନିୟୁତ ଲୋକ। ଏହାର ୧୩.୧ ଶତାଂଶ ଲୋକ ହେଲେ ବାର୍ଷିକ ୨ ମିଲିମିଟରରୁ ଅଧିକ ନିମ୍ନଗାମୀ ହେଉଥିବା ଅଞ୍ଚଳର ବାସିନ୍ଦା। ଅନ୍ୟ ପକ୍ଷରେ ୪.୧ ଶତାଂଶ ଲୋକ ବାସ କରୁଥିବା ଅଞ୍ଚଳରେ ନିମ୍ନଗାମୀ ଧାରା ବାର୍ଷିକ ୫ ମିଲିମିଟରରୁ ଅଧିକ ହେଲା ବେଳେ ୧.୬ ଶତାଂଶଙ୍କ ବାସସ୍ଥାନରେ ଏହା ୧୦ ରୁ ୨୦ ମିଲିମିଟର। ସେଣ୍ଟିନେଲ୍-୧ ଉପଗ୍ରହରୁ ପ୍ରାୟ ୪୯୦୦ଟି ରାଡାର୍ ବ୍ୟବସ୍ଥା ବ୍ୟବହାର କରି ପ୍ରାୟ ୩୯ ନିୟୁତରୁ ଅଧିକ ସ୍ଥାନ ଅନୁଧ୍ୟାନ କଲା ପରେ ଗବେଷକମାନେ ଉପକୂଳ ଭୂମି ଏପରି ନିମ୍ନଗାମୀ ହେଉଥିବା ଯେଉଁସବୁ ଅଞ୍ଚଳ ଚିହ୍ନଟ କରିଛନ୍ତି ତନ୍ମଧ୍ୟରେ ରହିଛି ଅହମ୍ମଦାବାଦ, ଚେନ୍ନାଇ, ଅମରାବତୀ, କୋଚି, କାକିନାଡ଼ା ଓ କୋଲକତା। ବିଶେଷକରି ଅହମ୍ମଦାବାଦ ସହରାଞ୍ଚଳର ଅର୍ଦ୍ଧାଧିକ ସ୍ଥାନରେ ଏପରି ଘଟୁଛି। ସେହିପରି କୋଲକତାର ବହୁ ଅଞ୍ଚଳ ଏ ସମୟରେ ୫/୧୦ ମିଲିମିଟରରୁ ଅଧିକ ଏବଂ ସ୍ଥଳବିଶେଷରେ ୧୩ ମିଲିମିଟର ବା ତତୋଧିକ ନିମ୍ନଗାମୀ ହୋଇଚାଲିଛି। ଅନ୍ୟପକ୍ଷରେ ଚେନ୍ନାଇ ଠାରେ ଏହା ହାରାହାରି ୫ ମିଲିମିଟର ଏବଂ କେତେକ ସ୍ଥାନରେ ସର୍ବୋଚ୍ଚ ୧୦/୧୨ ମିଲିମିଟର ହେଲା ବେଳେ କୋଚି ଓ ପୁଡୁଚେରିରେ ଏହା ଯଥାକ୍ରମେ ୨୦/୨୨ ଏବଂ ୧୦/୧୫ ମିଲିମିଟର ହେଉଛି। ପୁନଶ୍ଚ କାକିନାଡ଼ାରେ ଏହି ନିମ୍ନଗାମୀ ପ୍ରକ୍ରିୟା ହେଉଛି ହାରାହାରି ବାର୍ଷିକ ୧୯/୨୦ ମିଲିମିଟର ଏବଂ ସ୍ଥଳବିଶେଷରେ ୩୦ ମିଲିମିଟର। ଭାରତର ୫ଟି ପ୍ରମୁଖ ତ୍ରିକୋଣଭୂମି ଯଥା ଗଙ୍ଗା-ବ୍ରହ୍ମପୁତ୍ର, ମହାନଦୀ, ଗୋଦାବରୀ, କ୍ରିଷ୍ଣା ଓ କାବେରୀରେ ୨୦ ମିଲିମିଟର କିମ୍ବା ଅଧିକ ଭାବେ ତାହା ଘଟୁଛି।

ଏହା ଫଳରେ ସମୁଦ୍ରସ୍ତର ଊର୍ଦ୍ଧ୍ୱଗାମୀ ହେଉଛି। ଉଦାହରଣସ୍ୱରୂପ, ୧୯୪୦ ରୁ ୨୦୦୦ ମସିହା ମଧ୍ୟରେ କୋଚି ଠାରେ ଏହା ବାର୍ଷିକ ୧.୪୫ ମିଲିମିଟର ହାରରେ ବଢ଼ିଲା ବେଳେ ୨୦୦୦ ମସିହାରୁ ୨୦୧୬ ମସିହା ମଧ୍ୟରେ ତାହା ୨.୨୪ ମିଲିମିଟର ଏବଂ ୨୦୧୬ ରୁ ୨୦୨୪ ମସିହା ମଧ୍ୟରେ ୧୭ ମିଲିମିଟରରେ ପହଞ୍ଚିଛି। ଦେଶର ଅନ୍ୟାନ୍ୟ ଉପକୂଳବର୍ତ୍ତୀ ଅଞ୍ଚଳରେ ଏହା ଅନୁରୂପ ଘଟୁଛି। ବର୍ତ୍ତମାନ ପୃଥିବୀର ପ୍ରାୟ ୭୦ ଶତାଂଶ ସମୁଦ୍ର ଉପକୂଳରେ ଭୂପତନ ଏବଂ ଜଳସ୍ତର ଊର୍ଦ୍ଧ୍ୱଗାମୀ ହେଉଛି। ତାହା ପରିବେଶ, ପରିସଂସ୍ଥା, କୃଷି ବସତି ଆଦିକୁ ନକାରାତ୍ମକ ଭାବେ ପ୍ରଭାବିତ କରୁଛି। ଅର୍ଥନୀତି ଉପରେ ତା'ର କୁପ୍ରଭାବ ପଡୁଛି। ପୁନଶ୍ଚ ଏହା ବନ୍ୟା, ବାତ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ଘଟଣା ବୃଦ୍ଧି କରୁଛି।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ସରକାରୀ ଅଧିକାରୀଙ୍କୁ ବିଜେପି ନେତାଙ୍କ ଦୁର୍ବ୍ୟବହାର ନିନ୍ଦନୀୟ

ଭୁବନେଶ୍ୱର,୧୮।୫(ସମିସ): ବିଜେପି କ୍ଷମତାକୁ ଆସିବା ପରେ ଦଳରନେତାଓକର୍ମୀବାରମ୍ବାରସରକାରୀଅଧିକାରୀଙ୍କୁଦୁର୍ବ୍ୟବହାର କରିବା ଓ ଘଟଣାରେ ସରକାର ଚୁପ୍ ରହିବାକୁ ନେଇ କଡ଼ା ସମାଲୋଚନା କରିଛି ବିଜେଡି। ଅରିନ୍ଦମ ରାୟ ଯେଉଁ ହିସାବରେ ବ୍ଲକ୍ କାର୍ଯ୍ୟାଳୟରେ ଏବିଡ଼ିଓ ଓ ମହିଳା ସରକାରୀ ଅଧିକାରୀଙ୍କୁ ବ୍ୟବହାର କରିଛନ୍ତି ତାହା କଦାଚିତ୍ ଗ୍ରହଣୀୟ ନୁହେଁ। ପୂର୍ବରୁ ଦୁର୍ବ୍ୟବହାରର ଶିକାର ହେବା ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି । ଇପ୍ସିତା କହିଛନ୍ତି ଯେ ବିଜେପି ନେତା ଅରିନ୍ଦମ ରାୟ ଦୁଇ ଦିନ ତଳେ କଟକ ଜିଲ୍ଲାର ଟାଙ୍ଗୀ-ଚୌଦ୍ୱାର ବ୍ଲକରେ ଯେଉଁଭଳି ଭାବେ ଜଣେ ଏବିଡିଓଙ୍କୁ ଦୁର୍ବ୍ୟବହାର କଲେ ତାହା ଅତ୍ୟନ୍ତ ଦୁଃଖଦାୟକ। ଅରିନ୍ଦମ ଓ ଆଠଗଡ଼ ଅଞ୍ଚଳର ଜଣେ ବିଜେପି ନେତା ଔଦ୍ଧତ୍ୟର ସବୁ ସୀମା ଟପିଯାଇଛନ୍ତି। ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ନାରୀ ବନ୍ଦନାର କଥା କହୁଥିବା ବିଜେପି ମହିଳା ଅଧିକାରୀଙ୍କୁ ଅସଦବ୍ୟବହାର କରୁଛି। ମାତ୍ର ତାଙ୍କ ବିରୋଧରେ ବିଜେପି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଓଡ଼ିଶାରେ ବାରମ୍ବାର ହିଂସା ଘଟୁଥିବାରୁ ସାଧାରଣ ଜନତା ଭୟଭୀତ




■ ଜଗନ୍ନାଥ ବନ୍ଧା ହୋଇଥିଲେ, ଅରିନ୍ଦମ୍‌ଙ୍କ ବେଳକୁ ନିରବ କାହିଁକି ?
■ ଶାସକ ଦଳରେ ଥାଇ ହିଂସା ଘଟାଇବାକୁ ପଛାଉ ନାହାନ୍ତି ବିଜେପି ନେତା

ବିଏମ୍‌ସିରେ ଘଟିଥିବା ଘଟଣାର ପ୍ରଚ୍ଛଦପଟ୍ଟରେ ଥିବା ଅଭିଯୋଗରେ ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କୁ ଗିରଫ କରାଯାଇଥିଲା; ମାତ୍ର ବ୍ଲକ କାର୍ଯ୍ୟାଳୟରେ ସରକାରୀ ଅଧିକାରୀଙ୍କୁ ଧମକଚମକ ଓ ଅସଦବ୍ୟବହାର ଘଟଣାରେ ଅରିନ୍ଦମ ନିଜେ ସମ୍ପୃକ୍ତ ଥିଲେ ବି କାହିଁକି କାର୍ଯ୍ୟାନୁଷ୍ଠାନ ହୋଇନାହିଁ ବୋଲି ପ୍ରଶ୍ନ କରିଛି ବିଜେଡି ।

ସୋମବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ ଓ ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଲେନିନ ମହାନ୍ତି ବିଜେପି ସରକାରରେ ସରକାରୀ ଅଧିକାରୀ ମାନେ ବାରମ୍ବାର ସରକାରୀ ଚାକିରିଟିଏ ପାଇଁ କେତେ ପରିଶ୍ରମ କରିବାକୁ ପଡେ, ତାହା ବିଜେପି ନେତା ମାନେ ଜାଣିନାହାନ୍ତି। ଏ ସରକାର ସମୟରେ ସରକାରୀ ଚାକିରି ଖଣ୍ଡେ ମିଳୁନଥିବା ବେଳେ ବିଜେପି ନେତା ମାନେ ଅଭଦ୍ରାମୀର ସବୁ ସୀମା ଟପିଚାଲିଛନ୍ତି। ଟାଙ୍ଗିରେ ଘଟିଥିବା ଘଟଣାରେ ଅରିନ୍ଦମ ରାୟ କାହିଁକି ଜେଲ ଯିବେନି ବୋଲି ଇପ୍ସିତା ପ୍ରଶ୍ନ କରିଛନ୍ତି ।

ଲେନିନ୍ କହିଛନ୍ତି ଯେ କଟକ ଜିଲ୍ଲାର ଟାଙ୍ଗୀ-ଚୌଦ୍ୱାର ବ୍ଲକରେ ଅରିନ୍ଦମ ରାୟ ଏବିଡିଓଙ୍କୁ ଦୁର୍ବ୍ୟବହାର କରିବା ଓ ଜଣେ ମହିଳା ଜିପିଓଙ୍କ ସହ ଯେଉଁଭଳି ଭାବେ ବଚସା କଲେ ହୋଇପଡ଼ିଛନ୍ତି। ବିଜେପି ନେତାମାନେ ବାରମ୍ବାର ସରକାରୀ କର୍ମଚାରୀଙ୍କୁ ଦୁର୍ବ୍ୟବହାର କରୁଥିବାରୁ ମୁଖ୍ୟମନ୍ତ୍ରୀ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ। ଶାନ୍ତିପ୍ରିୟ ଓଡ଼ିଶାକୁ ଅଶାନ୍ତ କରିବା ପାଇଁ ବିଜେପି ନେତାମାନେ ଯେଉଁ ଉଦ୍ୟମ କରୁଛନ୍ତି, ତାହା ଆଗକୁ ସଫଳ ହେବାକୁ ବିଜେଡି ଦେବ ନାହିଁ ବୋଲି ସେ କହିଛନ୍ତି ।

■ ଲାଞ୍ଚ ନେଉଥିବା ବେଳେ ମାଡ଼ିବସିଲା ଭିଜିଲାନ୍ସ

## ମହାକାଳପଡ଼ାର ପ୍ରଧାନଶିକ୍ଷକ ଗିରଫ

ମହାକାଳପଡ଼ା,୧୮।୫(ସମିସ): ଶେଷରେ ଭିଜିଲାନ୍ସ ଜାଲରେ ପଡ଼ିଲେ ମହାକାଳପଡ଼ା ବ୍ଲକ ଚଡେଇଗୁଆଁ ସ୍ଥିତ ଯୁଗରୁପା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଘୁନାଥ ଦାସ। ସୋମବାର ଲାଞ୍ଚ ଟଙ୍କା ନେଉଥିବା ସମୟରେ କଟକ ଭିଜିଲାନ୍ସ ଟିମ୍ ଚଢ଼ଉ କରି ତାଙ୍କୁ କାବୁ କରିଥିଲେ। ସୂଚନା ଅନୁସାରେ, ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପୋଷାକ ଯୋଗାଣ କରୁଥିବା ସଂସ୍ଥାଠାରୁ ଚେକ୍ ପ୍ରଦାନ ପାଇଁ ପ୍ରଧାନଶିକ୍ଷକ ୫ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏହା ସହ ବିଦ୍ୟାଳୟର ଜଣେ ରାତ୍ରୀ ଜଗୁଆଳ କର୍ମଚାରୀଙ୍କ ବକେୟା ଦରମା ପ୍ରଦାନ ପାଇଁ ମଧ୍ୟ ଅର୍ଥ ଦାବି



କରିଥିବା ଅଭିଯୋଗ ହୋଇଥିଲା। ଏନେଇ କଟକ ଭିଜିଲାନ୍ସ ବିଭାଗରେ ପୂର୍ବରୁ ଅଭିଯୋଗ ହୋଇଥିଲା। ପୂର୍ବ ଯୋଜନା ଅନୁଯାୟୀ ସୋମବାର ସାଧା ପୋଷାକରେ ଥିବା ଭିଜିଲାନ୍ସ ଅଧିକାରୀମାନେ ପ୍ରଧାନଶିକ୍ଷକଙ୍କୁ ଟଙ୍କା ଗ୍ରହଣ କରୁଥିବା ବେଳେ ଧରିଥିଲେ। ପରେ ତାଙ୍କୁ ହେପାଜତକୁ ନେଇ ପଚରାଉଚରା ଚାଲିଥିବା ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ ମଧ୍ୟ ବିଦ୍ୟାଳୟର ମଧ୍ୟାହ୍ନ ଭୋଜନରେ ଅଣ୍ଡା ଯୋଗାଣ ଅର୍ଥରେ ଅନିୟମିତତା ନେଇ ଏହି ପ୍ରଧାନଶିକ୍ଷକଙ୍କ ବିରୋଧରେ ଅଭିଯୋଗ ଆସିଥିଲା। ଭିଜିଲାନ୍ସ ବିଭାଗ କେସ୍ ନମ୍ବର ୨୦/୨୬ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଚଢ଼ଉ ସମୟରେ କଟକ ଓ କେନ୍ଦ୍ରାପଡ଼ା ଭିଜିଲାନ୍ସ ବିଭାଗର ଅଧିକାରୀମାନେ ସାମିଲ ଥିଲେ।

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, CF.No. 42, dated 22/04/2026, I **KARUNAKAR MOHANTY**, S/o Kalandi Charan Mohanty resident of village At-Talabasta, PO: Talabasta, P.S: Banki, Dist: Cuttack, Odisha, PIN: 754007, declare that I have changed my name from **KUNA MOHANTY (Old Name)** to **KARUNAKAR MOHANTY (New Name)**. Henceforth, I shall be known as **KARUNAKAR MOHANTY** for all purposes.
Sd- **KARUNAKAR MOHANTY**

**AFFIDAVIT**

By virtue of an affidavit sworn before Executive Magistrate, Brahmagiri, dated 7/5/2026 I, Kumari Sajani Samantara, D/0: Sri Balabhadra Samantara, At-Nageswara, P/O- Bentapur, P/S-Brahmagiri, Dist: Puri, declare that I have changed my name from Sarojini Nayak to Kumari Sajani Samantara. Henceforth, I shall be known as **Kumari Sajani Samantara** for all purposes.
**Kumari Sajani Samantara**

**AFFIDAVIT**

By virtue of an affidavit before the Executive Magistrate, K.S. Nagar, Ganjam vide no. A-6 dtd.02.5.2026 I Smt. Reena Khangar, W/o- Sri Mahendra Kumar Khangar resident of At- House No.-180, ward no.- 04, near Airtel tower, Bajrang muhlla Deri, Tikangarh, Baldeogarh, Madhya Pradesh- 472115 state that, my actual name is **Reena Khangar** but I have deposited 4 nos. Kisan Vikas Patra bond bearing KVP No.- 74BC 496084 registration No.13101, KVP No. 74BC 496085 registration No.13101, KVP No. 74BC 496086 registration No. 13101 and KVP No. 74BC 496087 registration No. 13101 for amount of Rs. 5,000/- each at Sub Post Master, Gopinathpatana, Kabisuryanagar, Ganjam in which my name and address has been mentioned as Runu Sahu, W/o- Papu Sahu, C/o- Hema Jena (Mother) of Village At- Jena Street, Po./Ps.- Kabisuryanagar, Dist.- Ganjam. That, I am one and the same person as **Reena Khangar**,W/o-Mahendra Kumar Khangar alias Runu Sahu, W/o- Papu Sahu.

୨୧ରୁ ୩୦ ମଧ୍ୟରେ ପୁଲିସର 'ଅପରେସନ୍ ଅନ୍ୱେଷଣ'

## ନିଖୋଜ ଶିଶୁଙ୍କୁ ରାଜ୍ୟ ବାହାରୁ ଓଡ଼ିଶା ଅଣାଯିବ

ଭୁବନେଶ୍ୱର,୧୮।୫(ସମିସ): ରାଜ୍ୟ ପୁଲିସର ମହିଳା ଏବଂ ଶିଶୁ ଅପରାଧ ନିରାକରଣ ଶାଖା ପକ୍ଷରୁ ଆସନ୍ତା ୨୧ରୁ ୩୦ ମେ' ମଧ୍ୟରେ ଅପରେସନ୍ ଅନ୍ୱେଷଣ ଆରମ୍ଭ ହେବାକୁ ଯାଉଛି। ଏହି ଅପରେସନ୍‌ର ମୁଖ୍ୟ ଲକ୍ଷ୍ୟ ରହିଛି ରାଜ୍ୟ ବାହାରେ ନିଖୋଜ ହୋଇଥିବା ଶିଶୁମାନଙ୍କୁ ଉଦ୍ଧାର କରି ଓଡ଼ିଶା ପ୍ରତ୍ୟାବର୍ତ୍ତନ କରାଇବା। ରାଜ୍ୟ ବାହାରେ ନିଖୋଜ ଶିଶୁମାନେ ନିଖୋଜ ହୋଇଥିବାରୁ ବିଭିନ୍ନ କାରଣ ଯୋଗୁଁ ସେମାନଙ୍କୁ ଖୋଜିବା କଷ୍ଟକର ହେଉଛି। ଏଣୁ ରାଜ୍ୟ ପୁଲିସ ଏଭଳି ନିଷ୍ପତ୍ତି ନେଇଛି।

ଏଥିପାଇଁ ରାଜ୍ୟ ପୁଲିସର ପ୍ରତ୍ୟେକ ରେଞ୍ଜ୍ ଅଧୀନରେ କାର୍ଯ୍ୟରତ ଜଣେ ଅତିରିକ୍ତ ଏସ୍‌ପିଙ୍କ ନେତୃତ୍ୱରେ ଏକ ୧୧ଜଣିଆ ସ୍ୱତନ୍ତ୍ର ଟିମ୍ ଗଠନ କରାଯିବ। ଏହି ଟିମ୍‌ରେ ଅତିରିକ୍ତ ଏସ୍‌ପିଙ୍କ ବ୍ୟତିତ ୨ଜଣ ଲେଖାଏଁ ଡିଏସ୍‌ପି, ଇନସ୍‌ପେକ୍ଟର ଏବଂ ଏସ୍‌ଆଇ ବା ଏଏସ୍‌ଆଇ ଓ ୪ଜଣ କନ୍‌ଷ୍ଟେବଲ ରହିବେ। କମିସନରେଟ୍ ପୁଲିସ ସମେତ ମୋଟ୍ ୮ଟି ରେଞ୍ଜ୍‌ରେ ଏହି ଅପରେଶନ କରାଯିବ। ପ୍ରତ୍ୟେକ ରେଞ୍ଜ୍‌କୁ ଦୁଇଟି ଲେଖାଏଁ ରାଜ୍ୟ ଆବଣ୍ଟନ କରାଯାଇଛି।

ଉତ୍ତରାଞ୍ଚଳ ରେଞ୍ଜ୍‌କୁ ଛତିଶଗଡ଼ ଏବଂ ମଧ୍ୟପ୍ରଦେଶ ଦାୟିତ୍ୱ ଦିଆଯାଇଥିବା ବେଳେ ଇଷ୍ଟର୍ଣ୍ଣ ରେଞ୍ଜ୍ ବାଲେଶ୍ୱରକୁ ଆସାମ ଏବଂ ପଶ୍ଚିମବଙ୍ଗ ଦାୟିତ୍ୱ ଦିଆଯାଇଛି। ସେଣ୍ଟ୍ରାଲ ରେଞ୍ଜ୍ କଟକକୁ ନୂଆଦିଲ୍ଲୀ ଏବଂ ରାଜସ୍ଥାନ ସେହିପରି କମିସନରେଟ୍ ପୁଲିସକୁ ମହାରାଷ୍ଟ୍ର ଏବଂ ଗୁଜୁରାଟ ଦାୟିତ୍ୱ ଦିଆଯାଇଛି। ଉତ୍ତର-ପୂର୍ବାଞ୍ଚଳ ରେଞ୍ଜ୍‌କୁ ଝାଡ଼ଖଣ୍ଡ ଏବଂ ବିହାର ଦାୟିତ୍ୱ ଦିଆଯାଇଛି।

ଆଇଜି ଏବଂ ଡିଆଇଜିଙ୍କ ତତ୍ତ୍ୱାବଧାନରେ ହେବାକୁ ଥିବା ଏହି ଅପରେଶନ୍‌ରେ ଅତିରିକ୍ତ ଏସ୍ ରାଜ୍ୟ ବାହାରକୁ ଯାଉଥିବା ଟିମ୍ ଏବଂ ରେଞ୍ଜ୍ କାର୍ଯ୍ୟାଳୟ ମଧ୍ୟରେ ସଂଯୋଜନା ରକ୍ଷା କରିବେ। ପ୍ରତ୍ୟେକ ଟିମ୍‌କୁ ୨ଭାଗରେ ବିଭକ୍ତ କରାଯିବ। ପ୍ରତ୍ୟେକ ଟିମ୍‌ରେ ୨ଜଣ ମହିଳା ପୁଲିସ କର୍ମଚାରୀ ରହିବେ। ଏହି ଟିମ୍ ରାଜ୍ୟ ବାହାରେ ବିଭିନ୍ନ ସାଇଟ୍‌କୁ ଯାଇ ଯାଞ୍ଚ କରିବେ। ମହିଳା ଏବଂ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ପ୍ରତ୍ୟେକ ରେଞ୍ଜ୍‌ରେ ଗଠନ ହୋଇଥିବା ଟିମ୍‌କୁ ଦୁଇ ଜଣ ଲେଖାଏଁ କର୍ମଚାରୀ( ପ୍ରାୟତଃ ଡିସିପିଓ) ଯୋଗାଇ ଦେବାକୁ ପୁଲିସ ପକ୍ଷରୁ ଅନୁରୋଧ କରାଯାଇଛି। ଏହା ସହ ଏଥିପାଇଁ ପାଣ୍ଠି ଯୋଗାଇ ଦେବୁ ମଧ୍ୟ ବିଭାଗକୁ କୁହାଯାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବନ୍ଧାହେଲେ କୋଚିଂ ସେଣ୍ଟର୍...

ପକ୍ଷରୁ ୫ଟି ସ୍ଥାନରେ ଚଢ଼ଉ କରାଯାଇ ଅନେକ ଆପତ୍ତିଜନକ ଦଲିଲ୍, ଲାପଟପ୍ ଏବଂ ମୋବାଇଲ୍ ଫୋନ୍ ଜବତ କରାଯାଇଛି। ଏହି ରାକେଟରେ ସମ୍ପୃକ୍ତ ଥିବା ମଧ୍ୟସ୍ଥିମାନେ ଛାତ୍ରଛାତ୍ରୀଙ୍କୁ ଚିହ୍ନଟ କରି ସେମାନଙ୍କୁ ପରୀକ୍ଷା ପୂର୍ବରୁ ସମ୍ଭାବ୍ୟ ପ୍ରଶ୍ନପତ୍ର ପଢ଼ାଉଥିଲେ। ବର୍ତ୍ତମାନ ସୁଦ୍ଧା ଏହି ମାମଲାରେ ୧୦ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ସାରିଛି।

### ୟୁକ୍ରେନ୍ ଡ୍ରୋନ୍ ମାଡ଼ରେ...

ଫୋନ ଯୋଗେ ଓଡ଼ିଶାରେ ଥିବା ପରିବାର ଲୋକଙ୍କୁ ଜଣାଇଥିଲେ। ଖବର ପାଇବା ପରେ ଶୋକାକୁଳ ପରିବାର ଲୋକେ ଜିଲ୍ଲାପାଳଙ୍କୁ ଭେଟିଥିଲେ। ଆଜି ଚିକିଟିରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଜନ ଶୁଣାଣିରେ ରାମାୟାଙ୍କ ଶବ ନିଜ ଗ୍ରାମକୁ ଫେରାଇ ଆଣିବା ପାଇଁ ପରିବାର ଓ ଗ୍ରାମବାସୀ ଗୁହାରି କରିଥିଲେ। ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଥିଲେ। ଜିଲ୍ଲାପାଳ ମୃତକଙ୍କ ପରିବାରକୁ ଗଭୀର ସମବେଦନା ଜଣାଇବା ସହ ଶବ କିପରି ଖୁବଶୀଘ୍ର ଗ୍ରାମରେ ପହଞ୍ଚିବ ସେଥିପାଇଁ ପ୍ରଶାସନ ପକ୍ଷରୁ ଚେଷ୍ଟା ଜାରି ରହିଛି ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଏହି ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଶହ କଥା ହୋଇ କିପରି ମରଶରୀର, ଭାରତ ଆସି ଘର ଲୋକଙ୍କ ପାଖରେ ପହଞ୍ଚିବ ସେଦିଗରେ ଚେଷ୍ଟା କରୁଥିବା କହିଛନ୍ତି।

ମୃତ ରାମାୟା ପରିବାରର ଏକମାତ୍ର ରୋଜଗାରିଆ ପୁଅ ଥିଲେ। ତାଙ୍କର ଆକସ୍ମିକ ବିୟୋଗ ପରେ ପରିବାରର ଆର୍ଥିକ ମେରୁଦଣ୍ଡ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ଏହି ଦୁଃଖଦ ଖବର ପ୍ରସାରିତ ହେବା ପରେ ସ୍ଥାନୀୟ ଅଞ୍ଚଳର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ମୃତକଙ୍କ ବାସଭବନରେ ପହଞ୍ଚି ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଅସହାୟ ପରିବାରକୁ ତୁରନ୍ତ ସରକାରୀ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଗ୍ରାମବାସୀ ପ୍ରଶାସନ ନିକଟରେ ଆକୁଳ ନିବେଦନ କରିଛନ୍ତି। ଗଞ୍ଜାମ ଜିଲ୍ଲାରେ ଦାଦନ ଯନ୍ତ୍ରଣା କମୁନି। ରାଜ୍ୟ ବାହାରେ କାର୍ଯ୍ୟରତ ଜିଲ୍ଲାର ଅନେକ ଯୁବକ ବିଭିନ୍ନ ସମୟରେ ପ୍ରାଣ ହରାଉଥିବା ବେଳେ ଦେଶ ବାହାରକୁ କାମ ଅନ୍ୱେଷଣରେ ଯାଉଥିବା ବହୁ ଯୁବକ ମଧ୍ୟ ବିଭିନ୍ନ ସମୟରେ ମୃତ୍ୟୁବରଣ କରୁଥିବା ଖବର ସାମ୍ନାକୁ ଆସୁଛି। ଏହାର ସ୍ଥାୟୀ ପ୍ରତିକାର ପାଇଁ ସରକାର ରୋଜଗାର ପନ୍ଥା ବାହାର କରି ସ୍ଥାନୀୟ ଅଞ୍ଚଳରେ ନିଯୁକ୍ତି ସୁଯୋଗ ପ୍ରଦାନ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

### ଡର ନାହିଁ...

ଏନକାଉଣ୍ଟର କରି ପୁଲିସ ବାହାବା ନେଇଥିବା ବେଳେ ସର୍ବସାଧାରଣରେ ଜଣେ ମହିଳାଙ୍କ ସହିତ ଉମେଶଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ଆଉ ଏକ ଏନକାଉଣ୍ଟର କରିବ ନା ରାଜନୈତିକ ଚାପରେ ଚୁପ ରହିବ ତାହା ଉପରେ ରହିଛି ସମସ୍ତଙ୍କ ନଜର। ତେବେ ଘଟଣାକୁ ଅତି ଗୁରୁତର ଭାବେ ନେଇଛନ୍ତି ବ୍ରହ୍ମପୁର ଏସପି ଡା.ସର୍ବଣା ବିବେକ ଏମ। ଅପରାଧୀଙ୍କୁ ଧରିବାକୁ ସ୍ୱତନ୍ତ୍ର ଟିମ ଗଠିତ ହୋଇଥିବା ଜଣାପଡ଼ିଛି।

### ଅଥୟ କରୁଛି...

କରିବା ସହ ଆଲର୍ଟ ଜାରି କରିଛି। ମଙ୍ଗଳବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ଅନୁଗୁଳ, ସୋନପୁର ଓ ବୌଦ୍ଧ ଜିଲ୍ଲାରେ ପ୍ରବଳ ଗୁଳୁଗୁଳି ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଆଲର୍ଟ ଜାରି କରିଛି।

ଅନ୍ୟପଟେ ବଙ୍ଗୋପସାଗରେ ଧୀରେ ଧୀରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ହେବାରେ ଲାଗିଛି। ଦକ୍ଷିଣ-ପୂର୍ବ ଆରବ ସାଗରର କିଛି ଅଞ୍ଚଳ, ଦକ୍ଷିଣ-ପଶ୍ଚିମ ଏବଂ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର, ଆଣ୍ଡାମାନ ସାଗରର ବହୁ ଅଞ୍ଚଳ, ସମଗ୍ର ନିକୋବାର ଦ୍ୱୀପପୁଞ୍ଜ ଏବଂ ଶ୍ରୀ ବିଜୟ ପୁରମ ସହ ଆଣ୍ଡାମାନ ଦ୍ୱୀପପୁଞ୍ଜର କିଛି ଅଞ୍ଚଳକୁ ମୌସୁମୀ ଅଗ୍ରସର ହୋଇଥିବାବେଳେ କେରଳରେ ଆସନ୍ତା ୨୬ ତାରିଖ ବେଳକୁ ମୌସୁମୀ ପ୍ରବେଶ କରିବାର ସମ୍ଭାବନା ରହିଛି। ତେବେ ଓଡ଼ିଶାରେ କେବେ ମୌସୁମୀ ବାୟୁ ଛୁଇଁବ ତାହା ଜୁନ୍ ୧ ତାରିଖ ବେଳକୁ ସ୍ପଷ୍ଟ ହେବ ବୋଲି ପାଣିପାଗ କେନ୍ଦ୍ର କହିଛି।

### ଖାଲିଦ୍‌ଙ୍କୁ ଜାମିନ...

ଏକ ବିରଳ ଘଟଣା ବୋଲି କୁହାଯାଉଛି। ଦିଲ୍ଲୀ ଦଙ୍ଗା ମାମଲାରେ ଗିରଫ କରାଯାଇ ବିନା ଶୁଣାଣି ଓ ବିନା ବିଚାରରେ ସେମାନଙ୍କୁ ୫ ବର୍ଷରୁ ଅଧିକ ସମୟ ଧରି ଜେଲରେ ରଖାଯାଇଛି। ସେମାନଙ୍କର ଜାମିନ ଆବେଦନକୁ ସୁପ୍ରିମ କୋର୍ଟ ଗତ ଜାନୁଆରୀ ମାସରେ ଖାରଜ କରିଦେଇଥିଲେ।

ୟୁଏପିଏ ଅଧୀନରେ ଗିରଫ ହୋଇ ୨୦୨୦ରୁ ଜେଲରେ ଥିବା କଶ୍ମୀରର ସୟଦ ଇଫତିଖାର ଅନ୍ଦରାବିଙ୍କୁ ଜାମିନ ପ୍ରଦାନ କରିବା ଅବସରରେ ଜଷ୍ଟିସ ବିଭି ନାଗରତ୍ନ ଏବଂ ଜଷ୍ଟିସ ଉଜ୍ଜଳ ଭୂୟାଁଙ୍କୁ ନେଇ ଗଠିତ ସୁପ୍ରିମ କୋର୍ଟର ଏକ ବେଞ୍ଚ ଆଜି ଏଭଳି ମନ୍ତବ୍ୟ ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି ଯେ, ୟୁଏପିଏର ଧାରା ଅଧୀନରେ ଜାମିନ ପାଇଁ କଠୋର ସର୍ତ୍ତାବଳୀ ରହିଛି। ମାତ୍ର ଏହା ସମ୍ବିଧାନ ଦ୍ୱାରା ପ୍ରଦତ୍ତ ବ୍ୟକ୍ତିଗତ ସ୍ୱାଧୀନତାର ଗ୍ୟାରେଣ୍ଟିକୁ ନ୍ୟୂନ କରିପାରିବ ନାହିଁ। କେବଳ ୟୁଏପିଏ ଅଧୀନରେ ଅଭିଯୋଗ ହୋଇଥିବାରୁ ଜାମିନ ପ୍ରଦାନକୁ ସ୍ୱୟଂଚାଳିତ ଭାବେ ପ୍ରତ୍ୟାଖ୍ୟାନ କରାଯାଇପାରିବ ନାହିଁ ବୋଲି କୋର୍ଟ କହିଛନ୍ତି। ୨୦୨୦ ଦିଲ୍ଲୀ ଦଙ୍ଗା ମାମଲାରେ ଷଡ଼ଯନ୍ତ୍ର ଅଭିଯୋଗରେ ସେପ୍ଟେମ୍ବର ୨୦୨୦ରୁ ଜେଲରେ ଥିବା ଉମର ଖାଲିଦଙ୍କୁ ଚଳିତ ବର୍ଷ ଜାନୁଆରୀରେ ଜାମିନ ମିଳିନଥିଲା। ଖାଲିଦଙ୍କ ଜାମିନ ଖାରଜ କରିବା ସମୟରେ ନିୟମଗୁଡ଼ିକର ସଠିକ ଅନୁପାଳନ ହୋଇନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ୨୦୨୧ର କେ.ଏ. ନଜିବ ମାମଲାର ଏକ ବୃହତ୍ତର ଖଣ୍ଡପୀଠଙ୍କ ରାୟ ଅନୁଯାୟୀ, ଦୀର୍ଘ ସମୟ ଧରି ବିଚାର ପ୍ରକ୍ରିୟା ବିଳମ୍ବ ହେବା ଜାମିନ ପାଇଁ ଏକ ଯଥାର୍ଥ ଆଧାର ହୋଇପାରେ। ଜାମିନ ପ୍ରଦାନ ସଂପର୍କରେ ତିନି ଜଣିଆ ଖଣ୍ଡପୀଠ ଯେଉଁ ରାୟ ଦେଇଥିଲେ, ତାହାକୁ ଏକ ଦୁଇ ଜଣିଆ ବେଞ୍ଚ ବଦଳାଇପାରିବ ନାହିଁ କି ଅସମ୍ମାନ କରିପାରିବ ନାହିଁ। ସେହି ମାମଲାକୁ ବୃହତ୍ତ ବେଞ୍ଚକୁ ପଠାଇବା ଉଚିତ ଥିଲା। ଜଷ୍ଟିସ ଭୂୟାଁ କହିଛନ୍ତି ଯେ, ନ୍ୟାୟିକ ଶୃଙ୍ଖଳା ଅନୁଯାୟୀ ଏକ ଛୋଟ ଖଣ୍ଡପୀଠ ବୃହତ୍ତର ଖଣ୍ଡପୀଠଙ୍କ ନିଷ୍ପତ୍ତିକୁ ଅଣଦେଖା ବା କୋହଳ କରିପାରିବେ ନାହିଁ। କୋର୍ଟ ସତର୍କ କରାଇ ଦେଇଛନ୍ତି ଯେ, ଯଦି ଅଭିଯୋଗକୁ ପ୍ରାଥମିକ ଭାବେ ସତ୍ୟ ମାନି ବର୍ଷ ବର୍ଷ ଧରି ଜାମିନ ନଦିଆଯାଏ, ତେବେ ବିଚାର ପୂର୍ବରୁ ଅଭିଯୁକ୍ତଙ୍କୁ ଏକ ବନ୍ଦୀ ଜୀବନ ବିତାଇବାକୁ ହେବ ଏବଂ ଏହା ଏକ ଦଣ୍ଡ ସଦୃଶ। ଏହାକୁ ରୋକିବା ପାଇଁ ତ୍ୱରିତ ବିଚାରର ଅଭାବକୁ ଜାମିନ ପାଇଁ ଆଧାର ଭାବେ ଗ୍ରହଣ କରାଯିବା ଆବଶ୍ୟକ।

ସୂଚନାଯୋଗ୍ୟ ଯେ ଗତ ଜାନୁଆରୀ ମାସରେ ଦିଲ୍ଲୀ ଦଙ୍ଗା ମାମଲାରେ ଅନ୍ୟ ୫ ଅଭିଯୁକ୍ତଙ୍କୁ ସୁପ୍ରିମ କୋର୍ଟର ଏକ ଦୁଇ ଜଣିଆ ବେଞ୍ଚ ଜାମିନ ପ୍ରଦାନ କରିଥିବା ବେଳେ ଖାଲିଦ ଏବଂ ସର୍ଜିଲଙ୍କୁ ଜାମିନ ଦେବାକୁ ମନା କରିଦେଇଥିଲେ। ସେମାନଙ୍କ ବିରୋଧରେ ଗୁରୁତର ଅଭିଯୋଗ ଥିବା ଦୃଷ୍ଟିରୁ ଜାମିନ ଦେବାକୁ ମନା କରିଦେଇଥିଲେ ଜଷ୍ଟିସ ଅରବିନ୍ଦ କୁମାର ଏବଂ ଜଷ୍ଟିସ ଏନ୍‌ଭି ଅଞ୍ଜାରିଆଙ୍କ ଖଣ୍ଡପୀଠ। ନଜିବ ମାମଲାକୁ ଆଧାର କରି ଜାମିନ ପ୍ରଦାନ କରାଯାଇପାରିବ ନାହିଁ ବୋଲି ଏହି ଖଣ୍ଡପୀଠ କହିଥିଲେ। ସେମାନଙ୍କର ଏଭଳି ରାୟକୁ ନେଇ ଆଜି ଜଷ୍ଟିସ ନାଗରତ୍ନ ଏବଂ ଜଷ୍ଟିସ ଭୂୟାଁଙ୍କ ଖଣ୍ଡପୀଠ ଗୁରୁତର ପ୍ରଶ୍ନ ଉଠାଇଛନ୍ତି। କୋର୍ଟ କହିଛନ୍ତି ଯେ ନଜିବ ମାମଲାରେ ତିନି ଜଣିଆ ବେଞ୍ଚ ନିର୍ଦ୍ଧାରିତ କରିଥିବା ସିଦ୍ଧାନ୍ତକୁ ବଦଳାଇବା, ଉପେକ୍ଷା କିମ୍ବା ଅସମ୍ମାନ କରାଯାଇପାରିବ ନାହିଁ।

### ଦଳୀୟ ନେତାଙ୍କୁ...

ସୂଚନା ଦେଇଛନ୍ତି। ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କହିଛନ୍ତି ଯେ ଉନ୍ନୟନମୂଳକ କାର୍ଯ୍ୟ କିପରି ଲୋକଙ୍କ ନିକଟରେ ପହଞ୍ଚିପାରିବ ସେନେଇ ନିଷ୍ଠାପର ଭାବେ ଉଦ୍ୟମ କରିବାକୁ ଶ୍ରୀ ନବୀନ ପରାମର୍ଶ ଦେଇଛନ୍ତି। ସାଧାରଣ ଲୋକଙ୍କ ସମସ୍ୟାର ସମାଧାନ ଆମର ମୁଖ୍ୟ ଲକ୍ଷ୍ୟ ହେବା ଉଚିତ୍। ଦଳର ନେତାମାନେ ରାଜ୍ୟବ୍ୟାପୀ ନିରନ୍ତର ପ୍ରବାସ ସହ ଦଳର ମନ୍ତ୍ରୀ, ପ୍ରଭାରୀ ତଥା ବିଧାୟକମାନେ ନିରନ୍ତର ଭାବେ ଜନସମ୍ପର୍କ ରକ୍ଷା କରିବାକୁ ସଭାପତି ପରାମର୍ଶ ଦେଇଥିବା ଶ୍ରୀ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ଏହି ବୈଠକରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଜୁଏଲ୍ ଓରାମ, ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା, ରାଜ୍ୟ ବିଜେପି ପ୍ରଭାରୀ ବିଜୟ ପାଲ ସିଂ ତୋମାର, ସହ ପ୍ରଭାରୀ ଲତା ଉସେଣ୍ଡିଙ୍କ ସମେତ ସହ କୋର୍ କମିଟି ସଦସ୍ୟ ସାମିଲ ହୋଇଥିଲେ।

### ହ୍ୱାଇଁର ଯୌନାଙ୍ଗ...

ଯାଇଥିବା ସମୟରେ ଏହି ଭୟଙ୍କର ଅଘଟଣ ଘଟିଛି। ମନୋଜଙ୍କ ପରିବାର ଲୋକଙ୍କ କହିବା ଅନୁଯାୟୀ, ଶଶୁର ଘରର ସମସ୍ତ ସଦସ୍ୟ ମିଳିତ ଭାବେ ଏକ ସୁଚିନ୍ତିତ ଯୋଜନା କରି ମନୋଜଙ୍କୁ ପ୍ରଥମେ ନିର୍ଘାତ ମାଡ଼ ମାରିଥିଲେ ଏବଂ ପରେ ତାଙ୍କର ଅଣ୍ଡକୋଷ କାଟି ଅତି ବର୍ବର ଭାବେ ହତ୍ୟା କରିଛନ୍ତି। ହତ୍ୟା କରିବା ପରେ ପ୍ରମାଣ ଲୁଚାଇବା ଉଦ୍ଦେଶ୍ୟରେ ଶବକୁ ବାଡ଼ିପଟେ ଥିବା ଏକ ମାଟିଗଦା ଉପରେ ଫିଙ୍ଗି ଦେଇଥିଲେ। ଘଟଣାକୁ ଚାପିଦେବା ପାଇଁ ଶଶୁର ଘର ପକ୍ଷରୁ କୁହାଯାଇଥିଲା ଯେ ପାରିବାରିକ କଳହ ଯୋଗୁଁ ମନୋଜ ଗଛରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଛନ୍ତି। ମାତ୍ର ମୃତକଙ୍କ ବାପା ବସନ୍ତ ମଲ୍ଲିକ ଏହି ମିଥ୍ୟା କାହାଣୀର ପର୍ଦ୍ଦାଫାଶ କରି କହିଛନ୍ତି, "ମୋ ପୁଅର ଉଚ୍ଚତା ୬ ଫୁଟ୍। ସେ ମାତ୍ର ୫ ଫୁଟ୍ ଉଚ୍ଚତାର ଏକ ସରୁ ଗଛ ଡାଳରେ କେମିତି ଆତ୍ମହତ୍ୟା କରିବ? ଏହା ସମ୍ପୂର୍ଣ୍ଣ ଅସମ୍ଭବ। "ଶଶୁର ଘରେ ମନୋଜ ଆତ୍ମହତ୍ୟା କରିବାର କୌଣସି କାରଣ ନାହିଁ, ବରଂ ତାଙ୍କୁ ଘର ଭିତରେ ହତ୍ୟା କରାଯାଇ ବାହାରେ ଆଣି ଫିଙ୍ଗାଯାଇଛି ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଘଟଣାର ସୂଚନା ପାଇ ବଡ଼ମ୍ବା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମନୋଜଙ୍କ ଶବକୁ ଉଦ୍ଧାର କରିଥିଲା। ମାତ୍ର ପରିବାର ଲୋକଙ୍କ ଅଭିଯୋଗ ସତ୍ତ୍ୱେ ପୁଲିସ ପ୍ରାରମ୍ଭିକ ପର୍ଯ୍ୟାୟରେ ଏକ ସାଧାରଣ ଅପମୃତ୍ୟୁ ମାମଲା ରୁଜୁ କରି ତରବରିଆ ଭାବେ ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଚୁପ୍ ବସିଯାଇଛି। ଘଟଣାକୁ ୪୮ ଘଣ୍ଟାରୁ ଅଧିକ ସମୟ ବିତିଯାଇଥିଲେ ହେଁ ପୁଲିସ ଅଭିଯୁକ୍ତ ଶଶୁର ଘର ଲୋକଙ୍କୁ ଗିରଫ ନ କରିବା ପୁଲିସର ଭୂମିକାକୁ ସନ୍ଦେହ ଘେରକୁ ଟାଣିଛି। ଯଦିଓ ପୁଲିସ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମାମଲାର ରୂପରେଖ ସ୍ପଷ୍ଟ ହେବ ବୋଲି କହୁଛି, ତଥାପି ମୃତ ଶରୀରରେ ଥିବା କ୍ଷତ ଚିହ୍ନ ଏବଂ କଟାଯାଇଥିବା ଯୌନାଙ୍ଗ ସ୍ପଷ୍ଟ ଭାବେ ହତ୍ୟାକାଣ୍ଡର ପ୍ରମାଣ ଦେଉଛି। ଏହି ଅମାନୁଷିକ ହତ୍ୟାକାଣ୍ଡକୁ ନେଇ ସ୍ଥାନୀୟ ଅଞ୍ଚଳରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ମନୋଜଙ୍କ ପରିବାର ପକ୍ଷରୁ ଅଭିଯୁକ୍ତ ଶଶୁର, ଶାଶୂ ଓ ସ୍ତ୍ରୀ ସମେତ ସମସ୍ତ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଅବିଳମ୍ବେ ଗିରଫ କରି କଠୋର ଦଣ୍ଡ ଦେବାକୁ ଦାବି କରାଯାଇଛି, ନଚେତ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।

### ଦକ୍ଷିଣ-ପଶ୍ଚିମ ଓଡ଼ିଶାରେ...

ସେଠାରେ ବାଇକ୍ ପିଛା ୨୦୦ ଟଙ୍କା ଏବଂ ଚାରିଚକିଆ ପିଛା ୧୦୦୦ ଟଙ୍କାରୁ ଅଧିକ ତେଲ ମିଳୁନାହିଁ। ଏପରିକି ବଡ଼ ଟ୍ରକ୍‌କୁ କମ୍ ତେଲ ମିଳୁଥିବା ଯୋଗୁଁ ବିଭିନ୍ନ ସ୍ଥାନରେ ଗାଡ଼ି ଚାଳକମାନେ ପାଟିତୁଣ୍ଡ କରିଛନ୍ତି। ପରିସ୍ଥିତି ଖରାପ ହେବା ଆଶଙ୍କାରେ ଜିଲ୍ଲାପାଳ ଓ ଏସ୍‌ପି ବିଭିନ୍ନ ପେଟ୍ରୋଲ ପମ୍ପରେ ଯାଞ୍ଚ କରିଥିବା ଖବର ମିଳିଛି। ଏହି ଅଞ୍ଚଳରେ ତେଲର ଅଭାବ ନିମନ୍ତେ ପେଟ୍ରୋଲିୟମ କମ୍ପାନୀର ଅଧିକାରୀଙ୍କୁ ଲୋକମାନେ ଦାୟୀ କରିଛନ୍ତି।

ଅଖିଳ ଭାରତ ମୋଟର ପରିବହନ କଂଗ୍ରେସର ରାଜ୍ୟ ଅଧ୍ୟକ୍ଷ ରବି ଶତପଥୀ ଏହି ପ୍ରସଙ୍ଗରେ ସିଧାସଳଖ ରାଷ୍ଟ୍ରାୟତ୍ତ ତେଲ କମ୍ପାନୀଗୁଡ଼ିକ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ସେ କହିଛନ୍ତି ଯେ, ବର୍ତ୍ତମାନର ଅନ୍‌ଲାଇନ୍ ବ୍ୟବସ୍ଥାରେ ଯେଉଁ ଟାଙ୍କିରେ ତେଲ ଶେଷ ହେବ ସେ ସମ୍ପର୍କରେ ସୂଚନା ତେଲ କମ୍ପାନୀ ପାଇପାରିବେ। ତେଣୁ ତେଲ କମ୍ପାନୀ ସ୍ଥିତି ସମ୍ପର୍କରେ ଅବଗତ ଥିବା ସତ୍ତ୍ୱେ ଯୋଗାଣ କମ୍ କରୁଥିବାରୁ ଏପରି ସ୍ଥିତି ଉପୁଜିଛି। ସର୍ବଭାରତୀୟ ପେଟ୍ରୋଲିୟମ୍ ଡିଲର ସଂଘର ମହାସଚିବ ସଞ୍ଜୟ ଲାଠ୍ କହିଛନ୍ତି ଯେ ନିକଟରେ ଦେଶରେ ମଧ୍ୟ ଉଭୟ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଲିଟର ପିଛା ୩ ଟଙ୍କା ବୃଦ୍ଧି ହୋଇଛି। ହେଲେ ତୈଳ କମ୍ପାନୀଗୁଡ଼ିକ କ୍ଷତି ବଢ଼ୁଥିବା ଦର୍ଶାଇ ତେଲ ଦରରେ ଆହୁରି ବୃଦ୍ଧି ଘଟାଇବାକୁ ସରକାରଙ୍କ ପାଖରେ ଅଡିବସିଛନ୍ତି। ଏପରିକି ତୈଳ ଯୋଗାଣ ସଙ୍କୁଚିତ କରିଛନ୍ତି। ଫଳସ୍ୱରୂପ ତେଲ ଅଭାବ ଯୋଗୁ ନିକଟରେ ସାରା ରାଜ୍ୟରେ ଏକ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ମାତ୍ର ଏହା ପୂର୍ବରୁ ଉପାନ୍ତ ଅଞ୍ଚଳରେ ବି ତେଲ ସମସ୍ୟା ରହିଥିଲା। ଭୁବନେଶ୍ୱର ଓ କଟକରେ ସ୍ଥିତି ଅସମ୍ଭାଳ ହେବା ପରେ ଏହା ଲୋକଙ୍କ ଦୃଷ୍ଟିକୁ ଆସିଲା। ତଥାପି ଏହି ପ୍ରସଙ୍ଗ ଏବେ ବି ସମାଧାନ ହୋଇପାରି ନାହିଁ।

### ତେଲ ଅଭାବରୁ...

ସମୟରେ ହସ୍ପିଟାଲରେ ପହଞ୍ଚି ପାରିଥାନ୍ତେ ଓ ତାଙ୍କର ଜୀବନ ବଞ୍ଚି ଯାଇଥାନ୍ତା ବୋଲି କୁହାଯାଉଛି। ତେଲ ନଥିବାରୁ ଜେନେରେଟର ବନ୍ଦ ହୋଇଥିବା ଫଳରେ ଏକ କୁକୁଡା ଫର୍ମରେ ୫୦୦୦ରୁ ଅଧିକ କୁକୁଡା ମରି ଯାଇଛନ୍ତି। ଜିଲ୍ଲାରେ ଦୀର୍ଘଦିନ ଧରି ତେଲ ଅଭାବ ଯୋଗୁଁ ଜନଜୀବନ ପ୍ରଭାବିତ ହେଉଥିବା ଜଣାପଡ଼ିଛି।

**AFFIDAVIT**

I, Sandhyarani Pradhan, W/o. Suresh Chandra Pradhan, D/o. Abhinash Patra, At. Santia Near GK Bhatter Hospital, Po/PS: Jaleswar, Dist. Baleshwar, PIN: 756032, declare by this Affidavit before the Notary, Jaleswar my date of birth wrongly mentioned as 01.01.1957 in my Aadhar card No. 909913605757, while the date of Birth mentioned in valid document PAN card no. BLLPP5039H is 09.01.1950 which is indeed to correct. Henceforth, I request UIDAI to update my Date of Birth according to my valid document.

**AFFIDAVIT**

By virtue of an affidavit on dtd-18/05/2026 sworn before The Executive Magistrate, Angul. I, Nikita Navanita Mall, D/o Late Manas Mall, resident of Vill: Biswanathpur, PO: Gotamara, PS: Banarpal, Dist: Angul, Odisha, PIN: 759128 declare that, my actual name is Nikita Navanita Mall which is recoded in my Aadhaar Card (No. 8750 9287 9206), PAN Card, Higher Secondary Education Certificate (+2), Bank Pass Book of Indusind Bank, but in in the BSE Certificate (10th Pass) recorded as Nikita Navanita. That, I declare that Nikita Navanita Mall and Nikita Navanita are same and one person in the locality i.e. myself **Nikita Navanita Mall** for all official, non-official, and legal purposes.

32001/233/2627 email Id: - eecanalbgh11@gmail.com

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER,
BARGARH IRRIGATION DIVISION, BARGARH
e-Procurement Notice No.BID-04 /2026-27 dt.15.05.2026
Bid Identification No. BID-04(01)/2026-27 (Online)

| | | | |
|---|---|---|---|
| 1. | Name of the work | : | Shifting of LT and 11 KV line and Substation for Construction of River Embankment cum Ring Road on the Left Bank of River Jeera from Sai Mandir to Ruhunia, Bargarh. |
| 2. | Total No. of works | : | 1 No. |
| 3. | Estimated Cost | : | Rs. 11.31 Lakh (approx) |
| 4. | Class of Contractor | : | D & C with HT License |
| 5. | Period of completion | : | 30 (Thirty) days |
| 6. | EMD Required | : | Rs. 11,400.00 |
| 7. | Online for bidding | : | Dt.21.05.2026 at 10:00 A.M to 30.05.2026 at 05:00 P.M |
| 8. | Last Date / time for receipt of bids in the portal | : | Dt.30.05.2026 at 5:00 P.M. |
| 9. | Date & time of opening of tender | : | Dt.01.06.2026 at 10:00 A.M. |
| 10. | Name & Address of the Officer inviting bid | : | Superintending Engineer, Bargarh Irrigation Division, Bargarh – 768028 Email id: - eecanalbgh11@gmail.com |

1. Any addendum/ corrigendum/ cancellation / erratum of tender can also be seen in the said website.
2. Further details can be seen from Government website www.tendersodisha.gov.in

Superintending Engineer
Bargarh Irrigation Division, Bargarh
OIPR-32001/32461/1/26-27/0004

GOVERNMENT OF ODISHA 32001/236/2627
OFFICE OF THE SUPERINTENDING ENGINEER,
UPPER KOLAB IRRIGATION DIVISION,
BORIGUMMA, DIST: KORAPUT.
e-Procurement Notice
Bid Identification No. SEUKID-01/2026-27 Dated: 13.05.2026

Bid Documents consisting of work, Estimated Cost, cost of bid document, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in .

1. Name of the Work : Civil Works
2. No. of Works : 18 Nos
3. Estimated Cost : Rs.7.96 Lakhs to Rs.12.96 Lakhs
4. Period of completion : Two calendar months
5. Date & Time of Bidding : From 11.00 hours of **19.05.2026** Up to 17.00 hours of **30.05.2026**
6. Last date & time for receipt of bids in portal : **30.05.2026** up to 17.00hours.
7. Bids received online shall be opened on : 11.00 hours of **01.06.2026**
8. Name and address of the officer inviting Bid : Superintending Engineer, Upper Kolab Irrigation Division, Borigumma (K)

Further details can be seen from the www.tendersodisha.gov.in.
Addendum/corrigendum/cancellation required, if any will be published in Govt. Website only.

Superintending Engineer,
Upper Kolab Irrigation Division,
Borigumma (K)
OIPR-32001/32482/1/26-27/0002

**AFFIDAVIT**

By virtue of an affidavit sworn before The Notary Public, Titilagarh, on dated- 18/05/2026. I, **Tridevdash Majhi** (new name), S/o Dayanidhi Majhi, permanent & current resident of AT: Bhalegaon, PO: Luthurbandha, PS: Titilagarh, Dist: Balangir, State: Odisha, PIN: 767033 declare that I have changed my name from **Kunal Majhi** (old name) to **Tridevdash Majhi** (new name).
Henceforth, I shall be known as **Tridevdash Majhi** (new name) for all future purposes.
**(Tridevdash Majhi)**

**AFFIDAVIT**

I, Runu Puhan, aged about 55 years, W/o- Dushasan Puhan, resident of At - Panuberani, Po-Patala, Ps-Balimi, Dist-Dhenkanal, PIN-759121, Odisha declared by this affidavit No. 986, dtd- 16/05/2026 that now onwards I shall be known as **RUNUBALA PUHAN** for all future purposes.

**AFFIDAVIT**

By virtue of an affidavit (No. 809, dtd- 15/05/2026) sworn before The Executive Magistrate, Begunia. I, **Chintamani Parida,** S/o- Madhu Parida, permanent & current resident of AT: Koluhapatana, PO: Badaberana, PS: Begunia, Dist: Khordha, PIN: 752061, State: Odisha declare that I have changed my minor son's name from **Somnath Parida** (old name) to **Soumendra Das Parida** (new name). Henceforth, he shall be known as **Soumendra Das Parida** (new name) for all purposes.
**(Chintamani Parida)**

**AFFIDAVIT**

By virtue of an affidavit (CF No. 01, date: 18/05/2026) sworn before The Executive Magistrate, Padampur. I, **Chandrakanti Bariha** (new name), D/o Birabal Bariha, permanent & current resident of AT: Jagadalpur, PO/PS: Jagadalpur, Dist: Bargarh, PIN: 768036, State: Odisha declare that I have changed my name from **Chandrika Bariha** to **Chandrakanti Bariha.**
Henceforth, I shall be known as **Chandrakanti Bariha** (new name) for all purposes.
**(Chandrakanti Bariha)**

**AFFIDAVIT**

By virtue of an affidavit (No. 10197, dtd- 13/05/2026) sworn before The Executive Magistrate, Khordha. I, **Brajabandhu Sahoo,** S/o-Lachhaman Sahoo, resident of Vill/PO: Pubusahi, PS/Dist: Khordha, Odisha declare that, my actual name is Brajabandhu Sahoo which is mentioned in my Aadhaar Card (No. 3736 0059 4931) & my Voter I-Card, but in my LIC Policy (No.574721572) my name has been recorded as **Bajendra Sahu.** Henceforth, both the names **Brajabandhu Sahoo** and **Bajendra Sahu** are same and one person in the locality i.e. myself **Brajabandhu Sahoo** for all official, non-official, and legal purposes.
**(Brajabandhu Sahoo)**

# ୨ ବାଲି ବୋଝେଇ ହାଇୱା ଜବତ

ଖଣ୍ଡପଡ଼ା,୧୮।୫ (ସମିସ): ଖଣ୍ଡପଡ଼ା ଅଞ୍ଚଳ ଦେଇ ପ୍ରବାହିତ ମହାନଦୀର ବିଭିନ୍ନ ଘାଟରୁ ବେଆଇନ ଭାବେ ବାଲି ଚାଲାଣ କରୁଥିବା ଅଭିଯୋଗରେ ଖଣ୍ଡପଡ଼ା ପୁଲିସ ୨ଟି ବାଲି ବୋଝେଇ ହାଇୱାକୁ ଜବତ କରିଥିବା ଜଣାଯାଇଛି। ପୁଲିସ ଉଭୟ ଗାଡିର କାଗଜପତ୍ର ଯାଞ୍ଚ କରିବା ସମୟରେ ବାଲି ଚାଲାଣ ନେଇ ଗାଡି ୨ଟିର ଆନୁସଙ୍ଗିକ କାଗଜପତ୍ର ଠିକ ନ ଥିବା ଜଣାପଡିଥିଲା। ଏ ସଂପର୍କରେ ଖଣ୍ଡପଡ଼ା ଥାନାରେ ମାମଲା ରୁଜୁ ହୋଇଥିବା ଜଣାପଡିଛି। ମହାନଦୀର ବିଭିନ୍ନ ଘାଟରୁ ବେଆଇନ ଭାବେ ଚୋରାରେ ବାଲି ଚାଲାଣ ଯୋଗୁଁ ସରକାର ବିପୁଳ ପରିମାଣର ରାଜସ୍ୱ ହରାଉଥିବା ଅଞ୍ଚଳବାସୀ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କରିଆସୁଛନ୍ତି। ଏ ଦିଗରେ ତହସିଲ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

● ବର୍ଜ୍ୟବସ୍ତୁ ପରିଚାଳନା ଗୃହ ନିର୍ମାଣରେ ଅନିୟମିତତା

# ଖବର ପ୍ରକାଶ ପରେ ହେଲା ମରାମତି



ନୂଆଗାଁ,୧୮।୫(ସମିସ): ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଅନ୍ତର୍ଗତ ହରିପୁର ପଞ୍ଚାୟତ ନୂତନ ଭାବେ ନିର୍ମାଣ ହୋଇଥିବା କଠିନ ବର୍ଜ୍ୟବସ୍ତୁ ସଂଗ୍ରହ ଘର ଫାଟିବା ଘଟଣା ଖବର ଗତକାଲି ପ୍ରକାଶ ପାଇଥିବା ବେଳେ ଆଜି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ତୁରନ୍ତ ମରାମତି କରିଛନ୍ତି। ଦୁର୍ନୀତିକୁ ଘଣ୍ଟ ଘୋଡାଇବା ପାଇଁ ବିଭାଗୀୟ ଅଧିକାରୀ ମରାମତି କରିଥିବା ଅଞ୍ଚଳବାସୀ ସୂଚନା ଦେଇଛନ୍ତି। ଏହି ବିଷୟରେ ନୂଆଗାଁ ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ଙ୍କ ମତାମତ ନେବାରେ ସେ କହିଛନ୍ତି ତଦନ୍ତ ଆରମ୍ଭ କରିଛୁ ଖୁବ୍ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆ ହେବ। ଜିଲ୍ଲା ପ୍ରଶାସନ କିମ୍ବା ଭିଜିଲାନ୍ସ ପକ୍ଷରୁ ତଦନ୍ତ କରି ଦୁର୍ନୀତି କରିଥିବା ସରକାରୀ ବାବୁଙ୍କ ବିରୋଧରେ କାର୍‌ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

● ବଢ଼ିଲା ବ୍ଲକ୍ ଅଧ୍ୟକ୍ଷ କିଶୋରଙ୍କ ପାଇଁ ଅଡୁଆ

# ଉପଜିଲ୍ଲାପାଳଙ୍କ ନିକଟରେ ଅନାସ୍ଥା ପ୍ରସ୍ତାବ ଆଗତ

ନୟାଗଡ଼,୧୮।୫(ସମିସ)

ନୟାଗଡ଼ ବ୍ଲକ୍ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁଙ୍କ ବିରୋଧରେ ଆଜି ଅନାସ୍ଥା ପ୍ରସ୍ତାବ ଆଗତ ହୋଇଛି। ନୟାଗଡ଼ ବ୍ଲକର ୪୫ ଜଣ ସରପଞ୍ଚ ଓ ସମିତିସଭ୍ୟଙ୍କ ଦସ୍ତଖତ ସମ୍ବଳିତ ଅନାସ୍ଥା ପ୍ରସ୍ତାବକୁ ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାରଙ୍କୁ ପ୍ରଦାନ କରାଯାଇଛି। ବ୍ଲକ୍ ଉପାଧ୍ୟକ୍ଷ ଲକ୍ଷ୍ମୀପ୍ରିୟା ସାହୁଙ୍କ ନେତୃତ୍ୱରେ ଏହି ଅନାସ୍ଥା ଆଗତ କରାଯାଇଛି। ନୟାଗଡ଼ ବ୍ଲକ ଅଧ୍ୟକ୍ଷ ଶ୍ରୀ ସାହୁ ଗତ ୧୨ ତାରିଖରେ ବିଜେଡିରୁ ଇସ୍ତଫା ଦେଇଥିଲେ। ୧୫ ତାରିଖ ସନ୍ଧ୍ୟାରେ ବିନା ଥାଟବାଟରେ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ମିଶିଥିଲେ। ବିଜୁ ଜନତା ଦଳ ସରପଞ୍ଚ ଓ ସମିତି ସଭ୍ୟଙ୍କ ଅଗୋଚରରେ ସେ ଦଳୀୟ ଶୃଙ୍ଖଳାକୁ ଉଲ୍ଲଂଘନ କରି ଦଳ ଛାଡ଼ି ଥିବାରୁ ତାଙ୍କ ବିରୋଧରେ ଅସନ୍ତୋଷ ବଢ଼ିଥିଲା। ଯାହାକୁ ନେଇ ଗତ ୧୫ ତାରିଖରେ ସରପଞ୍ଚ ଓ ସମିତିସଭ୍ୟଙ୍କ ଏକ ବୈଠକ ହୋଇଥିଲା। ଉକ୍ତ ବୈଠକରେ ଅଧ୍ୟକ୍ଷଙ୍କ ବିରୋଧରେ ୪ଟି କାରଣ ଉଠିଥିଲା। ଅଧ୍ୟକ୍ଷ ପଞ୍ଚାୟତ ସମିତି ଆଇନ ଅନୁସାରେ ପଞ୍ଚାୟତ ସମିତି ନିୟମିତ ସଭା ଆୟୋଜନ କରୁନଥିବା, ପଞ୍ଚାୟତ ସମିତିର ସରକାରୀ ଅର୍ଥ ବିନିଯୋଗ କରିବାରେ ଅସମର୍ଥ, ଅଧ୍ୟକ୍ଷଙ୍କ କାର୍ଯ୍ୟକଳାପ ଲୋକାଭିମୁଖୀ କାର୍ଯ୍ୟକଳାପର ବିରୁଦ୍ଧାଚରଣ କରିବା, ସରପଞ୍ଚ ଓ ସମିତି ସଭ୍ୟଙ୍କ ଦ୍ୱାରା ଦିଆଯାଉଥିବା ଉନ୍ନୟନ ମୂଳକ କାର୍ଯ୍ୟ ପ୍ରସ୍ତାବକୁ ଗ୍ରହଣ ନକରି ମନମୁଖି କରିବା ଭଳି ଅଭିଯୋଗ ରହିଛି। ଯାହାକୁ ନେଇ ଉକ୍ତ ସଭାର ନିଷ୍ପତ୍ତି ଅନୁସାରେ, ଆଜି ଅନାସ୍ଥା ପ୍ରସ୍ତାବ ଆଗତ କରାଯାଇଛି। ଅନାସ୍ଥା ପ୍ରସ୍ତାବ ଆଗତ କରାଯିବାକୁ ନେଇ ନୟାଗଡ଼ ଉପଜିଲ୍ଲାପାଳଙ୍କ ପ୍ରତିକ୍ରିୟା ନେବାରେ, ସେ ଅନାସ୍ଥା ପ୍ରସ୍ତାବ ଗ୍ରହଣ କରିଥିବା କହିଛନ୍ତି। ପଞ୍ଚାୟତ ଆଇନ ଅନୁସାରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି। ଅନ୍ୟପକ୍ଷେ, ଏକୁଟିଆ ତରବରିଆ ଭାବେ ବିଜେପିରେ ମିଶିଥିବା ବ୍ଲକ୍ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ ବ୍ୟକ୍ତିଗତ କାରଣ ଦର୍ଶାଇ ବିଜେଡି ଛାଡ଼ିଥିବାବେଳେ ବାସ୍ତବତାକୁ ନେଇ ଏବେ ନୟାଗଡ଼ରେ ପ୍ରବଳ ଚର୍ଚ୍ଚା। କିଶୋର ନିଜର ପରିବହନ ବ୍ୟବସାୟ, ଗଜପତି ଜିଲ୍ଲା ମୋହନାରେ ଚାଲିଥିବା ବେଆଇନ କ୍ରସରକୁ ବଞ୍ଚାଇବା ପାଇଁ କୁଆଡ଼େ ବିଜେପି ଶରଣାଧୀପନ୍ନ ହୋଇଥିବା ଜିଲ୍ଲା ପରିଷଦ ସଦସ୍ୟ ସୁବାସ ଚନ୍ଦ୍ର କହଁର କହିଛନ୍ତି। ନିଜର ସ୍ୱାର୍ଥ ଓ ବେପାର ସୁରକ୍ଷା ପାଇଁ ସେ ବିଜେପିରେ ମିଶିଥିବା ବେଳେ ବିଜୁ ଜନତା ଦଳ ପ୍ରତି କରିଥିବା ବିଶ୍ୱାସଘାତକତା ତାଙ୍କ ପାଇଁ ଆଗାମୀ ଦିନରେ ଭୟଙ୍କର ହେବ ବୋଲି ଅନେକ ସରପଞ୍ଚ ମତ ଦେଇଛନ୍ତି। ୨୦୧୭ ମସିହାରେ ଭାଟସାହି ପଞ୍ଚାୟତରୁ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିବା କିଶୋର ୨୦୨୨ ମସିହାରେ ଅରୁଣଙ୍କ ତତ୍ତ୍ୱାବଧାନରେ ବ୍ଲକ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ୨୯ ପଞ୍ଚାୟତରୁ ବିଜେଡି ସମର୍ଥିତ ସମିତି ସଭ୍ୟମାନେ ନୟାଗଡ଼ ବିଧାୟକଙ୍କ ନିର୍ଦ୍ଦେଶରେ କିଶୋରଙ୍କୁ ବ୍ଲକ୍ ଅଧ୍ୟକ୍ଷ ଭାବେ ବାଛିଥିଲେ। ଏବେ କିଶୋରଙ୍କ ବିଜେଡି ଛାଡ଼ିବାକୁ ସହଜରେ ଗ୍ରହଣ କରି ପାରିନାହାନ୍ତି ନୟାଗଡ଼ ବ୍ଲକର ସରପଞ୍ଚ ଓ ସମିତି ସଭ୍ୟ। ନୟାଗଡ଼ ବ୍ଲକ୍ ରାଜନୀତିରେ ସୃଷ୍ଟି ହୋଇଥିବା ଘମାସାନ ପରିସ୍ଥିତି ଆଗାମୀ ଦିନରେ ଭୟଙ୍କର ହେବ ବୋଲି ଅନୁମାନ କରାଯାଉଛି। ଆଜି ଅନାସ୍ଥା ପ୍ରସ୍ତାବ ପ୍ରଦାନ ସମୟରେ ଅନେକ ସରପଞ୍ଚ, ସମିତି ସଭ୍ୟଙ୍କ ସହିତ ଜିଲ୍ଲା ପରିଷଦ ସଦସ୍ୟ ସୁବାସ ଚନ୍ଦ୍ର କହଁର, କ୍ଷୀରୋଦ ମହାପାତ୍ର, ସରୋଜ ରଣସିଂ, ଆଶିଷ ଅଗ୍ରୱାଲ, ନୟାଗଡ଼ ନିର୍ବାଚନ ମଣ୍ଡଳୀ ବିଜେଡି ସଭାପତି ଗଙ୍ଗାଧର ପଣ୍ଡାଙ୍କ ସମେତ ବହୁ ନେତା ଉପସ୍ଥିତ ରହିଥିଲେ।




ମହଙ୍ଗା ପଡ଼ିଲା ସାମ୍ବାଦିକଙ୍କ ନାମରେ ଅପପ୍ରଚାର

# ଜେଲ ଗଲେ ଶାନ୍ତନୁ, ଜିତେନ୍ଦ୍ର

ନୟାଗଡ଼,୧୮।୫(ସମିସ): ନୟାଗଡ଼ ଜିଲ୍ଲାର କିଛି ବ୍ୟକ୍ତି ସାମାଜିକ ଗଣମାଧ୍ୟମରେ ପୁଲିସ, ଓକିଲ ଓ ରାଜନେତାଙ୍କୁ ଟାର୍ଗେଟ କରିବା ସହ ଅତ୍ୟନ୍ତ ଅପଶବ୍ଦ ଲେଖି ପୋଷ୍ଟ କରି ଆସୁଛନ୍ତି। ଏପରିକି ଏହି ବ୍ୟକ୍ତିମାନେ ଖଣ୍ଡପଡ଼ା ଏସ୍‌ଡିପିଓଙ୍କୁ ସମର୍ଥନ କରି ପୀଡ଼ିତାଙ୍କ ନାମରେ ଅପପ୍ରଚାର କରିବାକୁ ପଛାଇ ନଥିଲେ। ଦୈନିକ "ସକାଳ' ସାମ୍ବାଦିକ ଅନୀଲ କୁମାର ପଣ୍ଡାଙ୍କୁ ଟାର୍ଗେଟ କରି ଅସାମାଜିକ ପୋଷ୍ଟ କରି ଆସୁଥିଲେ। ଏପରିକି ତାଙ୍କ ପରିବାରକୁ ବଦନାମ କରିବା ଭଳି ପୋଷ୍ଟ କରୁଥିଲେ। ଯାହାକୁ ନେଇ ଗତ ୩୦ ତାରିଖରେ ନୟାଗଡ଼ ଟାଉନଥାନାରେ ଅନୀଲଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ଟାଉନଥାନା ପୁଲିସ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ନୟାଗଡ଼ ରାଜବଗିଚାର ଦାମୋଦର ସାହୁଙ୍କ ପୁଅ ଜିତେନ୍ଦ୍ର କୁମାର ସାହୁ, ଓଡ଼ଗାଁ ଥାନା ଦଣ୍ଡୋର ଗ୍ରାମର ଶାନ୍ତନୁ ବିଶୋଇ। ସୂଚନାସାରେ, ଏହି ଦୁଇ ଅଭିଯୁକ୍ତଙ୍କ ନାମରେ ପ୍ରଥମେ ଫତେଗଡ଼ ଥାନା ଅନ୍ତର୍ଗତ ଫତେଗଡ଼ ଗ୍ରାମର ପୀଡ଼ିତା ରଶ୍ମିତା କହଁରଙ୍କ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ଅଭିଯୁକ୍ତ ଦୁଇଜଣଙ୍କୁ ପୁଲିସ ବେଙ୍ଗାଲୁରୁ ଓ କର୍ଣ୍ଣାଟକରୁ ଉଠାଇ ଆଣି ଆଜି କୋର୍ଟ ଚାଲାଣ କରିଥିଲା। ଏହି ମାମଲାରେ ଦୁଇ ଜଣଙ୍କୁ ଜାମିନ ମିଳିଥିଲା। ସେହି ସମୟରେ ନୟାଗଡ଼ ଟାଉନଥାନା ପୁଲିସ ସାମ୍ବାଦିକ ଅନୀଲ କୁମାର ପଣ୍ଡାଙ୍କ ଏତଲା ଆଧାରରେ ଉଠାଇ ଆଣିଥିଲା। ସନ୍ଧ୍ୟାରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ଶୁଣାଣି ପାଇଁ ସମୟ ଧାର୍ଯ୍ୟ କରି ଦୁଇ ଜଣଙ୍କୁ ବିଚାର ବିଭାଗୀୟ ଅଦାଲତକୁ ପଠାଇ ଦିଆଯାଇଥିବା ସୂଚନା ମିଳିଛି। ଅନ୍ୟପକ୍ଷେ, ଅଭିଯୁକ୍ତ ଦୁଇ ଜଣଙ୍କୁ ଅନ୍ୟାୟରେ ଗିରଫ ପ୍ରତିବାଦରେ ଆଜି ବିଜେପି ପକ୍ଷରୁ ଟାଉନଥାନା ଘେରାଉ କରାଯାଇଥିଲା। ପୁଲିସ ଧାରଣାକାରୀଙ୍କୁ ବୁଝାଶୁଝା ପରେ ଧାରଣା ପ୍ରତ୍ୟାହୃତ ହୋଇଛି।

**ଫତେଗଡ଼ ପୀଡ଼ିତାଙ୍କ ମାମଲାରେ ଜାମିନ**

● ଗଣିଆରେ ଅଙ୍ଗନବାଡ଼ି ଅବ୍ୟବସ୍ଥା

# ୧୬ଟିର ନାହିଁ ନିଜସ୍ୱ ଗୃହ,୧୧ଟି କେନ୍ଦ୍ର ଅଧାପନ୍ତରିଆ

ଗଣିଆ,୧୮।୫(ସମିସ) କୋମଳମତି ଶିଶୁଙ୍କ ପାଇଁ ଗାଁ ଗାଁରେ ଅଙ୍ଗନବାଡି କେନ୍ଦ୍ର ଖୋଲାଯାଇ ସେମାନଙ୍କ ପାଇଁ ରାଜ୍ୟ ରାଜକୋଷରୁ ଖର୍ଚ୍ଚ ହେଉଛି କୋଟି କୋଟି ଟଙ୍କା । ଏପରିକି ସେମାନଙ୍କୁ ମାଗଣାରେ ପୋଷାକଠାରୁ ଆରମ୍ଭ କରି ମଧ୍ୟାହ୍ନଭୋଜନ ଦିଆଯାଉଥିବାବେଳେ ପ୍ରତି କେନ୍ଦ୍ରରେ ପାଚିକା ସହାୟିକା ନିଯୁକ୍ତ ହୋଇଛନ୍ତି। ବ୍ଲକ୍‌ରେ ଥିବା ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଅଧୀନରେ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରର ପରିଚାଳନା କରାଯାଉଛି। ତେବେ ଏହି କେନ୍ଦ୍ରଗୁଡିକ ପ୍ରକୃତରେ ଠିକ୍‌ରେ ଚାଲିଛି କି ନାହିଁ ଅଥବା ସେମାନଙ୍କର ଆବଶ୍ୟକତା ପୂରଣ ହୋଇଛି କି ନାହିଁ ସେକଥା କେହି ବିଚାରକୁ ନେଉନାହାନ୍ତି। ଫଳରେ କେଉଁଠି କେନ୍ଦ୍ରଗୁଡିକର ନିଜସ୍ୱ ଗୃହ ନାହିଁ ତ ଆଉ କେଉଁଠି ସ୍କୁଲ ବାରଣ୍ଡାରେ ଚାଲିଛି। କେଉଁଠି ଗୃହ ଥିଲେ ମଧ ପିଲା ନାହାନ୍ତି କିମ୍ବା ଆବଶ୍ୟକ ଭିତ୍ତିଭୂମି ନାହିଁ। ଗଣିଆ ବ୍ଲକ ସିଡିପିଓ ଉଷାରାଣୀ ସାହୁଙ୍କଠାରୁ ମିଳିଥିବା ତଥ୍ୟ ଅନୁସାରେ ୮୨ଟି ଅଙ୍ଗନବାଡ଼ି କେନ୍ଦ୍ର ଥିବାବେଳେ ସେଥିମଧ୍ୟରୁ ୧୬ଟିରେ ନିଜସ୍ୱ ଗୃହ ନାହିଁ। ୧୧ଟି ଗୃହ ଅଧାପନ୍ତରିଆ ହୋଇ ପଡ଼ିରହିଛି। ୪ଟି ଗୃହ ନିର୍ମାଣ ସରିଥିଲେ ମଧ ହସ୍ତାନ୍ତର ହୋଇନାହିଁ । ଗୃହଗୁଡ଼ିକ ଦୀର୍ଘଦିନ ହେବ କାର୍ଯ୍ୟାଦେଶ ଦିଆଯାଇଥିଲେ ମଧ ଏ ପର୍ଯ୍ୟନ୍ତ ପୂର୍ଣ୍ଣାଙ୍ଗ ହୋଇପାରୁନାହିଁ। ୧୬ଟିର ନିଜସ୍ୱ ଗୃହ ନ ଥିବାରୁ ଛାତ୍ରଛାତ୍ରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଘର ନଥିବାରୁ ସ୍କୁଲ ବାରଣ୍ଡାରେ କେନ୍ଦ୍ର ଚାଲୁ ରହିଛି। ବର୍ଷା ସମୟରେ କୋମଳମତି ଶିଶୁ ପାଠପଢାରୁ ବଞ୍ଚିତ ହେଉଛନ୍ତି । ଗତ କିଛିଦିନ ତଳେ କାଳବୈଶାଖୀ ତାଣ୍ଡବରେ ବଡସିଲିଙ୍ଗା ଅଙ୍ଗନବାଡି କେନ୍ଦ୍ର ଉପରେ ଗୋଟିଏ ବିରାଟ ଆମ୍ବଗଛ ପଡିଯିବାରୁ କେନ୍ଦ୍ରଟି ସଂପୂର୍ଣ୍ଣ ଭାଙ୍ଗିଯାଇଛି। କାର୍ଯ୍ୟରତ ଥିବା ୫୦ କେନ୍ଦ୍ର ମଧ୍ୟରୁ ୪୪ଟିରେ ବିଦ୍ୟୁତ୍ ଥିବାବେଳେ ୬ଟି ଗୃହରେ ବିଦ୍ୟୁତ୍ ସଂଯୋଗ ହୋଇନାହିଁ । ତେବେ ଅସମ୍ପୂର୍ଣ୍ଣ ଥିବା ଗୃହ ଗୁଡ଼ିକ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଅଭିଭାବକ ମହଲରେ ଦାବି ହେଉଛି।



# ବେଆଇନ ବାଲିଘାଟରୁ ଟ୍ରାକ୍ଟର ଜବତ, ଜଣେ ଅଟକ

ଭାପୁର,୧୮।୫(ସମିସ): ପ୍ରଶାସନ ନାକତଳେ ବେଆଇନ ବାଲିଘାଟରୁ ରାତିଅଧିଆ ବାଲି ଚାଲାଣ ହେଉଛି। ଏପରି ଲୁଟ୍ ବର୍ଷ ବର୍ଷ ଧରି ହେଉଥିବାବେଳେ ପ୍ରଶାସନ ଜାଣି ନ ଜାଣିବା ପରି ରହୁଛି। ଏହାକୁ ନିଲାମ କରାଗଲେ ରାଜ୍ୟ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ପାଇପାରନ୍ତେ। ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ କରବର ପଞ୍ଚାୟତ ନଣ୍ଡାବର ଗ୍ରାମ ନିକଟ ମହାନଦୀରେ ଏପରି ବେଆଇନ ବାଲିଘାଟ ଚାଲିଛି। ରବିବାର ରାତିରେ ଫତେଗଡ଼ ପୁଲିସ ଏଠାରେ ଚଢ଼ଉ କରି ଗୋଟିଏ ଟ୍ରାକ୍ଟର ଜବତ କରିବା ସହ ଜଣଙ୍କୁ ଥାନାରେ ଅଟକ ରଖିଛି। ଉଲ୍ଲେଖଯୋଗ୍ୟ ଯେ, ୨୦୨୪ ଜୁନ୍ ମାସରେ ଏହି ବାଲିଘାଟରୁ ବାଲି ଉଠାଣକୁ ନେଇ ଦୁଇ ଗୋଷ୍ଠୀ ହାତାହାତି ହୋଇ ଫତେଗଡ଼ ଥାନାରେ ମାମଲା ରୁଜୁ ହୋଇଥିଲା। ସେବେଠାରୁ ଏହି ଘାଟକୁ କାହିଁକି ଭାପୁର ତହସିଲ୍‌ଦାର ନିଲାମ ନ ଦେଇ ହରିଲୁଟ୍ ପାଇଁ ଛାଡ଼ି ଦେଇଛନ୍ତି କିଛି ଜଣାପଡୁନି। ରାଜନେତାଙ୍କ ଦ୍ୱାରା ପରିଚାଳିତ ଏହି ବେଆଇନ ବାଲିଘାଟ ବିଷୟରେ ରାଜସ୍ୱ ବିଭାଗ ଜାଣିଥିଲେ ହେଁ ନେତାଙ୍କ ହାତଖର୍ଚ୍ଚ ପାଇଁ ଏହାକୁ ଜିଲ୍ଲା ପ୍ରଶାସନ ଛାଡ଼ିଦେଇଛି ବୋଲି ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି।

# ରାସ୍ତା ପୁନରୁଦ୍ଧାର ପାଇଁ ୱାର୍ଡ ବାସିନ୍ଦାଙ୍କ ଦାବି

ଖଣ୍ଡପଡ଼ା,୧୮।୫(ସମିସ): ଖଣ୍ଡପଡ଼ା ସହରାଞ୍ଚଳ ଅଧୀନ କାଦୁଆସାହି ଓ ବେବର୍ତ୍ତାସାହି ବାସିନ୍ଦା ରାସ୍ତା ପୁନରୁଦ୍ଧାର ନିମନ୍ତେ ଏନ୍‌ଏସି କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଏନ୍‌ଏସି ଅଧୀନ ଏକଚାଳିଆ ସାହି ପାର୍ଶ୍ୱରୁ ଆରମ୍ଭ ହୋଇଥିବା ଉକ୍ତ ରାସ୍ତାଟି କାଳକ୍ରମେ ସଂକୀର୍ଣ୍ଣ ହୋଇଯାଇଛି। ଅନ୍ୟପକ୍ଷରେ ବର୍ଷ ବର୍ଷ ଧରି ଅବହେଳା ଯୋଗୁଁ ରାସ୍ତାରେ ଗଛଲତା ଏବଂ ସରୀସୃପଙ୍କ ଆଶ୍ରୟସ୍ଥଳ ହୋଇଥିବା ଦେଖିବାକୁ ମିଳିଛି। ଅନେକ ସମୟରେ ଉକ୍ତ ପରିତ୍ୟକ୍ତ ଅଞ୍ଚଳରୁ ବିଷଧର ସରୀସୃପମାନେ ଘର ମଧ୍ୟକୁ ଚାଲିଆସୁଥିବା ଭଳି ଘଟଣା ଘଟୁଛି। ଫଳରେ ଅଞ୍ଚଳ ବାସିନ୍ଦା ଏକପ୍ରକାର ଆତଙ୍କିତ ଅବସ୍ଥାରେ ରହୁଥିବା ଅଭିଯୋଗ କରିଛନ୍ତି। ସେହିପରି ସଂକୀର୍ଣ୍ଣ ରାସ୍ତାଟି ମଧ୍ୟ ଜବରଦଖଲ ହୋଇଥିବା ଦେଖିବାକୁ ମିଳିଛି। ଏ ନେଇ ସୋମବାର ସାହି ବାସିନ୍ଦା ଏନ୍‌ଏସି ନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ରଙ୍କୁ ଲିଖିତ ଅଭିଯୋଗ କରିବା ସହିତ ପରିତ୍ୟକ୍ତ ରାସ୍ତା ସଫେଇ ଏବଂ ଜବରଦଖଲମୁକ୍ତ କରିବାକୁ ଦାବି କରିଛନ୍ତି। ତେବେ ନିର୍ବାହୀ ଅଧିକାରୀ ଶ୍ରୀ ମିଶ୍ର ଏ ଦିଗରେ ପଦକ୍ଷେପ ନେବାକୁ ସମ୍ମତି ଜଣାଇଥିବା ସୂଚନା ମିଳିଛି।

■ ନାହିଁ ଅଗ୍ନି ନିରାପତ୍ତା ବ୍ୟବସ୍ଥା

# ବେଫିକର ମଲ, ଶୋରୁମ ଓ ହୋଟେଲ ମାଲିକ

ନୟାଗଡ଼,୧୮।୫(ସମିସ): ନୟାଗଡ଼ ଜିଲ୍ଲା ମୁଖ୍ୟ ସଦରମହକୁମାରେ ଦିନକୁ ଦିନ ଅନେକ ମଲ, ସୋରୁମ, କ୍ଲିନିକ ଓ ହୋଟେଲ୍ ଗଢ଼ି ଉଠୁଛି। ସହରୀ ସଭ୍ୟତାର ଅଭିବୃଦ୍ଧି ଘଟୁଥିବା ବେଳେ ନୟାଗଡ଼ ସହର ଦିନକୁ ଦିନ ନୂଆରୂପ ନେଉଛି। ଏଭଳି ସ୍ଥିତିରେ ସହରରେ ବିଗତ କିଛି ବର୍ଷ ମଧ୍ୟରେ ଅନେକ ହୋଟେଲ, ମଲ୍, ସୋରୁମ ଏବଂ ଅନ୍ୟାନ ବହୁତଳ ପ୍ରାସାଦରେ ବ୍ୟବସାୟିକ ପ୍ରତିଷ୍ଠାନ ଖୋଲିଥିବା ବେଳେ ଅନେକ ସ୍ଥାନରେ ଅଗ୍ନି ନିରାପତ୍ତା ନେଇ ବ୍ୟବସ୍ଥା ନଥିବା ଚିନ୍ତାର ବିଷୟ ସୃଷ୍ଟି କରିଛି। ବିଗତ ଦିନରେ ନୟାଗଡ଼ ସାମସଙ୍ଗ ସୋରୁମରେ ଘଟିଥିବା ଅଗ୍ନିକାଣ୍ଡ, ଖଣ୍ଡପଡ଼ା ରାସ୍ତାରେ ରହିଥିବା ଏକ ବସ୍ତ୍ରାଳୟ ଅଗ୍ନିକାଣ୍ଡ ଏହାର ଉଦାହରଣ। ନୟାଗଡ଼ ସହରରେ ରହିଥିବା ଅନେକ ବ୍ୟବସାୟିକ ପ୍ରତିଷ୍ଠାନରେ ଅଗ୍ନି ନିରାପତ୍ତା ନେଇ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ନଥିବା ବେଳେ କିଭଳି ଭାବେ ଏହାକୁ ଖୋଲିବାକୁ ଅନୁମତି ମିଳୁଛି ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମୁଖ୍ୟତଃ ସହର ମଧ୍ୟରେ ରହିଥିବା ଅନେକ ହୋଟେଲ ଓ ଲଜ୍‌ରେ ଭୟାନକ ସ୍ଥିତିରେ ରହିଛି। ଏହା ମଧ୍ୟରେ ଅଗ୍ନିକାଣ୍ଡ ଘଟିଲେ ପରିସ୍ଥିତି ଭୟାବହ ହେବା ନିଶ୍ଚିତ ବୋଲି କୁହାଯାଉଛି। ଏହି ଲଜ୍ ଓ ହୋଟେଲ୍ ଗୁଡ଼ିକରେ ଏକାଧିକ ଏସି ସମେତ ଅନେକ ବୈଦ୍ୟୁତିକ ସାମଗ୍ରୀ ବ୍ୟବହାର କରାଯାଉଥିବା ବେଳେ ଆଦୌ ଅଗ୍ନି ନିରାପତ୍ତା ନେଇ ବ୍ୟବସ୍ଥା କରାଯାଉନାହିଁ। ଏହି ସ୍ଥାନରେ ନିଆଁ ଲାଗିଲେ ଅନେକ ଜୀବନ ହାନୀ ହେବାର ସମ୍ଭାବନା ରହିଛି। ସେହିଭଳି ଭାବେ ନୟାଗଡ଼ରେ ରହିଥିବା ଅନେକ ସୋରୁମରେ ମଧ ସମାନ ସମସ୍ୟା ଦେଖାଯାଇଛି। ନୟାଗଡ଼ର ବ୍ୟସ୍ତ ବହୁଳ ତଥା ଗାରମେଣ୍ଟସ୍ ବଜାର କୁହାଯାଉଥିବା ଜୁବୁଲି ମାର୍କେଟକୁ ଦିନକୁ ଦିନ ରୁନ୍ଧି ଦିଆଯାଉଥିବା ବେଳେ ଅଗ୍ନିକାଣ୍ଡ ସମୟରେ ଏହାକୁ ରୋକିବାକୁ କୌଣସି ବ୍ୟବସ୍ଥା ନାହିଁ। ଦୁଇ ମହଲା ବିଶିଷ୍ଟ ଏହି ମାର୍କେଟରେ କୋଟି କୋଟି ଟଙ୍କାର ଲୁଗା, ପୋଷାକ ବ୍ୟବସାୟ ହୋଇଥାଏ। ଏହି ମାର୍କେଟରେ ଅନେକ ପର୍ବ ପର୍ବାଣି ସମୟରେ ଶହ ଶହ ସଂଖ୍ୟାରେ ଗ୍ରାହକଙ୍କ ଭିଡ଼ ଜମିଥାଏ। ନୟାଗଡ଼ ପୌର ପରିଷଦ ଅଧୀନରେ ରହିଥିବା ଏହି ମାର୍କେଟ ସର୍ବଦା ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଆଜି ପର୍ଯ୍ୟନ୍ତ ପୌର ପରିଷଦ ନାଁ ବ୍ୟବସାୟୀ ଏଥିପ୍ରତି କେହି ଚିନ୍ତା ପ୍ରକଟ କରିନଥିବା ଜଣାଯାଇଛି। ସେହିଭଳି ଭାବେ ସହରରେ ରହିଥିବା ଅନେକ କ୍ଲିନିକରେ ମଧ ନାଁକୁ ମାତ୍ର ଅଗ୍ନି ନିରାପତ୍ତା ବ୍ୟବସ୍ଥା ଆପଣା ଯାଇଥିବା ବେଳେ ଅନେକ କ୍ଲିନିକରେ ଅଗ୍ନି ନିରାପତ୍ତା ନେଇ ବ୍ୟବସ୍ଥା ନଥିବା ସ୍ପଷ୍ଟ ହୋଇଛି। ଜିଲ୍ଲା ପ୍ରଶାସନ ଓ ଅଗ୍ନିଶମ ବିଭାଗ ଏହା ଉପରେ ତଦାରଖ କରିବାର ଆବଶ୍ୟକତା ରହିଛି।

# ଶ୍ରମିକ ନେତା ବିଷ୍ଣୁ ମହାନ୍ତିଙ୍କ ଶ୍ରଦ୍ଧାଞ୍ଜଳି ସଭା



ନୟାଗଡ଼,୧୮।୫(ସମିସ): ବିଶିଷ୍ଟ ବାମପନ୍ଥୀ ନେତା ବିଷ୍ଣୁ ଚରଣ ମହାନ୍ତିଙ୍କ ବିୟୋଗରେ ଆଜି ନୟାଗଡ଼ ଜିଲ୍ଲା ସିଆଇଟିୟୁ ତରଫରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଶିକ୍ଷକ ଭବନ ଠାରେ ସାଥୀ ଶରତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଉପସ୍ଥିତ ନେତୃବୃନ୍ଦ ଓ ସମସ୍ତ ସାଥୀ ବିଷ୍ଣୁ ମହାନ୍ତିଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ଏକ ମିନିଟ ନିରବ ପ୍ରାର୍ଥନା କରିଥିଲେ। ବିଭିନ୍ନ ଗଣ ସଂଗଠନ ନେତୃ ବର୍ଗ ବିଷ୍ଣୁ ମହାନ୍ତିଙ୍କ ଜୀବନୀ ଓ ତାଙ୍କ ଆଦର୍ଶ ଉପରେ ଆଲୋକପାତ କରି ସ୍ମୃତିଚାରଣ କରିଥିଲେ। ତାଙ୍କର ବିୟୋଗ ଶ୍ରମିକ ଶ୍ରେଣୀ ଲଢେଇ କ୍ଷେତ୍ରରେ ଦାରୁଣ ଆଘାତ ସୃଷ୍ଟି କରିଥିଲା ବେଳେ, ଶ୍ରମିକ ବିରୋଧୀ ୪ଟି ଶ୍ରମକୋଡ୍, ମୋଦୀ ମୋହନଙ୍କ ନିଯୁକ୍ତି ସଂକୋଚନ ନୀତି, ଆକାଶ ଛୁଆଁ ଦରବୃଦ୍ଧି ନୀତି ଓ ଘରୋଇକରଣ ନୀତି ଆଜି ଶ୍ରମିକ ଶ୍ରେଣୀ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏହି ପରିପ୍ରେକ୍ଷୀରେ ଆମେ ସବୁ ବର୍ଗର ଶ୍ରମିକମାନେ ସଂଗଠନକୁ ସୁଦୃଢ଼ କରି ଆନ୍ଦୋଳନକୁ ଶକ୍ତିଶାଳୀ କରିପାରିଲେ ତାଙ୍କ ପାଇଁ ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ବକ୍ତାମାନେ ଆହ୍ୱାନ ଦେଇଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ବିଶିଷ୍ଟ ଶ୍ରମିକ ନେତା ସାଥୀ ବିଶ୍ୱନାଥ ମହାପାତ୍ର, ସୁରେଶ ସ୍ୱାଇଁ, ଶ୍ରୀକାନ୍ତ ପଟ୍ଟନାୟକ, ଚାପଧାରୀ ରାଉତ, ମଙ୍ଗୁଳି ରାଉତ, ଜୟନ୍ତୀ ଦାସ, ପବିତ୍ର ଇନ୍ଦ୍ରଜିତ, ସବ୍ୟସାଚୀ ସେନାପତି, ସଂଯୁକ୍ତା ସେଠି, କାଳନ୍ଦୀ ନାୟକ, ସୁଶୀଳ ମହାନ୍ତି, ସରୋଜିନୀ ତ୍ରିପାଠୀ, ବିରଞ୍ଚି ପ୍ରଧାନ ଓ ବିରଞ୍ଚି ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

**ରାତିରେ ରାସ୍ତା ପାଲଟୁଛି ଗୁହାଳ**

# ପୌର ପରିଷଦରେ ନାହିଁ କାଞ୍ଜିଆହୁଦା

ନୟାଗଡ଼,୧୮।୫(ସମିସ)



## ନିୟମ ମାନୁନାହାନ୍ତି ଗୋରୁ ମାଲିକ

ନୟାଗଡ଼ ସହରରେ ରାତି ହେଲେ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥରେ ବିପଦ ସୃଷ୍ଟି କରୁଛନ୍ତି ଗୋରୁ ଗାଈ। ରାସ୍ତା ଗୁହାଳ ପାଲଟି ଯାଉଛି। ଶହ ଶହ ସଂଖ୍ୟାରେ ଗୋରୁ ଗାଈ ରାସ୍ତା ଉପରେ ଶୋଇ ରହିବାରୁ ରାତିରେ ଯାଉଥିବା ଯାନବାହାନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନୟାଗଡ଼ ସହରର ଖଣ୍ଡପଡ଼ା ରୋଡ, ଟ୍ରାଫିକ, ଛକ, ତ୍ରିନାଥ ଛକ, ସିନ୍ଦୂରିଆ ରୋଡ୍ ଆଦିରେ ମାଳ ମାଳ ବୁଲା ଗାଈ, ଗୋରୁ, ଷଣ୍ଢ ଦେଖାଯାଉଛି। ରାଜରାସ୍ତା ଗୁହାଳ ପାଲଟି ଯାଉଛି। ରାସ୍ତାରେ ଏମାନେ ଶୋଉଥିବାରୁ ଛୋଟମୋଟ ଦୁର୍ଘଟଣା ଘଟୁଥିବା ବେଳେ ଯାନବାହାନ ଚାଳକମାନେ ମଧ ସମସ୍ୟାରେ ପଡୁଛନ୍ତି। ଅନୁଭବ ହେଉଛି ସତେ ଯେମିତି ନୟାଗଡ଼ ପୌର ପରିଷଦ କର୍ତ୍ତୃପକ୍ଷ କୌଣସି ଏକ ବଡ଼ ଦୁର୍ଘଟଣାକୁ ଅପେକ୍ଷା କରିଛନ୍ତି। ବଡ଼ ଦୁର୍ଘଟଣା ଘଟି ସାରିବା ପରେ ହିଁ ବୁଲା ଗାଈ, ଗୋରୁଙ୍କୁ ହଟାଇବାକୁ ପଦକ୍ଷେପ ନେବେ। କେବଳ ଯେ ଏହି ପଶୁ ଜନ୍ତୁ ଯାନବାହାନ ଆରୋହୀଙ୍କ ପ୍ରତି ବିପଦ ସୃଷ୍ଟି କରୁଛନ୍ତି, ତାହା ନୁହେଁ। ହିନ୍ଦୁ ଧର୍ମରେ ଗାଈ, ଗୋରୁଙ୍କୁ ଏକ ଧାର୍ମିକ ପଶୁ ଭାବେ ବିବେଚନା କରାଯାଉଥିବା ବେଳେ ଏଭଳି ରାସ୍ତା ଦୁର୍ଘଟଣାରେ ସେମାନଙ୍କ ମୃତ୍ୟୁକୁ ପଶୁପ୍ରେମୀ ସହଜରେ ଗ୍ରହଣ କରି ପାରିନାହାନ୍ତି। ନୟାଗଡ଼ ସହର ଆଖପାଖ ଗ୍ରାମର ଲୋକ ଖୋଲାଖୋଲି ଭାବେ ପଶୁଜନ୍ତୁଙ୍କୁ ବାହାରକୁ ଛାଡ଼ି ଦେଉଥିବାରୁ ଏଭଳି ସ୍ଥିତି ଉପୁଜୁଛି। ପୌର କର୍ତ୍ତୃପକ୍ଷ ବୁଲା ଗାଈ, ଗୋରୁଙ୍କୁ ଧରି କାଞ୍ଜିଆହୁଦାରେ ରଖିବା ସହ ଏହାର ମାଲିକଙ୍କୁ ଧରି ଜରିମାନା ଆଦାୟ କରିବା କଥା। କିନ୍ତୁ ନୟାଗଡ଼ ପୌର ପରିଷଦ କର୍ତ୍ତୃପକ୍ଷ ସେଭଳି କରୁଥିବା ପ୍ରାୟତଃ ଦେଖାଯାଏ ନାହିଁ। ପୂର୍ବରୁ ଖଣ୍ଡପଡ଼ା ରୋଡ ଆର୍‌ଏମ୍‌ସି ନିକଟରେ ଏକ ବଡ଼ କାଞ୍ଜିଆହୁଦା ନିର୍ମାଣ କରାଯାଇଥିଲା। ସେଠାରେ ବେଳେ ବେଳେ ବୁଲା ଗାଈ, ଗୋରୁଙ୍କୁ ନେଇ ପ୍ରଶାସନ ଛାଡୁଥିଲା। କିନ୍ତୁ ବିଗତ କିଛି ବର୍ଷ ହେବ ଉକ୍ତ କାଞ୍ଜିଆହୁଦା ମାଟିରେ ମିଶିଛି। ଏହାର ଆଉ କୌଣସି ଚିହ୍ନବର୍ଣ୍ଣ ନାହିଁ। ସେଠାରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟ (ଡିଆଇପିଆରଓ) କୋଠା ଛିଡ଼ା ହୋଇଛି। ଏହା ଡିଆଇପିଆରଓ କର୍ତୃପକ୍ଷଙ୍କୁ ଜାଗା ହୋଇଥିବାରୁ ସେମାନଙ୍କ କାର୍ଯ୍ୟାଳୟ ନିର୍ମାଣ ପରେ ସେମାନେ ତାଙ୍କ ଅକ୍ତିଆରକୁ ନେଇଗଲେ। ଜିଲ୍ଲା ସଦର ମହକୁମାରେ ଏଭଳି ସ୍ଥିତି ହୋଇଥିବା ବେଳେ ଅନ୍ୟ ସହରାଞ୍ଚଳ କଥା ନକହିବା ଭଲ। ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ନୟାଗଡ଼ ପୌର କର୍ତ୍ତୃପକ୍ଷ ଏଥିପ୍ରତି ଧ୍ୟାନ ଦେବାକୁ ମତ ପ୍ରକାଶ ପାଇଛି।

# କଳା ମୁଗୁନି ପାହାଡ଼ ବ୍ଲାଷ୍ଟିଂ ପାଇଁ ବ୍ୟବହୃତ ସାମଗ୍ରୀ ଜବତ



ରଣପୁର, ୧୮।୫ (ସମିସ): କଳା ମୁଗୁନି ପଥର ଖନନକୁ ନେଇ ନୟାଗଡ଼ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ହତ୍ୟାକାଣ୍ଡ ଦୃଶ୍ୟ ଚିତ୍ରପଟ ହେଉଥିବାବେଳେ ରଣପୁର ପ୍ରଶାସନ ଏବେ ତତ୍ପର ହୋଇଉଠିଛି। ରଣପୁର ତହସିଲ ଅଧୀନସ୍ଥ ପଟିଆ ପଞ୍ଚାୟତର ଜିରିପଡ଼ା ମୌଜାରେ ୩୪୩ ପ୍ଲଟରେ ଏକ କଳା ମୁଗୁନି ପାହାଡ଼ ବ୍ଲାଷ୍ଟ ପାଇଁ ବ୍ୟବହୃତ ସାମଗ୍ରୀ ଲାଗିଥିବାବେଳେ ବିଶେଷ ସୂତ୍ରରୁ ଖବର ପାଇ ରଣପୁର ତହସିଲଦାର ଆର୍ଯ୍ୟକୁମାର ସର୍ବଦମନ, ଚାନ୍ଦପୁର ପୁଲିସ୍ ଓ ବମ ସ୍କ୍ୱାର୍ଡ ସହ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ବିପୁଳ ମାତ୍ରାରେ ବାରୁଦ, ତାର, ଲୁହା ପାଇପ ସମେତ ପ୍ଲାଷ୍ଟିକ ପାଇପ ହୋଲ ପାଇଁ ବ୍ୟବହୃତ ୨ କମ୍ପ୍ରେସର ମେସିନ ଜବତ କରାଯାଇଛି। ଏହି ପାହାଡ଼ ବ୍ଲାଷ୍ଟରେ ବ୍ୟବହୃତ ଇଡି ଏତେ ଜଟିଳ ଯେ ବମ ସ୍କ୍ୱାଡର୍ ଟିମ ଫେଲ ମାରିଥିଲା। ପରେ ଚାନ୍ଦପୁର ପୁଲିସ୍ ଏହି ବ୍ଲାଷ୍ଟିଂ ସ୍ଥାନକୁ ଯିବା ପାଇଁ ପଥର ମାଫିଆମାନେ ନିର୍ମାଣ କରିଥିବା ରାସ୍ତାକୁ ବିଚ୍ଛିନ୍ନ କରିବା ପାଇଁ ପ୍ରତିଶ୍ରୁତି ଦେବାପରେ ଚାନ୍ଦପୁର ଥାନାରେ ୮୯/୨୬ରେ ଏକ ମାମଲା ରୁଜୁ ହୋଇଛି।

# ବସ୍ ରହଣୀସ୍ଥଳ କାର୍ଯ୍ୟ ସମ୍ପୂର୍ଣ୍ଣ ପୂର୍ବରୁ ଭୁଶୁଡ଼ିଲା ମୂଳଦୁଆ



ବେଗୁନିଆ, ୧୮।୫ (ସମିସ): ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ-୫୭ ନମ୍ବର ବାଘମାରୀ ପେଟ୍ରୋଲ ପମ୍ପ ନିକଟ ଇଟାଫ୍ୟାକ୍ଟ୍ରୀ ସମ୍ମୁଖରେ ସାରୁଅ- ବାଘମାରୀ ବାଇପାସଠାରେ ଜାତୀୟ ରାଜପଥ ବିଭାଗ ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟରେ ନୂତନ ବସ୍ ରହଣୀ ସ୍ଥଳ ନିର୍ମାଣ ଚାଲିଛି। ତେବେ କାର୍ଯ୍ୟ ଆରମ୍ଭରୁ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏହାର ମୂଳଦୁଆ ସଠିକ୍ ଭାବେ ନ କରି କେବଳ ମାଟି ଓ ମୋରମ ବିଛାଇ ଉପରେ ସିମେଣ୍ଟ କଂକ୍ରିଟ୍ ଢଳାଇ କରାଯାଇଛି। ଫଳରେ ଅଦିନିଆ ବର୍ଷାରେ ମାଟି ଧୋଇହୋଇ ତଳ ଫମ୍ପା ହୋଇଯାଇ ନିମ୍ନମାନର କାମ ଯୋଗୁଁ କଂକ୍ରିଟ୍ ସ୍ଲାବ୍ ଭାଙ୍ଗି-ଫାଟି ଗଲାଣି।ଆଗାମୀ ଦିନରେ ଏଇ ବସ୍ ରହଣୀ ସ୍ଥଳରେ ବରିଷ୍ଠ ନାଗରିକ, ମହିଳା, ପୁରୁଷ ଯାତ୍ରୀ, ଶିଶୁ ଓ ଦିବ୍ୟାଙ୍ଗଙ୍କ ପାଇଁ ବିପଦର କାରଣ ହେବ ବୋଲି ସ୍ଥାନୀୟ ସଚେତନ ନାଗରିକ ସନ୍ତୋଷ କୁମାର ପଣ୍ଡା, ମନୋଜ କୁମାର ପଣ୍ଡା ଓ ଆଲୋକ କୁମାର ପଣ୍ଡା ମତ ଦେଇଛନ୍ତି। ବିଭାଗ ଓ ଠିକାଦାରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁଁ ନାମକୁ ମାତ୍ର କାମ କରି ଅର୍ଥ ହଡ଼ପ ଯୋଜନା ଚାଲିଥିବା ସ୍ଥାନୀୟ ଅଞ୍ଚଳରେ ଜୋର୍ ଚର୍ଚ୍ଚା ଧରିଛି। ବର୍ତ୍ତମାନ ଲୋକଙ୍କ ସରକାରରେ ଦୁର୍ନୀତିକୁ ପ୍ରଶ୍ରୟ ଦେଉ ନ ଥିବା ବେଳେ କିଭଳି ଜାତୀୟ ରାଜପଥ ବିଭାଗ କର୍ମଚାରୀ ଓ ଠିକାଦାର ମଧ୍ୟରେ ଚାଲିଥିବା ଗୁପ୍ତ ସଲା ସୁତରକୁ ନେଇ କାର୍ଯ୍ୟଟି ସାଧାରଣରେ ବେଶ ରୋଚକପୂର୍ଣ୍ଣ ଖୋରାକ ଯୋଗାଇ ଦେଇଛି। ସେଥିପାଇଁ ଓଡିଆରେ ପ୍ରବାଦ ରହିଛି ଖଜୁରୀ ଗଛର କି ଗୁଣ ଗାଇବି ମୂଳରୁ ପାହାଚ ପାହାଚ। ଅପର ପକ୍ଷରେ ସାରୁଅ- ବାଘମାରୀ ବାଇପାସ ରାସ୍ତା ୨ କିମିରୁ ଊର୍ମି କାର୍ଯ୍ୟ କିଭଳି ଚାଲୁଥିବ ଏଥିରୁ ସ୍ପଷ୍ଟ ଅନୁମେୟ।ଏ ନେଇ ବିଭାଗୀୟ ଯନ୍ତ୍ରୀ ରାକେଶ ପ୍ରଧାନଙ୍କୁ ବାରମ୍ବାର ଫୋନ୍ କଲେ ମଧ୍ୟ ସେ ଫୋନ୍ ଉଠାଉନାହାନ୍ତି, ଯାହା ସନ୍ଦେହ ସୃଷ୍ଟି କରୁଛି। ଅନ୍ୟପକ୍ଷେ ଜାତୀୟ ରାଜପଥ ବିଭାଗର ଉପଖଣ୍ଡ ଯନ୍ତ୍ରୀ ପୂର୍ଣ୍ଣ ଚନ୍ଦ୍ର ବେଉରା କହିଛନ୍ତି ଯେ, କାର୍ଯ୍ୟ ସମ୍ପର୍କରେ ଅବଗତ ନ ଥିବାରୁ ଆସନ୍ତାକାଲି ଘଟଣାସ୍ଥଳ ପରିଦର୍ଶନ କରି ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ରାଧାଗୋବିନ୍ଦ ଶେଫାଳି ସଂଗ୍ରହଶାଳାରେ ବିଶ୍ୱ ସଂଗ୍ରହାଳୟ ଦିବସ



ଖୋର୍ଦ୍ଧା,୧୮।୫(ସମିସ): ସ୍ଥାନୀୟ ରାଧାବଲ୍ଲଭ ସାହିସ୍ଥିତ ରାଧାଗୋବିନ୍ଦ ଶେଫାଳି ସଂଗ୍ରହଶାଳା ପରିସରରେ ବିଶ୍ୱ ସଂଗ୍ରହାଳୟ ଦିବସ ପାଳିତ ହୋଇଛି। ସଂଗ୍ରହାଧ୍ୟକ୍ଷ ଗବେଷକ ଗୋପାଳକୃଷ୍ଣ ଦାସଙ୍କ ପୌରହିତ୍ୟରେ ଅତିଥିଭାବେ ପ୍ରକୃତି କବି ଗଙ୍ଗାଧର ମେହେରଙ୍କ ପ୍ରପୌତ୍ର ତଥା ଉତ୍କଳ ବିଶ୍ୱ ବିଦ୍ୟାଳୟର ପ୍ରଫେସର ମଣିନ୍ଦ୍ର କୁମାର ମେହେର ମୁଖ୍ୟଅତିଥି ଭାବେ ଯୋଗଦେଇ ସଂଗ୍ରହାଳୟ ଜ୍ଞାନର ଗନ୍ତାଘର, ଶିକ୍ଷାର ଅସୀମ ଭଣ୍ଡାର, ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ସଂରକ୍ଷକ।ସାଂସ୍କୃତିକ କିମ୍ବା ବୈଜ୍ଞାନିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ବସ୍ତୁଗୁଡିକର ପ୍ରଦର୍ଶନ ଓ ସଂରକ୍ଷଣର କେନ୍ଦ୍ର ହେଉଛି ସଂଗ୍ରହାଳୟ। ପ୍ରାଚୀନ ଯୁଗରେ ଦେବାଦେବୀ ଆସ୍ଥାନ ସର୍ବସାଧାରଣଙ୍କ ସ୍ଥାନ ଓ ରାଜପ୍ରାସାଦମାନଙ୍କରେ କଳାତ୍ମକ ବସ୍ତୁ ରହୁଥିଲା। ରାଜାମାନେ ରାଷ୍ଟ୍ରଦୂତ ଓ ବିଶିଷ୍ଟ ବ୍ୟକ୍ତିମାନଙ୍କ ଠାରୁ ବହୁ ମୂଲ୍ୟବାନ ଉପହାର ପାଉଥିଲେ, ସେଗୁଡିକୁ ଅତିଥିମାନଙ୍କୁ ଦେଖାଉଥିଲେ। ସମ୍ମାନିତ ଅତିଥିଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ଯୋଗଦେଇ ବିଶ୍ୱ ତଥା ଭାରତରେ ଥିବା ବିଭିନ୍ନ ସଂଗ୍ରହାଳୟର ସ୍ଥିତି ଓ ସ୍ୱରୂପ ସମ୍ପର୍କରେ ତଥ୍ୟଭିତିକ ଆଲୋଚନା କରିଥିଲେ। ଏହି ଅବସରରେ ଆୟୋଜିତ ସଂଗ୍ରହାଳୟ ଓଡିଶାର ଐତିହ୍ୟ ଶୀର୍ଷକ ପ୍ରତିଯୋଗିତାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଦଶମ ଶ୍ରେଣୀର କହ୍ନେଇଲାଲ ପ୍ରଧାନ ପ୍ରଥମ, ବିଜେବି ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ର ଶୁଭମ ବିଶ୍ୱାଳ ଦ୍ୱିତୀୟ ଏବଂ ବିଜେବି ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ର ରୂପେଶ ନାୟକ ଓ ରାଜେଶ କୁମାର ରାଉତରାୟ ଯୁଗ୍ମଭାବେ ତୃତୀୟ ସ୍ଥାନ ଅଧିକାର କରିଥିଲେ।ଶେଷରେ ଗୀତାଞ୍ଜଳୀ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ।

# ଏନ୍‌ସିସି କ୍ୟାଡେଟ୍‌ଙ୍କୁ ବିଦାୟ ସମ୍ବର୍ଦ୍ଧନା




ବାଣପୁର,୧୮।୫ (ସମିସ) : ବାଣପୁର ଗୋଦାବରୀଶ ମହାବିଦ୍ୟାଳୟର ଅନ୍ତିମ ବର୍ଷର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ତରଫରୁ ଏନସିସି କ୍ୟାଡେଟ ମାନଙ୍କର ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଶୁରପ୍ରତାପ ନରେନ୍ଦ୍ର ସିଂ ବର୍ମାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଅନ୍ତିମ ବର୍ଷର ଏନସିସି କ୍ୟାଡେଟ ମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆ ଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ବୈରାଗୀ ଚରଣ ବଳ, ରଣପୁର ମହାବିଦ୍ୟାଳୟର ଏନସିସି ଅଧିକାରୀ ଭାଗ୍ୟଧର ସ୍ୱାଇଁ ଓ ଗୋଦାବରୀଶ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଆଦିତ୍ୟ ସାରଥୀ ବେଦମତ୍ତା ଓ ଆବାହକ କ୍ୟାପଟେନ ଗୁରୁ କିଶୋର ନାୟକ ଯୋଗ ଦେଇ ନିଜର ଅଭିଭାଷଣ ରଖିବା ସହ ଦେଶ ସେବାରେ ନିଜକୁ ନିୟୋଜିତ କରିବାକୁ ଏନସିସି କ୍ୟାଡେଟ ମାନଙ୍କୁ ଉତ୍ସାହିତ କରିଥିଲେ। ଏନସିସି ବିଭାଗ ପକ୍ଷରୁ ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରିଥିବା ବେଳେ ପ୍ରଥମ ଓ ଦ୍ୱତୀୟ ବର୍ଷର କ୍ୟାଡେଟ ମାନେ ଅନ୍ତିମ ବର୍ଷର କ୍ୟାଡେଟ ମାନଙ୍କ ଉଦେଶ୍ୟରେ ନିଜ ନିଜ ସ୍ମୃତି ଉପସ୍ଥାପନା କରିଥିଲେ। ଶେଷ ବର୍ଷ କ୍ୟାଡେଟ ମାନେ ସାନ ଭାଇ ଓ ଭଉଣୀ ମାନଙ୍କୁ ଉତ୍ତମ ନାଗରିକ ହେବା ସହ ଅନୁଷ୍ଠାନର ପ୍ରତ୍ୟେକ କାର୍ଯ୍ୟକ୍ରମରେ ସାମିଲ ହୋଇ ସହଯୋଗ ପ୍ରଦାନ କରିବାକୁ ପ୍ରେରଣା ଦେଇ ଥିଲେ। ପରିଶେଷରେ ଏନସିସି କ୍ୟାଡେଟ ମାନେ ସୁନ୍ଦର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ରାତ୍ରକାଳୀନ ଆଞ୍ଚଳିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ବାଲୁଗାଁ,୧୮।୫(ସମିସ) : ବାଲୁଗାଁ ନିକଟସ୍ଥ ଛେଡାପଦର ଗ୍ରାମର ବୁଲେଟ କ୍ଲବ ତରଫରୁ ସ୍ଥାନୀୟ ଖେଳ ପଡିଆରେ ଶହୀଦ ଦୁଷ୍ମନ୍ତ ସାମନ୍ତ ମେମୋରିଆଲ ରାତ୍ରକାଳୀନ ଆଞ୍ଚଳିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ଟୁର୍ଣ୍ଣାମେଣ୍ଟରେ ଆଖପାଖ ଅଞ୍ଚଳର ୮ଟି ଟିମ ଅଂଶଗ୍ରହଣ କରିଥିବା ବେଳେ ଏହାର ଫାଇନାଲ ମ୍ୟାଚଟି ସିଙ୍ଗେଶ୍ୱର କ୍ଲବ ଓ ଏମ.ଡି ସ୍ପୋଟିଙ୍ଗ କ୍ଲବ ମଧ୍ୟରେ ଖେଳା ଯାଇ ଥିଲା। ବିଜେତା ଟିମ ପାଇଁ ଟ୍ରଫି ସହିତ ୯ ହଜାର ଟଙ୍କା ପୁରସ୍କାର ରାଶି ରଖା ଯାଇଥିବା ବେଳେ ରନର୍ସ ଅପ ଟିମ ପାଇଁ ଟ୍ରଫି ସହିତ ୬ ହଜାର ଟଙ୍କା ପୁରସ୍କାର ରାଶି ରଖାଯାଇଥିଲା। ମାନସ ରଞ୍ଜନ ଜାଲି ଓ ସୋନୁ ସୁରେଶ ମୁଆଁଖିଆ ଖେଳ ପରିଚାଳନା କରିଥିବା ବେଳେ ଉଭୟ ସିଙ୍ଗେଶ୍ୱର କ୍ଲବ ଓ ଏମ.ଡି ସ୍ପୋଟିଙ୍ଗ କ୍ଲବ ଯୁଗ୍ମ ଚମ୍ପିୟାନ ବିବେଚିତ ହୋଇଥିଲେ। ଅଠରବାଟିଆ ସରପଞ୍ଚ ଦୀପକ ଜେନା, ସମିତି ସଭ୍ୟା ପ୍ରତିନିଧି ସନ୍ତୋଷ ଜାଲି ଓ ଅଠରବାଟିଆ ପଞ୍ଚାୟତ ବିଜେପି ସଭାପତି ଲକ୍ଷ୍ମଣ ସାହୁ ଯୋଗଦେଇ ଏହି ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ।

# ବରିଷ୍ଠ ନାଗରିକଙ୍କୁ ଛତା ବଣ୍ଟନ ଓ ସମ୍ବର୍ଦ୍ଧନା



ଟାଙ୍ଗୀ,୧୮।୫ (ସମିସ): ଟାଙ୍ଗୀ ବ୍ଲକ ସୁନ୍ଦରପୁର ପଞ୍ଚାୟତ ମୁକ୍ତେଶ୍ୱରଦେବଙ୍କ ପ୍ରାଙ୍ଗଣରେ ଆଜି ବରିଷ୍ଠ ନାଗରିକଙ୍କୁ ଛତା ବଣ୍ଟନ କରାଯିବା ସହିତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ସଭାପତି ନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ନିରାଡ଼ମ୍ବର ଉତ୍ସବରେ ସମ୍ପାଦକ ବିଜୟ କୁମାର ରାଉତ ସହ ସମ୍ପାଦକ ରବୀନ୍ଦ୍ର କୁମାର ନାୟକ କୋଷାଧକ୍ଷ ଉମେଶ ପ୍ରସାଦ ଧଳ ଉପଦେଷ୍ଟା ବାଳକୃଷ୍ଣ ମିଶ୍ର, ଲିଙ୍ଗରାଜ ସାହୁ ପ୍ରମୁଖ ଯୋଗ ଦେଇ ମନ୍ତବ୍ୟ ଦେଇଥିଲେ। ସୁନ୍ଦର ପୁର ଗ୍ରାମ ପଞ୍ଚାୟତର ବରିଷ୍ଠ ମଞ୍ଚ ସଭାପତି ବିଜୟ ପ୍ରଧାନ ସମ୍ପାଦକ ସୁରେନ୍ଦ୍ର ରାଉତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଛତା ବଣ୍ଟନ ସହିତ ଉତ୍ତରୀୟ ପ୍ରଦାନକରି ବରିଷ୍ଠ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ସେହିଭଳି କନ୍ଧନୟାଗଡ ପଞ୍ଚାୟତ ସମ୍ପାଦକ ସୁବାସ ଚନ୍ଦ୍ର ଆଚାର୍ଯ୍ୟ ସହ ସମ୍ପାଦକ ନିମାଇଁ ଚରଣ ସାହୁଙ୍କ ସହଯୋଗରେ ଛତା ବଣ୍ଟନ କାର୍ଯ୍ୟ ବୀଣାପାଣି ଶିଶୁମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା।

# ଆନନ୍ଦ ବଜାରର ପୂର୍ବତନ ସଭାପତିଙ୍କ ଦେହାନ୍ତ

ବାଲୁଗାଁ,୧୮।୫ (ସମିସ): ବାଲୁଗାଁ ଅଞ୍ଚଳର ଜଣାଶୁଣା ବ୍ୟକ୍ତି ତଥା ଆନନ୍ଦ ବଜାରର ପୂର୍ବତନ ସଭାପତି ଦାମୋଦର ନାୟକଙ୍କ ୭୯ବର୍ଷ ବୟସରେ ରବିବାର ବିଳମ୍ବିତ ରାତ୍ରାରେ ନିଜ ବାସଭବନରେ ଦେହାନ୍ତ ଘଟିଛି। ସ୍ୱର୍ଗତ ନାୟକଙ୍କ ମୃତ ଖବର ପ୍ରଚାର ହେବାରେ ଅଂଚଳରେ ଶୋକର ଛାୟା ଖେଳି ଯାଇଥିବା ସହ ଅଂଚଳର ବହୁ ମାନ୍ୟଗଣ ବ୍ୟକ୍ତି ବିଶେଷଙ୍କ ସମେତ ବହୁ ବ୍ୟବସାୟୀ ଜନ୍ମ ମାଟି ବାଲୁଗାଁ ପାଟଣାସାହି ଗ୍ରାମ ସ୍ଥିତ ଦାମୋଦରଙ୍କ ବାସଭବନରେ ପହଁଚି ଶେଷ ଦର୍ଶନ କରି ଆତ୍ମାର ସଦଗତି କାମନା କରିଥିଲେ। ସ୍ୱର୍ଗତ ନାୟକ ବାଲୁଗାଁ ଅଞ୍ଚଳର ଜଣେ ବିଶିଷ୍ଟ ବ୍ୟବସାୟୀ ହୋଇଥିବା ବେଳେ ପୂର୍ବରୁ ବହୁ ବର୍ଷ ଧରି ବାଲୁଗାଁ ଆନନ୍ଦ ବଜାରର ସଭାପତି ଭାବେ ଦାୟୀତ୍ୱ ନିର୍ବାହ କରିଥିବା ସହ ଗ୍ରାମ ତଥା ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ସହ ଜଡିତ ଥିଲେ। ବାଲୁଗାଁ ଅଂଚଳର ଜଣେ କର୍ମଷ୍ଠ, ମେଳାପି, ଧର୍ମପରାୟଣ ଓ ବନ୍ଧୁ ବତ୍ସଳ ବ୍ୟକ୍ତି ଭାବେ ସେ ବେଶ ଜଣାଶୁଣା ଥିଲେ। ସ୍ୱର୍ଗତ ନାୟକଙ୍କର ମରଶରୀରର ପାର୍ଶ୍ୱରେ ତାଙ୍କ ପତ୍ନୀ, ଦୁଇ ପୁଅ, ତିନି ଝିଅ, ଭଉଣୀ, ଭାଇ ଓ ବନ୍ଧୁ ପରିଜନ ମାନେ ଉପସ୍ଥିତ ଥିଲେ। ତାଙ୍କ ମରଶରୀରକୁ ସୋମବାର ସକାଳେବଖରନିଜ ବାସଭବନରୁ ବାଲୁଗାଁ ଶ୍ମଶାନକୁ ନେଇ ଶେଷକୃତ ସମ୍ପନ୍ନ କରାଯାଇଥିବା ବେଳେ ତାଙ୍କର ଜ୍ୟେଷ୍ଠ ପୁତ୍ର ଅକ୍ଷୟ ନାୟକ ମୁଖାଗ୍ନୀ ଦେଇଥିଲେ। ତାଙ୍କ ବିୟୋଗରେ କମିଟି ପକ୍ଷରୁ ସୋମବାର ଆନନ୍ଦ ବଜାର ବନ୍ଦ ରହିଥିଲା।

# ନିଜିଗଡ଼ ତାପଙ୍ଗ ପଞ୍ଚାୟତରେ ଜନଶୁଣାଣି



ଖୋର୍ଦ୍ଧା,୧୮।୫(ସମିସ): ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ନିଜିଗଡ ତାପଙ୍ଗ ଗ୍ରାମ ପଂଚାୟତ କାର୍ଯ୍ୟାଳୟଠାରେ ଆଜି ପଲ୍ଲୀରେ ପ୍ରଶାସନିକ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସସ୍ମିତା ରଣା, ଉପଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ, ବି.ଡି .ଓ. ସିଦ୍ଧାର୍ଥ ପଟ୍ଟନାୟକ, ଆସିଷ୍ଟାଂଟ କଲେକ୍ଟର (ଅଭିଯୋଗ) ଭୁବନେଶ୍ୱରୀ କଅଁର ପ୍ରମୁଖ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ।
ଆଜିର ଶିବିରକୁ ମୋଟ ୪୪ଟି ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ୟରୁ ୪୦ଟି ବ୍ୟକ୍ତିଗତ ଏବଂ ୪ଟି ଗ୍ରାମୀଣ ସମସ୍ୟା ଜନିତ ଅଭିଯୋଗ ଥିଲା। ଜିଲ୍ଲାପାଳ ତତ୍କାଳ ୧୮ ଟି ଅଭିଯୋଗର ସମାଧାନ କରିଥିଲେ। ଅନ୍ୟ ସମସ୍ତ ଅଭିଯୋଗ ଗୁଡ଼ିକୁ ବିଭାଗୀୟ ଅଧିକାରୀ ମାନେ ଯତ୍ନବାନ ହୋଇ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ।ପରେ ଜିଲ୍ଲାପାଳ ଶ୍ରୀ ଋତୁରାଜ ସମସ୍ତ ଅଧିକାରୀ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଉନ୍ନୟନ ଓ ଅଗ୍ରଣୀ ଯୋଜନାର ସଫଳ ରୂପାୟନ ଦିଗରେ ଖୋଲା ଯାଇଥିବା ଶିକ୍ଷା ଓ ସୂଚନା ଷ୍ଟଲ ଗୁଡ଼ିକୁ ବୁଲି ଅନୁଧ୍ୟାନ କରିଥିଲେ। ଜନଶୁଣାଣି ଶିବିରରେ ବିଭିନ୍ନ ବିଭାଗର ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଲାଇନ୍ ଡିପାଟର୍ମେଣ୍ଟ ଅଧିକାରୀ, ଜନପ୍ରତିନିଧି ପ୍ରମୁଖ ଯୋଗଦେଇଥିଲେ।

# ଜନଜାତୀୟ ଗରିମା ଅଭିଯାନ ଶୁଭାରମ୍ଭ

ଖୋର୍ଦ୍ଧା,୧୮।୫(ସମିସ): ଜନଜାତି ବ୍ୟାପର ମନ୍ତ୍ରଣାଳୟ, ଭାରତ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ତଥା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଓଡ଼ିଶା ସରକାରଙ୍କ ସହଭାଗିତାରେ ଖୋର୍ଦ୍ଧା ଜିଲ୍ଲାରେ ଜନ ଜାତୀୟ ଗାରିମା ଉତ୍ସବ ଶୁଭାରମ୍ଭ ହୋଇଯାଇଛି। ଆଜିଠାରୁ ୨୫ ତାରିଖ ପର୍ଯ୍ୟନ୍ତ ସପ୍ତାହ ବ୍ୟାପି ପାଳନ କରାଯିବ ବୋଲି ସୋମବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ(ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା ସୂଚନା ଦେଇଛନ୍ତି।




ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେଉରାଙ୍କ ସୂଚନା ଅନୁସାରେ, ଖୋର୍ଦ୍ଧା ଜିଲ୍ଲାର ୬ଟି ବ୍ଲକର ୧୬ଟି ଆଦିବାସୀ ବହୁଳ ଗ୍ରାମରେ ଜନଜାତୀୟ ଗରିମା ଉତ୍ସବ-୨୦୨୬ ଅନ୍ତର୍ଗତ ଜନଭାଗିଦାରୀ ଅଭିଯାନ ସବୁଠାରୁ ଦୂର ସର୍ବ ପ୍ରଥମେ ପାଳନ କରାଯିବ। ଭୁବନେଶ୍ୱର ବ୍ଲକର ଚୁଡଙ୍ଗ, ଦଲୁଅ, ଭଗବତୀପୁର ଓ ଦାସପୁର, ବାଣପୁର ବ୍ଲକ ନିଳାଦ୍ରୀପ୍ରସାଦ, ତାଳବୋରେଇ, ଗୁରୁପଡା ଓ ବେଙ୍ଗରାଜପଲ୍ଲୀ, ଖୋର୍ଦ୍ଧା ବ୍ଲକ ତରକାଇ, ବନ୍ତଳା, ବରହମପୁରା, ଜଟଣୀ ବ୍ଲକର ବିଂଝଗିରି, ମିନିଚିନିପାଟଣା, ଗ୍ରାମଡିହ, ବେଗୁନିଆ ବ୍ଲକ ଗୋଡିପୋଖରୀ ଏବଂ ବୋଲଗଡ ବ୍ଲକ ହରିପୁର ଗ୍ରାମରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଉପରୋକ୍ତ ଗ୍ରାମରେ ଥିବା ଅଙ୍ଗନବାଡି କେନ୍ଦ୍ର କିମ୍ବା ପ୍ରାଥମିକ ବିଦ୍ୟାଳୟ ଗୁଡିକୁ ଆଦି ସେବା କେନ୍ଦ୍ର ଭାବରେ ଘୋଷଣା କରାଯାଇଛି। ସେହି ଗ୍ରାମ ଗୁଡିକରେ କାର୍ଯ୍ୟରତ ସରକାରୀ କର୍ମଚାରୀ ଯଥା ଅଙ୍ଗନବାଡି କର୍ମୀ, ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ, ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୁଖ ଙ୍କୁ ଆଦି-କର୍ମଯୋଗୀ ଭାବରେ ଘୋଷଣା କରାଯାଇଛି। ସେହିପରି ସେହି ଗ୍ରାମରେ କାର୍ଯ୍ୟରତ ଅନ୍ୟାନ୍ୟ ସରକାରୀ କର୍ମଚାରୀ, ଶିକ୍ଷକ, ଯୁବତୀ, ଯୁବକ, ସ୍ୱୟଂସହାୟିକା ଗୋଷ୍ଠି ସଦସ୍ୟ, ତୃଣମୂଳ ସ୍ତରୀୟ ଆଦିବାସୀ ନେତା, ଗାଁ ମୁଖିଆଙ୍କୁ ଆଦି-ସହଯୋଗୀ ଭାବରେ ଘୋଷଣା କରିବା ପାଇଁ ଗୋଷ୍ଠି ଉନ୍ନୟନ ଅଧିକାରୀ(ବିଡିଓ) ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ ପଂଚାୟତରାଜ ଅନୁଷ୍ଠାନ ଗୁଡିକର ନିର୍ବାଚିତ ଜନ ପ୍ରତିନିଧିମାନଙ୍କୁ ପ୍ରତ୍ୟକ୍ଷ ଯୋଗଦାନ ନିଶ୍ଚିତ କରିବା ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମ୍ପୃକ୍ତ ବ୍ଲକର ବିଡିଓ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଅତିରିକ୍ତ ଜିଲ୍ଲାପାଳ ବେଉରା କହିଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ଏଡିଡବ୍ଲ୍ୟୁଓ ବିଜୟାନନ୍ଦ ରାଉତ, ଏସ୍‌ଆର୍‌ଏ କ୍ରିଷ୍ଣା ସାମନ୍ତରାୟ, ଜିଲ୍ଲା ସଂଯୋଜକ ଦୂର୍ଗାମାଧବ ରାଣା ପ୍ରମୁଖ ଉପସ୍ଥିତ ଥିଲେ।

# ପଥିକଙ୍କୁ ପାନୀୟ ଜଳ ବାଣ୍ଟିଲା ନିରାକାରପୁର ପୁଲିସ



ନିରାକାରପୁର, ୧୮।୫ (ସମିସ): ପ୍ରଚଣ୍ଡ ରୌଦ୍ରତାପକୁ ଦୃଷ୍ଟିରେ ରଖି ଆଜି ନିରାକାରପୁର ପୁଲିସ ପକ୍ଷରୁ ସାଧାରଣ ଲୋକ ଓ ପଥିକମାନଙ୍କ ଶୋଷ ମେଣ୍ଟାଇବା ପାଇଁ ପାନୀୟ ଜଳ ବଣ୍ଟନ କରାଯାଇଛି। ନିରାକାରପୁର ଥାନା ଆଇଆଇସି ବିଶ୍ୱଜିତ୍ ରାଉତରାୟଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ ଏହି ସେବାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଏଏସଆଇ ଗୁପ୍ତ ପ୍ରସାଦ ମହାନ୍ତି, ଏଏସଆଇ ପାର୍ବତୀ ଦେଈ, ହାବିଲଦାର ରତ୍ନାକର ବେହେରା ଏବଂ ନିରାକାରପୁର ଥାନାର ସମସ୍ତ କର୍ମଚାରୀ ସାମିଲ ଥିଲେ।

# ଅଗ୍ନି ନିରାକରଣ ସଚେତନତା

ବେଗୁନିଆ,୧୮।୫(ସମିସ): ବେଗୁନିଆ ସଦର ମହକୁମା ସ୍ଥିତ ଅଗ୍ନିଶମ କାର୍ଯ୍ୟାଳୟ ପକ୍ଷରୁ ବାଘମାରି ସ୍ଥିତ ଏକ ବେସରକାରୀ ଚିକିତ୍ସାଳୟ ପରିସରରେ ଅଗ୍ନି ନିରାକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଅଗ୍ନିବୀର ମୁସ୍ତାକିମ ମହମ୍ମଦଙ୍କ ନେତୃତ୍ୱରେ ଅଗ୍ନିବୀର ଆଶିଷ କୁମାର ବେହେରା, ଦ୍ୟୁତିକୃଷ୍ଣ ଦଳବେହେରା, ବିସ୍ମୟ ରଞ୍ଜନ ସାହୁ ଓ ଶଶିକାନ୍ତ ସାହୁ ପ୍ରମୁଖ କର୍ମଚାରୀ ଉପସ୍ଥିତ ରହି ଆକସ୍ମିକ ବିଦ୍ୟୁତ୍, ତୈଳ ଜନିତ ଅଗ୍ନିକାଣ୍ଡ, ବନ୍ୟା ଓ ବାତ୍ୟା ସମୟରେ କିଭଳି ଲୋକଙ୍କ ଜୀବନ ରକ୍ଷା କରାଯାଇ ପାରିବ ସେଥିପାଇଁ ହସପିଟାଲ କର୍ମଚାରୀ ଓ ସ୍ଥାନୀୟ ଜନ ସାଧାରଣଙ୍କୁ ପ୍ରଶିକ୍ଷଣ ଦେଇଥିଲେ।



# ଇଗ୍‌ଲ କପ୍ କ୍ରିକେଟ୍ : ଓ୍ୱିଣ୍ଡ-୨୦୦୦ କଟକ ଚାମ୍ପିଅନ

ଖୋର୍ଦ୍ଧା,୧୮।୫ (ସମିସ): ସ୍ଥାନୀୟ ଇଗଲ କ୍ଲବ ପଡ଼ିଆରେ ଚାଲିଥିବା ୨୧ତମ ରାତ୍ରକାଳୀନ ଏକ ଦିବସୀୟ ଇଗଲ କପ୍ କ୍ରିକେଟ୍ ଟୁର୍ନାମେଣ୍ଟ ଉଦଯାପିତ ହୋଇଯାଇଛି। ଏଥିରେ କଟକ, ଭୁବନେଶ୍ୱର ଓ ଖୋର୍ଦ୍ଧାର ୮ଟି ବଛାବଛା ଦଳ ଅଂଶଗ୍ରହଣ କରିଥିଲେ। ସମସ୍ତ ଦଳକୁ ପଛରେ ପକାଇ କଟକର ଦୁଇଟି ଦଳ ମ୍ୟାଜିକ ଏକାଦଶ ଓ ଓ୍ୱିଣ୍ଡ-୨୦୦୦ ଫାଇନାଲକୁ ଉତୀର୍ଣ୍ଣ ହୋଇଥିଲେ। ତେବେ ଚିତାକର୍ଷକ ଫାଇନାଲରେ ମ୍ୟାଜିକ୍ ଏକାଦଶ ଦଳକୁ ହରାଇ ଓ୍ୱିଣ୍ଡ-୨୦୦୦ କଟକ ଦଳ ଚଳିତ ବର୍ଷର ଚମ୍ପିୟାନ ଆଖ୍ୟା ଅର୍ଜନ କରିଥିଲେ। ଟୁର୍ନାମେଂଟର ଉଦଘାଟନ ଭାବେ ପୂର୍ବତନ ପୌରାଧ୍ୟକ୍ଷ ସଂଯୁକ୍ତା ସାହୁ, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ତଥା ଆୟୋଜକ କମିଟିର ସଂପାଦକ ଅଭିଶେକ ସିଂହସାମନ୍ତ, କାଉନସିଲର ପ୍ରବୀଣା ଜଗଦେବରାୟ, ଅନିଲ ରାମ ପ୍ରମୁଖ ଯୋଗଦେଇଥିଲେ। ରାତି ବଢିବା ସାଂଗକୁ ଆତାସବାଜି ଓ ଡିଜେ ସାଉଣ୍ଡର ତାଳେତାଳେ ଶତାଧିକ ଦର୍ଶକମାନେ ଖେଳର ବେଶ ମଜା ଉଠାଇଥିଲେ। ରବିବାର ରାତ୍ର ୩ଟାରେ ସମୟରେ ଆରମ୍ଭ ହୋଇଥିଲା ଇଗଲ କପ କ୍ରିକେଟର ୨୧ତମ ସଂସ୍କରଣର ଫାଇନାଲ ମ୍ୟାଚ। ମ୍ୟାଜିକ୍ ଏକଦଶ କଟକ ଦଳ ଟସରେ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତି ନେଇଥିଲେ। ଦଳ ନିର୍ଦ୍ଧାରିତ ୬ ଓଭରରେ ୪ଟି ଓ୍ୱିକେଟ୍ ହରାଇ ୧୪୫ରନ୍ କରିଥିଲେ। ଦଳ ଜବାବରେ ଓ୍ୱିଣ୍ଡ-୨୦୦୦ ଦଳ ୫.୧ ଓଭରରେ ଉଇକେଟ୍ ନହରାଇ ଆବଶ୍ୟକ ୧୪୬ରନ କରି ବିଜୟ ଘୋଷିତ ହୋଇଥିଲେ। ଦଳ ପକ୍ଷରୁ ଅଭିଷେକ ବେହେରା ୨୨ଟି ବଲରେ ଅପରାଜିତ ୧୦୪ରନ କରିଥିଲେ। ଫାଇନାଲ ମ୍ୟାଚକୁ ବିରଞ୍ଚି ନାରାୟଣ ଜେନା ଓ ଦିଗନ୍ତ ରାଉତରାୟ ପରିଚାଳନା କରିଥିବା ବେଳେ, ଟୁର୍ନାମେଂଟକୁ ସଫଳ କରିବାକୁ କ୍ଲବର ସମସ୍ତ ସଦସ୍ୟମାନେ ସହଯୋଗ କରିଥିଲେ। ସେହିପରି ସ୍କୋର ଲେଖିବାରେ ନୂତନକ୍ରାନ୍ତି ପାଲ ଓ ଭାଷ୍ୟକାର ଭାବରେ ଅବ୍ୟକ୍ତ ହରିହର ଖାଡ଼ଙ୍ଗା ସହାୟତା କରିଥିଲେ। ଉଦଯାପନୀ ଉତ୍ସବରେ ଖୋର୍ଦ୍ଧାର ପୂର୍ବତନ ବିଧାୟକ ତଥା ଇଗଲ କ୍ଲବର ସଭାପତି ରାଜେନ୍ଦ୍ର କୁମାର ସାହୁ, କାଉନସିଲର ଅମୀୟ ମହାନ୍ତି, ନାଗଭୂଷଣ ଜେନା, ଅଭିଶେଷ ସିଂହସାମନ୍ତ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ସେହିପରି ଟୁର୍ନାମେଂଟର ଶ୍ରେଷ୍ଠ ଖେଳାଳୀ ଓ ଫାଇନାଲର ଶ୍ରେଷ୍ଠ ଖେଳାଳୀ ଭାବେ ଅଭିଷେକ ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା।



# ବଢୁଛି ଖରା; ଜମୁଛି ତାଳସଜ ବେପାର



ଖୋର୍ଦ୍ଧା,୧୮।୫(ସମିସ): ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ଏପରି ସ୍ଥିତିରେ ଲୋକେ ଫ୍ୟାନ କୁଲର ଶୀତତାପ ନିୟନ୍ତ୍ରଣ ଯନ୍ତ୍ର ତଳେ ଆଶ୍ରୟ ନେଇଛି। ଅଂଶୁଘାତରୁ ରକ୍ଷା ପାଇବା ଲାଗି ଲୋକ ଓଦା ଗାମୁଛା ଚଷମା ସହ ଥଣ୍ଡା ପାନୀୟ ଜଳ, କାକୁଡି, ସରବତ, ଆଖୁରସ, ତରଭୁଜ ପ୍ରଭୃତି ଥଣ୍ଡା ଜାତୀୟ ଜିନିଷକୁ ବେଶୀ ଗୁରୁତ୍ୱ ଦେଉଛନ୍ତି। ପ୍ରାୟତଃ ଏଭଳି ଦୋକାନ ମାନଙ୍କରେ ଭିଡ ଦେଖିବାକୁ ମିଳୁଛି।ଏହା ମଧ୍ୟରେ ଗ୍ରାମବାସୀଙ୍କ ଜିବୀକା ନିର୍ବାହର ମାଧ୍ୟମ ପାଲଟିଛି ତାଳ। ତାଳସଜ ର ସ୍ୱାଦ ସମସ୍ତଙ୍କୁ ଆର୍ଷିତ କରୁଛି।

ତାଳସଜରେ ଜଳୀୟ ଅଂଶ ଥିବାରୁ ଖରାଦିନେ ଏହା ଶରୀର ପାଇଁ ବେଶ ଉପକାରୀ। କଷି ତାଳରେ ସାଧାରଣତଃ ପାଣି ଥିବା ବେଳେ ଏହା ପାଟିକୁ ବେଶ ସୁଆଦିଆ ଲାଗିଥାଏ ଏବଂ ଏହା ଶରୀରକୁ ଥଣ୍ଡା ରଖିବାରେ ସାହାଯ୍ୟ କରିଥାଏ। ଏହି ଫଳରେ ଭିଟାମିନ ବି, ଆଇରନ, ପୋଟାସିୟମ, ଫସଫରସ, କ୍ୟାଲସିୟମ ରହିଥିବାରୁ ଶରୀର ପାଇଁ ଲାଭଦାୟକ ହୋଇଥାଏ।ଏଥିସହିତ ଶରୀରର ତାପମାତ୍ରାକୁ ନିୟନ୍ତ୍ରଣ ରଖିବା, ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ଓ ସୁଗାରକୁ ନିୟନ୍ତ୍ରଣ କରିବାରେ ତାଳସଜ ସହାୟକ ହୋଇଥାଏ ବୋଲି ବରିଷ୍ଠ ନାଗରିକ ବିମଳ ଚନ୍ଦ୍ର ଷଡଙ୍ଗୀ କୁହନ୍ତି। ଗୋଟିଏ ତାଳସଜରୁ ୩ଟି ତାଳ ବାହାରିଥାଏ। ୨ଟି ତାଳତାଳସଜରୁ ବାହାରୁଥିବା ୬ଟି ତାଳ କୁ ଗୋଟିଏ ପୁଡିଆ କରି ବେପାର କରୁଛନ୍ତି ବ୍ୟବସାୟୀ।ଯାହା ବଜାର ରେ ୨୦ଟଙ୍କାରେ ବିକ୍ରୀ କରୁଥିବାବେଳେ ଗ୍ରାମାଂଚଳରେ ୧୦ରୁ ୧୫ଟଙ୍କା ରେ ମିଳୁଛି। ତାଳସଜ ତୃଷାର୍ତ ମଣିଷକୁ ଆଶ୍ୱସ୍ତି ଦେଇଥାଏ। ପାଖାପାଖି ଏକ ମାସ ଧରି ବିକ୍ରି ହେଉଥିବା ଏହି ତାଳସଜକୁ ଗ୍ରାମାଂଚଳରୁ ସିଧା ଗଛରୁ ତୋଳି ଆଣି ବିକ୍ରି କରି ଦୈନିକ ୫୦୦ରୁ ୧୦୦୦ ଟଙ୍କା ରୋଜଗାର କରୁଛନ୍ତି ବୋଲି ବ୍ୟବସାୟୀ କାଲୁ ନାୟକ ଓ ଶିବୁ ନୁଟୁଆ କହିଛନ୍ତି। ଖୋର୍ଦ୍ଧା ସହରର କଂଟାଛକ, ପଲ୍ଲାହାଟ ଛକ, ପୋଷ୍ଟଅଫିସ ଛକ, ମୁକୁନ୍ଦପ୍ରସାଦ ଛକ, ଟିଏଲସି ରୋଡ ଛକ, ମେଡିକାଲ ଛକ, ଗୁରୁଜଙ୍ଗ ଫାର୍ମ ଛକଠାରେ ବେପାରୀ ସେମାନଙ୍କର ପସରା ମେଲାଇ ବେପାର କରୁଛନ୍ତି।

### ଜମିବାଡ଼ି ବିବାଦର କରୁଣ ପରିଣତି

# ଅଙ୍ଗନବାଡ଼ି ସହାୟିକାଙ୍କୁ ହତ୍ୟା କଲେ ଦାଦା ଶଶୁର

- ଚିକିତ୍ସାଧୀନ ଅବସ୍ଥାରେ ମହିଳାଙ୍କ ମୃତ୍ୟୁ
- ମାହାଙ୍ଗା ଥାନାରେ ହତ୍ୟା ମାମଲା ରୁଜୁ
- ଜଣେ ଅଟକ ଓ ଦୁଇ ଅଭିଯୁକ୍ତ ଫେରାର

କଟକ,୧୮।୫(ସମିସ): ଜମିବାଡ଼ି ବିବାଦ କିଭଳି ଉଗ୍ରରୂପ ଧାରଣ କରି ରକ୍ତପାତର କାରଣ ସାଜେ, ତାହାର ଏକ ବିଭତ୍ସ ନମୁନା ମାହାଙ୍ଗା ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି। ଦୀର୍ଘ ଦିନର ପାରିବାରିକ ଶତ୍ରୁତାକୁ କେନ୍ଦ୍ର କରି ଜଣେ ଅଙ୍ଗନବାଡି ସହାୟିକାଙ୍କୁ ଗହୀର ବିଲରେ ଗୋଡ଼ାଇ ଗୋଡ଼ାଇ ନିର୍ମମ ଭାବେ ହତ୍ୟା କରାଯାଇଛି। ଏହି ସଂଘାତିକ ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିବା ସହ ମାହାଙ୍ଗାର ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୂଚନା ଅନୁଯାୟୀ, ମାହାଙ୍ଗା ଥାନା ପଣସପୁର ଗ୍ରାମପଞ୍ଚାୟତ ଅକରପଡ଼ା ଗ୍ରାମର ଇନ୍ଦ୍ରମଣି ସାହୁ ଏବଂ ତାଙ୍କ ଭାଇ ରଞ୍ଜନ କୁମାର ସାହୁଙ୍କ ପରିବାର ମଧ୍ୟରେ ଦୀର୍ଘ ଦିନ ହେଲା ଜମିବାଡ଼ିକୁ ନେଇ କଳହ ଲାଗି ରହିଥିଲା। ରଞ୍ଜନଙ୍କ ପରିବାରକୁ ଉଚିତ ଶିକ୍ଷା ଦେବା ପାଇଁ ଇନ୍ଦ୍ରମଣିଙ୍କ ପରିବାର ସୁଯୋଗ ଉଣ୍ଡୁଥିଲେ। ସୋମବାର ସକାଳେ ରଞ୍ଜନଙ୍କ ପତ୍ନୀ ତଥା ସ୍ଥାନୀୟ ଅକରପଡ଼ା ଅଙ୍ଗନବାଡି କେନ୍ଦ୍ରର ସହାୟିକା ସ୍ୱର୍ଣ୍ଣଲତା ସାହୁ (୪୦) ଗହୀର ବିଲକୁ ଏକୁଟିଆ ଘାସ ଆଣିବାକୁ ଯାଇଥିଲେ। ସ୍ୱର୍ଣ୍ଣଲତାଙ୍କୁ ବିଲରେ ଏକୁଟିଆ ଦେଖି ତାଙ୍କ ଦାଦା ଶଶୁର ଇନ୍ଦ୍ରମଣି ସାହୁ ଏକ ଧାରୁଆ ମାରଣାସ୍ତ୍ର ଧରି ପୂର୍ବ ଯୋଜନା ମୁତାବକ ତାଙ୍କ ଉପରକୁ ଆକ୍ରମଣ କରିଥିଲେ। ଜୀବନ ବିକଳରେ ସ୍ୱର୍ଣ୍ଣଲତା ଦୌଡ଼ିଥିଲେ ମଧ୍ୟ ଇନ୍ଦ୍ରମଣି ତାଙ୍କୁ ଗୋଡ଼ାଇ ଗୋଡ଼ାଇ ବିଲ ମଧ୍ୟରେ ହାଣି ପକାଇଥିଲେ। ସ୍ୱର୍ଣ୍ଣଲତାଙ୍କ ଚିତ୍କାର ଶୁଣି ପରିବାର ଲୋକ ଓ ଗ୍ରାମବାସୀ ଘଟଣାସ୍ଥଳକୁ ଦୌଡ଼ି ଆସିଥିଲେ। ସେତେବେଳକୁ ସେ ରକ୍ତ ଜୁଡ଼ୁବୁଡ଼ୁ ଅବସ୍ଥାରେ ଚେତାଶୂନ୍ୟ ହୋଇ ପଡ଼ିଥିଲେ। ଖବର ପାଇ ମାହାଙ୍ଗା ଥାନା ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ସ୍ୱର୍ଣ୍ଣଲତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲା। ପ୍ରଥମେ ତାଙ୍କୁ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା, ମାତ୍ର ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏସସିବିରେ ଶବ ବ୍ୟବଚ୍ଛେଦ କରାଯିବା ପରେ ମୃତଦେହ ଗ୍ରାମକୁ ଅଣାଯାଇଥିଲା ଏବଂ ଏକ ଶୋକାକୁଳ ପରିବେଶରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଏହି ହତ୍ୟାକାଣ୍ଡ ସମ୍ପର୍କରେ ମୃତ ସ୍ୱର୍ଣ୍ଣଲତାଙ୍କ କନ୍ୟା ଲକ୍ଷ୍ମୀପ୍ରିୟା ସାହୁ ମାହାଙ୍ଗା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ସେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଇନ୍ଦ୍ରମଣି ସାହୁ, ତାଙ୍କ ପୁତ୍ର କାଳନ୍ଦୀ ସାହୁ ଏବଂ ଝିଅ ଡଲି ସାହୁ ମିଳିତ ଭାବେ ଯୋଜନା କରି ତାଙ୍କ ମା'ଙ୍କୁ ହତ୍ୟା କରିଛନ୍ତି। ଏହି ଅଭିଯୋଗ ଆଧାରରେ ମାହାଙ୍ଗା ଥାନା କେସ୍ ନଂ ୧୮୦/୨୦୨୬, ଦଫା ୩୦୨/୩୪ ଅନୁଯାୟୀ ଏକ ହତ୍ୟା ମାମଲା ରୁଜୁ କରାଯାଇଛି। ପୁଲିସ ମୁଖ୍ୟ ଅଭିଯୁକ୍ତ ଇନ୍ଦ୍ରମଣି ସାହୁଙ୍କୁ ଥାନାରେ ଅଟକ ରଖି ଜେରା କରୁଥିବା ବେଳେ ଘଟଣା ପରଠାରୁ କାଳନ୍ଦୀ ଓ ଡଲି ଫେରାର ହୋଇଯାଇଛନ୍ତି। ଅକରପଡ଼ା ଗ୍ରାମରେ ଘଟିଥିବା ଏହି ବିଭତ୍ସ ହତ୍ୟାକାଣ୍ଡ ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ଓ ଶୋକର ଛାୟା ଖେଳିଯାଇଛି। ଫେରାର ଥିବା ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଗ୍ରାମବାସୀ ଦୃଢ଼ ଦାବି କରିଛନ୍ତି। ଅପରପକ୍ଷରେ, ଦିନକୁ ଦିନ ମାହାଙ୍ଗା ଅଞ୍ଚଳରେ ହତ୍ୟା ଓ ଅପରାଧିକ ମାମଲା ବୃଦ୍ଧି ପାଉଥିବାରୁ ସ୍ଥାନୀୟ ବାସିନ୍ଦା ନିଜର ଧନଜୀବନର ସୁରକ୍ଷାକୁ ନେଇ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି ଏବଂ ପୁଲିସର ପାଟ୍ରୋଲିଂ ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବାକୁ ଦାବି କରିଛନ୍ତି।

### ■ ତୈଳ ସଙ୍କଟ ପାଇଁ...

# ସାଇକଲରେ ହାଇକୋର୍ଟ ଆସିଲେ ୩ ବିଚାରପତି



କଟକ, ୧୮।୫ (ସମିସ): ମଧ୍ୟପ୍ରାଚ୍ୟରେ ଯୁଦ୍ଧ ସ୍ଥିତି ପାଇଁ ସାରା ଦେଶରେ ତୈଳ ସଙ୍କଟ ଦେଖାଦେଇଛି। ଏଥିପାଇଁ ପେଟ୍ରୋଲ-ଡିଜେଲ ବ୍ୟବହାର କମ୍ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆହ୍ୱାନ ଦେଇଛନ୍ତି । ତେବେ ଆଜି ସାଇକଲରେ ହାଇକୋର୍ଟ ଆସି ସମାଜକୁ ତୈଳ ସଂଚୟ ସଚେତନତାର ବାର୍ତ୍ତା ଦେଇଛନ୍ତି ଓଡ଼ିଶା ହାଇକୋର୍ଟର ତିନି ଜଣ ବିଚାରପତି। ଜଷ୍ଟିସ ସାବିତ୍ରୀ ରଥ, ଜଷ୍ଟିସ ଭି. ନରସିଂହ ଓ ଜଷ୍ଟିସ ଶିବ ଶଙ୍କର ମିଶ୍ର ସାଇକଲରେ ଆସି କୋର୍ଟରେ ପହଞ୍ଚି ଥିଲେ।ନିଜ ନିଜ ସରକାରୀ ବାସଭବନରୁ ସାଇକେଲରେ ବାହାରି ଜୁଡିସିଆଲ ଏକାଡେମୀ ନିକଟରେ ଏକତ୍ରିତ ହୋଇଥିଲେ। ପରେ ସେମାନେ ଏକାଠି ସାଇକେଲରେ ହାଇକୋର୍ଟ ପରିସରକୁ ପହଞ୍ଚିଥିଲେ।

# ହାଇକୋର୍ଟରେ କେବଳ ଭର୍ଚୁଆଲ୍ ମାଧ୍ୟମରେ ଶୁଣାଣି

■ ୫୦ପ୍ରତିଶତ କର୍ମଚାରୀଙ୍କୁ ନେଇ ଚାଲିବ ଅଦାଲତ

କଟକ, ୧୮।୫ (ସମିସ ): ଓଡ଼ିଶା ହାଇକୋର୍ଟ ପକ୍ଷରୁ ଆଜି କୋର୍ଟ କାର୍ଯ୍ୟ ପରିଚାଳନାକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବିଜ୍ଞପ୍ତି ପ୍ରକାଶ ପାଇଛି। ଭାରତ ସରକାରଙ୍କ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ ଏବଂ ସୁପ୍ରିମକୋର୍ଟଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀକୁ ଆଧାର କରି ହାଇକୋର୍ଟ ରେଜିଷ୍ଟ୍ରି କେତେକ ଜରୁରୀ ପଦକ୍ଷେପ ଗ୍ରହଣ କରିଛନ୍ତି। କେବଳ ଭର୍ଚୁଆଲ୍ ମାଧ୍ୟମରେ ଆସନ୍ତା ମେ ୧୯ ଏବଂ ମେ ୨୧ ତାରିଖରେ ହାଇକୋର୍ଟଙ୍କ ସମସ୍ତ ଖଣ୍ଡପୀଠ ମାମଲା ଗୁଡିକର ଶୁଣାଣି କରିବେ। ଏହା ସହିତ ଆଗାମୀ ଗ୍ରୀଷ୍ମକାଳୀନ ଅବକାଶ ସମୟରେ ବସିବାକୁ ଥିବା ସମସ୍ତ 'ଅବକାଶକାଳୀନ ଖଣ୍ଡପୀଠ' ମଧ୍ୟ ସମ୍ପୂର୍ଣ୍ଣ ଭାବେ ଭର୍ଚୁଆଲ୍ ଜରିଆରେ ମାମଲା ଗୁଡିକର ଶୁଣାଣି କରିବେ। ସେହିଭଳି ୫୦% କର୍ମଚାରୀଙ୍କୁ ନେଇ ରୋଷ୍ଟର ବ୍ୟବସ୍ଥା କରାଯିବ। ଏହି ସମୟରେ ଦୈନନ୍ଦିନ ଅଦାଲତ କାର୍ଯ୍ୟ ଯେପରି ବାଧାପ୍ରାପ୍ତ ନ ହେବ, ସେଥିପାଇଁ ସମସ୍ତ ସୁପରିଣ୍ଟେଣ୍ଡେଣ୍ଟ ନିଜ ଅଧୀନରେ ଥିବା କର୍ମଚାରୀଙ୍କ ପାଇଁ ଏକ ରୋଷ୍ଟର ପ୍ରସ୍ତୁତ କରିବେ। କାର୍ଯ୍ୟାଳୟରେ ଅତିକମରେ ୫୦ ପ୍ରତିଶତ କର୍ମଚାରୀ ଶାରୀରିକ ଭାବେ ଉପସ୍ଥିତ ରହିବା ଅନିର୍ବାର୍ଯ୍ୟ। ଏହି ରୋଷ୍ଟରକୁ ଆଗୁଆ ଭାବେ ରଜିଷ୍ଟ୍ରାର୍ (ଜୁଡିସିଆଲ୍)ଙ୍କ ଅନୁମୋଦନ ପାଇଁ ପଠାଯିବ। ରୋଷ୍ଟର ଅନୁଯାୟୀ ଯେଉଁ ଅଧିକାରୀ ବା କର୍ମଚାରୀ ମାନେ ଅଫିସ୍ ଆସିବେ ନାହିଁ, ସେମାନେ ଅଫିସ୍ ସମୟ ମଧ୍ୟରେ ଫୋନ୍, ମୋବାଇଲ୍ କିମ୍ବା ଅନ୍ୟାନ୍ୟ ଇଲେକ୍ଟ୍ରୋନିକ୍ସ ମାଧ୍ୟମରେ ଯୋଗାଯୋଗରେ ରହିବେ। ଆବଶ୍ୟକ ପଡ଼ିଲେ କର୍ତ୍ତୃପକ୍ଷ ସେମାନଙ୍କୁ ଯେକୌଣସି ସମୟରେ ଅଫିସ୍ ଡକାଇପାରିବେ। ଯଥାସମ୍ଭବ ଭର୍ଚୁଆଲ୍ କିମ୍ବା ଅନଲାଇନ୍ ମାଧ୍ୟମରେ ହାଇକୋର୍ଟ ପକ୍ଷରୁ ହେବାକୁ ଥିବା ସଭା ସମିତି କରାଯିବ। କେବଳ ଅତି ଜରୁରୀ ଏବଂ ଏଡ଼ାଇ ହେଉନଥିବା ପରିସ୍ଥିତିରେ ହିଁ ଶାରୀରିକ ଉପସ୍ଥିତି ସହ ବୈଠକ ହୋଇପାରିବ।

### ତେଲ ଅଭାବକୁ ନେଇ ରାଜ୍ୟ ସଙ୍କଟ ପରିଚାଳନା ଗ୍ରୁପ୍ ବୈଠକ

# ଅଯଥା ଭିଡ଼ ନ କରିବାକୁ ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶ




ଭୁବନେଶ୍ୱର,୧୮।୫(ସମିସ): ରାଜ୍ୟରେ ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସର ନିୟମିତ ଯୋଗାଣ ଉପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗୁରୁତ୍ୱ ଦେଇଛନ୍ତି। ତଦାରଖକୁ ଅଧିକ ପ୍ରଭାବୀ କରିବା ସହ ବେଆଇନ ମହଜୁଦକାରୀଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେବା ସହ ଆମ୍ବୁଲାନ୍ସ, ପୁଲିସ ଓ ଜରୁରୀକାଳୀନ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସଂରକ୍ଷଣ (ରିଜର୍ଭ ଷ୍ଟକ୍) ରଖାଯିବାକୁ ପରାମର୍ଶ ଦେଇଛନ୍ତି। ସୋମବାର ରାଜ୍ୟରେ ପେଟ୍ରୋଲ୍, ଡିଜେଲ ଏବଂ ରନ୍ଧନ ଗ୍ୟାସ (ଏଲପିଜି) ସାମଗ୍ରୀର ଉପଲବ୍ଧତା ସମୀକ୍ଷା ସହ ରାଜ୍ୟ ସଙ୍କଟ ପରିଚାଳନା ଗ୍ରୁପ୍ ( ଷ୍ଟେଟ୍ କ୍ରାଇସିସ୍ ମ୍ୟାନେଜମେଣ୍ଟ ଗ୍ରୁପ) ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟ ଶାସନ ସଚିବ ବିଭିନ୍ନ ପରାମର୍ଶ ଓ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଯୋଗାଣ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ ଯୋଗଦେଇ ସଂପ୍ରତି ପ୍ରତିକୂଳ ସ୍ଥିତି ସତ୍ତ୍ୱେ ରାଜ୍ୟରେ ପେଟ୍ରୋଲ, ଡିଜେଲ ଏବଂ ଏଲପିଜି ଯୋଗାଣ ସ୍ୱାଭାବିକ ରହିଥିବା ମୁଖ୍ୟ ସଚିବଙ୍କୁ ଅବଗତ କରାଇଛନ୍ତି।

ବୈଠକ ପରେ ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ, ବିଭିନ୍ନ ତୈଳ କମ୍ପାନୀମାନଙ୍କ ଠାରୁ ପ୍ରାପ୍ତ ଅନୁସାରେ ବର୍ତ୍ତମାନର ସ୍ଥିତି ଅନୁସାରେ ପେଟ୍ରୋଲ, ଡିଜେଲ ଏବଂ ରନ୍ଧନ ଗ୍ୟାସର ନିଅଣ୍ଟିଆ ନାହିଁ। ଅଯଥାରେ ଭିଡ ନକରି, ଅନାବଶ୍ୟକ ଭାବେ ଅଧିକ ମହଜୁଦ ନ ରଖିବାକୁ ସେ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି। ସାଧାରଣ ଭାବରେ ଯାଇ ପେଟ୍ରୋଲ, ଡିଜେଲ ଭରିବାକୁ ସେ କହିଛନ୍ତି। ତଦନୁସାରେ ଜିଲ୍ଲାପାଳମାନଙ୍କ ସହିତ ମଧ୍ୟ ଯୋଗାଯୋଗ କରାଯାଉଛି ଏବଂ ଯୋଗାଣ ବିଭାଗ ତରଫରୁ ଏହା ନିୟମିତ ନିରୀକ୍ଷଣ କରାଯାଉଛି। ତୈଳ ମାର୍କେଟିଂ କମ୍ପାନୀମାନଙ୍କୁ ମଧ୍ୟ ଭଲଭାବେ ତଦାରଖ କରିବାକୁ କୁହାଯାଇଛି। ଜିଲ୍ଲାପାଳମାନେ ତନଖି କରିବା ସହ କୌଣସି ଯାଗାରେ ତ୍ରୁଟି ପରିଲକ୍ଷିତ ହେଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ସମ୍ପ୍ରତି ପଶ୍ଚିମ ଏସିଆ ସଂକଟଜନକ ସ୍ଥିତିକୁ ଦୃଷ୍ଟିରେ ରଖି ପେଟ୍ରୋଲ, ଡିଜେଲ୍ ଆଦିର ମହଜୁଦ ପରିମାଣ, ପାଇପ୍ ଲାଇନ୍ ଏବଂ ତୈଳବିଶୋଧନାଗାର ଉପରେ ନିୟମିତ ନଜର ରଖାଯାଇ ପରିସ୍ଥିତିର ପରିଚାଳନା କରାଯାଉଥିବା ସମ୍ପର୍କରେ ସେ ସୂଚନା ଦେଇଥିଲେ।

ଏହି ବୈଠକରେ ବିଭିନ୍ନ ତୈଳ ମାର୍କେଟିଂ କମ୍ପାନୀର କର୍ତ୍ତୃପକ୍ଷମାନେ ଯୋଗ ଦେଇ ବର୍ତ୍ତମାନ ରାଜ୍ୟରେ ପେଟ୍ରୋଲ, ଡିଜେଲ ପରିମାଣ ମହଜୁଦ ସ୍ଥିତି ଦର୍ଶାଇଥିଲେ। ରାଜ୍ୟ କ୍ରାଇସିସ୍ ମ୍ୟାନେଜମେଣ୍ଟ ଗ୍ରୁପ୍‌ର ସଦସ୍ୟ ଥିବା ବିଭିନ୍ନ ବିଭାଗର ସଚିବ ଏବଂ ତୈଳ ମାର୍କେଟିଂ ଗ୍ରୁପ୍‌ର କର୍ତ୍ତୃପକ୍ଷ ତଥା ଅଧିକାରୀମାନେ ଉପସ୍ଥିତ ରହି ସେମାନଙ୍କ ତଥ୍ୟ ସରକାରଙ୍କ ନିକଟରେ ରଖିଛନ୍ତି।

### ଅଦିନିଆ ରଥଯାତ୍ରା

# ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରତିବାଦ

ପୁରୀ,୧୮।୫(ସମିସ): ଅଦିନିଆ ରଥଯାତ୍ରା ଉପରେ ରୋକ୍ ଲାଗିପାରୁ ନାହିଁ। ଏବେ ବି ଭାରତ ଭିତରେ ଅତିଥିରେ ରଥଯାତ୍ରା ଅନୁଷ୍ଠିତ ହେଉଛି। ଶ୍ରୀମନ୍ଦିର ପ୍ରଶାସନ ଏ ନେଇ ଯେତେ ଯାହା କଲେ ମଧ୍ୟ ଅନେକ ଅମାନିଆ ହେଉଛନ୍ତି। ନିକଟରେ ଉତ୍ତର ପ୍ରଦେଶରେ ଅତିଥିରେ ରଥଯାତ୍ରା ନେଇ କଡ଼ା ଆଭିମୁଖ୍ୟ ରଖିଛି ଶ୍ରୀମନ୍ଦିର ପ୍ରଶାସନ। ହାପୁର ଜିଲ୍ଲାର ଭଗବାନ ଶ୍ରୀଜଗନ୍ନାଥ ରଥଯାତ୍ରା ସେବା ସମିତି ପକ୍ଷରୁ ଗତ ୧୩ ତାରିଖରେ ନେତ୍ରୋତ୍ସବ ଓ ୧୪ ତାରିଖରେ ରଥଯାତ୍ରା ପାଳନ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିବାରୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହାର ଦୃଢ଼ ପ୍ରତିବାଦ କରାଯାଇଛି। ଏହି ପରିପ୍ରେକ୍ଷୀରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ହାପୁର ଜିଲ୍ଲାର ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କୁ ସୋମବାର ପତ୍ର ଲେଖିଛନ୍ତି। ସମ୍ପୃକ୍ତ ରଥଯାତ୍ରା ସେବା ସମିତିଙ୍କୁ ପାରମ୍ପରିକ ତିଥି ବ୍ୟତିରେକ ଅତିଥିରେ ଏହି ଉତ୍ସବ ପାଳନରୁ ନିବୃତ ରହିବାକୁ ଉଚିତ୍ ବ୍ୟବସ୍ଥା ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। ମୁଖ୍ୟ ପ୍ରଶାସକ ତାଙ୍କ ପତ୍ରରେ ହାପୁର ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ଦୃଷ୍ଟି ଆକର୍ଷଣ କରି କହିଛନ୍ତି ଯେ, ଅତିଥିରେ ପାଳନ କରାଯାଉଥିବା ରଥଯାତ୍ରାକୁ ବିରୋଧ କରି ଗଜପତି ମହାରାଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପରିଚାଳନା କମିଟି ସଂକଳ୍ପ ଗ୍ରହଣ କରିଛନ୍ତି। ଚଳିତ ବର୍ଷ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନେତ୍ରୋତ୍ସବ ଓ ରଥଯାତ୍ରା, ପାରମ୍ପରିକ ତଥା ଶାସ୍ତ୍ରାନୁମୋଦିତ ବିଧି ଅନୁସାରେ ଯଥାକ୍ରମେ ଜୁଲାଇ ୧୪ ଓ ୧୬ ତାରିଖରେ ଅନୁଷ୍ଠିତ ହେବ। ଏହିଦିନ ଭିନ୍ନ ଅନ୍ୟ କୌଣସି ଦିନ ନେତ୍ରୋତ୍ସବ ଓ ରଥଯାତ୍ରା ପାଳନ କଲେ ଦେଶ ବିଦେଶର ଅଗଣିତ ଭକ୍ତମାନଙ୍କର ଧାର୍ମିକ ଭାବନାରେ ଆଘାତ ସୃଷ୍ଟି କରିବ ବୋଲି ମୁଖ୍ୟ ପ୍ରଶାସକ ପତ୍ରରେ ଉଲ୍ଲେଖ କରିଛନ୍ତି।

### ଥାନାରେ ନାବାଳିକାକୁ ଆଇଆଇସିଙ୍କ ଧମକ ପରେ ଚେତାଶୂନ୍ୟ ଘଟଣା

# 'ବିଜେପିର ଏଜେଣ୍ଟ ସାଜିଛନ୍ତି ଥାନା ଅଧିକାରୀ'

- ବିଜେଡି ପକ୍ଷରୁ ମୋରଡ଼ା ଥାନା ଘେରାଉ
- ୪୮ ଘଣ୍ଟା ମଧ୍ୟରେ ବଦଳି ନ ହେଲେ ଜିଲ୍ଲା ସାରା ହେବ ଆନ୍ଦୋଳନ

ବାରିପଦା/ମୋରଡ଼ା,୧୮।୫(ସମିସ): ମାଆବାପାଙ୍କ ସହିତ ଅଭିଯୋଗପତ୍ର ନେଇ ଥାନାକୁ ଯାଇଥିବା ଜଣେ ନାବାଳିକା ଥାନା ଅଧିକାରୀଙ୍କ ଧମକପୂର୍ଣ୍ଣ ବ୍ୟବହାରରେ ଚେତାଶୂନ୍ୟ ହୋଇ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି ହେବା ଘଟଣାକୁ ନେଇ ସୋମବାର ବିଜୁ ଜନତା ଦଳ ମୋରଡା ଥାନା ଘେରାଉ କରିଛି। ଆଗାମୀ ୪୮ ଘଣ୍ଟା ଭିତରେ ଥାନା ଅଧିକାରୀଙ୍କୁ ବଦଳି କରା ନ ଗଲେ ସମଗ୍ର ମୟୂରଭଞ୍ଜ ଜିଲ୍ଲା ସାରା ଆନ୍ଦୋଳନ ହେବ ବୋଲି ବିଜେଡି ଚେତାବନୀ ଦେଇଛି।

ପୂର୍ବତନ ବିଧାୟକ ରାଜକିଶୋର ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟିକା ପ୍ରାର୍ଥନୀ ପ୍ରୀତିନନ୍ଦା କାନୁନଗୋ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଭାରତୀ ହାଁସଦା, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ସାନନ୍ଦ ମାର୍ଣ୍ଡି, ଦେବାଶିଷ ମହାନ୍ତି, ଜିଲ୍ଲା ବିଜେଡି ମହିଳା ସଭାପତି ଦୀପ୍ତିଲତା ମିଶ୍ର, ଦେବାଶିଷ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ମୋରଡା ବ୍ଲକ ଅଧ୍ୟକ୍ଷ ପିଥନାଥ ସୋରେନଙ୍କ ସହ ଅନ୍ୟ ନେତୃବୃନ୍ଦ




ଓ ଶତାଧିକ କର୍ମୀ ଏକତ୍ରିତ ହୋଇ ଥାନା ଘେରଉ କରି ଥାନା ଅଧିକାରୀଙ୍କ ବିରୁଦ୍ଧରେ ବିଭିନ୍ନ ନାରା ଦେଇଥିଲେ। ତେବେ ମୋରଡା ଥାନା ଅଧିକାରୀ ସୁମିତ କୁମାର ସୋରେନଙ୍କ ବିରୁଦ୍ଧରେ ବିଭିନ୍ନ ଅଭିଯୋଗ ଆସୁଛି। ନାବାଳିକାଙ୍କ ପରିବାର ଉପରେ ବିଭିନ୍ନ ମହଲରୁ ଚାପ ପଡୁଛି, ଯାହା ନିନ୍ଦନୀୟ। ଥାନା ଅଧିକାରୀ ଗଣମାଧ୍ୟମ ପ୍ରତିନିଧିଙ୍କ କଣ୍ଠରୋଧ କରିବାକୁ ଚେଷ୍ଟା କରୁଛନ୍ତି ବୋଲି କହିଛି ବିଜେଡି। ସେହିପରି ସମ୍ପୃକ୍ତ ଥାନା ଅଧିକାରୀ ବିଜେପିର ଏଜେଣ୍ଟ ସାଜି ବଟି ଆଦାୟ କରି ମୋରଡା ବିଧାୟକ ତଥା ମନ୍ତ୍ରୀଙ୍କୁ ସନ୍ତୁଷ୍ଟ କରୁଛନ୍ତି। ବର୍ତ୍ତମାନର ସରକାର ମହିଳାଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛି ବୋଲି କହିଛନ୍ତି ବିଜେଡିର ପୂର୍ବତନ ବିଧାୟକ ପ୍ରାର୍ଥନୀ ପ୍ରୀତିନନ୍ଦା କାନୁନଗୋ। ଅପରପକ୍ଷରେ ଘଟଣାରେ ଅଟକ ଅଭିଯୁକ୍ତ ଶ୍ରବଣ ମାଝିଙ୍କୁ ଡାକ୍ତରୀ ପରୀକ୍ଷା ପରେ ସୋମବାର କୋର୍ଟ ଚାଲାଣ କରାଯାଇଛି। ସେହିପରି ପୀଡିତା ନାବାଳିକା ଛାତ୍ରୀଙ୍କ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ବୟାନ ରେକର୍ଡ କରାଯାଇଥିବା ଜଣାପଡ଼ିଛି।

# ଟିଜିଟି ଶିକ୍ଷକଙ୍କ ବଦଳି ନୀତି ପରିବର୍ତ୍ତନ ଦାବି

### ଦ୍ୱିତୀୟ ଥର ବଦଳି ସୁଯୋଗ ପାଇଁ ଜନଶୁଣାଣିରେ ଅଭିଯୋଗ

ଭୁବନେଶ୍ୱର, ୧୮।୫(ସମିସ): ମାଧ୍ୟମିକ ଟିଜିଟି ଶିକ୍ଷକଙ୍କ ମଧ୍ୟରେ ସହମତି ଭିତ୍ତିକ ଆନ୍ତଃଜିଲ୍ଲା ବଦଳି ପାଇଁ ଦାବି ଜୋର ଧରିଛି। ପୂର୍ବରୁ ଏକାଧିକ ଥର ସମାନ ଦାବି କରାଯାଇଥିବାବେଳେ ଆଜି ଗଣଶିକ୍ଷା ବିଭାଗ ପକ୍ଷରୁ ଅନୁଷ୍ଠିତ ଜନଶୁଣାଣି କାର୍ଯ୍ୟକ୍ରମରେ ମଧ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ସମାନ ଦାବି ଦୋହରାଇଛନ୍ତି। ସେମାନଙ୍କ କହିବା କଥା, ଅନ୍ୟ ରାଜ୍ୟ କ୍ୟାଡର କର୍ମଚାରୀମାନେ ଏକାଧିକ ଥର ଆନ୍ତଃଜିଲ୍ଲା ବଦଳି ସୁବିଧା ପାଉଛନ୍ତି। ମାତ୍ର ଟିଜିଟି ଶିକ୍ଷକଙ୍କ ପାଇଁ ଏହା କାର୍ଯ୍ୟକାରୀ କରାଯାଉ ନାହିଁ। ସମଗ୍ର ଚାକିରି କାଳରେ ମାତ୍ର ଥରେ ସହମତି ଭିତ୍ତିରେ ବଦଳି ପାଇଁ ସୁଯୋଗ ଦିଆଯାଉଛି। ଏହା ଫଳରେ ବହୁ ଶିକ୍ଷକ ଶିକ୍ଷୟତ୍ରୀ ମାନସିକ ଚାପରେ ରହିବା ସହ ନିଜ ପରିବାର ଓ ଅସୁସ୍ଥ ପିତାମାତାଙ୍କ ଯତ୍ନ ନେଇପାରୁ ନାହାନ୍ତି। ସହମତି ଭିତ୍ତିରେ ବଦଳି ହେଲେ ସ୍କୁଲ କିମ୍ବା ଜିଲ୍ଲା ସ୍ତରରେ କୌଣସି ପଦବୀ କମିଯିବ ନାହିଁ ବା ଅତିରିକ୍ତ ପଦବୀ ସୃଷ୍ଟି ମଧ୍ୟ ହେବ ନାହିଁ। ତାହେଲେ ସେମାନଙ୍କୁ କାହିଁକି ଅନ୍ୟ କର୍ମଚାରୀଙ୍କୁ ଏକାଧିକ ଥର ବଦଳି ସୁଯୋଗ ଦିଆଯିବ ନାହିଁ ବୋଲି ପ୍ରଶ୍ନ କରିଛନ୍ତି। ଚଳିତ ଶିକ୍ଷାବର୍ଷରୁ ବଦଳି ମାର୍ଗଦର୍ଶିକାରେ ପରିବର୍ତ୍ତନ କରି ଟିଜିଟି ଶିକ୍ଷକଙ୍କୁ ଦ୍ୱିତୀୟ ଥର ଆନ୍ତଃଜିଲ୍ଲା ବଦଳି ପାଇଁ ବ୍ୟବସ୍ଥା କରିବାକୁ ସେମାନେ ଦାବି କରିଛନ୍ତି।

### ଦଶରଥପୁରରେ ବିଜେଡିର ନାରୀ ଅଧିକାର ଅଭିଯାନ

# ମହିଳାମାନେ ନିଜ ସୁରକ୍ଷା ପାଇଁ ତ୍ରାହି ତ୍ରାହି ଡାକିଲେଣି

ଦଶରଥପୁର,୧୮।୫(ସମିସ): ରାଜ୍ୟରେ ଏବେ ମହିଳାମାନେ ନିଜ ସୁରକ୍ଷା ପାଇଁ ତ୍ରାହି ତ୍ରାହି ଡାକିଲେଣି। ଘରେ ଘରେ ମହିଳା ନିଜକୁ ଅସୁରକ୍ଷିତ ମଣିଲେଣି। ପ୍ରତିଦିନ ନାରୀ ହିଂସା, ହତ୍ୟାକାଣ୍ଡ, ଧର୍ଷଣ ଘଟିବାରେ ଲାଗିଛି। ଅପରାଧୀ ସୁରକ୍ଷିତ, ପୀଡ଼ିତ ନିଜକୁ ଅସୁରକ୍ଷିତ ମଣୁଛି। ଏଭଳି ପରିସ୍ଥିତିରେ ଡବଲ ଇଞ୍ଜିନ ସରକାର ମହିଳାଙ୍କ ନାଁରେ ଶସ୍ତା ରାଜନୀତି କରୁଥିବା ଅଭିଯୋଗ କରିଛି ବିଜୁ ଜନତା ଦଳ।




ଯାଜପୁର ଜିଲ୍ଲା ଦଶରଥପୁରଠାରେ ଆୟୋଜିତ ମହିଳା ଅଧିକାର ଅଭିଯାନରେ ଯୋଗ ଦେଇ ବିଜେଡି ନେତାମାନେ ଡବଲ ଇଞ୍ଜିନ ସରକାରଙ୍କୁ ସମାଲୋଚନା କରିଥିଲେ। ଜିଲ୍ଲା ସଭାପତି ସରୋଜ ମହାପାତ୍ରଙ୍କ ନେତୃତ୍ୱରେ ଦଶରଥପୁର ମହିଳା ସଭାନେତ୍ରୀ ରଞ୍ଜିତା ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ରାଜ୍ୟ ବିଜେଡି ଉପସଭାପତି ପ୍ରଣବ ପ୍ରକାଶ ଦାସ, ବିରୋଧୀ ଦଳ ମୁଖ୍ୟ ସଚେତିକା ପ୍ରମିଳା ମଲ୍ଲିକ, ରାଜ୍ୟ ମହିଳା ଉପସଭାପତି ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ, ଯାଜପୁର ବିଧାୟିକା ସୁଜାତା ସାହୁ ପ୍ରମୁଖ ଯୋଗ ଦେଇ ପୂର୍ବରୁ ସଂସଦରେ ୩୩ ପ୍ରତିଶତ ମହିଳା ଆରକ୍ଷଣ ବିଲ୍ ପାସ ହୋଇଥିବା ବେଳେ କେନ୍ଦ୍ର ସରକାର ତାକୁ ଲାଗୁ ନ କରି ପୁଣି ଥରେ ବିଲ୍ ଆଣି ଭେଳିକି କରୁଥିବା ଅଭିଯୋଗ କରିଥିଲେ। ନାରୀ ମାନଙ୍କୁ ଆଗକୁ ଆସିବା ପାଇଁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଓ ତାଙ୍କ ସୁପୁତ୍ର ନବୀନ ପଟ୍ଟନାୟକଙ୍କ ଉଦ୍ୟମ ସର୍ବାଗ୍ରେ ରହିବ। ଏହି ବାର୍ତ୍ତା ପ୍ରତି ଘରେ ଘରେ ପହଞ୍ଚାଇବା ପାଇଁ ବିଜେଡି ପକ୍ଷରୁ ଏଭଳି ନାରୀ ଅଧିକାର ଯାତ୍ରା କରାଯାଉଛି ଏବଂ ଡବଲ ଇଞ୍ଜିନ ସରକାରଙ୍କ ଡବଲ ଧୋକ୍କା ବିଷୟରେ ଘରେ ଘରେ ବାର୍ତ୍ତା ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖାଯାଇଛି।

ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଦଶରଥପୁର ବ୍ଲକରେ ନାରୀ ଅଧିକାର ଅଭିଯାନ ନେଇ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଯାଜପୁର ଓ ବିଞ୍ଝାରପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ୩୫ ପଞ୍ଚାୟତରୁ ଆସିଥିବା ଦଳର ହାଜର ହଜାର ସଂଖ୍ୟାରେ ସଂଖ୍ୟାରେ ମହିଳା ସମର୍ଥକ କୁଆଖିଆ-କୟାଁଗୋଲା ୨୦ନଂ ଜାତୀୟ ରାଜପଥ ଅନ୍ତର୍ଗତ ଦଶରଥପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖ ପଡିଆରେ ପହଞ୍ଚିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ଦିଗମ୍ବର ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ମନସ୍ୱିନୀ ଦାସ, ନିନାରାଣୀ ସାମଲ, ବ୍ଲକ ମହିଳା ବିଜେଡି ସଭାନେତ୍ରୀ ରଞ୍ଜିତା ରାଉତ, ବ୍ଲକ ସଭାପତି ଅଜୟ ମହାନ୍ତି ପ୍ରମୁଖ ଯୋଗ ଦେଇ କେନ୍ଦ୍ର ଓ ରାଜ୍ୟ ସରକାର ମହିଳାଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ଦେବାରେ ବିଫଳ ହେବା ସହିତ ନାରୀ ନିର୍ଯାତନା ନିୟନ୍ତ୍ରଣରେ ସରକାରଙ୍କ ଅସମର୍ଥତା ଓ ସୁଭଦ୍ରା ସହାୟତା ନାଁରେ ମହିଳାଙ୍କୁ ଭଣ୍ଡେଇବା ନେଇ ସରକାରଙ୍କୁ ସମାଲୋଚନା କରିଥିଲେ। ସମାବେଶରେ ମହିଳା ସରପଞ୍ଚ ପଦ୍ମାବତୀ ବିଶ୍ୱାଳ, ବିଜୟଲକ୍ଷ୍ମୀ ଶତପଥୀ, ସସ୍ମିତା ଧଳ, ରଶ୍ମିତା ଦାସ, ରଞ୍ଜିତା ଦାସ, କାଞ୍ଚନବାଳା ପରିଡ଼ା, ରାଜଶ୍ରୀ ସାମଲ, ରଞ୍ଜିତା ଯେନା, ସମିତିସଭ୍ୟା ଗାୟତ୍ରୀ ରାଉତଙ୍କ ସମେତ ସରପଞ୍ଚ ହିମାଂଶୁ ନାୟକ, କୁଞ୍ଜବିହାରୀ ଦାସ, ନିରାକାର ସାହୁ, ପ୍ରଦୀପ ଯେନା, ସେକ ନାଦର, ସମିତିସଭ୍ୟ ପ୍ରଶାନ୍ତ ମଲ୍ଲିକ, ସନ୍ତୋଷ ରାୟ, ବିଶ୍ୱଜିତ ରାୟ, ଛାମୁଆ ନେତା ମନୋଜ ରାଉତ, ଜ୍ୟୋତିରଞ୍ଜନ ପରିଡ଼ା, ଅମୀୟ ଜେନା, ମହେଶ୍ୱର ସାହୁ, ଚନ୍ଦ୍ରକାନ୍ତ ମହାପାତ୍ର, ଲକ୍ଷ୍ମୀନାରାୟଣ ସୁନ୍ଦରାୟ, ପୀତାମ୍ବର ଦାସ, ଅଶୋକ ନାୟକ, ଓଡ଼ିଶାରେ ନାରୀ ନିର୍ଯାତନା ବୃଦ୍ଧିରେ ବ୍ରେକ ଦେବାରେ ସରକାରଙ୍କ ବିଫଳତା ଉପରେ ବର୍ଷିଥିଲେ। ପରେ ସଭା ସ୍ଥଳରୁ ଏକ ଶୋଭାଯାତ୍ରାରେ ବିଧାୟିକା ପ୍ରମିଳା ମଲ୍ଲିକ, ସୁଜାତା ସାହୁ ଓ ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀଙ୍କ ନେତୃତ୍ୱରେ ବିଜେଡିର ଏକ ମହିଳା ପ୍ରତିନିଧି ମଣ୍ଡଳୀ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ନାରୀ ଅଧିକାର ସମ୍ପର୍କିତ ଏକ ଦାବିପତ୍ର ଦଶରଥପୁର ବ୍ଲକର ଏବିଡିଓ ତ୍ରିଲୋଚନ ସେଠୀଙ୍କ ମାଧ୍ୟମରେ ପ୍ରଦାନ କରିଥିଲେ।



## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ପରିବାର ସଦସ୍ୟଙ୍କ ସହଯୋଗ ମିଳିବ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ସୃଜାନାତ୍ମକ କ୍ଷେତ୍ରରେ ସଫଳତା ହାସଲ କରିବେ। ପ୍ରେମ ଜୀବନ ସୁଖମୟ ହେବ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଉଧାର ଧନ ଫେରିପାଇବେ। ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯିବେ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରିବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ।

## ଆଜିର ଇତିହାସ

- ୧୯୦୪- ଟାଟା ଗ୍ରୁପ୍‌ର ସଂସ୍ଥାପକ ଜାମସେଦଜୀ ଟାଟାଙ୍କ ନିଧନ।
- ୧୯୧୩- ପୂର୍ବତନ ରାଷ୍ଟ୍ରପତି ନୀଲମ୍ ସଞ୍ଜୀବ ରେଡ୍ଡୀଙ୍କ ଜନ୍ମ।
- ୧୯୭୧- ରୁଷ୍ ମାର୍ସ-୨ ପ୍ରୋଗ୍ରାମ୍ ଲଞ୍ଚ୍ କଲା।
- ୧୯୮୦- ଆମେରିକାରେ ହେଲେନା ଜ୍ୱାଳାମୁଖୀରେ ବିସ୍ଫୋରଣ ହେବାରୁ ନଅ ଜଣଙ୍କର ମୃତ୍ୟୁ।
- ୨୦୦୧- ଆପଲ୍ ଇଙ୍କ୍ ତା'ର ପ୍ରଥମ ଦୁଇଟି ରିଟେଲ୍ ଷ୍ଟୋର୍ ଖୋଲିଲା।

# 'କିଙ୍ଗ' ଅଭିଷେକଙ୍କ ଲୁକ୍ ଲିକ୍





ବଲିଉଡ୍ ଅଭିନେତା ଅଭିଷେକ ବଚ୍ଚନ ଏବେ ସିଦ୍ଧାର୍ଥ ଆନନ୍ଦଙ୍କ ନିର୍ଦ୍ଦେଶିତ ଫିଲ୍ମ 'କିଙ୍ଗ୍'ର ସୁଟିଂରେ ବ୍ୟସ୍ତ ଅଛନ୍ତି। ଏଥିରେ ଶାହାରୁଖ୍ ଖାନ୍ ହିରୋ ଭାବେ ଦେଖାଯିବେ। ଅଭିଷେକ ଏଥିରେ ଖଳନାୟକ ଭାବେ ଦେଖାଯିବେ। ଶାହାରୁଖ୍ ଓ ଅଭଷେକଙ୍କ ବାଦ୍ ଏଥିରେ ସୁହାନା ଖାନ୍, ଦୀପିକା ପାଦୁ୍ୟକୋନ୍, ଜୟଦୀପ ଅହଲାୱତ, ଅନୀଲ କପୁର ମଧ୍ୟ ଅଭିନୟ କରୁଛନ୍ତି। କିଛି ଦିନ ପୂର୍ବରୁ ସୁଟିଂ ସେଟ୍‌ରୁ ଶାହାରୁଖ୍ ଓ ଦୀପିକା କୌଣସି ଗୀତର ସୁଟ୍ କରୁଥିବାର ଫଟୋ ଓ ଭିଡିଓ ଭାଇରାଲ ହୋଇଥିଲା। ଏବେ ସୁଟିଂ ସେଟ୍‌ରୁ ଅଭିଷେକଙ୍କ କିଛି ଫଟୋ ଭାଇରାଲ ହେଉଛି, ଯେଉଁଥିରେ ସେ ବେଶ୍ ଦମ୍‌ଦାର ଅବତାରରେ ନଜର ଆସିଛନ୍ତି। ଗୋଟିଏ ଫଟୋରେ ଅଭିଷେକ ପାହାଡ଼ ନିକଟରେ ଥିବା ଏକ ଗାଡ଼ି ଉପରେ ଠିଆ ହୋଇଥିବାର ଦେଖାଯାଇଛନ୍ତି। ସେ କଳାରଙ୍ଗର ଏକ ପୋଷାକ ଉପରେ ଧୂସର ରଙ୍ଗର ଏକ ଓଭର୍‌କୋଟ୍ ପିନ୍ଧିଛନ୍ତି। ଏହାବାଦ୍ ସେ ହାତରେ ଏକ ବନ୍ଧୁକ ମଧ୍ୟ ଧରିଛନ୍ତି। ଅନ୍ୟ ଫଟୋରେ ଏକ ଦୁର୍ଘଟଣାଗ୍ରସ୍ତ କାର୍‌କୁ ଦେଖାଯାଇଛି। ଏଥିରୁ ଅଭିଷେକ ଏକ ଆକ୍ସନ୍ ସିନ୍‌ର ସୁଟ୍ କରୁଛନ୍ତି ବୋଲି ଦର୍ଶକେ ଅନୁମାନ କରିଛନ୍ତି। 'କିଙ୍ଗ୍' ଡିସେମ୍ବର ୨୪ରେ ପରଦାକୁ ଆସିବ।


# କୃଷକଙ୍କ ପାଇଁ ବରଦାନ 'ସବ୍‌ଜିକୋଠି'

ଚାଷୀମାନେ ବହୁ ସମୟରେ ଅଭାବୀ ବିକ୍ରିର ସମ୍ମୁଖୀନ ହୋଇ ରାସ୍ତାରେ ପନିପରିବା ପିଙ୍ଗି ଦେଉଥିବା ଦୃଶ୍ୟ ଦେଖିବାକୁ ମିଳେ। ଚାଷୀଙ୍କର ଏଭଳି ସମସ୍ୟାକୁ ହୃଦୟଙ୍ଗମ କରି ବିହାର ଭାଗଲପୁରର ଆଇଆଇଟି ଗ୍ରାଜୁଏଟ୍ ନିକ୍କି କୁମାର ଏବଂ ତାଙ୍କ ଭଉଣୀ ରଶ୍ମି ଝା ଏକ ଉଚ୍ଚ କ୍ଷମତାସମ୍ପନ୍ନ ସ୍ୱତନ୍ତ୍ର ପୋର୍ଟେବଲ୍ କୋଲ୍ଡଷ୍ଟୋରେଜ୍ ବା ଶୀତଳଭଣ୍ଡାର ନିର୍ମାଣ କରିଛନ୍ତି। ସେମାନଙ୍କ ଦ୍ୱାରା ନିର୍ମିତ ଏହି ଶୀତଳ ଭଣ୍ଡାରରେ ପରିବା ଓ ଫଳ ବହୁଦିନ ତଟକା ରହିପାରୁଛି। ଏଥିରେ ଚାଷୀମାନେ ସେମାନଙ୍କ ବଳକା ଉତ୍ପାଦ ରଖିପାରିବେ। ଏହାର ନାମ ସେମାନେ 'ସବ୍‌ଜିକୋଠି' ରଖିଛନ୍ତି। ଏହା ସାଧାରଣ ରେଫ୍ରିଜରେଟରଠାରୁ ୧୦ଗୁଣ ଅଧିକ କ୍ଷମତାଶାଳୀ ଓ ଏହାର ଅଧା ଖର୍ଚ୍ଚରେ ତିଆରି କରାଯାଇଛି। ଏଥିରେ ୩ରୁ ୩୦ ଦିନ ଯାଏ ଫଳ ଓ ପରିବା ସତେଜ ରହିପାରୁଛି। ସବ୍‌ଜିକୋଠି ପାଇଁ ଦିନକୁ ମାତ୍ର ୧ ଲିଟର ପାଣି ଓ ୨୦ ୱାଟ୍ ବିଦ୍ୟୁତ୍ ଦରକାର ହେଉଛି। ଏଥିରେ ୨୦୦ କିଲୋରୁ ୧୦୦୦ କିଲୋ ପର୍ଯ୍ୟନ୍ତ ପନିପରିବା ରଖାଯାଇପାରିବ। ଉଲ୍ଲେଖନୀୟ କଥାଟି ହେଲା, ଏହାକୁ ସହଜରେ ଗୋଟିଏ ସ୍ଥାନରୁ ଆଉ ଏକ ସ୍ଥାନକୁ ମଧ୍ୟ ନିଆଯାଇପାରୁଛି। ଏହା ଭିତରର ତାପମାତ୍ରାକୁ ନିୟନ୍ତ୍ରଣ କରିବା ସହ ପନିପରିବାରୁ ବାହାରୁଥିବା ଇଥିଲିନ୍ ଗ୍ୟାସ୍‌କୁ ନଷ୍ଟ କରିଦିଏ, ଯାହାଫଳରେ ପନିପରିବା ଶୀଘ୍ର ପଚି ସଡ଼ି ନଷ୍ଟ ହୁଏ ନାହିଁ। ପ୍ରତିବର୍ଷ ଭାରତରେ ଉପଯୁକ୍ତ ସଂରକ୍ଷଣ ଅଭାବରୁ ଫଳ ଏବଂ ପନିପରିବା ଖରାପ ହୋଇଯାଏ। ଏହାଦ୍ୱାରା ଚାଷୀଙ୍କୁ ବହୁତ କ୍ଷତି ସହିବାକୁ ପଡ଼ିଥାଏ। ସବ୍‌ଜିକୋଠି ଏହି ସମସ୍ୟାକୁ ଅନେକ ମାତ୍ରାରେ ହ୍ରାସ କରିପାରିବ। ଏହି ଛୋଟ ୟୁନିଟ୍‌କୁ ଗାଡ଼ି କିମ୍ବା ଠେଲାଗାଡ଼ିରେ ରଖି ସହଜରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସହଜରେ ନିଆଯାଇପାରିବ ସେହିପରି ଚାଷୀ ଏହାକୁ ନିଜ ହିସାବରେ ସେଟ୍ କରିପାରିବେ। ଅନ୍ୟପଟେ ଗ୍ରାମାଞ୍ଚଳରେ ଯେଉଁଠି ବଡ଼ ଶୀତଳ ଭଣ୍ଡାରର ସୁବିଧା ନ ଥାଏ, ସେଠାରେ ଏହି ଟେକ୍ନିକ୍ ଚାଷୀଙ୍କ ପାଇଁ ଖୁବ୍ ଉପଯୋଗୀ ହୋଇପାରିବ। ଏହା ସୌର ଶକ୍ତି ଏବଂ ବ୍ୟାଟେରୀ ଦ୍ୱାରା ଚାଲିପାରିବ, ଯାହା ବିଦ୍ୟୁତ୍ ସମସ୍ୟା ଥିବା ଗ୍ରାମାଞ୍ଚଳ ପାଇଁ ବରଦାନ ସଦୃଶ।



# ଅଫିସ୍‌ରେ ମସାଜ୍ ଚେୟାର୍, ସ୍ନାକ୍ସ ସୁବିଧା

ସ୍ୱିଡେନର ଏକ କର୍ପୋରେଟ୍ ଅଫିସ୍‌ର ଭିଡିଓ ବର୍ତ୍ତମାନ ଚର୍ଚ୍ଚା ସାଉଁଟୁଛି। ଏହି ଭିଡିଓଟିକୁ ସଙ୍କେତ ବନିକ୍ ତାଙ୍କ ଇନ୍‌ଷ୍ଟାଗ୍ରାମ୍ ପେଜ୍‌ରେ ସେୟାର୍ କରିଛନ୍ତି। ଭିଡିଓରେ ଜଣେ ଭାରତୀୟ ବ୍ୟକ୍ତି ଏକଥା ଦେଖାଇବାକୁ ଚାହିଁଛନ୍ତି ଯେ, ୟୁରୋପରେ କିଭଳି କାମ ସହିତ ୱାର୍କ ଲାଇଫ୍ ବାଲାନ୍ସକୁ ପ୍ରାଧାନ୍ୟ ଦିଆଯାଏ। ଏହି ଭିଡିଓକୁ ଦେଖି ଲୋକେ ଅଫିସ୍‌ର ଖୁବ୍ ପ୍ରଶଂସା କରିଛନ୍ତି। ଏହି ଅଫିସ୍‌ରେ ଆଧୁନିକ ଡିଜାଇନ୍ ଦେଖିବାକୁ ମିଳିଛି। ଅଫିସ୍‌ରେ ବିନ୍ ବ୍ୟାଗ୍, ଆରାମ ଚେୟାର୍ ଏବଂ ଖୋଲା ସ୍ଥାନ ଅଛି। କର୍ମଚାରୀଙ୍କ କାର୍ଯ୍ୟଧାରା କେବଳ ଡେସ୍କ ପର୍ଯ୍ୟନ୍ତ ସୀମିତ ନାହିଁ। ସେମାନେ ଅଫିସ୍ ଶିଡ଼ି ତଥା ନିଜ ପସନ୍ଦର ଯେକୌଣସି ସ୍ଥାନ ବାଛି ସେଠାରେ କାମ କରିପାରିବେ। କେବଳ ସେତିକି ନୁହେଁ, ଯଦି କୌଣସି କର୍ମଚାରୀ ବାହାରର ପ୍ରାକୃତିକ ପରିବେଶରେ କାମ କରିବାକୁ ଚାହାନ୍ତି, ସେ ସୁବିଧା ମଧ୍ୟ ଅଛି। କର୍ମଚାରୀମାନଙ୍କୁ କର୍ମଚାପରୁ ମୁକ୍ତି ଦେବା ପାଇଁ ଅଫିସ୍‌ଗୁଡ଼ିକ ଏଭଳି ବ୍ୟବସ୍ଥା କରିଛନ୍ତି। କର୍ମଚାରୀଙ୍କ ମନକୁ ଖୁସି ରଖବା ପାଇଁ ଏଠାରେ ଅନେକ ରୋଚକୀୟ ସୁବିଧା ବି ପ୍ରଦାନ କରାଯାଇଛି। ଜଣେ ଚାହିଁଲେ ମନଇଚ୍ଛା କ୍ୟାଣ୍ଡି ଖାଇପାରିବେ, ସଂଧ୍ୟାବେଳେ ଅଫିସ୍ ତରଫରୁ ଜଳଖିଆ ମଧ୍ୟ ପରଷା ଯାଏ। ସେହିପରି ଅଫିସ୍ ବ୍ରେକ୍‌ରେ କର୍ମଚାରୀ ମସାଜ ଚେୟାର୍ ବ୍ୟବହାର କରିପାରିବେ। ନଚେତ ଗେମ୍ ଖେଳି ଚାପମୁକ୍ତ ହୋଇପାରିବେ। ଏଭଳି ଅଫିସ୍ ପରିବେଶ ଦ୍ୱାରା କାମ ବୋଝ ଭଳି ଲାଗେ ନାହିଁ ବରଂ ମଜାଦାର ଅନୁଭୂତି ପ୍ରଦାନ କରେ। ସଙ୍କେତଙ୍କ କହିବାନୁସାରେ, ୟୁରୋପରେ ଅଫିସ୍ କେବଳ କାମ କରିବାର ସ୍ଥାନ ନୁହେଁ, ବରଂ ଏଠାରେ କର୍ମଚାରୀଙ୍କ ଆରାମ ଓ ଖୁସିକୁ ସମାନ ଭାବେ ଗୁରୁତ୍ୱ ଦିଆଯାଏ। ଏହି କାରଣ ଯୋଗୁଁ ଏଠାରେ ୱାର୍କ ଲାଇଫ୍ ବାଲାନ୍ସ ଖୁବ୍ ଉନ୍ନତମାନର ହୋଇଥାଏ। ଏହାସହ ଏହି ମଡେଲ ବିଶ୍ୱର ଅନ୍ୟ ଦେଶ ଲାଗି ଉଦାହରଣ ହୋଇପାରେ। ତେବେ କର୍ମଚାରୀଙ୍କୁ ଉତ୍ତମ ପରିବେଶ ପ୍ରଦାନ କରିବା ଦ୍ୱାରା ସେମାନଙ୍କ କାମ କରିବା ଇଚ୍ଛା ଆପେ ଆପେ ବଢ଼ିଥାଏ। କହିବାକୁ ଗଲେ ଏହି ଅଫିସ୍ ଏକଥାକୁ ପ୍ରମାଣିତ କରୁଛି ଯେ, କାମ କରିବାର ଉପାୟ ବଦଳାଇଲେ ପୂରା କାର୍ଯ୍ୟ ସଂସ୍କୃତି ବଦଳି ଯାଏ। ସେହିପରି ପ୍ରତ୍ୟେକ ସ୍ଥାନରେ ଏଭଳି ଅଫିସ୍ ପରିବେଶ ରହିଲେ, ଏହା ବାଧ୍ୟବାଧକତାର ସ୍ଥାନ ନୁହେଁ, ସୁଖଦ ଅନୁଭବ ପ୍ରଦାନ କରିବ।



# ହୋଟେଲ ମ୍ୟାନେଜମେଣ୍ଟରୁ ସଫଳଚାଷୀ



**ଅଧୁନା ଅଧିକାଂଶ ଯୁବପିଢ଼ି ପଢ଼ା ସାରି ବାହାରକୁ ଚାକିରି ଅନ୍ୱେଷଣରେ ବାହାରି ଯାଉଛନ୍ତି। ହେଲେ ଉତ୍ତରପ୍ରଦେଶ, ସନ୍ଥ କବୀରନଗର ଜିଲ୍ଲା, ନାଥନଗର ବ୍ଲକ୍ ଅନ୍ତର୍ଗତ ତରୟାପାର୍ ଗାଁ'ର ୨୪ ବର୍ଷୀୟ ଯଶବର୍ଦ୍ଧନ ଚାକିରି ଛାଡ଼ି ମକା ଚାଷକୁ ଆଦରି ନେଇଛନ୍ତି। ଏହାଦ୍ୱାରା ସେ ନିଜେ ରୋଜଗାରକ୍ଷମ ହେବା ସହ ଅନ୍ୟମାନଙ୍କୁ ସ୍ୱାବଲମ୍ବୀ କରୁଛନ୍ତି।**

ଯଶ ହୋଟେଲ ମ୍ୟାନେଜମେଣ୍ଟ କରି ଲକ୍ଷ୍ନୌରେ ଚାକିରି କରୁଥିଲେ। ହେଲେ ଏହି ଚାକିରି ତାଙ୍କୁ ବେଶୀ ଦିନ ବାନ୍ଧି ରଖି ପାରି ନଥିଲା। ତାଙ୍କ ପିତା କୃଷି ବିଭାଗରେ କାର୍ଯ୍ୟ କରୁଥିଲେ। ପିତାଙ୍କଠାରୁ କୃଷି ସମ୍ପର୍କିତ ଜ୍ଞାନ ହାସଲ କରିଥିବାରୁ ସେ ଚାକିରି ଛାଡ଼ି ମକା ଚାଷ କରିଥିଲେ। ମକା ବର୍ଷସାରା ଚାଷ କରିହୁଏ ତେଣୁ ଏହି ଚାଷ ସହିତ ସେ ସମନ୍ୱିତ କୃଷି, ଯେପରିକ ଜୁନ୍‌ରେ ଧାନ ଏବଂ ଆଳୁ ଚାଷ କରନ୍ତି। ଦୁଇ ବର୍ଷ ପୂର୍ବରୁ ଯଶ୍ 'ନାଥନଗର ଆଗ୍ରୋଟେକ୍ କୃଷକ ଉତ୍ପାଦକ ସଂଗଠନ' ଗଠନ କରିଥିଲେ। ଏଥିପାଇଁ କୃଷି ବିଭାଗରୁ ସହଯୋଗ ମିଳିଥିଲା। ତାଙ୍କ ଏଫ୍‌ପିଓ ସହିତ ଜଡ଼ିତ ଚାଷୀ ୫-୫୦ ଏକର ଜମିରେ ମକା ଚାଷ କରୁଛନ୍ତି। ଜୈବିକ ପ୍ରଣାଳୀ ଚାଷକୁ ଗୁରୁତ୍ୱ ଦେଇ ସେ ଚାଷ ଜମିରେ ଜିଆଖତ ବ୍ୟବହାର କରନ୍ତି। ମକାଚାଷରୁ ବାର୍ଷିକ ୩୨ ଲକ୍ଷ ଟଙ୍କା, ଧାନ ଏବଂ ଆଳୁ ଚାଷରୁ ୨୦ ଲକ୍ଷ ଆୟ ହେଉଛି। ଏହି ଚାଷ ଦ୍ୱାରା ଯଶ୍‌ଙ୍କ ସମତେ ବହୁତ ଚାଷୀ ଲାଭାନ୍ୱିତ ହୋଇପାରୁଛନ୍ତି।




## କଦଳୀ ଚୋପା ଖତ ...

ଅଧିକାଂଶ ଲୋକ କଦଳୀ ଚୋପା ଖତ ପରି କାମ କରିବ ଚିନ୍ତା କରି ଏହାକୁ କୁଣ୍ଡରେ ପୋତିଥାନ୍ତି। ଏହା ଫସଲରେ କବକ ତଥା ପିମ୍ପୁଡ଼ି ଲାଗିବା ଆଶଙ୍କାକୁ ବଢ଼ାଏ। ତେଣୁ ଚୋପାକୁ ମାଟିରେ ନ ଫିଙ୍ଗି ଏହାକୁ ଛୋଟ ଖଣ୍ଡ କାଟି ଏକ ଜାର୍ ବା ପାଣି ବାଲ୍‌ଟିରେ ଭିଜାଇ ୨ ରୁ ୩ଦିନ ରଖି ତରଳ ସାର କରି ପାରିବେ। ଏହି ତରଳ ସାରରେ ସଠିକ୍ ମାତ୍ରାର ପାଣି ମିଶାଇ ଗଛ ମୂଳରେ ପ୍ରୟୋଗ କରାଯାଏ। ଏହା ଫୁଲଗଛ ପାଇଁ ବରଦାନ ସଦୃଶ। ସେହିପରି କଦଳୀ ଚୋପାକୁ ଖରାରେ ଭଲଭାବେ ଶୁଖାଇ ଏହାକୁ ଗୁଣ୍ଡକରି ଏକ ପାତ୍ରରେ ସାଇତି ରଖିପାରିବେ। କୋଡ଼ାଖୁସା ସମୟରେ ଦୁଇ ଚାମଚ ଏହି ଗୁଣ୍ଡ ମିଶାଇଲେ ଏହା ପ୍ରାକୃତିକ କୀଟନାଶକ ପରି କାମ କରେ। ଚେରର ବିକାଶ ସହିତ ଫୁଲ ଓ ଫଳ ବୃଦ୍ଧିରେ ସାହାଯ୍ୟ କରିଥାଏ।

## ଖରାଦିନେ ଛେଳିଙ୍କ ଯତ୍ନ

ଗ୍ରୀଷ୍ମ ପ୍ରଭାବ ଯୋଗୁଁ ଛେଳିଙ୍କ ଉପରେ ଚାପ ପଡ଼େ। ଏହାଦ୍ୱାରା ଛେଳି କମ୍ ଖାଇବା ସହ ଅଧିକ ପାଣି ପିଅନ୍ତି। ଧୀରେଧୀରେ ଦୁର୍ବଳ ହୋଇଥାନ୍ତି। ଏହାର ପ୍ରଭାବ ଓଜନ ଏବଂ ଦୁଗ୍ଧ ଉତ୍ପାଦନ ଉପରେ ପଡ଼େ। ତେଣୁ ଛେଳିଙ୍କୁ ଛାଇ ଏବଂ ବାୟୁ ଚଳାଚଳ ସ୍ଥାନରେ ରଖିବା ଜରୁରି। ଗୁହାଳ ସଫା ରଖିବା ସହ ଛାତରେ କୁଟା ବିଛାଇ ପାରିବେ। ଛେଳିଙ୍କୁ ନଳକୂପ ପାଣି ପିଇବାକୁ ଦେବା ଆବଶ୍ୟକ। ସପ୍ଲିମେଣ୍ଟ ହିସାବରେ ତରଳ ଔଷଧ ଦେଇପାରିବେ।

ଖରା ଅଧିକ ହେଲେ ଛେଳିଙ୍କୁ ଛାଇ ସ୍ଥାନରେ ରଖିବା ଆବଶ୍ୟକ। କଅଁଳିଆ ଖରାରେ ଚରିବାକୁ ଛାଡନ୍ତୁ। ସାଧାରଣ ପାନୀୟ ପରିମାଣଠାରୁ ଦୁଇଗୁଣା ଅଧିକ ପରିଷ୍କାର ପାଣି ପିଇବାର ବ୍ୟବସ୍ଥା ରଖନ୍ତୁ। ଛେଳିଙ୍କୁ ଅଧିକ ତନ୍ତୁ ଜାତୀୟ ଖାଦ୍ୟ ଦେବା ଦରକାର। ଦିନବେଳା କମ୍ ଏବଂ ସନ୍ଧ୍ୟା ପରେ ଅଧିକ ଦାନା ଦେବା ଜରୁରି। ଖାଦ୍ୟରେ ଧାତବ ଲୁଣର ପରିମାଣ ୧୦ ଗ୍ରାମ ଦେବା ଦରକାର। ଭିଟାମିନଯୁକ୍ତ ଖାଦ୍ୟ ସହିତ ପ୍ରୋବାୟୋଟିକ୍ ୫ଗ୍ରାମ୍ ଦେଇପାରିବେ। ପ୍ରାଣୀଙ୍କର ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଲେ ତୁରନ୍ତୁ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ।

# ଏ ମାସର ଚାଷ

**ବର୍ତ୍ତମାନ ସମୟରେ ମାଟିର ଆର୍ଦ୍ରତାକୁ ବିନିଯୋଗ କରି ଚାଷୀଭାଇ କିଛି ପନିପରିବା ଚାଷ କରିପାରିବେ। ତେବେ ଉନ୍ନତ କିସମର ବିହନ, ରାସାୟନିକ ସାର, କୀଟନାଶକ ତଥା ପାଣିର ସମୁଚିତ ବ୍ୟବସ୍ଥା ସହିତ ମେ' ମାସରେ ଚାଷ କାର୍ଯ୍ୟ ଆରମ୍ଭ କରିବା ଆବଶ୍ୟକ।**

ମାଟିର ସ୍ଥିତିକୁ ଦେଖି ଜମିରେ କଞ୍ଚାଲଙ୍କା, ଧଣିଚା, ଭେଣ୍ଡି, ମକା, କଦଳୀ, ଅମୃତଭଣ୍ଡା, ଟମାଟୋ, ବରଗୁଡ଼ି ଆଦି ରୋଇବା କାର୍ଯ୍ୟ କରି ପାରିବେ। ତାପମାତ୍ରା ବୃଦ୍ଧି ଯୋଗୁଁ ପନିପରିବା ଫସଲରେ ପାଉଁଶିଆରୋଗ ହେବାର ସମ୍ଭାବନା ଅଛି। ତେଣୁ ମାଟିର ସ୍ଥିତି ଓ ରୋଗପୋକ ଅନୁଧ୍ୟାନ କରି ଔଷଧ ପ୍ରୟୋଗ କରି ପାରିବେ। ମାଟିର ଆର୍ଦ୍ରତା ଓ ପାଣିପାଗ ପୂର୍ବାନୁମାନକୁ ଦୃଷ୍ଟିରେ ରଖି ଜଳସେଚନ କରିବା ଜରୁରି। ଚିନାବାଦାମ ଚୋପାର ଭିତର ପାଖରେ କଳା ବା ବାଦାମୀ ଶିରା ଦେଖାଦେଲେ ଗଛ ଉପାଡ଼ି ଅମଳ କରିବା ଆବଶ୍ୟକ।



ମୁଗ ଓ ବିରି ଫସଲର ଛୁଇଁ ଶତକଡ଼ା ୮୦ରୁ ୮୫ ଭାଗ ପାକଳ ହୋଇଗଲେ ଅମଳ କରିବା ଆବଶ୍ୟକ। ରବି ଫସଲ ଅମଳ ପରେ ଅନ୍ୟ ଚାଷ ପାଇଁ ଜମି ପ୍ରସ୍ତୁତି କରି ପାରିବେ। ଲତାଜାତୀୟ ପନିପରିବା ଯଥା- ଜହ୍ନି, କାକୁଡ଼ି, ଛଚିନ୍ଦ୍ରା, କଲରା, ଝୁଡଙ୍ଗ କଖାରୁ ଆଦିକୁ ମଦାରେ ଲଗାଇ ଏହାର ସଠିକ୍ ଯତ୍ନ ନେବା ଆବଶ୍ୟକ।

## କୃଷି ପାଣିପାଗ

**ଏ ସପ୍ତାହ ପାଇଁ କେତେକ ପରାମର୍ଶ**

- ଖରାଟିଆ ଚାଷ କରି ଜମିରେ ସବୁଜ ସାର ହିସାବରେ ଧଣିଚା ମଞ୍ଜିକୁ ଏକର ପ୍ରତି ୧୦ କିଗ୍ରା ହିସାବରେ ବୁଣନ୍ତୁ।
- ଅମଳ ହୋଇଥିବା ଧାନ, ଚିନାବାଦାମ, ମୁଗ ଏବଂ ବିରିକୁ ସାଇତି ରଖିବା ପାଇଁ ପ୍ରଥମେ ଭଲଭାବେ ଶୁଖାଇ ଦିଅନ୍ତୁ ଓ ସାଇତା ଜାଗାକୁ ଭଲ ଭାବରେ ସଫା କରନ୍ତୁ।
- କାଳବୈଶାଖୀ ବର୍ଷା ଓ ଝଟକା ପବନ ହେତୁ ଲତା ଜାତୀୟ ପନିପରିବା ପ୍ରଭାବିତ ହେବାର ସମ୍ଭାବନା ଥିବାରୁ ଅମଳ ଉପଯୋଗୀ ପନିପରିବାକୁ ତୋଳି ଦିଅନ୍ତୁ, ମଞ୍ଚାକୁ ମଜବୁତ କରିଦିଅନ୍ତୁ। ଆମ୍ବ ଗଛରେ ଜାଲ ଲଗାନ୍ତୁ।
- ଆଖୁ ଫସଲରେ ସଅଳ କାଣ୍ଡ ବିନ୍ଧା ପୋକ ନିୟନ୍ତ୍ରଣ ପାଇଁ ପ୍ରଥମ ଥର ହୁଡ଼ା ଟେକିବା ସମୟରେ ମାଟିରେ ଏକରପ୍ରତି ୧୦ କିଗ୍ରା ଫିପ୍ରୋନିଲ୍ ଦାନାଦର ପ୍ରୟୋଗ କରନ୍ତୁ।
- କଦଳୀ ଗଛରେ ଘୁଣିପୋକର ପରିଚାଳନା ପାଇଁ ବଗିଚାରେ ଏକରପ୍ରତି ୧୦ଟି କସ୍ମୋଲ୍ୟୁର ଥିବା ସଂଗ ଆକର୍ଷକ ଯନ୍ତା ବସାନ୍ତୁ। ଗଛ ଲଗାଇବା ବେଳକୁ କନ୍ଦାଗୁଡ଼ିକୁ ଉଷୁମ ପାଣିରେ ୩୦ ମିନିଟ୍ ବୁଡ଼ାଇ ତାପରେ ଲଗାନ୍ତୁ।

# ଭୀଷଣ ତାତିରୁ ଫସଲ ସୁରକ୍ଷା

**ଗ୍ରୀଷ୍ମଋତୁରେ ତାପମାତ୍ରା ବୃଦ୍ଧି ଯୋଗୁଁ ମାଟି ଶୁଖିଯାଏ। ପନିପରିବା ଫସଲ ପ୍ରଭାବିତ ହୁଏ। ଏହି ସମସ୍ୟା ବିଶେଷ କରି ମେ'ରୁ ଜୁନ୍ ମାସ ମଧ୍ୟରେ ଦେଖାଯାଏ। ତେଣୁ ଭୀଷଣ ତାତିରୁ ଫସଲକୁ ସୁରକ୍ଷିତ ରଖିବାକୁ କିଛି ଉପାୟ ଆପଣାଇ ପାରିବେ।**

ମାତ୍ରାଧିକ ତାପମାତ୍ରା ବୃଦ୍ଧି ଯୋଗୁଁ ଉଦ୍ୟାନ ଫସଲରେ ରୋଗପୋକ ଲାଗିବାର ଆଶଙ୍କା ବଢ଼ିଯାଏ। ଏହା ଚାଷକାର୍ଯ୍ୟକୁ ପ୍ରଭାବିତ କରେ। ଫସଲ ନଷ୍ଟ ହେବାର ସମ୍ଭାବନା ଥାଏ। ସେହିପରି ଗଛରେ ଅଧିକ ଖରା ପଡ଼ିଲେ ଗଛ ଝାଉଁଳିବା, ପତ୍ର ଉପରେ ବାଦାମୀ କିମ୍ବା ହଳଦିଆ ଦାଗ, ଗଛ ବୃଦ୍ଧିରେ ବାଧା ଆଦି ସମସ୍ୟା ଦେଖାଯାଏ। ତେଣୁ ଗଛରେ ସୂର୍ଯ୍ୟକିରଣ ଓ ଉତ୍ତାପ ଚାପ କମ୍ କରିବାକୁ ସେଡ୍‌ନେଟ ବ୍ୟବହାର ଜରୁରି। ଗଛକୁ ଯେତିକି ମାତ୍ରାର ପାଣି ଆବଶ୍ୟକ ସେତିକି ପାଣି ଦେବା ଭଲ। ସେହିପରି ଅସ୍ଥାୟୀ ଛପର ଦ୍ୱାରା ପନିପରିବା ଚାରା ଓ ଫଳ ଗଛକୁ ଉଚ୍ଚ ତାପମାତ୍ରାରୁ ରକ୍ଷା କରି ପାରିବେ। ମାଟି ଉପରେ ମଲ୍‌ଚିଂ କଲେ ମାଟିର ଆର୍ଦ୍ରତା ଠିକ୍ ରୁହେ। ବାଷ୍ପୀକରଣ କମିବା ସହ ଅନାବନା ଘାସ ସମସ୍ୟାରୁ ସମାଧାନ ହୁଏ। ଏବେ ଅଧିକ ଉତ୍ତାପ ସହଣୀ କିମ୍ବା ମରୁଡ଼ି ସହଣୀ କିସମ ବ୍ୟବହାର କରିପାରିବେ। ତାପମାତ୍ରା ଅଧିକ ଯୋଗୁଁ କାକୁଡ଼ି ଜାତୀୟ ଫସଲ- କାକୁଡ଼ି, ତରଭୁଜ, ଲାଉ, ପୋଟଳ ଫସଲରେ ଫୁଲ ଓ ଫଳ ଝଡ଼ିଥାଏ। ତେଣୁ କମ୍ ସମୟ ବ୍ୟବଧାନରେ ବାରମ୍ବାର ଜଳ ସେଚନ କରିବା ଆବଶ୍ୟକ। ସବୁଜ ଗୃହରେ ଚାଷ କରୁଥିଲେ, ଏବେ ଫଗର ବନ୍ଦୋବସ୍ତ କରିପାରିବେ।



ତାପମାତ୍ରା ବୃଦ୍ଧି ସମୟରେ ଫସଲରେ ରାସାୟନିକ ସାର ପ୍ରୟୋଗ ନ କରି ଜୈବିକ ଖତ ଓ ସାର ବ୍ୟବହାର କଲେ ଏହା ଗଛ ଏବଂ ମାଟିକୁ ଥଣ୍ଡା ରଖିବାରେ ସାହାଯ୍ୟ କରେ।

## କମିନ୍ସଙ୍କ କମାଲ, ଇଶାନଙ୍କ ଅର୍ଦ୍ଧଶତକ: ସିଏସକେ ପରାସ୍ତ

# ପ୍ଲେ-ଅଫ୍‌ରେ ହାଇଦରାବାଦ୍, ଗୁଜରାଟ

ଚେନ୍ନଇ, ୧୮ ।୫ (ଏଜେନ୍ସି)



ଚଳିତ ଆଇପିଏଲ୍‌ର ୬୩ତମ ମ୍ୟାଚରେ ସୋମବାର ସନରାଇଜର୍ସ ହାଇଦରାବାଦ୍ ୫ ୱିକେଟରେ ଚେନ୍ନଇ ସୁପର୍ କିଙ୍ଗ୍‌ସ (ସିଏସକେ)କୁ ପରାସ୍ତ କରିଛି । ତ୍ରୟୋଦଶ ମ୍ୟାଚରୁ ୮ମ ବିଜୟ ସହ ସନରାଇଜର୍ସ ୧୬ ପଏଣ୍ଟ ପାଇ ଗୁଜରାଟ ଟାଇଟାନ୍ସ (୧୬) ସହ ପ୍ଲେ-ଅଫ୍‌ରେ ସ୍ଥାନ ପକ୍କା କରିଛି । ଅପରପକ୍ଷରେ ସମାନ ସଂଖ୍ୟକ ମ୍ୟାଚରୁ ୭ମ ପରାଜୟ ସହିତ ସିଏସକେ'ର ପ୍ଲେ-ଅଫ୍ ଖେଳିବା ଆଶା ଆଶଙ୍କାକୁ ଚାଲିଯିବ । ପୂର୍ବରୁ ପ୍ରଥମ ଦଳ ଭାବେ ଆରସିବି ପ୍ଲେ-ଅଫ୍‌ରେ ପହଞ୍ଚିଥିଲା । ଫଳରେ ଏବେ ଅନ୍ତିମ ତଥା ୪ର୍ଥ ଦଳ ଭାବେ କିଏ ପ୍ଲେ-ଅଫ୍ ଟିକଟ ପାଇବ ତାହା ଉପରେ ସମସ୍ତଙ୍କ ନଜର ରହିଛି ।

୧୮୧ ରନର ଟାର୍ଗେଟ୍‌କୁ ପିଛା କରିଥିବା ହାଇଦରାବାଦ୍ ଗୋଟିଏ ଓଭର ବଳକାଥାଇ ୫ ୱିକେଟ ହରାଇ ହାସଲ କରିନେଇଥିଲା । ଇଶାନ କିଶାନ ଓ ହେନରିଚ କ୍ଲାସେନ ଦମ୍‌ଦାର ବ୍ୟାଟିଂ କରି ହାଇଦରାବାଦ୍‌କୁ ସହଜରେ ଜିତାଇଥିଲେ । ଇଶାନ ୭ଟି ଚୌକା ଓ ୩ଟି ଛକା ସହାୟତାରେ ୪୭ ବଲରେ ସର୍ବାଧିକ ୭୦ ରନ କରିଥିଲେ । ସେହିଭଳି କ୍ଲାସେନ ୨୬ଟି ବଲରେ ୪୭ ରନ କରି ଅଳ୍ପକେ ଅର୍ଦ୍ଧଶତକରୁ ବଞ୍ଚିତ ହୋଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଭିଷେକ ଶର୍ମା ୨୬, ଟ୍ରାଭିସ ହେଡ୍ ୬, ନୀତୀଶ ରେଡ୍ଡୀ ୧୧, ସଲିଳ ଆରୋରା ଅପରାଜିତ ୧୦ ରନ କରିଥିଲେ । ବୋଲିଂରେ ଚେନ୍ନଇର ମୁକେଶ ଚୌଧୁରୀଙ୍କୁ ୨ଟି ୱିକେଟ୍ ମିଳିଥିଲା । ପୂର୍ବରୁ ଏହି ମ୍ୟାଚରେ ଚେନ୍ନଇ ଅଧିନାୟକ ଋତୁରାଜ ଗାଏକୱାଡ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ । କିନ୍ତୁ ଘରୋଇ ଦର୍ଶକଙ୍କ ସାମ୍ନାରେ ଚେନ୍ନଇ ଆଶାନୁରୂପକ ପ୍ରଦର୍ଶନ କରିପାରି ନ ଥିଲା । ବିଶେଷ କରି ପ୍ରତିପକ୍ଷ ଅଧିନାୟକ ପ୍ୟାଟ୍ କମିନ୍ସଙ୍କ ବୋଲିଂକୁ ସିଏସକେ ବ୍ୟାଟରମାନେ ସାମ୍ନା ସମ୍ପୂର୍ଣ୍ଣ ବିଫଳ ହୋଇଥିଲେ । ତେବେ ମଧ୍ୟକ୍ରମ ବ୍ୟାଟରଙ୍କ କିଛିଟା ଉପଯୋଗୀ ପାଳି ଯୋଗୁ ଚେନ୍ନଇ ୭ ୱିକେଟରେ ୧୮୦ ରନର ସମ୍ମାନଜନକ ସ୍କୋର କରିପାରିଥିଲା । ଡେୱାଲ୍ଡ ବ୍ରେଭିସ ୨୭ ବଲରେ ସର୍ବାଧିକ ୪୪ ରନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କାର୍ତ୍ତିକ ଶର୍ମା ୩୨, ଶିଭମ ଦୁବେ ୨୬, ଓପନର୍ ସଞ୍ଜୁ ସାମସନ ୧୩ ବଲରେ ୨୭ ରନର ଉପଯୋଗୀ ପାଳି ଖେଳିଥିଲେ । ତେବେ ଅଧିନାୟକ ଗାଏକୱାଡ ଅପେକ୍ଷାକୃତ ଅତ୍ୟଧିକ ଧୀମା ବ୍ୟାଟିଂ କରି ୨୧ ବଲରେ ୧୫ ରନ କରିବାକୁ ସମର୍ଥ ହୋଇଥିଲେ । ୨୧ଟି ବଲ୍ ସାମ୍ନା କରିଥିଲେ ମଧ୍ୟ ସେ ଗୋଟିଏ ହେଲେ ବାଉଣ୍ଡାରୀ ମାରିପାରି ନ ଥିଲେ । ବୋଲିଂରେ ହାଇଦରାବାଦ୍ ପକ୍ଷରୁ ଅଧିନାୟକ ପ୍ୟାଟ୍ କମିନ୍ସ ସର୍ବାଧିକ ୩ଟି ଓ ସାକିବ ହୁସେନ ୨ଟି ୱିକେଟ ନେଇଥିଲେ । ଏହିକ୍ରମରେ କମିନ୍ସ ଆଇପିଏଲରେ ୪୧ଟି ୱିକେଟ ନେଇ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ପଛରେ ପକାଇଦେଇଛନ୍ତି । ଅଧିନାୟକ ଭାବେ ପାଣ୍ଡ୍ୟା ଆଇପିଏଲରେ ୪୦ ୱିକେଟ ନେଇଛନ୍ତି । ୫୭ ୱିକେଟ ସହ ସେନ ୱାର୍ଣ୍ଣେ ଏହି ତାଲିକାରେ ଶୀର୍ଷରେ ରହିଛନ୍ତି । ସେହିଭଳି କ୍ଲାସେନ ମଧ୍ୟ ଆଇପିଏଲ୍‌ରେ ୨୦୦୦ ରନ ପୂରଣ କରିଛନ୍ତି । ୫୮ତମ ଇନିଂସରୁ ସେ ଏହି ମାଇଲଖୁଣ୍ଟ ଛୁଇଁଛନ୍ତି ।


**ଆଇପିଏଲ୍ ପଏଣ୍ଟ ଟେବୁଲ୍**

| ଦଳ | ମ୍ୟା. | ବି. | ପ. | ବା. | ପ. | ଏନ୍‌ଆର୍‌ଆର୍ |
|---|---|---|---|---|---|---|
| ବେଙ୍ଗାଲୁରୁ | ୧୩ | ୯ | ୪ | ୦ | ୧୮ | +୧.୦୬୫ |
| ଗୁଜରାଟ | ୧୩ | ୮ | ୫ | ୦ | ୧୬ | +୦.୪୦୦ |
| ହାଇଦରାବାଦ | ୧୩ | ୮ | ୫ | ୦ | ୧୬ | +୦.୩୫୦ |
| ପଞ୍ଜାବ | ୧୩ | ୬ | ୬ | ୧ | ୧୩ | +୦.୨୨୭ |
| ରାଜସ୍ଥାନ | ୧୨ | ୬ | ୬ | ୦ | ୧୨ | +୦.୦୨୭ |
| ଚେନ୍ନଇ | ୧୩ | ୬ | ୭ | ୦ | ୧୨ | -୦.୦୧୬ |
| ଦିଲ୍ଲୀ | ୧୩ | ୬ | ୭ | ୦ | ୧୨ | -୦.୮୭୧ |
| କୋଲକାତା | ୧୨ | ୫ | ୬ | ୧ | ୧୧ | -୦ .୦୩୮ |
| ମୁମ୍ବଇ (ଏ) | ୧୨ | ୪ | ୮ | ୦ | ୮ | -୦.୫୦୪ |
| ଲକ୍ଷ୍ନୌ (ଏ) | ୧୨ | ୪ | ୮ | ୦ | ୮ | -୦.୭୦୧ |

ବି.ଦ୍ର.: ମ୍ୟା-ମ୍ୟାଚ୍, ବି- ବିଜୟ, ପ- ପରାଜୟ, ବା- ବାତିଲ, ପ- ପଏଣ୍ଟ

**ଆଜିର ଆଇପିଏଲ୍ ମ୍ୟାଚ୍**
ରାଜସ୍ଥାନ ବନାମ ଲକ୍ଷ୍ନୌ
ଭେନ୍ୟୁ -ଜୟପୁର
ଖେଳ ଆରମ୍ଭ : ରାତି ୭.୩୦
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

# ଇଟାଲିଆନ୍ ଓପନ ଜିତିଲେ ସିନ୍ନର



**ରୋମ, ୧୮ ।୫ (ଏଜେନ୍ସି):** ଘରୋଇ ତାରକା ଜାନିକ ସିନ୍ନର ଏଠାରେ ଚାଲିଥିବା ଇଟାଲିଆନ୍ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଛନ୍ତି । ବିଶ୍ୱର ଏକ ନମ୍ବର ଖେଳାଳି ସିନ୍ନର ଗତକାଲି ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ୬-୪, ୬-୪ ସିଧାସଳଖ ସେଟରେ ନରୱେର କାସ୍ପର ରୁଡଙ୍କୁ ପରାସ୍ତ କରିଥିଲେ । ୨୪ ବର୍ଷୀୟ ସିନ୍ନରଙ୍କ ଏହା କ୍ରମାଗତ ୬ଷ୍ଠ ଓ ମୋଟ୍ ଉପରେ ୯ମ ମାଷ୍ଟର୍ସ-୧୦୦୦ ଟୁର୍ଣ୍ଣାମେଣ୍ଟ ଟାଇଟଲ୍ ହୋଇଛି । ଫଳରେ ସିନ୍ନର ସମସ୍ତ ୯ଟି ଯାକ ଏଟିପି ମାଷ୍ଟର୍ସ-୧୦୦୦ ଟାଇଟଲ୍ ଜିତି 'କ୍ୟାରିୟର ଗୋଲ୍ଡେନ ମାଷ୍ଟର୍ସ' ପୂରଣ କରିଛନ୍ତି । ସର୍ବିଆର କିମ୍ବଦନ୍ତୀ ଖେଳାଳି ନୋଭାକ ଜୋକୋଭିଚ୍‌ଙ୍କ ପରେ ସିନ୍ନର ଦ୍ୱିତୀୟ ଖେଳାଳି ଭାବେ ଏଟିପିର ସମସ୍ତ ଟପ୍ ର୍ୟାଙ୍କ ଟୁର୍ଣ୍ଣାମେଣ୍ଟ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି । ସେହିଭଳି ରୁଡ୍‌ଙ୍କୁ ପରାସ୍ତ କରି ସେ କ୍ରମାଗତ ୨୯ଟି ମ୍ୟାଚରେ ଅପରାଜେୟ ରହିଛନ୍ତି । ଆସନ୍ତା ସପ୍ତାହରୁ ଆରମ୍ଭ ହେବାକୁ ଥିବା ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଫ୍ରେଞ୍ଚ ଓପନ୍ ଉପରେ ଏବେ ସିନ୍ନରଙ୍କ ନଜର ରହିଛି ।

# ନେତୃତ୍ୱରେ ଆୟରଙ୍କଙ୍କ ଶତକ

**ଧର୍ମଶାଳା, ୧୮ ।୫ (ଏଜେନ୍ସି):** ଆଇପିଏଲ୍ ଇତିହାସରେ ୫ମ ଖେଳାଳି ଭାବେ ପଞ୍ଜାବ କିଙ୍ଗ୍‌ସର ଶ୍ରେୟସ ଆୟାର ୧୦୦ଟି ମ୍ୟାଚରେ ନେତୃତ୍ୱ ନେବାର ସୌଭାଗ୍ୟ ଲାଭ କରିଛନ୍ତି । ଗତକାଲି ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ପଞ୍ଜାବ କିଙ୍ଗ୍‌ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ଅବସରରେ ଆୟର ଏହି ମାଇଲଖୁଣ୍ଟ ଛୁଇଁଛନ୍ତି । ଅଧିନାୟକ ଭାବେ ଏହା ତାଙ୍କର ୧୦୦ତମ ମ୍ୟାଚ୍ ଥିଲା । ଆୟର ୨୦୧୮ ରୁ ୨୦୨୦ ସିଜନ ପର୍ଯ୍ୟନ୍ତ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ୪୧ ମ୍ୟାଚ୍‌ରେ ନେତୃତ୍ୱ ନେଇଥିଲେ । ସେହିଭଳି ୨୦୨୨ରୁ ୨୦୨୪ ପର୍ଯ୍ୟନ୍ତ କୋଲକାତା ନାଇଟ୍ ରାଇଡର୍ସ ପାଇଁ ୨୯ଟି ମ୍ୟାଚରେ ଅଧିନାୟକ ଭାର ସମ୍ଭାଳିଥିଲେ । ବର୍ତ୍ତମାନ ସେ ପଞ୍ଜାବ ପାଇଁ ୩୦ଟି ମ୍ୟାଚରେ ନେତୃତ୍ୱ ନେଇସାରିଛନ୍ତି । ମୋଟ୍ ଉପରେ ୧୦୦ଟି ମ୍ୟାଚରେ ୫୪ଟି ବିଜୟ ଲାଭ କରିଥିବାବେଳେ ୪୦ଟି ପରାଜୟର ସମ୍ମୁଖୀନ ହୋଇଛନ୍ତି । ଆଇପିଏଲ୍‌ରେ ପୂର୍ବରୁ ୪ଜଣ ଖେଳାଳି ୧୦୦ କିମ୍ବା ଏହାଠାରୁ ଊର୍ଦ୍ଧ୍ୱ ମ୍ୟାଚରେ ନେତୃତ୍ୱ ନେଇଛନ୍ତି । ସେମାନେ ହେଲେ ମହେନ୍ଦ୍ର ସିଂ ଧୋନି (୨୫୩), ରୋହିତ ଶର୍ମା (୧୫୮), ବିରାଟ କୋହଲି (୧୪୩) ଓ ଗୌତମ ଗମ୍ଭୀର (୧୨୯) ।

■ ଅଷ୍ଟ୍ରେଲିଆ ଗସ୍ତ

# ଭାରତୀୟ ମହିଳା ହକି ଦଳରେ ଓଡ଼ିଶାର ସୁନେଲିତା

**ନୂଆଦିଲ୍ଲୀ, ୧୮ ।୫ (ଏଜେନ୍ସି):** ଆଗାମୀ ଅଷ୍ଟ୍ରେଲିଆ ଗସ୍ତ ଲାଗି ସୋମବାର ସିନିଅର ଭାରତୀୟ ମହିଳା ହକି ଦଳ ଘୋଷଣା କରାଯାଇଛି । ସାଲିମା ଟେଟେଙ୍କୁ ଘୋଷିତ ୨୨ ଜଣିଆ ଦଳର ନେତୃତ୍ୱ ଭାର ଦିଆଯାଇଛି । ସେହିଭଳି ଘୋଷିତ ଦଳରେ ଓଡ଼ିଶାରୁ ଏକମାତ୍ର ଖେଳାଳି ଭାବେ ସୁନେଲିତା ଟପ୍ପୋଙ୍କୁ ସ୍ଥାନ ମିଳିଛି । ଏହି ଗସ୍ତରେ ଭାରତ ଘରୋଇ ଅଷ୍ଟ୍ରେଲିଆ ମହିଳା ଦଳ ବିପକ୍ଷରେ ୪ଟି ମ୍ୟାଚ୍ ଖେଳିବ । ଏହି ମ୍ୟାଚ୍‌ଗୁଡ଼ିକ ମେ ୨୬, ୨୭, ୨୯ ଓ ୩୦ ତାରିଖରେ ପର୍ଥରେ ଖେଳାଯିବ । ଭାରତୀୟ ଦଳ ପାଇଁ ଏହି ସିରିଜ ଏଫଆଇଏଚ୍ ମହିଳା ନେସନ୍ସ କପ୍ ପୂର୍ବ ପ୍ରସ୍ତୁତି ଲାଗି ଏକ ଭଲ ସୁଯୋଗ ହେବ । ଜୁନ ୧୫ରୁ ୨୧ ତାରିଖ ପର୍ଯ୍ୟନ୍ତ ନେସନ୍ସ କପ୍ ନ୍ୟୁଜିଲାଣ୍ଡର ଅକ୍‌ଲାଣ୍ଡରେ ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ରହିଛି ।



ଦ୍ୱିତୀୟ ଟେଷ୍ଟ

# ପାକିସ୍ତାନ ସାମ୍ନାରେ ୪୩୭ ରନ ଟାର୍ଗେଟ୍

**ସିଲହେଟ୍, ୧୮ ।୫ (ଏଜେନ୍ସି):** ଭ୍ରମଣକାରୀ ପାକିସ୍ତାନ ବିପକ୍ଷରେ ଏଠାରେ ଚାଲିଥିବା ଅନ୍ତିମ ତଥା ଦ୍ୱିତୀୟ ଟେଷ୍ଟରେ ବାଂଲାଦେଶ ଦୃଢ଼ସ୍ଥିତିରେ ରହିଛି । ଏହି ମ୍ୟାଚରେ ପାକିସ୍ତାନ ସାମ୍ନାରେ ଘରୋଇ ବାଂଲାଦେଶ ୪୩୭ ରନର କଷ୍ଟସାଧ୍ୟ ଲକ୍ଷ ଧାର୍ଯ୍ୟ କରିଛି । ଏହାକୁ ପିଛା କରିଥିବା ପାକିସ୍ତାନ ସୋମବାର ୩ୟ ଦିବସ ଷ୍ଟମ୍ପ ସୁଦ୍ଧା ଦୁଇ ଓଭର ଖେଳିଥିଲେ ମଧ୍ୟ କୌଣସି ରନ୍ ସଂଗ୍ରହ କରିପାରିନାହିଁ । ମ୍ୟାଚ୍ ଆହୁରି ଦୁଇଦିନ ଅର୍ଥାତ ପାଖାପାଖି ୧୮୦ ଓଭର ବଳକା ଥିବାରୁ ପାକିସ୍ତାନ ଏହି ଲକ୍ଷ୍ୟକୁ ହାସଲ କରିପାରୁଛି କି ନାହିଁ ତାହା ଉପରେ ସମସ୍ତଙ୍କ ନଜର ରହିଛି । ପୂର୍ବରୁ ଢାକାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟକୁ ୧୦୪ ରନରେ ଜିତି ବାଂଲାଦେଶ ସିରିଜରେ ୧-୦ରେ ଅଗ୍ରଣୀ ରହିଛି । ତେଣୁ ସିରିଜକୁ ଡ୍ର ରଖିବାକୁ ହେଲେ ପାକିସ୍ତାନ ଏହି ମ୍ୟାଚରେ ନିଶ୍ଚିତ ବିଜୟ ଆବଶ୍ୟକ କରୁଛି । ପୂର୍ବରୁ ବାଂଲାଦେଶର ପ୍ରଥମ ପାଳି ସ୍କୋର ୨୭୮ ରନ ଜବାବରେ ପାକିସ୍ତାନ ୨୩୨ରେ ସୀମିତ ରହିଥିଲା । ଏହାପରେ ୪୬ ରନରେ ଅଗ୍ରଣୀ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ବାଂଲାଦେଶ ରବିବାର ଖେଳ ଶେଷ ସୁଦ୍ଧା ୩ ୱିକେଟ୍‌ରେ ୧୧୦ ରନ କରିଥିଲା । ଏହି ଅସମାପ୍ତ ସ୍କୋରରୁ ସୋମବାର ବ୍ୟାଟିଂ ଆରମ୍ଭ କରିଥିବା ଘରୋଇ ବାଂଲାଦେଶ ୩୯୦ ରନରେ ସୀମିତ ରହିଥିଲା । ଅଭିଜ୍ଞ ବ୍ୟାଟର ମୁସଫିକର ରହିମ ୧୩୭ ରନର ଦମ୍‌ଦାର ଶତକୀୟ ପାଳି ଖେଳି ଦଳକୁ ଏହି ସମ୍ମାନଜନକ ସ୍କୋରରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଲିଟନ ଦାସ ୬୯, ମହମ୍ମଦୁଲ୍ଲା ହାସନ ଜୟ ୫୨, ତାଇଜୁଲ ଇସଲାମ ୨୨ ରନର ଉପଯୋଗୀ ପାଳି ଖେଳିଥିଲେ । ପାକିସ୍ତାନ ପକ୍ଷରୁ ଖୁରାମ ଶାହଜାଦ ୪ ଓ ସାଜିଦ ଖାନ ୩ଟି ୱିକେଟ୍ ନେଇଥିଲେ ।


## ମୁସଫିକରଙ୍କ ସର୍ବାଧିକ ଶତକ ହାସଲକାରୀ



ଏଠାରେ ଗୁରୁତ୍ୱପୂର୍ଣ୍ଣ ଶତକୀୟ ପାଳି ଖେଳିବା ସହ ବାଂଲାଦେଶ ଭେଟେରାନ ବ୍ୟାଟର ମୁସଫିକର ରହିମ ଏକାଧିକ କୀର୍ତ୍ତିମାନ କରିଛନ୍ତି । ଟେଷ୍ଟ ଫର୍ମାଟରେ ଏହା ତାଙ୍କର ୧୪ତମ ଶତକ ଥିଲା । ଏଥିସହ ୩୯ ବର୍ଷୀୟ ରହିମ ବାଂଲାଦେଶ ପାଇଁ ଟେଷ୍ଟରେ ସର୍ବାଧିକ ଶତକ ହାସଲକାରୀ ବ୍ୟାଟର ହୋଇଛନ୍ତି । ଏହିକ୍ରମରେ ସେ ମୋମିନୁଲ ହକ୍ (୧୩ଟି)ଙ୍କୁ ପଛରେ ପକାଇଦେଇଛନ୍ତି । ୧୦ଟି ଶତକ ସହ ତାମିମ ଇକବାଲ ତାଲିକାର ୩ୟ ସ୍ଥାନରେ ରହିଛନ୍ତି । ସେହିଭଳି ୬୭୬୩ ରନ ସହ ମୁସଫିକର ବାଂଲାଦେଶ ପାଇଁ ଟେଷ୍ଟରେ ସର୍ବାଧିକ ରନ ସଂଗ୍ରହକାରୀ ବ୍ୟାଟର୍ ମଧ୍ୟ ହୋଇଛନ୍ତି ।

# ଇଂଲଣ୍ଡର ପୂର୍ବତନ ଅଧିନାୟକ ମାଇକ୍ ସ୍ମିଥ୍‌ଙ୍କ ପରଲୋକ

**ଲଣ୍ଡନ, ୧୮ ।୫ (ଏଜେନ୍ସି):** ଇଂଲଣ୍ଡ ଟେଷ୍ଟ ଦଳର ପୂର୍ବତନ ଅଧିନାୟକ ମାଇକ୍ ସ୍ମିଥଙ୍କ ପରଲୋକ ଘଟିଛି । ମୃତ୍ୟୁବେଳକୁ ତାଙ୍କୁ ୯୨ ବର୍ଷ ବୟସ ହୋଇଥିଲା । ମାଇକଙ୍କ ପୂର୍ବତନ କାଉଣ୍ଟି କ୍ରିକେଟ୍ କ୍ଲବ ୱାରୱିକଶାୟର ପକ୍ଷରୁ ଏହି ସୂଚନା ଦିଆଯାଇଛି । ଡାହାଣହାତୀ ବ୍ୟାଟର ସ୍ମିଥ ୧୯୫୮ରୁ ୧୯୭୫ ମସିହା ମଧ୍ୟରେ ଇଂଲଣ୍ଡ ପାଇଁ ୫୦ଟି ଟେଷ୍ଟ ମ୍ୟାଚ୍ ଖେଳିଥିଲେ । ୧୯୫୮ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ସେ ଟେଷ୍ଟ ପଦାର୍ପଣ କରିଥିଲେ । ୧୯୭୨ରେ ଅଷ୍ଟ୍ରେଲିଆ ସହ ସେ ତାଙ୍କର ଅନ୍ତିମ ଟେଷ୍ଟ ଖେଳିଥିଲେ । ୨୫ଟି ଟେଷ୍ଟରେ ସ୍ମିଥ ନେତୃତ୍ୱ ନେବାର ସୌଭାଗ୍ୟ ଲାଭ ପାଇଥିଲେ । ଟେଷ୍ଟରେ ସେ ୩୧.୬୩ ହାରରେ ମୋଟ୍ ୨୨୭୮ ରନ ସଂଗ୍ରହ କରିଥିଲେ । ସ୍ମିଥଙ୍କ ନାମରେ ୩ଟି ଶତକ ଓ ୧୧ଟି ଅର୍ଦ୍ଧଶତକ ଲିପିବଦ୍ଧ ରହିଛି । ତେବେ କାଉଣ୍ଟି କ୍ରିକେଟ୍‌ରେ ତାଙ୍କ ପ୍ରଦର୍ଶନ ବେଶ୍ ପ୍ରଭାବୀ ରହିଥିଲା । ସେ ୬୩୭ଟି ପ୍ରଥମଶ୍ରେଣୀ ମ୍ୟାଚରେ ପାଖାପାଖି ୪୨ ହାରରେ ୩୯,୮୩୨ ରନ ସଂଗ୍ରହ କରିଥିଲେ । ଯେଉଁଥିରେ ୬୯ ଶତକ ଓ ୨୪୧ଟି ଅର୍ଦ୍ଧଶତକ ସାମିଲ ରହିଛି । ଅବସର ପରେ ମାଇକ ସ୍ମିଥ ୱାରୱିକଶାୟର କାଉଣ୍ଟି ଦଳର ଅଧ୍ୟକ୍ଷ ପଦ ସମ୍ଭାଳିଥିଲେ । ସେହିଭଳି ଆଇସିସି ମ୍ୟାଚ ରେଫରି ଭାବେ ୪ଟି ଟେଷ୍ଟ ଓ ୧୭ଟି ଦିନିକିଆ ମ୍ୟାଚରେ ମଧ୍ୟ ପରିଚାଳନା କରିଛନ୍ତି । ସ୍ମିଥ ମଧ୍ୟ ଜଣେ ରଗ୍‌ବୀ ଖେଳାଳି ଥିଲେ । ୧୯୫୬ରେ ସେ ଇଂଲଣ୍ଡ ପକ୍ଷରୁ ୱେଲ୍ସ ବିପକ୍ଷରେ ଏକ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ ।



# ହାଇକୋର୍ଟରୁ ଫୋଗଟ୍‌ଙ୍କୁ ମିଳିଲାନି ଆଶ୍ୱସ୍ତି

**ନୂଆଦିଲ୍ଲୀ, ୧୮ ।୫ (ଏଜେନ୍ସି):** ଏସୀୟ କ୍ରୀଡ଼ା ଟ୍ରାଏଲ ମାମଲାରେ କୁସ୍ତିଯୋଦ୍ଧା ଭିନେଶ ଫୋଗଟଙ୍କୁ ଦିଲ୍ଲୀ ହାଇକୋର୍ଟରୁ ତୁରନ୍ତ ଆଶ୍ୱସ୍ତି ମିଳିନାହିଁ । ମେ ୩୦ ଓ ୩୧ ତାରିଖରେ ଆଗାମୀ ଏସୀୟ କ୍ରୀଡ଼ା ପାଇଁ ଚୟନ ଟ୍ରାଏଲ ଅନୁଷ୍ଠିତ ହେବ । ଭାରତୀୟ କୁସ୍ତି ମହାସଂଘ (ଡବ୍ଲୁଏଫ୍‌ଆଇ) ଦ୍ୱାରା "ଅଯୋଗ୍ୟ' ଘୋଷଣା କରାଯିବା ସତ୍ତ୍ୱେ ଏହି ଟ୍ରାଏଲରେ ଅଂଶଗ୍ରହଣ କରିବାକୁ ଅନୁମତି ଦେବା ପାଇଁ ଭିନେଶ ଦିଲ୍ଲୀ ହାଇକୋର୍ଟରେ ଅପିଲ୍ କରିଥିଲେ । ତେବେ "ଅନ୍ୟ ପକ୍ଷକୁ ନ ଶୁଣି' ତାଙ୍କୁ ତୁରନ୍ତ ଆଶ୍ୱସ୍ତି ଦେବାକୁ ହାଇକୋର୍ଟ ସୋମବାର ମନା କରିଦେଇଛନ୍ତି । ତଥାପି, ଅନୁଶାସନହୀନତା ଏବଂ ଡୋପିଂ ବିରୋଧୀ ନିୟମ ଉଲ୍ଲଂଘନ ଅଭିଯୋଗରେ ତାଙ୍କୁ ଜାରି କରାଯାଇଥିବା କାରଣ ଦର୍ଶାଅ ନୋଟିସ ଉପରେ ଡବ୍ଲ୍ୟୁଏଫଆଇକୁ "ଉତ୍ତର' ଦେବାକୁ ଅନୁମତି ଦେଇଛନ୍ତି । ବିଚାରପତି ପୁରୁଷୈନ୍ଦ୍ର କୁମାର କୌରଭ "ଅଯୋଗ୍ୟତା' ଉପରେ ଫୋଗଟଙ୍କ ଆବେଦନକୁ ନେଇ ଡବ୍ଲ୍ୟୁଏଫ୍‌ଆଇ ଏବଂ କେନ୍ଦ୍ରକୁ ନୋଟିସ ଜାରି କରିଛନ୍ତି ।

# ଜାତୀୟ ଉପକନିଷ୍ଠ ଥ୍ରୋ ବଲ୍‌ରେ ଭାଗନେବ ଓଡ଼ିଶା

**ଭୁବନେଶ୍ୱର, ୧୮ ।୫ (ସମିସ):** ମଧ୍ୟପ୍ରଦେଶର ଇନ୍ଦୋରଠାରେ ଜାତୀୟ ଉପକନିଷ୍ଠ ଥ୍ରୋ ବଲ୍ ଚାମ୍ପିଅନସିପ୍‌ର ୩୧ତମ ସଂସ୍କରଣ ମେ ୨୧ ତାରିଖରୁ ଆରମ୍ଭ ହେବ । ଏହି ୩ ଦିନିଆ ଚାମ୍ପିଅନସିପ୍ ଲାଗି ଓଡ଼ିଶା ବାଳକ ଓ ବାଳିକା ଥ୍ରୋ ବଲ୍ ଦଳ ଘୋଷଣା କରାଯାଇଛି । ୩୨ଜଣିଆ ଓଡ଼ିଶା ବାଳକ ଓ ବାଳିକା ଦଳ ମଙ୍ଗଳବାର ସକାଳେ ଭୁବନେଶ୍ୱରରୁ ମଧ୍ୟପ୍ରଦେଶ ଅଭିମୁଖେ ଯାତ୍ରା କରିବ । ସୁଶାନ୍ତ କୁମାର ଦାସ ଓ ସୁଧାଂଶୁ ସାହୁ ଯଥାକ୍ରମେ ବାଳକ ଓ ବାଳିକା ଦଳର କୋଚ୍ ଭାବେ ନିଯୁକ୍ତ ହୋଇଛନ୍ତି । ସେହିଭଳି ମଳୟ କୁମାର ନାୟକ ଓ କାଞ୍ଚନ ଦାସ ମ୍ୟାନେଜର ଦାୟିତ୍ୱ ତୁଲାଇବେ । ଅପରପକ୍ଷରେ ଓଡ଼ିଶାର ଦୀପ୍ତିରଞ୍ଜନ ସାମନ୍ତରାୟ ଓ ଏସ୍ ଜଗାରେଡ୍ଡୀ ରେଫରି ଭାବରେ ଦଳ ସହ ଯାତ୍ରା କରିଛନ୍ତି । ଏହି ଚାମ୍ପିଅନସିପ୍‌ରେ ଓଡ଼ିଶା ଦଳ ଉନ୍ନତ ପ୍ରଦର୍ଶନ କରିବା ନେଇ ସଭାପତି ଭୂପେନ୍ଦ୍ର ସିଂ, ସମ୍ପାଦକ ଜିତେନ୍ଦ୍ର ନାଥ ଦାସ, ସହ ସମ୍ପାଦକ ଯଶୋବନ୍ତ ପରମଗୁରୁ, ଅଭିଜିତ୍ ମହାନ୍ତି ପ୍ରମୁଖ ଆଶାବାଦୀ ରହିଛନ୍ତି ।




## ୨୦୧୮ ନିଷ୍ପତ୍ତିକୁ ପ୍ରତ୍ୟାହାର କଲା ସିଆଇସି

# ଆର୍‌ଟିଆଇ ନିୟମରୁ ବାଦ୍ ପଡ଼ିଲା ବିସିସିଆଇ

**ନୂଆଦିଲ୍ଲୀ, ୧୮ ।୫ (ଏଜେନ୍ସି):** ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ସୂଚନା ଅଧିକାର (ଆରଟିଆଇ) ଆଇନ ଅନୁଯାୟୀ ଏକ 'ସାର୍ବଜନୀନ ସଂସ୍ଥା' ନୁହେଁ । କେନ୍ଦ୍ରୀୟ ସୂଚନା କମିଶନ (ସିଆଇସି) ସୋମବାର ଏହା ସ୍ପଷ୍ଟ କରିଛନ୍ତି । କମିଶନ କହିଛନ୍ତି ଯେ ବିସିସିଆଇ ସରକାରଙ୍କ ମାଲିକାନାରେ ନାହିଁ କିମ୍ବା ନିୟନ୍ତ୍ରିତ ନୁହେଁ । ଏପରିକି ଏହା ସରକାରଙ୍କଠାରୁ ଆର୍ଥିକ ସହାୟତା ପାଉ ନାହିଁ । ସେହିଭଳି ବିସିସିଆଇ ଭାରତକୁ ପ୍ରତିନିଧିତ୍ୱ କରୁଥିବା ଏବଂ ଜାତୀୟ ଏବଂ ଅନ୍ତର୍ଜାତୀୟ ପ୍ରତିଯୋଗିତା ପାଇଁ ଖେଳାଳିମାନଙ୍କୁ ଚୟନ କରୁଥିବା ବ୍ୟବସ୍ଥା ଏବଂ କ୍ଷମତା ସମ୍ପର୍କରେ ସୂଚନା ଲୋଡ଼ିଥିବା ଏକ ଆବେଦନକୁ ମଧ୍ୟ ସୂଚନା କମିଶନ ଖାରଜ କରିଦେଇଛନ୍ତି । ସିଆଇସି ତାଙ୍କର ନିଷ୍ପତ୍ତିରେ କହିଛନ୍ତି ଯେ ବିସିସିଆଇ ହେଉଛି 'ତାମିଲନାଡୁ ସମାଜ ପଞ୍ଜୀକରଣ ଆଇନ' ଅନୁଯାୟୀ ପଞ୍ଜିକୃତ ଏକ ଘରୋଇ, ସ୍ୱାୟତ୍ତ ସଂସ୍ଥା । ଏହା ସମ୍ବିଧାନ, ସଂସଦ କିମ୍ବା କୌଣସି ରାଜ୍ୟ ବିଧାନସଭା ଦ୍ୱାରା ଗଠିତ ହୋଇନାହିଁ । କିମ୍ବା ଏହା ସରକାରୀ ବିଜ୍ଞପ୍ତି ଦ୍ୱାରା ସୃଷ୍ଟି ହୋଇଥିବା ସଂସ୍ଥା ନୁହେଁ । ସୂଚନା କମିଶନର ପି.ଆର. ରମେଶ ତାଙ୍କ ଆଦେଶରେ ଉଲ୍ଲେଖ କରିଛନ୍ତି ଯେ ଆରଟିଆଇ ଆଇନର ଧାରା ୨(ଏଚ) ଅନୁଯାୟୀ ବିସିସିଆଇକୁ 'ସାର୍ବଜନୀନ ସଂସ୍ଥା' ଭାବରେ ବର୍ଗୀକୃତ କରାଯାଇପାରିବ ନାହିଁ । ତେଣୁ, ଏହି ମାମଲାରେ ଆରଟିଆଇ ଆଇନର ବ୍ୟବସ୍ଥାଗୁଡ଼ିକ ଏହା ଉପରେ ପ୍ରଯୁଜ୍ୟ ନୁହେଁ । ଉଲ୍ଲେଖଯୋଗ୍ୟ, ଏହି ନିଷ୍ପତ୍ତି ତତ୍କାଳୀନ ସୂଚନା କମିଶନର ତଥା ପ୍ରସିଦ୍ଧ ଆଇନ ବିଶେଷଜ୍ଞ ଏମ. ଶ୍ରୀଧର ଆଚାର୍ଯ୍ୟୁଲୁଙ୍କ ୨୦୧୮ ଆଦେଶକୁ ପ୍ରତ୍ୟାହାର କରେ । ଯେଉଁଥିରେ ବିସିସିଆଇକୁ "ସାର୍ବଜନୀନ ସଂସ୍ଥା" ବୋଲି କୁହାଯାଇଥିଲା । ସେ ବିସିସିଆଇର ସଭାପତି, ସମ୍ପାଦକ ଏବଂ ପ୍ରଶାସକ କମିଟିକୁ ଆରଟିଆଇ ଆଇନ ଅନୁଯାୟୀ ଜଣେ କେନ୍ଦ୍ରୀୟ ଲୋକ ସୂଚନା ଅଧିକାରୀ (ସିପିଆଇଓ), ସହାୟକ ଲୋକ ସୂଚନା ଅଧିକାରୀ (ଏପିଆଇଓ) ଏବଂ ପ୍ରଥମ ଆପିଲେଟ୍ ପ୍ରାଧିକରଣଙ୍କୁ ନିଯୁକ୍ତି କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସେହି ସମୟରେ, କେନ୍ଦ୍ରୀୟ ସୂଚନା କମିଶନ (ସିଆଇସି) ମଧ୍ୟ ଆରଟିଆଇ ଆଇନର ଧାରା ୪ ଅନୁଯାୟୀ ସ୍ୱେଚ୍ଛାକୃତ ଭାବରେ ସୂଚନା ପ୍ରକାଶ କରିବାକୁ ଏବଂ ଆରଟିଆଇ ଆବେଦନକାରୀଙ୍କୁ ଏକ ପଏଣ୍ଟ-ଟୁ-ପଏଣ୍ଟ ଉତ୍ତର ପ୍ରଦାନ କରିବାକୁ ବିସିସିଆଇକୁ ନିର୍ଦ୍ଦେଶ ଦେଇଥିଲେ । ତଥାପି, ବିସିସିଆଇ ମାଡ୍ରାସ ହାଇକୋର୍ଟରେ ଏହି ଆଦେଶକୁ ଚ୍ୟାଲେଞ୍ଜ କରିଥିଲା ।

# ଭଲିବଲ୍ ସେଟ୍ ବଣ୍ଟନରେ ବିଶ୍ୱରେକର୍ଡ କଲା କିଟ୍

ଭୁବନେଶ୍ୱର, ୧୮ ।୫ (ସମିସ)




କିଟ୍ ବିଶ୍ୱବିଦ୍ୟାଳୟ କ୍ରୀଡ଼ା କ୍ଷେତ୍ରରେ ଆଉ ଏକ ମାଇଲଖୁଣ୍ଟ ହାସଲ କରିଛି । ଆର୍ଟ ଅଫ୍ ଗିଭିଂର ୧୩ତମ ବାର୍ଷିକୀ ପାଳନ ସମୟରେ 'ସର୍ବାଧିକ ଭଲିବଲ୍ ସେଟ୍ ବଣ୍ଟନ' ସହ କିଟ୍ ବିଶ୍ୱ ରେକର୍ଡ ସୃଷ୍ଟି କରି ଏହାର କ୍ରୀଡ଼ା ପ୍ରସାର ଯାତ୍ରାରେ ଆଉ ଏକ ଗୌରବମୟ ଅଧ୍ୟାୟ ଯୋଡ଼ିଛି । ୭୫୦୦ରୁ ଊର୍ଦ୍ଧ୍ୱ ଭଲିବଲ୍ ସେଟ୍ ବଣ୍ଟନ କରି ଏହି ରେକର୍ଡ ସୃଷ୍ଟି କରାଯାଇଛି । ପ୍ରତି ସେଟରେ ୩ଟି ଭଲିବଲ୍ ଓ ଗୋଟିଏ ନେଟ୍ ପ୍ରଦାନ କରାଯାଇଥିଲା । କ୍ଲବ୍, ସ୍କୁଲ, କଲେଜ ଏବଂ ବିଶ୍ୱବିଦ୍ୟାଳୟ ସମେତ ସାରା ଭାରତରେ ୩,୦୦୦ ରୁ ଅଧିକ ସ୍ଥାନରେ ଏହି ସେଟ୍ ବଣ୍ଟନ କରାଯାଇଥିଲା । ତୃଣମୂଳ ସ୍ତରରେ ଭଲିବଲ୍ ବିକାଶକୁ ସୁଦୃଢ଼ କରିବା, ଯୁବ ଅଂଶଗ୍ରହଣକୁ ପ୍ରେରଣା ଦେବା ଏବଂ ଦେଶସାରା ଆକାଂକ୍ଷୀ ଖେଳାଳିମାନଙ୍କ ପାଇଁ କ୍ରୀଡ଼ା ଉପକରଣ ସୁଗମ କରିବା ଲକ୍ଷ୍ୟନେଇ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା ।

କିଟ୍ ଓ କିସ୍ ତଥା ଆର୍ଟ ଅଫ୍ ଗିଭିଂର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଏହି ସମ୍ମାନଜନକ ବିଶ୍ୱରେକର୍ଡକୁ ଗ୍ରହଣ କରିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଅଲିମ୍ପିଆନ୍ ଓ ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ବିଜେତା ଲିଆଣ୍ଡର ପେସ୍, ଭାରତୀୟ ମହିଳା ଭଲିବଲ୍ ଦଳର ମୁଖ୍ୟ କୋଚ୍ ଜାନା କୁଲାନ, ସାଂସଦ ରବୀନ୍ଦ୍ର ନାରାୟଣ ବେହେରା, ସ୍ୱାମୀ ରାମ ନାରାୟଣ ଦାସ ମହାରାଜ, ତିବ୍ବତୀୟ ବୌଦ୍ଧ ଧର୍ମର ଗୁରୁ ଗେତ୍ସୁଲ୍ ଜିଗମେ ରିନପୋଚେ, ଫିଲ୍ମ ନିର୍ଦ୍ଦେଶକ ଅଶୋକ ପତି ପ୍ରମୁଖ ଉପସ୍ଥିତ ରହିଥିଲେ ।


PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO
PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS